
# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ଜୁନ୍ ୨୫/୨୦୨୫ (୧୬ ପୃଷ୍ଠା) | Bhubaneswar, Wednesday, June 25/2025 | Page 16 | ₹ 7.00 | BALASORE

୫୧ଶ ଭାଗ ୨୧୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 210 | ମୂଲ୍ୟ ₹୭/-

## ବେନ୍ ଡକେଟ୍‌ଙ୍କ ଶତକ

ଭାରତ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ପ୍ରଭାବୀ ବ୍ୟାଟିଂ ସହ ଶତକ ହାସଲ କରିଛନ୍ତି ଇଂଲଣ୍ଡର ବେନ୍ ଡକେଟ୍।

୧୬

୧୦


## 'କିଙ୍ଗ୍'ରେ ଜୟଦୀପଙ୍କ ଏଣ୍ଟ୍ରି

ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଥିବା 'କିଙ୍ଗ୍' ଫିଲ୍ମର ଷ୍ଟାର୍‌କାଷ୍ଟରେ ଅଭିନେତା ଜୟଦୀପ ଅହଲାୱତ୍ ସାମିଲ ହୋଇଛନ୍ତି।



# ଭାରତକୁ କାଳ ରୁଷୀୟ ତୈଳ

ବର୍ତ୍ତମାନ ଭାରତକୁ ସର୍ବାଧିକ ତୈଳ ଯୋଗାଉଥିବା ରାଷ୍ଟ୍ର ହେଉଛି ରୁଷିଆ। ଜୁନ୍‌ରେ ଭାରତ ରୁଷିଆଠାରୁ ଦୈନିକ ୨ରୁ ୨.୨ ନିୟୁତ ବ୍ୟାରେଲ୍ ତୈଳ ଆମଦାନୀ କରୁଛି, ଯାହାକି ଗତ ୨ ବର୍ଷରେ ସର୍ବାଧିକ। ଇରାନ୍-ଇସ୍ରାଏଲ୍ ଯୁଦ୍ଧକୁ ନେଇ ବିଶ୍ୱ ତୈଳ ବଜାରରେ ଅସ୍ଥିରତା ଦେଖାଦେଇଥିବାବେଳେ ଭାରତ ରୁଷିଆରୁ ତୈଳ ଆମଦାନୀର ପରିମାଣ ଆହୁରି ବଢ଼ାଇ ଦେଇଛି। ଆମେରିକା ଏହାକୁ ରୁଷିଆର ୟୁକ୍ରେନ୍ ବିରୋଧୀ ଯୁଦ୍ଧକୁ ଭାରତର ପରୋକ୍ଷ ସମର୍ଥନ ବୋଲି ମନେକରୁଛି। ଏହିକ୍ରମରେ ଆମେରିକୀୟ ଆଇନପ୍ରଣେତାମାନେ ସିନେଟ୍‌ରେ 'ସାଙ୍କ୍‌ସନିଂ ରୁଷିଆ ଆକ୍ଟ, ୨୦୨୫' ନାମରେ ଏକ ନୂଆ ବିଲ୍ ଆଗତ କରିଛନ୍ତି। ଉକ୍ତ ବିଧେୟକ ଅନୁଯାୟୀ, ରୁଷିଆ ସହ ୟୁରାନିୟମ୍ ଓ ପେଟ୍ରୋଲିୟମ୍ ସାମଗ୍ରୀ କାରବାରରେ ସମ୍ପୃକ୍ତ ଥିବା ଦେଶଗୁଡ଼ିକରୁ ଆମେରିକା ଆମଦାନୀ କରୁଥିବା ସମସ୍ତ ସାମଗ୍ରୀ ଓ ସେବା ଉପରେ ଶୁଳ୍କ ପରିମାଣକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୫୦୦% ପର୍ଯ୍ୟନ୍ତ ବଢ଼ାଇପାରିବେ। ରୁଷିଆଠାରୁ ଇନ୍ଧନ କିଣି ଏହାର ଅର୍ଥନୀତିକୁ ଇନ୍ଧନ ଦେଉଥିବା ଦେଶଗୁଡ଼ିକ ପାଇଁ ଏହା କାଳ ହୋଇପାରେ ବୋଲି କୁହାଯାଉଛି। ଏଥିଯୋଗୁ ଭାରତ ଓ ଚାଇନା ସର୍ବାଧିକ ପ୍ରଭାବିତ ହେବେ ବୋଲି ଆଶଙ୍କା କରାଯାଉଛି।




## ■ ଭାରତୀୟ ସାମଗ୍ରୀ ଉପରେ ୫୦୦% ଟାରିଫ୍ ଲଗାଇବ ଆମେରିକା
## ■ ସିନେଟ୍‌ରେ ଆଗତ ନୂଆ ବିଲ୍ ଗୃହୀତ ପାଇଁ ଜୋର୍‌ଦାର ଉଦ୍ୟମ

ୱାଶିଂଟନ,୨୪ା୬

ଆମେରିକା ସିନେଟ୍‌ରେ ଏକ ନୂଆ ବିଲ୍ ଅଣାଯାଇଛି, ଯାହା ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ସାଙ୍କ୍‌ସନିଂ ରୁଷିଆ ଆକ୍ଟ, ୨୦୨୫ ନାମକ ଏହି ବିଧେୟକ ଭାରତ ଏବଂ ଚାଇନା ଭଳି ଦେଶର ଆମେରିକା ସହ ବାଣିଜ୍ୟକୁ ବଦଳାଇଦେଇପାରେ। ସିନେଟର ଲିଣ୍ଡସେ ଗ୍ରାହାମ୍ ଆଣିଥିବା ଏହି ବିଲ୍‌କୁ 'ଅର୍ଥନୀତିର ବଙ୍କର ବଷ୍ଟର' ବୋଲି କହିଛନ୍ତି। ଏହା ରୁଷିଆ ସମେତ ଏହାଠାରୁ ଇନ୍ଧନ କିଣି ଏହାର ଅର୍ଥନୀତିକୁ ସହାୟତା କରୁଥିବା ଦେଶଗୁଡ଼ିକ ଉପରେ ଶକ୍ତ ପ୍ରହାର ହେବ। ୟୁକ୍ରେନ୍ ବିରୋଧରେ ଯୁଦ୍ଧ ଚଳାଇଥିବା ରୁଷିଆକୁ ଦଣ୍ଡିତ କରିବା ବିଲ୍‌ର ମୁଖ୍ୟ ଚିନ୍ତାଧାରା। କିନ୍ତୁ ଏହା ସେତିକିରେ ଅଟକି ନାହିଁ। ରୁଷିଆରୁ ତୈଳ ଓ ୟୁରାନିୟମ୍ କିଣୁଥିବା ଦେଶଗୁଡ଼ିକୁ ମଧ୍ୟ ଏଥିରେ ଟାର୍ଗେଟ କରାଯାଇଛି। ବିଲ୍ ଗୃହୀତ ହେଲେ ଆମେରିକା ରାଷ୍ଟ୍ରପତି ଏଭଳି ଦେଶଗୁଡ଼ିକରୁ ଆସୁଥିବା ସାମଗ୍ରୀ ଓ ସେବା ଉପରେ ୫୦୦ ପ୍ରତିଶତ ଟାରିଫ୍ ଲଗାଇବାକୁ କ୍ଷମତା ପାଇବେ। ବିଲ୍ ଅନୁଯାୟୀ, ଯେଉଁ ଦେଶଗୁଡ଼ିକ ଜାଣିଶୁଣି ରୁଷିଆ ସହ ୟୁରାନିୟମ ଓ ପେଟ୍ରୋଲିୟମ୍ ସାମଗ୍ରୀ କାରବାରରେ ସମ୍ପୃକ୍ତ ରହିଛନ୍ତି, ସେହି ଦେଶଗୁଡ଼ିକରୁ ଆମେରିକା ଆମଦାନୀ କରୁଥିବା ସମସ୍ତ ସାମଗ୍ରୀ ଓ ସେବା ଉପରେ ଶୁଳ୍କ ପରିମାଣକୁ ଏହାର ରାଷ୍ଟ୍ରପତି ୫୦୦ ପ୍ରତିଶତକୁ ବଢ଼ାଇବେ, ଯାହାକି ସ୍ୱାଭାବିକଠାରୁ ୫ ଗୁଣ ଅଧିକ। ଏହା ବ୍ୟତୀତ ରୁଷିଆର ନେତା, ବ୍ୟାଙ୍କ ଏବଂ ସାମରିକ ଠିକାଦାରମାନଙ୍କ ଉପରେ କଟକଣା ଲାଗୁ କରାଯିବାକୁ ବିଲ୍‌ରେ ବ୍ୟବସ୍ଥା ରହିଛି। ରୁଷିଆ ଯଦି ଯୁଦ୍ଧ ବଢ଼ାଇଚାଲେ ଏବଂ ଶାନ୍ତି ଉଦ୍ୟମରେ ପ୍ରତିବନ୍ଧକ ସୃଷ୍ଟି କରେ ତେବେ କଠୋର ଭାବେ ଦଣ୍ଡିତ ☞ପୃଷ୍ଠା-୪

## ଜୁଲାଇ ୧ରୁ ମହଙ୍ଗା ହେବ ଟ୍ରେନ୍ ଯାତ୍ରା

ନୂଆଦିଲ୍ଲୀ,୨୪ା୬

ଭାରତୀୟ ରେଲ୍‌ୱେ ଜୁଲାଇ ୧ରୁ ଏହାର ଯାତ୍ରୀଭଡ଼ା ବଢ଼ାଇବାକୁ ଯାଉଛି। ବାତାନୁକୂଳିତ, ଅଣବାତାନୁକୂଳିତ ମେଲ୍, ଏକ୍ସପ୍ରେସ୍ ଏବଂ ୨ୟ ଶ୍ରେଣୀ ଟିକେଟ ଭଡ଼ା ସାମାନ୍ୟ ବୃଦ୍ଧି ପାଇବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଅଣବାତାନୁକୂଳିତ ମେଲ୍ ଏବଂ ଏକ୍ସପ୍ରେସ୍ ଭଡ଼ା କିଲୋମିଟର ପ୍ରତି ୧ ପଇସା ବଢ଼ିବାକୁ ଥିବାବେଳେ ଏସି ଟ୍ରେନ୍ ଭଡ଼ା ୨ ପଇସା ବଢ଼ିବ। ସବ୍‌ଅର୍ବାନ ଟ୍ରେନ୍ ଏବଂ ମାସିକ ସିଜନ ଟିକେଟ କ୍ଷେତ୍ରରେ ଭଡ଼ାରେ ପରିବର୍ତ୍ତନ ହେବ ନାହିଁ। ସେହିପରି ସାଧାରଣ ୨ୟ ଶ୍ରେଣୀରେ ୫୦୦ କି.ମି. ପର୍ଯ୍ୟନ୍ତ ଯାତ୍ରା ପାଇଁ ଭଡ଼ା ଅପରିବର୍ତ୍ତିତ ରହିବ। ୫୦୦ କି.ମି.ରୁ ଅଧିକ ପ୍ରତି ୧ କି.ମି. ପାଇଁ ଭଡ଼ା ୫୦ ପଇସା ବୃଦ୍ଧି କରାଯିବ। ଆଇଆର୍‌ସିଟିସି ୱେବ୍‌ସାଇଟ୍ ଏବଂ ଆପ୍ ଜରିଆରେ ସମସ୍ତ ତତ୍କାଳ ଟିକେଟ ବୁକିଂ ପାଇଁ ଆଧାର ପ୍ରାମାଣିକତା ଜୁଲାଇ ୧ରୁ ବାଧ୍ୟତାମୂଳକ ହେବ। ତତ୍କାଳ ସ୍କିମ୍‌ର ଦୁରୁପଯୋଗ ବନ୍ଦ କରିବା ଏବଂ ପ୍ରକୃତ ଯାତ୍ରୀମାନେ ଯେପରି ଏହି ଟିକେଟ ପାଇବେ, ତାହା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଗତ ୧୦ରେ ଏକ ନିର୍ଦ୍ଦେଶନାମା ବଳରେ ରେଳ ମନ୍ତ୍ରଣାଳୟ ଏହା ଘୋଷଣା କରିଥିଲା।

**ଆଜିର ସମ୍ପାଦକୀୟ**

ନିଟ୍ ପାଇଁ ହତ୍ୟା

## ରାଜ୍ୟରେ ପ୍ରତିଷ୍ଠା ହେବ ୯ ନୂଆ ମେଡିକାଲ କଲେଜ

ଭୁବନେଶ୍ୱର,୨୪ା୬(ବନ୍ଦନା ସେଠୀ)

ଖୁବ୍‌ଶୀଘ୍ର ରାଜ୍ୟରେ ୯ଟି ନୂଆ ମେଡିକାଲ କଲେଜ ପ୍ରତିଷ୍ଠା ହେବ। ଜଗତ୍‌ସିଂହପୁର, ଭଦ୍ରକ, ଢେଙ୍କାନାଳ ଓ ନବରଙ୍ଗପୁରରେ ଏମ୍‌ବିବିଏସ୍ କଲେଜ ଖୋଲାଯିବ। ସେହିପରି ବୁର୍ଲା, ବ୍ରହ୍ମପୁର, କେନ୍ଦୁଝର, ବଲାଙ୍ଗୀରରେ ୪ଟି ଡେଣ୍ଟାଲ କଲେଜ ଏବଂ ମୟୂରଭଞ୍ଜରେ ଗୋଟିଏ ଆୟୁର୍ବେଦ କଲେଜ ପ୍ରତିଷ୍ଠା କରାଯିବ। ଏନେଇ ମଙ୍ଗଳବାର ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ଏଥିପାଇଁ ବଜେଟ ଅନୁମୋଦନ ମିଳିଥିବାବେଳେ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା ଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ ବୋଲି ମନ୍ତ୍ରୀ କହିଛନ୍ତି। ଏହିସବୁ ସ୍ଥାନରେ ମେଡିକାଲ କଲେଜ ନ ଥିବାରୁ ମେଡିକାଲ ଛାତ୍ରୀଛାତ୍ରମାନେ ଅନେକ ସମସ୍ୟା ଭୋଗୁଥିଲେ। ସେହିପରି ଦୀର୍ଘଦିନ ଧରି ବିଭିନ୍ନ ସ୍ଥାନରେ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ଦାବି ହୋଇଆସୁଥିଲା। ଏହିସବୁ ଜିଲାରେ ମେଡିକାଲ କଲେଜ ଖୋଲାଗଲେ ଜିଲାବାସୀ ଉପକୃତ ହେବେ। ସେହିପରି ଚିକିତ୍ସା ପାଇଁ ଆଉ ଜିଲା ବାହାରକୁ ଯିବାକୁ ପଡ଼ିବ ନାହିଁ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

## ବନ୍ଧୁକ ମୁନରେ ବ୍ୟାଙ୍କ ଡକାୟତି

### କୁଚେଇ ଗ୍ରାମ୍ୟବ୍ୟାଙ୍କରୁ ନେଇଗଲେ ୭ ଲକ୍ଷ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ କୁଳିଅଣା(ଆଦିକନ୍ଦ ସାହୁ),୨୪ା୬

ଗତ ୧୨ ତାରିଖରେ ୫ଜଣ ସଶସ୍ତ୍ର ଡକାୟତ କେନ୍ଦୁଝର ଯୋଡ଼ାସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ୧୦ଲକ୍ଷ ଟଙ୍କା ଏବଂ ୨କିଲୋରୁ ଊର୍ଦ୍ଧ୍ୱ ସୁନା ଲୁଟି ନେଇଥିବାବେଳେ ମଙ୍ଗଳବାର ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ କୁଚେଇସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ସମାନ ଘଟଣା ଦେଖିବାକୁ ମିଳିଛି। ୬ଜଣ ଦୁର୍ବୃତ୍ତ ବ୍ୟାଙ୍କ ମଧ୍ୟରେ ପଶି କର୍ମଚାରୀ ଓ ଗ୍ରାହକମାନଙ୍କୁ ବନ୍ଧୁକ ଦେଖାଇ ଭୟଭୀତକରି ୭ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଲୁଟ୍ ପରେ ବାହାରପଟୁ ତାଲା ପକାଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାହକ ଓ ବ୍ୟାଙ୍କ କର୍ମଚାରୀମାନଙ୍କୁ ଉଦ୍ଧାର କରିବା ସହ ତଦନ୍ତ ଜାରି ରଖିଛି। ଖବରପାଇ ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ ନାଏକ, ଏସ୍‌ପି ବରୁଣ ଗୁଣ୍ଟୁପାଲି, ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ ପ୍ରମୁଖ ବ୍ୟାଙ୍କରେ ପହଞ୍ଚି ଅନୁଧ୍ୟାନ କରି ଫେରିଛନ୍ତି। ସୂଚନାଯୋଗ୍ୟ, କୁଚେଇସ୍ଥିତ ୧୮ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଏକ ☞ପୃଷ୍ଠା-୪





A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
बहार
खानदानी
इलायची
TOLL FREE NO.: 1800 257 2258
www.panbahar.in



ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସରେ ମଙ୍ଗଳବାର ବିଧାନସଭା ପରିସରସ୍ଥ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ ଏବଂ ଅନ୍ୟମାନେ। (ଫଟୋ- ମନୋରଞ୍ଜନ ମିଶ୍ର)

# କୁମ୍ଭୀର ସହ ସଂଘର୍ଷ କରି ବଞ୍ଚିଲେ ଚାଷୀ

ମହାକାଳପଡ଼ା, ୨୪।୬
(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ନଦୀକୁ ଶୌଚ ହେବା ପାଇଁ ଯାଇଥିବା ବେଳେ ଜଣେ ଚାଷୀ କୁମ୍ଭୀର ଆକ୍ରମଣର ଶିକାର ହୋଇଛନ୍ତି। ଜୀବନ ବଞ୍ଚାଇବାକୁ ଯାଇ କୁମ୍ଭୀର ସହିତ ପାଣିରେ ୧୦ ମିନିଟ୍ ସଂଘର୍ଷ କରି ମଙ୍ଗଳବାର ମୃତ୍ୟୁମୁଖରୁ ବଞ୍ଚିଛନ୍ତି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅରୁଣନଗର ଗ୍ରାମର ପ୍ରଭାତ ମଣ୍ଡଳ (୬୦)। ପ୍ରଭାତ ରାମଚଣ୍ଡୀ ଗଳିଆ ନଦୀ କୂଳରେ ଚାଷ ଜମିରେ ୨ ଦିନ ତଳେ ଧାନତଳି ପକାଇଥିଲେ। ଏହାକୁ ଦେଖିବାକୁ ଯାଇଥିବା ବେଳେ ଶୌଚ ଲାଗିବାରୁ ନିକଟ ରାମଚଣ୍ଡୀ ଗଳିଆ ନଦୀକୂଳକୁ ଯାଇଥିଲେ। ଏହି ସମୟରେ ବୁଦା



ପ୍ରଭାତ ମଣ୍ଡଳ

ମୂଳେ ଏକ କୁମ୍ଭୀର ହଠାତ୍ ତାଙ୍କୁ ଆକ୍ରମଣ କରିଥିଲା। ପ୍ରଭାତ କିଛି ଉପାୟ ନ ପାଇ କୁମ୍ଭୀର ସହ ସଂଘର୍ଷ କରିଥିଲେ। ଜୀବନ ବିକଳରେ ଶେଷରେ ପ୍ରଭାତ ନିଜ ଦୁଇ ଆଙ୍ଗୁଠିକୁ ଜୋରରେ କୁମ୍ଭୀର ଆଖିରେ ଗେଞ୍ଜି ଦେବାରୁ ସେ ଛାଡ଼ି ପାଣିକୁ ଚାଲି ଯାଇଥିଲା। ହେଲେ ପ୍ରଭାତଙ୍କ ହାତ ଓ ଜଂଘରେ ଗଭୀର କ୍ଷତ ଯୋଗୁ ରକ୍ତସ୍ରାବ ହୋଇଥିଲା। କିଛି ଦୂରରେ ଥିବା ଲୋକମାନେ ତାଙ୍କୁ ଉଦ୍ଧାର କରି ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ହାତରେ ୧୦ଟି ଷ୍ଟିଚ ଓ ଜଂଘରେ ୪ଟି ଷ୍ଟିଚ ପଡ଼ିଛି। ତୁରନ୍ତ ବନ ବିଭାଗ ପକ୍ଷରୁ ସରକାରୀ ସହାୟତା ଦେବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ମହାକାଳପଡ଼ା ରେଞ୍ଜ ଅଧିକାରୀ ଶାନ୍ତନୁ କୁମାର ଦଳାଇଙ୍କୁ ପଚାରିବାରେ ଖବର ମିଳିନାହିଁ। ଆହତ ଚାଷୀ ସମସ୍ତ ରିପୋର୍ଟ ଦାଖଲ କରିବା ପରେ ଆଇନ ଅନୁସାରେ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।




# ବାସହୀନଙ୍କୁ ଜମି ଦେବେ ସରକାର

ଭୁବନେଶ୍ୱର,୨୪।୬
(ରବିନାରାୟଣ ଜେନା)

- **ଡିସେମ୍ବର ୩୧ ସୁଦ୍ଧା ଚିହ୍ନଟ ପାଇଁ ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ**
- **'ବସୁନ୍ଧରା'ରେ ସାମିଲହେବେ ସବୁ ବାସହୀନ**

ରାଜ୍ୟରେ ଜଣେ ହେଲେ ବି କେହି ବାସହୀନ ରହିବେ ନାହିଁ। ଏହି ଲକ୍ଷ୍ୟ ନେଇ ରାଜସ୍ୱ ବିଭାଗ ପକ୍ଷରୁ ଏବେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ପୂର୍ବ ସରକାର ବାସହୀନଙ୍କୁ ନେଇ ଯେଉଁ ସର୍ଭେ କରିଥିଲା ତାହାର ସଂଜ୍ଞା ବଦଳାଯାଇ ନୂତନ ସଂଶୋଧିତ ବାସହୀନ ସଂଜ୍ଞା ଅନୁଯାୟୀ ପୁନର୍ବାର ବାସହୀନ ଚିହ୍ନଟ କରିବାକୁ ସରକାରଙ୍କ ପକ୍ଷରୁ ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଜାରି ହୋଇଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ଚଳିତବର୍ଷ ଡିସେମ୍ବର ସୁଦ୍ଧା ବାସହୀନ ଚିହ୍ନଟ ପ୍ରକ୍ରିୟା ଶେଷହେବ। ଏ ସଂକ୍ରାନ୍ତରେ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ସବୁ ଜିଲାପାଳଙ୍କୁ ଚଳିତମାସ ୧୯ରେ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ରାଜ୍ୟ ସରକାର ଏବେ ବାସହୀନଙ୍କୁ ଥଇଥାନ କରିବା ପାଇଁ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟର ସମସ୍ତ ଗ୍ରାମାଞ୍ଚଳରେ କେତେ ବାସହୀନ ରହିଛନ୍ତି, ସେମାନଙ୍କୁ ଚିହ୍ନଟ କରିବାର ଆବଶ୍ୟକ ରହିଛି। ଏହାପରେ ସେମାନଙ୍କୁ 'ବସୁନ୍ଧରା'ରେ ସାମିଲ କରାଯିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ପୂର୍ବ ନିଷ୍ପତ୍ତି ଅନୁଯାୟୀ, ୨୦୨୪ ଅଗଷ୍ଟ ୧୬ରୁ ବାସହୀନଙ୍କ ସର୍ଭେ କରାଯାଇଥିଲା। ଏହି କାର୍ଯ୍ୟ ଅକ୍ଟୋବର ୩୦ ପର୍ଯ୍ୟନ୍ତ ଚାଲିଥିଲା। ସର୍ଭେ ପରେ ବାସହୀନଙ୍କୁ ବସୁନ୍ଧରାରେ ସାମିଲ କରାଯାଉଛି। ତେବେ ସଂପ୍ରତି ରାଜ୍ୟ ସରକାରଙ୍କ ପକ୍ଷରୁ ବାସହୀନଙ୍କ ସଂଜ୍ଞାରେ ଏକ ସଂଶୋଧନ କରାଯାଇଛି। ସଂଶୋଧନ ପରେ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ବର୍ତ୍ତମାନ ଜଣେ ବ୍ୟକ୍ତି ବାସହୀନ କହିଲେ, ଏକ ଏକର ଜମି(୧/୨୫ ପ୍ରତିଶତ)ରୁ କମ୍‌କୁ ବୁଝାଯିବ।

ବାସହୀନ ବ୍ୟକ୍ତିଙ୍କ ପାଇଁ ଯେଉଁ ପରିମାଣର ଜମି ସରକାର ଯୋଗାଇବେ ତାହା ଏପରି ହେବା ଉଚିତ୍ ଯେ, ସେ ବ୍ୟକ୍ତି ତାଙ୍କ ନିଜ ଗୃହଯୋଗ୍ୟ ଜମି ଓ ତାଙ୍କ ସାଙ୍ଗରେ ଥିବା ପରିବାର ଲୋକଙ୍କ ଗୃହଯୋଗ୍ୟ ଜମିକୁ ମିଶାଇ ମୋଟ ୧/୨୫ ଏକରକୁ ଅତିକ୍ରମ କରୁ ନ ଥିବ। ଯଦି ଅପେକ୍ଷିତ ଜମି ଉପଲବ୍ଧ ନାହିଁ, ତେବେ ଉପଲବ୍ଧତା ଅନୁଯାୟୀ ଭାଗବାଣ୍ଟି ହେବ। ସେହିପରି ନିୟମ ୭(୩)ର ଅନୁଯାୟୀ, ବାସହୀନ ବ୍ୟକ୍ତିଙ୍କୁ ଯେଉଁ ଜମି ଦିଆଯିବ, ସେହି ଜମି ଉତ୍ତରାଧିକାରଯୋଗ୍ୟ କିନ୍ତୁ ବ୍ୟବହାରଯୋଗ୍ୟ ହୋଇପାରିବ ନାହିଁ। ନୂତନ ସଂଶୋଧନ ଫଳରେ ଅଧିକ ବ୍ୟକ୍ତି ବାସହୀନ ବୋଲି ଚିହ୍ନଟ ହେବେ ଓ ସେମାନେ ଜମି ପାଇଁ ଯୋଗ୍ୟହେବେ। ଗ୍ରାମାଞ୍ଚଳରେ ଥିବା ବାସହୀନ ପରିବାରଗୁଡ଼ିକ ଅନୁସୂଚିତ ନିୟମ ଅନୁଯାୟୀ ଚିହ୍ନଟ କରାଯିବେ। ବାସହୀନ ଚିହ୍ନଟ ସମ୍ପୂର୍ଣ୍ଣ ହେବାର ଅବଧି ୩୧ ଡିସେମ୍ବର ୨୦୨୫ ରଖାଯାଇଛି। ଏହି ସମୟ ମଧ୍ୟରେ ନୂତନ ଚିହ୍ନଟ ଓ ପୁରୁଣା ତାଲିକାରେ ଥିବା ବ୍ୟକ୍ତିଙ୍କୁ ଜମି ବଣ୍ଟନ ପ୍ରକ୍ରିୟା ଚାଲୁରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।




# ରଥଯାତ୍ରା ପାଇଁ 'ଇ-କୋର୍ ଯାତ୍ରା' ଆପ୍

ଭୁବନେଶ୍ୱର,୨୪।୬
(ଅନୁରାଧା ମହାରଣା)

ECoR Yatra

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଅବସରରେ ଦୂରଦୂରାନ୍ତରୁ ଆସୁଥିବା ରେଳଯାତ୍ରୀଙ୍କ ପାଇଁ ପୂର୍ବତଟ ରେଳପଥ ପକ୍ଷରୁ 'ଇ-କୋର୍ ଯାତ୍ରା' ଆପ୍‌ର ଶୁଭାରମ୍ଭ କରାଯାଇଛି। ଏହି ଆଣ୍ଡ୍ରଏଡ୍-ଆଧାରିତ ମୋବାଇଲ ଆପ୍ ଗୁଗଲ ପ୍ଲେ ଷ୍ଟୋରରେ ଉପଲବ୍ଧ। ଏହି ଆପ୍‌ରେ ସମସ୍ତ ରେଳ-ସମ୍ବନ୍ଧୀୟ ସେବା ଓ ଯାତ୍ରୀ ସୁବିଧା ପାଇଁ ଏକ ବ୍ୟାପକ ଡିଜିଟାଲ ମାର୍ଗଦର୍ଶିକା ପ୍ରଦାନ କରିବ। ଏହି ଆପ୍ ସ୍ୱତନ୍ତ୍ର ଭାବେ ରଥଯାତ୍ରା-୨୦୨୫ ସମୟରେ ଯାତ୍ରା କରୁଥିବା ତୀର୍ଥଯାତ୍ରୀଙ୍କୁ ଠିକ୍‌ସମୟ ଓ ସେବାର ସୂଚନା ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ଯାତ୍ରୀଙ୍କୁ ଯାତ୍ରା ଯୋଜନା କରିବା, ପରିବହନ ସେବା ପାଇବା ଏବଂ ରେଳ ସୁବିଧା ସମ୍ବନ୍ଧୀୟ ଅପ୍‌ଡେଟ୍ ପାଇବା ପାଇଁ ଏକ ୱାନ-ଷ୍ଟପ୍ ଡିଜିଟାଲ ସମାଧାନ ପ୍ରଦାନ କରିବ। ଏଥିପାଇଁ ବ୍ୟବହାରକାରୀଙ୍କୁ ରେଳଷ୍ଟେଶନ କିମ୍ବା କାଉଣ୍ଟରକୁ ଯିବାକୁ ପଡ଼ିବ ନାହିଁ। ସହଜ ନେଭିଗେଶନ ଏବଂ ବହୁଭାଷୀ ସହାୟତା ସହିତ ଏହି ଆପ୍ ସାରା ଦେଶର ଉପଭୋକ୍ତାଙ୍କୁ ସେବା ପ୍ରଦାନ କରିବ। ଚଳିତବର୍ଷ ରଥଯାତ୍ରା ପାଇଁ ଚାଲୁଥିବା ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ତାଲିକା ଉପଲବ୍ଧ ହେଉଥିବାବେଳେ ଟ୍ରେନ ନମ୍ବର, ସମୟ ଓ ରହଣି ସ୍ଥାନ ସମ୍ପର୍କରେ ସୂଚନା ମିଳିପାରିବ। ଯାତ୍ରୀମାନେ ଦୂରଗାମୀ ଓ ଇଣ୍ଟରସିଟି ସେବା ସମେତ ପୁରୀକୁ ଚଳାଚଳ କରୁଥିବା ସମସ୍ତ ନିୟମିତ ଟ୍ରେନ୍‌ର ଅପ୍‌ଡେଟ୍ ସମୟସାରଣୀ ମଧ୍ୟ ବ୍ରାଉଜ୍ କରିପାରିବେ। ଏନ୍‌ଟିଇଏସ୍ ଏବଂ ପିଏନ୍‌ଆର୍ ସହିତ ଲିଙ୍କ୍ ହୋଇଥିବା ଏହି ଆପ୍ ଭଡ଼ା, ସିଟ୍ ଉପଲବ୍ଧତା ଯାଞ୍ଚ କରିବାରେ ସାହାଯ୍ୟ କରେ। ଡିଜିଟାଲ ସାକ୍ଷରତା ପାଇଁ ସ୍ୱୟଂଚାଳିତ ଟିକେଟ ଭେଣ୍ଡିଂ ମେଶିନ (ଏଟିଭିଏମ୍) ବ୍ୟବହାର ଏବଂ ୟୁଟିଏସ୍ ମୋବାଇଲ ଆପ୍ ମାଧ୍ୟମରେ ବୁକିଂ ବିଷୟରେ ସଂକ୍ଷିପ୍ତ ଓ ସୂଚନାପ୍ରଦ ଭିଡିଓ ଯୋଡ଼ାଯାଇଛି। ଯାତ୍ରୀ ପାନୀୟଜଳ ଏବଂ ଇ-କ୍ୟାଟରିଂ, ଚିକିତ୍ସା ସହାୟତା ବୁଥ୍, ପରିଷ୍କାର ପରିଚ୍ଛନ୍ନତା ଓ ପରିମଳ, ଦିବ୍ୟାଙ୍ଗଜନଙ୍କ ପାଇଁ ହୁଇଲଚେୟାର ସୁବିଧା, ବରିଷ୍ଠ ନାଗରିକଙ୍କ ନମିନ୍ତେ ବ୍ୟାଟେରିଚାଳିତ ଯାନ, ସାର୍ବଜନୀନ ଶୌଚାଳୟ, ମିଷ୍ଟିଂ ଫ୍ୟାନ, ପୁରୀ ଏବଂ ଅନ୍ୟାନ୍ୟ ପ୍ରମୁଖ ଷ୍ଟେଶନଗୁଡ଼ିକରେ ମାଗଣା ୱାଇ-ଫାଇ ସେବା ସମ୍ପର୍କରେ ଅବଗତ କରାଇଥାଏ। ଏଥିସହ କ୍ଲିକ-ଟୁ-ଡାଏଲ୍ ହେଲ୍ପଲାଇନରେ ରେଳପଥ ପୋଲିସ, ଡାକ୍ତରୀ ସହାୟତା, ହଜିଯାଇଥିବା ସାମଗ୍ରୀ ଓ ନିଖୋଜ ବ୍ୟକ୍ତି ସହାୟତା ଏବଂ ଅଭିଯୋଗ ସମାଧାନ ସେବା ପ୍ରଦାନ କରିବ।

# ନାବାଳିକାଙ୍କୁ ବଳାତ୍କାର, ନକଲି ଡାକ୍ତର ଗିରଫ

ବ୍ରହ୍ମପୁର,୨୪।୬
(ସୁବାସ ଚନ୍ଦ୍ର ପାଢ଼ୀ)

- **ନର୍ସିଂ କୋର୍ସ କରାଇଦେବାକୁ ପ୍ରଲୋଭିତ କରିଥିଲେ**
- **ଘଟଣାରେ ସମ୍ପୃକ୍ତ ୨ ମହିଳା ବନ୍ଧାହେଲେ**

ବ୍ରହ୍ମପୁର ପୋଲିସ ଜିଲାରେ ନାବାଳିକା ବଳାତ୍କାର ଘଟଣା ବଢ଼ିବାରେ ଲାଗିଛି। ଗୋପାଳପୁର ବେଳାଭୂମିରେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାର ତଦନ୍ତ ନ ସରୁଣୁ ପୁଣି ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ନାବାଳିକାଙ୍କୁ ନର୍ସିଂ କୋର୍ସ କରାଇଦେବାର ପ୍ରଲୋଭନ ଦେଖାଇ ବଳାତ୍କାର କରିବା ଅଭିଯୋଗରେ ଜଣେ ନକଲି ହୋମିଓପାଥିକ ଡାକ୍ତରଙ୍କୁ ବୈଦ୍ୟନାଥପୁର ଥାନା ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଭାରତୀୟ ହିନ୍ଦୁ ପରିଷଦର ପୂର୍ବତନ ନେତା ତଥା ଭାରତୀୟ ମଜଦୁର ସଂଘ ଗଞ୍ଜାମ ଜିଲା ଶାଖାର ସଭାପତି ଭବାନୀ ଶଙ୍କର ଦାସ(୫୧)। ଭବାନୀ ପାଟପୁର ଥାନା ପୁଡାମାରିର ମୂଳବାସିନ୍ଦା। ସେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଖୋଡ଼ାସିଙ୍ଗି ନିରଞ୍ଜନ ନଗରରେ ରହୁଥିଲେ। ଜେରା ବେଳେ ସେ ଜଣେ ନକଲି ହୋମିଓପାଥିକ ଡାକ୍ତର ବୋଲି ଜଣାପଡ଼ିଛି। ସେହିପରି ବଳାତ୍କାର ଘଟଣାରେ ସହଯୋଗ କରିଥିବା ୨ ମହିଳାଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ସେମାନେ ଉକ୍ତ ଥାନା ଅନ୍ତର୍ଗତ ଭିଆଇପି କଲୋନୀର ପ୍ରିୟଙ୍କା ସାହୁ (୨୧) ଓ ଗଜପତି ଜିଲା ଆର୍. ଉଦୟଗିରି ଅଞ୍ଚଳର ଅଙ୍ଗନୱାଡି କର୍ମୀ ରିତାଞ୍ଜଳୀ ସାହୁ। ପୀଡ଼ିତାଙ୍କ ମାଉସୀଙ୍କ ଅଭିଯୋଗକ୍ରମେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। କୋର୍ଟଙ୍କ ନିର୍ଦ୍ଦେଶରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି।

ଭବାନୀ ନିଜକୁ ଏକ ରାଜନୈତିକ ଦଳର ପ୍ରଭାବଶାଳୀ ବ୍ୟକ୍ତି ବୋଲି ପରିଚୟ ଦେଇ ଆସୁଥିଲେ। ସେ ଉକ୍ତ ଝିଅକୁ ନର୍ସିଂ ପାଠ ପଢ଼ାଇବାକୁ ସୁବିଧା କରିଦେବେ ବୋଲି ନାବାଳିକାଙ୍କ ମା'ଙ୍କୁ ଅଙ୍ଗନୱାଡି କର୍ମୀ ରିତାଞ୍ଜଳୀ କହିଥିଲେ।



ଭବାନୀ ଶଙ୍କର ଦାସ

ସୋମବାର ମା'ଙ୍କ କହିବା ଅନୁସାରେ ନାବାଳିକା ଜଣକ ତାଙ୍କ ମାଉସୀଙ୍କ ସହ କୋର୍ଟପେଟା ରାଜାରାଣୀ ଆପାର୍ଟମେଣ୍ଟରେ ଥିବା ବାଜପେୟୀ ଆରୋଗ୍ୟମ୍‌କୁ ଯାଇ ଡା. ଭବାନୀଙ୍କ ସହ କଥା ହୋଇଥିଲେ। ଝିଆରୀ ସେଠାରେ ରହି ପାଠ ପଢ଼ିବ କହି ମାଉସୀ ଚାଲିଆସିଥିଲେ। ସନ୍ଧ୍ୟାରେ ଭବାନୀ ନାବାଳିକାଙ୍କୁ ଉକ୍ତ ଆପାର୍ଟମେଣ୍ଟର ଏକ ରୁମ୍‌କୁ ନେଇଥିଲେ। ସେଠାରେ ଥିବା ପ୍ରିୟଙ୍କା ଉକ୍ତ ନାବାଳିକାଙ୍କୁ କିଛି ପିଇବାକୁ ଦେଇଥିଲେ। ପରେ ଭବାନୀ ନାବାଳିକାଙ୍କୁ ନେଇ ବଳାତ୍କାର କରିଥିଲେ। ପୀଡ଼ିତା ସେଠାରୁ ନିଜ ମାଉସୀଙ୍କ ଘରକୁ ଆସି ଘଟଣା ସମ୍ପର୍କରେ ଜଣାଇଥିଲେ। ପରେ ଉଭୟେ ବୈଦ୍ୟନାଥପୁର ଥାନାକୁ ଆସି ଏତଲା ଦେଇଥିଲେ। ପୋଲିସ ନଂ. ୩୧୪/୨୫ରେ ମାମଲା ରୁଜୁ କରି ଭବାନୀଙ୍କୁ ଗିରଫ କରିଥିଲା। ସାଇଣ୍ଟିଫିକ ଟିମ୍ ସହ ପୋଲିସ ଉକ୍ତ ଆପାର୍ଟମେଣ୍ଟକୁ ଯାଇ ତଦନ୍ତ କରିବା ସହ ସେଠାରୁ ଅନେକ ପ୍ରମାଣ ସଂଗ୍ରହ କରିଛି। ଭବାନୀ କେଉଁଠାରୁ ଡାକ୍ତରୀ ଡିଗ୍ରୀ ହାସଲ କରିଥିଲେ ତାହାର ମଧ୍ୟ ତଦନ୍ତ ଚାଲିଛି।

# ବର୍ଷକରେ ଅନେକ ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି ମୁଖ୍ୟମନ୍ତ୍ରୀ: ରାଜ୍ୟପାଳ

ଭୁବନେଶ୍ୱର,୨୪।୬(ସୁନିତ୍ ମିଶ୍ର)

ରାଜ୍ୟପାଳ ହରିବାବୁ କମ୍ଭମପାଟି ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତକରି ରାଜ୍ୟ ସରକାରଙ୍କ ପ୍ରଥମ ବର୍ଷର ସଫଳତା ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ମୁଖ୍ୟମନ୍ତ୍ରୀ ରାଜ୍ୟ ପ୍ରଶାସନର ନେତୃତ୍ୱ ନେଇ ପ୍ରଥମ ବର୍ଷରେ ଅନେକ ଲୋକାଭିମୁଖୀ ଯୋଜନା ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି। ରାଜ୍ୟ ସରକାରଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ରାଜ୍ୟପାଳ ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟର ଅନେକ ବିକାଶମୂଳକ ଯୋଜନା ସମ୍ପର୍କରେ ମଧ୍ୟ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି। ଏହି ଅବସରରେ ରାଜ୍ୟପାଳଙ୍କୁ ଓଡ଼ିଶା ଭିଜନ- ୨୦୩୬ ଓ ୨୦୪୭ ପୁସ୍ତକ ରାଜ୍ୟପାଳ



ପ୍ରଦାନ କରିଛନ୍ତି। ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସରକାରଙ୍କ ରୋଡ୍‌ମ୍ୟାପ୍ ସମ୍ପର୍କରେ ରାଜ୍ୟପାଳଙ୍କୁ ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅବଗତ କରାଇଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସିପିଆଇଏମ୍ ଭୁବନେଶ୍ୱର ଲୋକାଲ କମିଟି ଏବଂ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ବିକ୍ଷୋଭ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ୧୫ତମ ମାସିକ କଥା କାର୍ଯ୍ୟକ୍ରମ, ସ୍ଥାନ: ଜାତୀୟ ଅଭିଲେଖାଗାର, ସମୟ: ଅପରାହ୍ନ ୫ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କହ୍ନେଇଲାଲ ଦାସ ସ୍ମୃତି ସଂସଦର ମିଳିତ ସହଯୋଗରେ କହ୍ନେଇଲାଲ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ବୋଉ ଫାଉଣ୍ଡେଶନ ପକ୍ଷରୁ 'ବ୍ୟଙ୍ଗ କଥା, କବିତା, ସଙ୍ଗୀତ ସନ୍ଧ୍ୟା', ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ୮୪ତମ ସଂସ୍କୃତି ଚର୍ଚ୍ଚା, ସ୍ଥାନ: ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସମୟ: ସନ୍ଧ୍ୟା ୬ଟା ୧୫।

## କଟକ
- କଟକ ମୋଟର କର୍ମଚାରୀ ୟୁନିୟନ ପକ୍ଷରୁ ବସ୍ କର୍ମଚାରୀଙ୍କ ଶୋଭାଯାତ୍ରା, ସ୍ଥାନ: ନେତାଜୀ ବସ୍ ଟର୍ମିନାଲ ପ୍ରବେଶ ପଥ, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ସାହିତ୍ୟ ସମାଜ ଓ ଅନନ୍ତ ପଟ୍ଟନାୟକ ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀ ଅନନ୍ତ ପଟ୍ଟନାୟକଙ୍କ ୩୮ତମ ସ୍ମୃତି ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା
- ଭଏସ୍ ଅଫ୍ ମିଡିଆର ପ୍ରଥମ ରାଜ୍ୟ ସମ୍ମିଳନୀ, ସ୍ଥାନ: ଟାଉନ ହଲ୍, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର
- ସିଭିଲ ଜଜ୍ କମ୍ ଜେଏମ୍ଏଫ୍‌ସିର ନୂତନ ଗୃହ ଉଦ୍‌ଘାଟନ, ସ୍ଥାନ: ଔପଦା, ସମୟ: ସକାଳ ୯ଟା ୪୫।
- ଓଡ଼ିଶା ରାଜ୍ୟ ମହିଳା ଆୟୋଗ ପକ୍ଷରୁ କ୍ୟାମ୍ପ କୋର୍ଟ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଗଣବିକ୍ଷୋଭ ଓ କୁଶପୁତ୍ତଳିକା ଦାହ, ସ୍ଥାନ: ଫକୀରମୋହନ ମହାବିଦ୍ୟାଳୟ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ସୁବର୍ଣ୍ଣରେଖା ବନ୍ୟା କ୍ଷୟକ୍ଷତି ଆକଳନ ଓ ଖବରଦାତା ସମ୍ମିଳନୀ, ସ୍ଥାନ: ଗବଗାଁ, ଭୋଗରାଇ, ସମୟ: ଅପରାହ୍ନ ୩ଟା ୩୦ ମିନିଟ୍।
- ଭାଜପାର ଖବରଦାତା ସମ୍ମିଳନୀ ଓ ଆଲୋଚନା ଚକ୍ର, ସ୍ଥାନ: ହନୁମାନ କଲ୍ୟାଣ ମଣ୍ଡପ, କ୍ଷୀରଚୋରା ମନ୍ଦିର ଛକ, ରେମୁଣା, ସମୟ: ଅପରାହ୍ନ ୪ଟା।

## ଭଦ୍ରକ
- 'ଆମ ସଂକଳ୍ପ ନିଶା ନୁହେଁ, ଜୀବନ' ସଚେତନତା ପଦଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ଅଭିଭାବକଙ୍କ ବୈଠକ,ସ୍ଥାନ:ଚିତ୍ରଡ଼ା ବିସିସି କ୍ଲାସେସ, ମୋରଡ଼ା, ସମୟ:ପୂର୍ବାହ୍ନ ୧୦ଟା।

## କନ୍ଧମାଳ
- ଏସ୍‌ବିଆଇ ପକ୍ଷରୁ ମେଗା ରକ୍ତଦାନ ଶିବିର, ସ୍ଥାନ: ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ସକାଳ ୯ଟା।

## ଗଜପତି
- ଜିଲା ପରିଷଦ ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନୟାଗଡ଼
- ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନେଇ ଛାତ୍ର ଆନ୍ଦୋଳନ, ସ୍ଥାନ:ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବଳଭଦ୍ରପୁର ଡ଼ିପମାଳ ରାସ୍ତା ନେଇ ରାସ୍ତାରୋକୋ , ସ୍ଥାନ:ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଶିମଳିସାହି ହାଟଦ୍ୱାର ଛକ, ସମୟ: ସକାଳ ୮ଟା।

## ରାୟଗଡ଼ା
- ବିଶ୍ୱ ତମାଖୁ ନିଷେଧ ଦିବସ ଉପଲକ୍ଷେ ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତା, ସ୍ଥାନ: ଗୁଣପୁର ବାଳିକା ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ଛାତ୍ର ବିଜେଡିର ଗୋପାଳପୁର ଛାତ୍ରୀ ଗଣବଳତ୍କାର, ମହିଳା ନିର୍ଯ୍ୟାତନା ପ୍ରତିବାଦ ସଭା, ସ୍ଥାନ: ନବରଙ୍ଗପୁର ମହାବିଦ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟରେ ଆନ୍ଦୋଳନ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- କଳାଜିରା ଧାନର ଜିଆଇ ଟ୍ୟାଗ ସହ ବଜାରୀକରଣ ନେଇ କର୍ମଶାଳା, ସ୍ଥାନ: କୋରାପୁଟ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ନନ୍ଦପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ କଳା ଦିବସ ପାଳନ, ସ୍ଥାନ: କୋରାପୁଟ ବିଧାୟକଙ୍କ ବାସଭବନ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସ୍ଥାନ : ପୋତାପାଲି ସ୍ଥିତ ଶ୍ରୀକୃଷ୍ଣ ଗୋଶାଳା ପରିସର, ସମୟ : ସକାଳ ୯ଟା ୧୫।
- ମକ ପାର୍ଲିଆମେଣ୍ଟ କାର୍ଯ୍ୟକ୍ରମ, ସ୍ଥାନ: ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୧୫।
- ଭାଜପାର ବୈଠକ, ସ୍ଥାନ : ରିଭରଇନ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ସମ୍ବିଧାନ କଳାଦିବସ କାର୍ଯ୍ୟକ୍ରମ, ସ୍ଥାନ: ରିଭର ଇନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୨ଟା୫।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ ମ୍ୟାଚ ଫୋରସି ପ୍ରତିଭା ବନାମ ମେହେତାବ କ୍ଲବ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।
- ସମ୍ବଲପୁର ଅନାମିକା କ୍ଲବ ବନାମ ବାମରା କ୍ରୀଡା ସଂଘ ଫୁଟବଲ ମ୍ୟାଚ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୫ଟା୩୦।
- ସାଓଲିନ କୁଙ୍ଗ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼
- ବରଗଡ଼ ନାଗରିକ ମଞ୍ଚର ଆଲୋଚନାଚକ୍ର, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସନ୍ଧ୍ୟା ୫ଟା।

## କଳାହାଣ୍ଡି
- ରାଜ୍ୟ ସରକାରଙ୍କ ବିରୋଧରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ବିକ୍ଷୋଭ, ସ୍ଥାନ: ଭବାନୀପାଟଣାସ୍ଥିତ ବିଶ୍ୱବିଦ୍ୟାଳୟ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଧାରଣା, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ସମ୍ବିଧାନ ହତ୍ୟା ଦିବସ, ସ୍ଥାନ: ଦେବଗଡ଼ ମହାବିଦ୍ୟାଳୟ, ସମୟ: ସକାଳ ୯ଟା ୩୦।
- ତ୍ରୈମାସିକ ଆଞ୍ଚଳିକ ସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ରୋନକ ପ୍ଲାଜା, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାକୃତିକ କୃଷି ପ୍ରଣାଳିରେ ଚାଷ ସମ୍ପର୍କିତ ତାଲିମ ଶିବିର, ସ୍ଥାନ: କୃଷିବିଜ୍ଞାନ କେନ୍ଦ୍ର, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ନୂତନ ଉପଜିଲାପାଳ ସୁରେନ୍ଦ୍ର ମେହେରଙ୍କୁ ବୀରମହାରାଜପୁର ସାଂସ୍କୃତିକ ସଂସଦ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ମୈତ୍ରୀସଦନ ବୀରମହାରାଜପୁର, ସମୟ: ଅପରାହ୍ନ ୪ଟା।
- ତରଭା ରଥଯାତ୍ରା ପାଇଁ ଉପାୟନ ଭୋଗ ସମୟ ନିର୍ଘଣ୍ଟ ପ୍ରସ୍ତୁତି ବୈଠକ, ସ୍ଥାନ: ଏନ୍ଏସି ସଭାଗୃହ, ସମୟ: ସନ୍ଧ୍ୟା ୫ଟା।

## ନୂଆପଡ଼ା
- ଜିଲା ଭାଜପା ପକ୍ଷରୁ କଳା ଦିବସ ଓ ଭାରତରେ ଆପତ୍‌କାଳ ଘୋଷଣାର ୫୦ ତମ ବାର୍ଷିକୀ, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ ନୂଆପଡ଼ା, ସମୟ: ସକାଳ ୯ଟା ୩୦।
- ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ, ସମୟ: ସନ୍ଧ୍ୟା ୬ଟା ୩୦।

# ପଞ୍ଚାୟତ ସମିତି ବୈଠକ ପୂର୍ବରୁ ରଣକ୍ଷେତ୍ର

### ଆକ୍ରମଣରେ ଆଠଗଡ଼ ଏସ୍‌ଡିପିଓଙ୍କ ସମେତ ୫ ପୋଲିସ ଆହତ

ଆଠଗଡ଼,୨୪।୬(ସତ୍ୟପ୍ରସାଦ ରଥ)

ଆଠଗଡ଼ ପଞ୍ଚାୟତ ସମିତି ବୈଠକ ପୂର୍ବରୁ ମଙ୍ଗଳବାର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ରଣକ୍ଷେତ୍ର ପାଲଟିଛି। ଭାଜପା ଏବଂ ବିଜେଡି କର୍ମୀମାନେ ପରସ୍ପରକୁ ଆକ୍ଷେପ ପ୍ରତିଆକ୍ଷେପ କରିବାରୁ ଏଭଳି ସ୍ଥିତି ସୃଷ୍ଟି ହେଲା ବୋଲି କୁହାଯାଉଛି। ଏପରି କି ପରିସ୍ଥିତିକୁ ଶାନ୍ତ କରିବାକୁ ଯାଇଥିବା ପୋଲିସ ଆକ୍ରମଣର ଶିକାର ହୋଇଛି। ଆକ୍ରମଣକାରୀଙ୍କ ପଥର ମାଡ଼ରେ ଆଠଗଡ଼ ଏସ୍‌ଡିପିଓ ବିଶ୍ୱଜିତ ମହାନ୍ତି, ତିଗିରିଆ ଥାନା ସବ୍‌ଇନ୍ସପେକ୍ଟର ବିଶ୍ୱଜିତ ଜେନା ଏବଂ ୩ଜଣ କନଷ୍ଟେବଲ ଆହତ ହୋଇଥିଲେ। ଗୁରୁତର ଆହତ ଏସଡିପିଓ ଓ ସବ୍‌ଇନ୍ସପେକ୍ଟରଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାବେଳେ ପୋଲିସ ଫୋର୍ସ ମୁତୟନ ରହିଛନ୍ତି।

ପ୍ରକାଶ ଯେ, ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଆଠଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହେବାର ଥିଲା। ଏନେଇ ବ୍ଲକ ତରଫରୁ ଲିଖିତ ଭାବରେ ପୂର୍ବରୁ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭର ପ୍ରାୟ ଏକ ଘଣ୍ଟା ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଉଭୟ ଭାଜପା ଏବଂ ବିଜେଡିର ସମର୍ଥକମାନେ ପହଞ୍ଚି ଯାଇଥିଲେ। ତେବେ ସେଠାରେ ଉଭୟ ପକ୍ଷର ସମର୍ଥକମାନେ ପରସ୍ପରକୁ ଆକ୍ଷେପ କରି ନାରାବାଜି ଦେଇଥିଲେ। ଏହି ନାରାବାଜି ଧୀରେ ଧୀରେ ଉଗ୍ରରୂପ ଧାରଣ କରିଥିଲା। ସେଠାରେ ଉପସ୍ଥିତ



ପୋଲିସ ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କେହି କିଛି ଶୁଣି ନ ଥିଲେ। ପରିସ୍ଥିତି ବିଗିଡ଼ି ଯିବା ସହ ବୈଠକ ଆରମ୍ଭ ସମୟ ବିତି ଯିବାରୁ ପ୍ରଶାସନ ପକ୍ଷରୁ ବ୍ଲକ କାର୍ଯ୍ୟାଳୟର ୫୦୦ ମିଟର ପରିଧି ମଧ୍ୟରେ ବିଏନ୍ଏସ୍ଏସ୍ ୧୬୩ ଧାରା ଜାରି କରାଯାଇଥିଲା। ହେଲେ ପରିସ୍ଥିତି ସୁଧୁରିବା ପରିବର୍ତ୍ତେ କେତେଜଣ କର୍ମୀ ଅଣ୍ଡା, ପାଣି ପାଉଚ ତଥା ପଥର ମାଡ଼ କରିଥିଲେ। ଏହି ପଥର ମାଡ଼ରେ ଆଠଗଡ଼ ଏସ୍‌ଡିପିଓ ମହାନ୍ତିଙ୍କ ଆଖି ଗୁରୁତର ଆଘାତ ପ୍ରାପ୍ତ ହୋଇଥିଲା। ଏହାପରେ ସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ଲାଠିଚାଳନା କରାଯାଇଥିଲା। ଫଳରେ କିଛି ସମୟ ପାଇଁ ଆଠଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖ ରଣକ୍ଷେତ୍ର ପାଲଟି ଯାଇଥିଲା। ପଥର ମାଡ଼ରେ ତିଗିରିଆ ଥାନା ସବ୍‌ଇନ୍ସପେକ୍ଟର ଜେନା ଓ ୩ ଜଣ କନଷ୍ଟେବଲ ମଧ୍ୟ ଆହତ ହୋଇଥିଲେ।

# ମହାପ୍ରଭୁଙ୍କ ମୋଦକ ଚୋରି ହୋଇନାହିଁ: ମନ୍ତ୍ରୀ ହରିଚନ୍ଦନ

### ଚୋରି ହୋଇ ମୋଦକ ଦୀଘା ଯାଇଥିବା ଅଭିଯୋଗର ତଦନ୍ତ ଦାବି

ପୁରୀ,୨୪।୬(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କୁ ଲାଗିହେବାକୁ ଥିବା ଦଶମୂଳ ମୋଦକ ଗାଏବ ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ବଡ଼ଠାକୁର ବଳଭଦ୍ରଙ୍କ ମୁଖ୍ୟ ବାଡ଼ଗ୍ରାହୀ ହଳଧର ଦାସ ମହାପାତ୍ର ଗତ ୨୨ତାରିଖରେ ଲିଖିତ ଭାବେ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଏହାକୁ ନେଇ ବୁଧବାର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୋଦକ ଚୋରି ହେବା ଘଟଣାକୁ ଖଣ୍ଡନ କରିଛନ୍ତି। ଅମୁଣିଆ ମୋଦକକୁ ଦୀଘା ପଠାଯାଇଛି କି ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇବା ସହ ତଦନ୍ତ ଆବଶ୍ୟକ ବୋଲି ଦାବି କରାଯାଇଛି।

ପରମ୍ପରା ଅନୁଯାୟୀ, ଅଣସରର ଏକାଦଶୀ ତିଥିରେ ଚତୁର୍ଦ୍ଧାବିଗ୍ରହଙ୍କୁ ରାଜବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଦଶମୂଳ ମୋଦକ ଲାଗି ହୋଇଥାଏ। ଚଳିତବର୍ଷ ୭ ଜଣ ରାଜବୈଦ୍ୟ ୩୧୩ଟି ଦଶମୂଳ ମୋଦକ ପ୍ରସ୍ତୁତ କରି ଶ୍ରୀମନ୍ଦିର ପରିସରରେ ଥିବା ଗାରଦରେ ରଖିଥିଲେ। ମହାପ୍ରଭୁଙ୍କୁ ଏହା ଲାଗି ହେବା ପୂର୍ବରୁ ୭୦ଟି କମ୍ ରହିଥିବା ଦାସ ମହାପାତ୍ର ଲିଖିତ ଭାବେ ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇଥିଲେ।

ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି, ପ୍ରାରମ୍ଭିକ ତଦନ୍ତରୁ ଏହି ଘଟଣାର ସତ୍ୟତା ନାହିଁ ବୋଲି ଜଣାପଡ଼ିଛି। ଏହି ଘଟଣାରେ ଯେକୌଣସି ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହେବେ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅପରପକ୍ଷେ ମୋଦକ ଚୋରି ପ୍ରସଙ୍ଗରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ରିପୋର୍ଟ ମାଗିଛନ୍ତି। ତେବେ ଶ୍ରୀମନ୍ଦିରରେ ମୋଦକ ଚୋରି ହୋଇନାହିଁ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

## ତେଜିଲା ରାଜନୀତି

ଭୁବନେଶ୍ୱର,୨୪।୬(ସୁନିତ୍ ମିଶ୍ର)

ଦଶମୂଳ ମୋଦକ ଚୋରି ନେଇ ବଳଭଦ୍ରଙ୍କ ବାଡ଼ଗ୍ରାହୀ ହଳଧର ଦାସ ମହାପାତ୍ର ଚିଠି ଲେଖି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଜଣାଇବା ପରେ ଏହାକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିଛି। ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ମହାପ୍ରଭୁଙ୍କ ଚିକିତ୍ସା ଲାଗି ପ୍ରଯୁଜ୍ୟ ମୋଦକ ଚୋରି ହେବାର ଅଭିଯୋଗକୁ ଚପାଇଦେବା ପାଇଁ ଆଇନମନ୍ତ୍ରୀ ଓ ଶ୍ରୀମନ୍ଦିରର ପ୍ରଶାସନ ଉଦ୍ୟମ କରୁଛନ୍ତି। ଜଗନ୍ନାଥଙ୍କୁ ନେଇ ଅନେକ ମିଛ ପ୍ରଚାର କରି କ୍ଷମତାକୁ ଆସିଥିବା ଭାଜପା ସରକାରଙ୍କ ଆଇନମନ୍ତ୍ରୀ ନୈତିକ ଦାୟିତ୍ୱବହନକରି ନିଜ ପଦରୁ ଇସ୍ତଫା ଦିଅନ୍ତୁ। କଂଗ୍ରେସବିଧାୟକଦଳନେତା ରାମଚନ୍ଦ୍ରକାଡାମ କହିଛନ୍ତି, ମହାପ୍ରଭୁଙ୍କ ମୋଦକ ଚୋରି ହୋଇଯାଉଛି ମାନେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଆଇନଶୃଙ୍ଖଳା କହିଲେ ରାଜ୍ୟରେ କିଛି ନାହିଁ। ଓଡ଼ିଆ ଅସ୍ମିତା ଦିନ ଦ୍ୱିପ୍ରହରରେ ହରଣ ହେଉଛି। ଏହି ଘଟଣାର ତଦନ୍ତକରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ରାଜ୍ୟ ସରକାର ଗ୍ରହଣ କରନ୍ତୁ।

ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, କେତେଜଣ ସେବାୟତ ବାହାଦୁରି ନେବା ପାଇଁ ଏଭଳି ବିଭ୍ରାନ୍ତିକର ଖବର ସୃଷ୍ଟି କରିଛନ୍ତ। ମୋଦକ ଚୋରି ହୋଇ ନ ଥିବା ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସ୍ପଷ୍ଟ କରିସାରିଛନ୍ତି। ମୋଦକ କେବେ ବି ଗଣାଯାଏ ନାହିଁ। ଯିଏବି ବାହାଦୁରି ନେବା ପାଇଁ ଏଭଳି କରିଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ନୂଆ ଯୋଗୀ ଭିକେ ବାଇ**
**ପାଉ କି ନ ପାଉ ବୁଲୁଥାଇ।**

ଯୋଗୀ ଭିକ୍ଷା କରି ପେଟ ପୋଷିଥାଏ। ଯିଏ ନୂଆ ନୂଆ ଯୋଗୀ ହୋଇଥାଏ ତା'ର ସେତେ ଚିହ୍ନାଜଣା ନ ଥିବାରୁ ଭିକ ମିଳିବା କଷ୍ଟକର ହୋଇଯାଇଥାଏ। ପରୋକ୍ଷରେ ନୂଆ କରି କାମ ଆରମ୍ଭ କରୁଥିବା ବ୍ୟକ୍ତି ପକ୍ଷେ ଅଭିଜ୍ଞତା ଅଭାବରୁ ସେଥିରେ ସଫଳ ହେବା ନିମନ୍ତେ ସମୟ ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନଈରେ ଡେଙ୍ଗା ପଣସ**
**ଆସ ନୂଆବୋହୂ ବେଦୀରେ ବସ**
**କାଲି ଯିବ ପରବାସ।**

ଝିଅ ଯେତେବେଳେ ଘର ଯୋଗ୍ୟା ହୁଏ ସେତେବେଳେ ତାକୁ ଭଲ ଘର ଭଲ ବର ଦେଖି ବିବାହ କରିଦିଆଯାଏ। ଝିଅଟିକୁ ବାପା ମା' କାଖେଇ କୋଳେଇ ବଡ କରିଥିବା ବେଳେ ଶେଷରେ ସେ ବୋହୂ ହୋଇ ଆଉ ଗୋଟିଏ ଘରକୁ ଚାଲି ଯାଇଥାଏ। ସେହିପରି ଝିଅଟିଏ ବାହା ହୋଇ ଶାଶୁଘରକୁ ଚାଲିଗଲେ ପୁଣି ବାପଘରକୁ ଫେରି ଆସିବାକୁ ବହୁଦିନ ଲାଗି ଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଭାରତକୁ କାଳ...

ପ୍ରଥମ ପୃଷ୍ଠାରୁ...

କରାଯିବ। ସିନେଟର ଗ୍ରାହାମ କହିଛନ୍ତି, ରୁଷିଆ ସାଙ୍କ୍ସନ ବିଲ୍ ପାଇଁ ଆମେ ୮୪ ଜଣ ସହପ୍ରାୟୋଜକ ପାଇଛୁ। ତେଣୁ ବିଲ୍ ଗୃହୀତ ହୋଇଯିବ ବୋଲି ସେ କହିଛନ୍ତି। ଭାରତ ଓ ଚାଇନାକୁ କଡ଼ା ଧମକ ଦେଇ ଗ୍ରାହାମ କହିଛନ୍ତି, ଯଦି ସେମାନେ ପୁଟିନ୍‌ଙ୍କ ଯୁଦ୍ଧ ମେଶିନ୍‌କୁ ସହାୟତା ଜାରି ରଖନ୍ତି, ତେବେ ସେମାନଙ୍କୁ ଅନ୍ୟ କାହାକୁ ନୁହେଁ, ନିଜକୁ ହିଁ ଦାୟୀ କରିବାକୁ ପଡ଼ିବ। ୟୁକ୍ରେନ୍ ସହ ଯୁଦ୍ଧ ଲାଗି ରହିଥିବାବେଳେ ରୁଷିଆରୁ ଭାରତ ଏବଂ ଚାଇନା ତୈଳ ଆମଦାନୀ ବଢ଼ାଇଥିବାରୁ ସେମାନେ ଆମେରିକାର ଟାର୍ଗେଟରେ ରହିଛନ୍ତି। ସାଉଦି ଆରବ ଏବଂ ଇରାକକୁ ଟପି ରୁଷିଆ ଏବେ ଭାରତର ସର୍ବାଧିକ ତୈଳ ଯୋଗାଣକାରୀ ହୋଇଛି। ଜୁନ୍‌ରେ ଭାରତ ରୁଷିଆରୁ ଦୈନିକ ୨ରୁ ୨.୨ ନିୟୁତ ବ୍ୟାରେଲ୍ ତୈଳ ଆମଦାନୀ କରୁଛି, ଯାହା ଗତ ଦୁଇବର୍ଷରେ ସର୍ବାଧିକ। ଇରାନ ଏବଂ ଇସ୍ରାଏଲ୍ ଯୁଦ୍ଧକୁ ନେଇ ବିଶ୍ୱ ତୈଳ ବଜାରରେ ଅସ୍ଥିରତା ଦେଖାଦେଇଥିବାବେଳେ ଭାରତ ରୁଷିଆରୁ ଅଧିକ ତୈଳ କିଣୁଛି। ସାମ୍ପ୍ରତିକ ବୈଶ୍ୱିକ ସ୍ଥିତିରେ ରୁଷିଆର ତୈଳ ଆମଦାନୀ ସବୁଠୁ ଭଲ ଡିଲ୍ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ବାରମ୍ବାର କହିଆସୁଛନ୍ତି। ଯୁଦ୍ଧରେ ଭାରତ ରୁଷିଆକୁ ପ୍ରତ୍ୟକ୍ଷ ସମର୍ଥନ କରୁନାହିଁ, ତେବେ ଏହା ଜାତୀୟ ସ୍ୱାର୍ଥ ପାଇଁ ସେଠାରୁ ତୈଳ କିଣିବାକୁ ନିଷ୍ପତ୍ତି ନେଇଛି। ତେବେ ରୁଷିଆରୁ ତୈଳ କିଣିବାକୁ ଆମେରିକାର ଆଇନ ପ୍ରଣେତାମାନେ ଯୁଦ୍ଧକୁ ପରୋକ୍ଷ ସମର୍ଥନ ଭାବେ ଦେଖୁଛନ୍ତି। ଶାସକ ରିପବ୍ଲିକାନ୍ ପାର୍ଟି ସିନେଟର ଲିଣ୍ଡସେ ଗ୍ରାହାମ୍ ଏବଂ ବିରୋଧୀ ଡେମୋକ୍ରାଟ୍ ରିଚାର୍ଡ ବ୍ଲୁମେନ୍ଥଲ ଗତ ଏପ୍ରିଲରେ ଏହି ବିଲ୍ ଆଣିଥିଲେ। ଇତିମଧ୍ୟରେ ଇସ୍ରାଏଲ୍-ଇରାନ୍ ଯୁଦ୍ଧକୁ ନେଇ ଭୂରାଜନୈତିକ ପରିବର୍ତ୍ତନ ସହ ତୈଳ ଦର ବୃଦ୍ଧି ପାଇଥିବାବେଳେ ଉକ୍ତ ବିଲ୍‌କୁ ଗୃହୀତ କରାଇବା ପାଇଁ ଜୋରଦାର ଉଦ୍ୟମ ଚାଲିଛି। ୟୁକ୍ରେନ୍‌ରେ ଶାନ୍ତି ଫେରାଇ ଆଣିବାରେ ଏହା ବିଶେଷ ସହାୟକ ହେବ ବୋଲି ବିଲ୍ ସମର୍ଥକମାନେ ଯୁକ୍ତି ବାଢ଼ୁଥିବାବେଳେ ସମାଲୋଚକମାନେ ଏହାର ଦୁଷ୍ପରିଣାମ ସମ୍ପର୍କରେ ଟ୍ରମ୍ପ ପ୍ରଶାସନକୁ ସତର୍କ କରାଇଛନ୍ତି।

## ବନ୍ଧୁକ ମୁନରେ...

ଭଡ଼ାଘରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଚାଲିଛି। ଉପର ମହଲାରେ ଥିବା ବ୍ୟାଙ୍କରେ ୪ଜଣ କର୍ମଚାରୀ ଓ ୪ଜଣ ଗ୍ରାହକ ଥିଲେ। ମଙ୍ଗଳବାର ଅପରାହ୍ନ ୩ଟାରେ ବ୍ୟାଙ୍କ ଗେଟ୍ ବାହାରେ ଜଣେ ଦୁର୍ବୃତ୍ତ ଜଗି ରହିଥିବାବେଳେ ୫ଜଣ ବ୍ୟାଙ୍କରେ ପ୍ରବେଶକରି କର୍ମଚାରୀ ଓ ଗ୍ରାହକମାନଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ପରେ ସମସ୍ତଙ୍କ ମୋବାଇଲ ଜବତ କରି କ୍ୟାଶିଅରଙ୍କ ପାଖରେ ଥିବା ୭ଲକ୍ଷ ଟଙ୍କା ଲୁଟି ନେଇଥିଲେ। ପରେ ବ୍ୟାଙ୍କରେ ଲାଗିଥିବା ସିସି କ୍ୟାମେରାଗୁଡ଼ିକ ଭାଙ୍ଗିବା ସହ ହାର୍ଡଡିସ୍କକୁ ଧରି




କୁଚେଇ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ।

ବାହାରପଟୁ ତାଲା ପକାଇ ପଳାଇଥିଲେ। ଯିବା ସମୟରେ ବ୍ୟାଙ୍କ ତଳେ ଥିବା ଏକ ଶାଗୁଆନ ଗଛ ମୂଳେ ମୋବାଇଲଗୁଡ଼ିକ ଫିଙ୍ଗିଦେଇ ଦ୍ରୁତଗତିରେ ଝାରପୋଖରିଆ ପଟେ ପଳାଇଥିଲେ। ୩ଟି ବାଇକ୍‌ରେ ଦୁର୍ବୃତ୍ତମାନେ ଆସି ଲୁଟ୍‌କରି ପଳାଇଥିବା ବ୍ୟାଙ୍କ ତଳେ ଥିବା ଏକ ସିମେଣ୍ଟ ଦୋକାନର ସିସି କ୍ୟାମେରାରେ କଏଦ ହୋଇଛି। ସୋମବାର କୁଚେଇ ଛକଠାରୁ ମାତ୍ର ୧ କି.ମି. ବ୍ୟବଧାନରେ ଜଣେ ମଦଦୋକାନ କର୍ମଚାରୀଙ୍କୁ ଗୁଳିମାଡ଼କରି ଦୁର୍ବୃତ୍ତମାନେ ୮ ଲକ୍ଷ ଟଙ୍କା ଲୁଟିନେବାରେ ବିଫଳ ହେବା ପରେ ମଙ୍ଗଳବାର ବ୍ୟାଙ୍କରୁ ଲୁଟ୍‌ହେବା ଘଟଣାକୁ ନେଇ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ପ୍ରକାଶ ଯେ, ଯୋଡ଼ାସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ହୋଇଥିବା ସଶସ୍ତ୍ର ଡକାୟତି ଘଟଣାରେ ଅଭିଯୁକ୍ତମାନେ ବନ୍ଧୁକ ମୁନରେ ୧୦ଲକ୍ଷ ଟଙ୍କା ଓ ସୁନା ଲୁଟି ନେଇଥିଲେ। ଏଯାବତ୍ ଲୁଟେରାମାନେ ଧରାପଡ଼ି ନ ଥିବାବେଳେ ପୋଲିସ ସେମାନଙ୍କ ଫଟୋ ଜାରି କରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସମସ୍ୟା ସୁଧାରିବା କ୍ଷେତ୍ରରେ ନିଜର ଅସାମର୍ଥ୍ୟତା କାରଣରୁ ବନ୍ଧୁଙ୍କ ସାହାଯ୍ୟର ଆବଶ୍ୟକତା ଅନୁଭବ କରିବେ। ଆତ୍ମୀୟଙ୍କ ସହ ସୁସମ୍ପର୍କ ଅଭାବରୁ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହି ନ ପାରେ। ଜମିଜମା, ପରିବହନ କିମ୍ବା ଆରକ୍ଷୀ ସମ୍ପର୍କିତ ବିବାଦର ଅବସାନ ଘଟିବ। ଅତୀତ କଥାକୁ ଚିନ୍ତା କରି ଭାବପ୍ରବଣ ହୋଇଯିବେ।

**ବୃଷ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ଅସହଯୋଗ ମୁଖ୍ୟ ସମସ୍ୟା ରୂପରେ ଦେଖାଦେବ। ମାନସିକ ଅସ୍ଥିରତା ଲାଗି ରହିବାରୁ ପ୍ରତ୍ୟେକ କାର୍ଯ୍ୟାବଳୀର ଠିକ୍ ସମୀକ୍ଷା କରିପାରିବେ ନାହିଁ। ବ୍ୟବସାୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇବେ। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ ବନ୍ଧୁଟିର ମନୋଭାବ ବଦଳିଯାଇପାରେ।

**ମିଥୁନ** ଆଜି ବନ୍ଧୁଙ୍କ କାମକୁ ଅଗ୍ରାଧିକାର ଭିତ୍ତିରେ କରିବାକୁ ମନସ୍ଥ କରିବେ। କେତେକ ବ୍ୟତିକ୍ରମ ମଧ୍ୟରେ ଅର୍ଥଲାଭ ହେବା ସହ ଆଜିର ଯାତ୍ରାରେ ସଫଳତା ପାଇବେ। ଯେତେ ଭଲ କଥା କହିଲେ ମଧ୍ୟ ବନ୍ଧୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ବୁଧାଦିତ୍ୟ ଯୋଗ ପ୍ରଭାବରୁ କୌଣସି ସମସ୍ୟା ସେତେଟା ଉଦ୍‌ବେଗଜନକ ହେବନାହିଁ।

**କର୍କଟ** ଠିକ୍ ବିଚାରଧାରା ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଆଣିଦେବ। ସରକାରୀ ସ୍ତରରେ ଅଟକି ରହିଥିବା କାମ ପୂରଣ ହେବାରେ ସହକର୍ମୀ ସାହାଯ୍ୟ କରିବେ। ଆଜିର କର୍ମବ୍ୟସ୍ତତା ଆପଣଙ୍କୁ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦୀର୍ଘ ସମୟ ରଖେଇ ଦେବେ ନାହିଁ। ସ୍ୱାସ୍ଥ୍ୟସମସ୍ୟା କେତେକାଂଶରେ ନିୟନ୍ତ୍ରିତ ରହିବାରୁ ଆଶ୍ୱସ୍ତି ଅନୁଭବ କରିବେ।

**ସିଂହ** ବୈଷୟିକ ଅଭିବୃଦ୍ଧି ସଙ୍ଗକୁ ସାମାଜିକ ସ୍ତରରେ ଆଦୃତି ଯୋଗୁ ଖୁସି ହେବେ। ଆନୁଷ୍ଠାନିକ କାମରେ ସାହାଯ୍ୟ ଏବଂ ସହଯୋଗ ଯୋଗୁ ବନ୍ଧୁ ଗହଣରେ ପ୍ରଶଂସିତ ହେବେ। ଅନ୍ୟମାନଙ୍କ ପରାମର୍ଶ ନ ମାନି ମନଇଚ୍ଛା କାମ କରିବା ଫଳରେ ସମସ୍ୟାର ସମ୍ମୁଖୀନ ହେବେ। ଆଜି ବନ୍ଧୁ ସମ୍ପର୍କ, ବ୍ୟବସାୟ ପ୍ରଭୃତିରେ କୌଣସି ଅସୁବିଧା ହେବନାହିଁ।

**କନ୍ୟା** ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ କରିବେ। ଆଜିର ଆନୁଷ୍ଠାନିକ କାମରେ ବନ୍ଧୁମିଳନଜନିତ ବ୍ୟକ୍ତିଗତ ସମସ୍ୟାକୁ ଭୁଲି ଯାଇପାରନ୍ତି। ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ଦେଖାଦେବ। ଯାହା ବିଷୟରେ ଗୋପନୀୟ ଆଲୋଚନା କରୁଥିବେ ତାହାକୁ ହଠାତ୍ ପାଇ ହଡ଼ବଡ଼େଇ ଯିବେ।

**ତୁଳା** ବନ୍ଧୁ ପରିଜନଙ୍କ ସହ ଭ୍ରମଣ ସକାଶେ ଆକସ୍ମିକ ସୁଯୋଗ ଜୁଟିବ। ଘରୋଇ ସମସ୍ୟାକୁ କେନ୍ଦ୍ରକରି ଘର ଲୋକଙ୍କ ବ୍ୟସ୍ତ ଓ ବିବ୍ରତତାକୁ ଲକ୍ଷ୍ୟ କରି ମନ ଅଶାନ୍ତ ରହିବ। କର୍ମକ୍ଷେତ୍ରରେ ବନ୍ଧୁଙ୍କ ପ୍ରତି ଅତିରିକ୍ତ ଆନ୍ତରିକତା ସମସ୍ୟା ସୃଷ୍ଟି କରିପାରେ। ବ୍ୟବସାୟିକ ସ୍ଥିତି ଭଲ ରହିବା ଯୋଗୁ ଖୁସି ଅନୁଭବ କରିବେ।

**ବିଛା** ଅନୁକୂଳ ଗ୍ରହସ୍ଥିତି କାରଣରୁ ଆଜି ଯାହା ଚାହିଁବେ ନିର୍ବିଘ୍ନରେ ହାସଲ କରିପାରିବେ। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ଦୂରୀଭୂତ ହୋଇଯିବ। ଅଭାବ ନ ଥିଲେ ମଧ୍ୟ ଅନାବଶ୍ୟକ ଖର୍ଚ୍ଚ ମନରେ ଭାବାନ୍ତର ସୃଷ୍ଟି କରିପାରେ। ସାମାଜିକ ସ୍ତରରେ ସମ୍ପର୍କ ବୃଦ୍ଧି ପାଇଲେ ମଧ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ତାହାର ପଥରୋଧ କରିବ।

**ଧନୁ** ଶୁକ୍ରଙ୍କ ପ୍ରଭାବରେ ଆପଣଙ୍କ ଚିନ୍ତାଧାରା ବନ୍ଧୁ କିମ୍ବା ସହକର୍ମୀଙ୍କ ମନରେ ସହାନୁଭୂତି ଜାଗ୍ରତ କରାଇବ। ଅସାବଧାନତା କିମ୍ବା ଅନ୍ୟମନସ୍କ ହେତୁ ଅର୍ଥହାନି ଓ ଶରୀର ପୀଡ଼ାରୁ କଷ୍ଟ ପାଇବେ। କର୍ମଦକ୍ଷତାରୁ ପ୍ରତିଷ୍ଠିତ ହେବେ। ଆଗାମୀ ଦିନର ମାଙ୍ଗଳିକ କାର୍ଯ୍ୟ କିମ୍ବା ଆନୁଷ୍ଠାନିକ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ମକର** ଆଜି ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଭଲ ରହିବା ହେତୁ ଆପଣଙ୍କ କାର୍ଯ୍ୟ ବାଧାପ୍ରାପ୍ତ ହେବନାହିଁ। ମନୋରଞ୍ଜନ କାର୍ଯ୍ୟକ୍ରମରେ ଯୋଗଦେଇ ଖୁସି ହେବେ। ସଭାସମିତି, ଆନୁଷ୍ଠାନିକ କର୍ମ, ମକଦ୍ଦମାରେ ସଫଳତା ହାସଲ କରିବେ। ପାରିବାରିକ କ୍ଷେତ୍ରରେ ଅସ୍ଥିରତା ଲାଗି ରହିବା ହେତୁ ସାମୟିକ ଚିନ୍ତିତ ରହିପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରର ସମସ୍ୟା ସଙ୍ଗରେ ଲଢ଼େଇ କରି ପରିସ୍ଥିତିର ମୁକାବିଲାରେ ସମର୍ଥ ହେବେ। ଯାନ୍ତ୍ରିକ ତ୍ରୁଟିରୁ ବିଳମ୍ବ ହେଲେ ମଧ୍ୟ ଲକ୍ଷ୍ୟସ୍ଥଳକୁ ଯିବାରେ ଅସୁବିଧା ହେବ ନାହିଁ। ଶିଳ୍ପ, ବାଣିଜ୍ୟ, ଶେୟାର ବଜାର, କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ବନ୍ଧୁମାନଙ୍କର ପରୋକ୍ଷ ଶତ୍ରୁତା ହେତୁ କିଛିଟା ବ୍ୟତିକ୍ରମ ଅବଶ୍ୟ ପରିଲକ୍ଷିତ ହେବ।


**ମୀନ** ଚନ୍ଦ୍ରଙ୍କ ଉଚ୍ଚାବସ୍ଥାନ ସୁସ୍ଥ ମାନସିକତା ପ୍ରଦାନରେ ସହାୟକ ହେବ। ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ଦିନଟି ଭଲରେ ଅତିବାହିତ ହେବ। ସାଧାରଣ ପରିଶ୍ରମରେ ଏବଂ ସହକର୍ମୀମାନଙ୍କ ସୌହାର୍ଦ୍ଦ୍ୟରୁ ସମସ୍ୟାଗୁଡ଼ିକ ଆପଣାଛାଏ ସୁଧୁରି ଯିବ। ସମ୍ପର୍କୀୟଙ୍କଠାରୁ ପରାମର୍ଶ ନେଇ କାମ କଲେ କାର୍ଯ୍ୟସିଦ୍ଧି ଅବଶ୍ୟ ଘଟିପାରେ।

ଆଜି ଜୁନ୍ ୨୫ ତାରିଖ, ଆଷାଢ଼ ଅମାବାସ୍ୟାଯୁକ୍ତ ଶୁକ୍ଳ ପ୍ରତିପଦା ବୁଧବାର। ରାଶିନକ୍ଷତ୍ର-ଦିବା ଘ.୧୦.୪୧ମି. ଗତେ ମୃଗଶିରା/ମିଥୁନ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୭.୫୧ମି. ଗତେ ଘ.୦୮.୩୧ମି. ମଧ୍ୟେ, ଘ.୧୦.୧୦ମି. ଗତେ ଘ.୧୧.୨୨ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୯ମି. ଗତେ ଘ.୦୧.୨୮ମି. ମଧ୍ୟେ ରାହୁକାଳ।

DSPL - 139

NANDANKANAN
CONSERVE | EDUCATE | INSPIRE

# ନନ୍ଦନକାନନ ଜୈବ ଉଦ୍ୟାନ



## ଆକର୍ଷଣୀୟ ଜନ୍ତୁ ସଂଗ୍ରହ

- ୧୭୮ ପ୍ରଜାତିର ୪୧୧୯ ଟି ଜୀବଜନ୍ତୁ
- ୧୧୫ ଟି ଭାରତୀୟ ଓ ୬୩ ଟି ବିଦେଶୀ ପ୍ରଜାତିର ଜୀବଜନ୍ତୁ
- ୫୮ ପ୍ରଜାତିର ସ୍ତନ୍ୟପାୟୀ, ୮୩ ପ୍ରଜାତିର ପକ୍ଷୀ, ୩୧ ପ୍ରଜାତିର ସରୀସୃପ ଓ ୬ ପ୍ରଜାତିର ଉଭୟଚର ପ୍ରାଣୀ
- ଭାରତୀୟ ପ୍ରାଣୀ ଉଦ୍ୟାନ ମାନଙ୍କ ମଧ୍ୟରେ ନନ୍ଦନକାନନରେ ଜୀବଜନ୍ତୁଙ୍କ ସର୍ବୋଚ୍ଚ ସଂଗ୍ରହ

## ମନମୁଗ୍ଧକର ପର୍ଯ୍ୟଟକ ସୁବିଧା

- ବହୁତଳ ଗାଡ଼ି ରହଣି ସ୍ଥଳ
- ୪ ଟି ବନ୍ୟପ୍ରାଣୀ ସଫାରି
- ପର୍ଯ୍ୟଟକଙ୍କ ପାଇଁ ବ୍ୟାଟେରୀ ଚାଳିତ ଯାନର ସୁବିଧା
- ବ୍ୟାଟେରୀ ଚାଳିତ ଶିଶୁ ରେଳ ଗାଡ଼ି
- ନୌକାବିହାର
- ଗ୍ରନ୍ଥାଳୟ ଏବଂ ଡିଜିଟାଲ କେନ୍ଦ୍ର
- ରଜ୍ଜୁପଥ
- ପାଦଚଲା ବିହଙ୍ଗ ସରଣୀ






## ଉନ୍ନତମାନର ବନ୍ୟପ୍ରାଣୀ ରକ୍ଷଣାବେକ୍ଷଣ

- ଅତ୍ୟାଧୁନିକ ବନ୍ୟପ୍ରାଣୀ ଚିକିତ୍ସାଳୟ
- ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା
- ବନ୍ୟପ୍ରାଣୀ ଶାବକ ପାଳନ କେନ୍ଦ୍ର


## ସଂରକ୍ଷଣ ପ୍ରଜନନ କାର୍ଯ୍ୟକ୍ରମ

- ବିଶ୍ୱରେ ଏକମାତ୍ର ଭାରତୀୟ ବଜ୍ରକାପ୍ଟା ସଂରକ୍ଷଣ ପ୍ରଜନନ କେନ୍ଦ୍ର
- ମହାନଦୀରେ ଘଡ଼ିଆଳ ପ୍ରଜାତିର ପୁନରୁଦ୍ଧାର ପ୍ରକଳ୍ପ
- ବାଘ, ଗୁରାଣ୍ଡି ଏବଂ ଲମ୍ବା ଥଣ୍ଟିଆ ଶାଗୁଣାମାନଙ୍କ ପ୍ରଜନନ କାର୍ଯ୍ୟକ୍ରମ
- ସଂରକ୍ଷଣ ଅନୁସନ୍ଧାନ ଓ ପ୍ରଶିକ୍ଷଣ କେନ୍ଦ୍ର

## ସଂରକ୍ଷଣ ଶିକ୍ଷା କାର୍ଯ୍ୟକ୍ରମ

- "ନନ୍ଦନକାନନରେ ଗୋଟିଏ ଦିନ" - ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା କାର୍ଯ୍ୟକ୍ରମ
- ପ୍ରାଣୀ ଉଦ୍ୟାନ ରାଷ୍ଟ୍ରଦୂତ କାର୍ଯ୍ୟକ୍ରମ
- ବିଭିନ୍ନ ପରିବେଶ ସମ୍ବନ୍ଧୀୟ ଦିବସ ପାଳନ
- ଗବେଷଣାମୂଳକ ଶିକ୍ଷା କାର୍ଯ୍ୟକ୍ରମ
- ପ୍ରାଣୀ ଉଦ୍ୟାନ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ
- ପ୍ରାଣୀ ଉଦ୍ୟାନ ସମ୍ବନ୍ଧୀୟ ବାହ୍ୟ ଶିକ୍ଷା କାର୍ଯ୍ୟକ୍ରମ
- ବିଜ୍ଞାନରେ ନାଗରିକଙ୍କ ଯୋଗଦାନ କାର୍ଯ୍ୟକ୍ରମ






OIPR-08070/13/0090/2526

www.nandankanan.org | @NandankananZoologicalPark | Nandankanan Zoological Park | zoonandankanan | @ddnandankanan

# ନିଟ୍ ପାଇଁ ହତ୍ୟା

ଭାରତରେ ପାଠପଢ଼ା ଚାପ ଯୋଗୁ ପିଲାଙ୍କ ଆତ୍ମହତ୍ୟା ଘଟଣା ବାରମ୍ବାର ଘଟିଚାଲିଛି। ବିଶେଷକରି ମେଡିକାଲ ଶିକ୍ଷା ଲାଗି ନିଜକୁ ପ୍ରସ୍ତୁତ କରୁଥିବା ଆଶାୟୀଙ୍କ କ୍ଷେତ୍ରରେ ଆତ୍ମହତ୍ୟା ପ୍ରବଣତା ବଢୁଥିବା ଲକ୍ଷ୍ୟ କରାଯାଉଛି। ଦେଶରେ କୋଚିଂ ସେଣ୍ଟରର ହବ୍ ପାଲଟିଥିବା ରାଜସ୍ଥାନର କୋଟା ଏବେ ଛାତ୍ର ଆତ୍ମହତ୍ୟାର ସହର ଭାବେ ପରିଗଣିତ ହେଲାଣି। ପରିସଂଖ୍ୟାନ ଦେଖିଲେ ୨୦୨୩ରେ ମେଡିକାଲ ସିଟ୍ ଆଶାୟୀ ୨୯ ଜଣ ବିଦ୍ୟାର୍ଥୀ ଆତ୍ମହତ୍ୟା କରିଥିବା ବେଳେ ୨୦୨୪ରେ ୧୯ ଜଣ ଏବଂ ୨୦୨୫ ଏବେଯାଏ ୧୬ ଜଣ ପ୍ରାଣ ହରାଇସାରିଲେଣି। ଏସବୁ ଆତ୍ମହତ୍ୟା ପଛର କାହାଣୀ ବୁଝିଲେ ବେଳକୁ ଜଣାପଡ଼ିଛି ଯେ, ପିଲାମାନେ ପଢ଼ା ଚାପରେ ଡିପ୍ରେସନ ବା ଅବସାଦ ଗ୍ରସ୍ତ ହୋଇ ଚରମ ନିଷ୍ପତ୍ତି ନେଇଯାଉଛନ୍ତି। କେତେକ କ୍ଷେତ୍ରରେ ପୋଲିସ ପାଇଥିବା ସୁଇସାଇଡ୍ ନୋଟ୍‌ରୁ ଜଣାପଡୁଛି ମେଡିକାଲ ପାଇବାରେ ବିଫଳ ହେବା କିମ୍ବା ନ ପାଇବାର ଭୟ ସେମାନଙ୍କୁ ବଡ଼ ଆକାରରେ ଘାରୁଛି। ପର୍ଯ୍ୟାପ୍ତ ଅର୍ଥ ଖଟାଉଥିବା ମାତାପିତା ପିଲାଙ୍କ ଠାରେ ଅତ୍ୟଧିକ ସ୍ୱପ୍ନ ଦେଖୁଥିବା ବେଳେ ନିଜେ ଚାପଗ୍ରସ୍ତରେ ରହିଯାଉଛନ୍ତି। ଏହି ସ୍ୱପ୍ନକୁ ପୂରଣ କରିବା ସକାଶେ ମାତାପିତା ଭୁଲ୍ ବାଟ ଅପଣାଉଥିବାକୁ ମଧ୍ୟ ପଛାଉନାହାନ୍ତି। ଉଦାହରଣ ସ୍ୱରୂପ, ନିଜ ପିଲାଙ୍କ ପାଇଁ ଡମି ବା ନକଲି ପ୍ରାର୍ଥୀଙ୍କ ଦ୍ୱାରା ପରୀକ୍ଷା କରାଇବାର ଅନେକ ଉଦାହରଣ ଦେଖିବାକୁ ମିଳୁଛି। ଯେଉଁ ମାତାପିତା ଜୀବନରେ ଡାକ୍ତର କିମ୍ବା ଅନ୍ୟ ବଡ଼ ଚାକିରି କରିବାରେ ଅସଫଳ ହୋଇଥାଆନ୍ତି, ସେମାନଙ୍କ ଭିତରେ ଗୋଟେ ତୀବ୍ର ଅଭାବବୋଧ ରହିଯାଇଥାଏ। ପରବର୍ତ୍ତୀ ସମୟରେ ସେମାନଙ୍କ ଇପ୍ସିତ ଲକ୍ଷ୍ୟକୁ ପିଲାଙ୍କ ମୁଣ୍ଡ ଉପରେ ଥୋପେଇ ଦେଇଥାଆନ୍ତି। ଯେଉଁ ପିଲା ମେଧା ଅନୁସାରେ ବୋଝ ବୋହି ପାରୁଛି ସିଏ ତିଷ୍ଠୁଛି, ନ ହେଲେ ଅନ୍ୟମାନଙ୍କଠାରେ ଚାପର ପ୍ରତିଫଳନ ହେଉଥିବା ଦେଖାଯାଉଛି। ଏଥିସହିତ ଭାରତରେ ଡାକ୍ତର ବା ଇଞ୍ଜିନିୟରଙ୍କୁ ସଫଳତାର ଶୀର୍ଷ ମାନିବା ସାମାଜିକ ସ୍ତରରେ ତ୍ରୁଟି ରହିଛି। ନିଜ ବନ୍ଧୁବାନ୍ଧବ, ସାହିପଡ଼ିଶା ପିଲା ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା (ନିଟ୍) କିମ୍ବା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଜେଇ)ରେ ଭଲ ନମ୍ବର ରଖି ସିଟ୍ ଖଣ୍ଡେ ପାଇଲା ବୋଲି ଡିଣ୍ଡିମ ପିଟିବା ସଫଳତାର ଏକ ବଡ଼ ପାହାଚ ଭାବେ ଧରାଗଲାଣି। ଏଥିରେ ପିଲା ବାଦିପେଷି ହୋଇଗଲେ କାହାରିକୁ ବେଶି ଫରକ ପଡୁନାହିଁ। ସଦ୍ୟ ଘଟଣାକୁ ଦେଖିଲେ ମହାରାଷ୍ଟ୍ରର ସାଙ୍ଗଲି ଜିଲାରେ ଏକ ଘରୋଇ ଶିକ୍ଷାନୁଷ୍ଠାନର ଅଧକ୍ଷ ନିଟ୍ ପାଇଁ ତାଙ୍କ ଝିଅକୁ ପ୍ରସ୍ତୁତ କରାଉଥିଲେ। କିନ୍ତୁ ମକ୍ ଟେଷ୍ଟରେ ସେ କମ୍ ନମ୍ବର ଆଣିବାରୁ ପିତା କ୍ରୋଧରେ ତାଙ୍କୁ ପିଟି ମାରି ଦେଇଛନ୍ତି। ଚୂଡ଼ାନ୍ତ ପରୀକ୍ଷା ଦେବା ପୂର୍ବରୁ ଅନେକ ମକ୍ ଟେଷ୍ଟ କରାଯାଇଥାଏ। ବହୁ ସମୟରେ ମକ୍ ଟେଷ୍ଟରେ କମ୍ ନମ୍ବର ରଖିଲେ ମଧ୍ୟ ଜଣେ ବିଦ୍ୟାର୍ଥୀ ଚୂଡ଼ାନ୍ତ ପରୀକ୍ଷାରେ ସଫଳତାର ସହ କୃତକାର୍ଯ୍ୟ ହୋଇଥାଆନ୍ତି। ସୂଚନା ଦିଆଯାଇପାରେ ଯେ, ସମ୍ପୃକ୍ତ ଛାତ୍ରୀ ଦଶମ ପରୀକ୍ଷାରେ ୯୫ ପ୍ରତିଶତ ନମ୍ବର ରଖିଥିଲେ। ହୁଏତ ସେ ପରବର୍ତ୍ତୀ ସମୟରେ ସେହି ନିଟ୍‌ରେ ଉତ୍ତୀର୍ଣ୍ଣ ହୋଇ ଭଲ ଡାକ୍ତର ବା ଅନ୍ୟ କୌଣସି କ୍ଷେତ୍ରରେ ବଡ଼ ସଫଳତା ପାଇପାରିଥାଆନ୍ତେ। କିନ୍ତୁ ଝିଅଠାରୁ ପିତାଙ୍କ ଆଶା ଢେର ବଢ଼ିଯାଇଥିବାରୁ ଆଗାମୀ ଫଳାଫଳକୁ ଅପେକ୍ଷା କରିବାର ଧୈର୍ଯ୍ୟ ଓ ହିତାହିତ ଜ୍ଞାନ ହରାଇବସିଲେ। ଏଭଳି ପଦକ୍ଷେପ ନେବା ପରେ ପିତା ଏବେ ଜେଲରେ। ଝିଅ ପାଇଁ ଯେଉଁ ଗର୍ବ କରିବାର ଆଶା ରଖିଥିଲେ ତାହାକୁ ସେ ନିଜେ ଧ୍ୱଂସ କରି ସମାଜରେ ନିନ୍ଦିତ ହୋଇଛନ୍ତି। କୁହାଯାଇପାରେ ଯେ, ଏଭଳି ମାନସିକତା ଏଇ ଜଣେ ପିତାଙ୍କ କ୍ଷେତ୍ରରେ ସୀମିତ ନାହିଁ। ସାଙ୍ଗଲି ଘଟଣାରେ ପିତାଙ୍କ ନିଜସ୍ୱ ଚାପ ପ୍ରତ୍ୟକ୍ଷ ଭାବେ ପ୍ରତିଫଳିତ ହୋଇଛି। ଏମିତି ଅନେକ ମାତାପିତା ଅଛନ୍ତି, ସେମାନେ ସିଧାସଳଖ ନ ହେଲେ ମଧ୍ୟ ପରୋକ୍ଷ ଭାବେ ପିଲାଙ୍କ ଉପରେ କ୍ରମାଗତ ଚାପ ପକାଇ ଚାଲିଛନ୍ତି। ଏହାର ପରିଣତି ହତ୍ୟା ବା ଆତ୍ମହତ୍ୟା ଆଡ଼କୁ ଗତିକରୁଛି। କୌଣସି ବ୍ୟବସ୍ଥା ଏପରି ମାନସିକତାକୁ ରୋକିପାରିବ ନାହିଁ। ସାମାଜିକ ଓ ପାରିବାରିକ ସଂସ୍କାର ସହ ଚିନ୍ତନର ଅଭାବ ରହୁଥିବାରୁ ଡାକ୍ତରୀ କିମ୍ବା ଇଞ୍ଜିନିୟରିଂ ଭଳି ପଢ଼ାକୁ ପିଲାଙ୍କ ଜୀବନରେ ଶେଷ ଲକ୍ଷ୍ୟ ବୋଲି ଧରି ନେଉଛନ୍ତି। ଭାରତରେ ବିଶେଷକରି ଓଡ଼ିଶା ଭଳି ରାଜ୍ୟରେ ଔଦ୍ୟୋଗିକ ଚିନ୍ତାଧାରା ବଢୁନାହିଁ ବୋଲି କେବଳ ଗୋଟିଏ ଦୁଇଟି ବୃତ୍ତିକୁ ନେଇ ଆମେ ଅଟକି ଯାଉଛୁ। ଏବେ ଇଣ୍ଟରନେଟ ଯୁଗରେ ସୃଜନଶୀଳ ବୃତ୍ତିର ପରିସର ବ୍ୟାପକ ହେବା ସହ ବିପୁଳ ଅର୍ଥ ଅର୍ଜନର ସୁଯୋଗ ଖୋଲିଯାଇଛି। ଏଥିସହିତ ସଫଳ ଉଦ୍ୟୋଗୀ ହସ୍ପିଟାଲ ଖୋଲି ଅନେକ ଡାକ୍ତରଙ୍କୁ ଚାକିରି ଦେବା ସହ କମ୍ପାନୀ ଖୋଲି ବଡ଼ ଇଞ୍ଜିନିୟରଙ୍କୁ ମଧ୍ୟ ନିଯୁକ୍ତି ଦେଇପାରୁଛନ୍ତି। ଏସବୁକୁ ସମ୍ପୂର୍ଣ୍ଣ ଅଣଦେଖା କରି କିଛି ପ୍ରାନ୍ତରେ ମାତାପିତା ଓ ସମାଜ ସେହି ପୁରୁଣା ମାନସିକତାରେ ରହିଛନ୍ତି। ଦେଶରେ ଅଧିକ କ୍ରୀଡ଼ାବିତ୍, ସଫଳ ଉଦ୍ୟୋଗୀ, କଳାକାର କାହିଁକି ବାହାରୁ ନାହାନ୍ତି ତାହା ଉପରଠାଉରିଆ ଭାବେ ପ୍ରଶ୍ନ କଲା ବେଳକୁ ଭିତରେ କାରଣ ଖୋଜିଲେ ଆମେ ଜାଣିଛୁ।

ସଫଳ ଉଦ୍ୟୋଗୀ ହସ୍ପିଟାଲ ଖୋଲି ଅନେକ ଡାକ୍ତରଙ୍କୁ ଚାକିରି ଦେବା ସହ କମ୍ପାନୀ ଖୋଲି ବଡ଼ ଇଞ୍ଜିନିୟରଙ୍କୁ ମଧ୍ୟ ନିଯୁକ୍ତି ଦେଇପାରୁଛନ୍ତି। ଏସବୁକୁ ସମ୍ପୂର୍ଣ୍ଣ ଅଣଦେଖା କରି କିଛି ପ୍ରାନ୍ତରେ ମାତାପିତା ଓ ସମାଜ ସେହି ପୁରୁଣା ମାନସିକତାରେ ରହିଛନ୍ତି। ଦେଶରେ ଅଧିକ କ୍ରୀଡ଼ାବିତ୍, ସଫଳ ଉଦ୍ୟୋଗୀ, କଳାକାର କାହିଁକି ବାହାରୁ ନାହାନ୍ତି ତାହା ଉପରଠାଉରିଆ ଭାବେ ପ୍ରଶ୍ନ କଲା ବେଳକୁ ଭିତରେ କାରଣ ଖୋଜିଲେ ଆମେ ଜାଣିଛୁ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | 7 | | | 4 | | | |
| | | | | 6 | 3 | 9 | | |
| 9 | | | | | | 1 | | |
| 3 | 4 | | | | | | | 7 |
| | | | | 3 | 6 | 8 | | |
| 2 | 6 | | | 9 | | 5 | | |
| | | | 7 | 8 | 9 | | 3 | |
| | | | | | | 6 | | |
| | | 1 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 3 | 1 | 7 | 8 | 2 | 9 | 5 |
| 1 | 2 | 5 | 9 | 4 | 6 | 3 | 7 | 8 |
| 9 | 7 | 8 | 3 | 5 | 2 | 1 | 4 | 6 |
| 5 | 3 | 2 | 4 | 9 | 7 | 6 | 8 | 1 |
| 7 | 8 | 6 | 2 | 3 | 1 | 9 | 5 | 4 |
| 4 | 9 | 1 | 8 | 6 | 5 | 7 | 3 | 2 |
| 2 | 6 | 4 | 7 | 8 | 3 | 5 | 1 | 9 |
| 3 | 5 | 9 | 6 | 1 | 4 | 8 | 2 | 7 |
| 8 | 1 | 7 | 5 | 2 | 9 | 4 | 6 | 3 |

ଗତକାଲିର ଉତ୍ତର

# ପ୍ରାଥମିକ ଶିକ୍ଷା ଓ ବିଦ୍ୟାଳୟ ପରିଚାଳନା କମିଟି



ରାଜୀବ କୁମାର ନାୟକ

ଗୋଟିଏ ସମୟରେ ପିଲାମାନଙ୍କର ଭବିଷ୍ୟତକୁ ଆଖି ଆଗରେ ରଖି ଗୋଟିଏ ଗାଁର ଗ୍ରାମବାସୀ ବା ଦୁଇଚାରି ଖଣ୍ଡ ଗାଁର ଲୋକ ମିଶି ଗ୍ରାମପୁର କେନ୍ଦ୍ରସ୍ଥଳରେ ବିଦ୍ୟାଳୟଟେ ସ୍ଥାପନ କରୁଥିଲେ। ଗୃହ ନିର୍ମାଣ ସକାଶେ କିଏ ଜାଗା ଯୋଗାଇ ଦେଉଥିଲା ତ କିଏ ଶ୍ରମଦାନ କରି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରୁଥିଲେ। ଶିକ୍ଷକମାନେ ଥିଲେ ଗାଁର ଆଦର୍ଶ। ଗାଁର ପ୍ରତ୍ୟେକ କଥାରେ ଶିକ୍ଷକଙ୍କ ଭାଗୀଦାରିତା ରହୁଥିଲା। ଯେଉଁ ଗାଁରେ ବିଦ୍ୟାଳୟଟେ ଥିବ, ସେ ଗାଁ ଅନ୍ୟ ଗାଁର ନଜରରେ ଉଚ୍ଚରେ। କାଁ ଭାଁ ସେତେବେଳେ କିଛି ବିଦ୍ୟାଳୟ ସ୍ଥାପିତ ହୋଇଥିବାବେଳେ ପିଲାମାନଙ୍କୁ ଅନେକ କିଲୋମିଟର ବାଟ ଚାଲିକି ଯିବାକୁ ହେଉଥିଲା ବିଦ୍ୟାଳୟରେ ପହଞ୍ଚିବାକୁ। ଠିକ୍ ସେହିପରି ମାଟ୍ରିକ୍ ସମ୍ପୂର୍ଣ୍ଣ କରିବା ଏକ ବହୁତ ବଡ଼ କଥା ଥିଲା। ସେତେବେଳେ ବିଦ୍ୟାଳୟର ପରିଚାଳନା ସକାଶେ ଗାଁର କିଛି ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ଗଠିତ ହେଉଥିଲା। ପିଲାମାନେ କିପରି ଭଲ ପଢ଼ିବେ ତାହା ଥିଲା କମିଟିର ପ୍ରାଥମିକତା। ସେଥିସକାଶେ ପାଣ୍ଠି ସଂଗ୍ରହ, ଶିକ୍ଷକ ଖୋଜିବାଠାରୁ ଆରମ୍ଭ କରି ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ସକାଶେ ଯାହା ଯାହା ଆବଶ୍ୟକ ସବୁ କରୁଥିଲେ।

ସାଂପ୍ରତିକ ସମୟରେ ବିଭିନ୍ନ ପ୍ରକାରର ବିଦ୍ୟାଳୟ ସ୍ଥାପନ ହେବା ଫଳରେ ସମ୍ଭ୍ରାନ୍ତ ବଂଶର ସନ୍ତାନ ସନ୍ତତି ପ୍ରାୟତଃ ଆଉ ଗାଁ ସ୍କୁଲରେ ପଢୁ ନାହାନ୍ତି। ବାପାମାଆଙ୍କ ଧାରଣା ଇଂଲିଶ ମାଧ୍ୟମ ସ୍କୁଲରେ ପଢ଼ିଲେ ପୁଅଝିଅ ସମସ୍ତ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ତେଣୁ ସେମାନେ ପିଲାମାନଙ୍କର ଉତ୍ତମଶିକ୍ଷାକୁ ସୁନିଶ୍ଚିତ କରିବା ନାଁରେ ଗାଁ ଛାଡ଼ି ସହରରେ ଯାଇ ରହୁଛନ୍ତି। ତେଣୁ ଗାଁ ସ୍କୁଲରେ ସମ୍ଭ୍ରାନ୍ତ ପରିବାରର ପୁଅଝିଅ ନ ପଢ଼ିବା କାରଣରୁ ମାତାପିତା (ଯିଏ ସଚେତନ ନାଗରିକ), ଶିକ୍ଷକ ବିଦ୍ୟାଳୟ ଆସିବାରେ ବିଳମ୍ବକଲେ ବା ଉପଯୁକ୍ତ ଭାବରେ ଶିକ୍ଷାଦାନ ନ କଲେ ପ୍ରଶ୍ନ ପଚାରୁଥିଲେ, ତାଙ୍କର ଭାଗୀଦାରିତା ରହିଲା ନାହିଁ। ଫଳତଃ ଗାଁରେ ଥିବା ବିଦ୍ୟାଳୟ ସବୁରେ ଶିକ୍ଷାଦାନର ମାନ ସ୍ୱତଃ ହ୍ରାସ ପାଇଲା। ଆଜି ବିଦ୍ୟାଳୟରେ ଯେଉଁ ବିଦ୍ୟାଳୟ ପରିଚାଳନା କମିଟି ରହିଛି ତାହା ଅନେକ ସ୍ଥଳେ କାଗଜ କଲମରେ ସୀମିତ। କମିଟିରେ ଥିବା ସଭାପତିଙ୍କୁ ଛାଡ଼ିଦେଲେ ଆଉ କେହି ସକ୍ରିୟ ସଦସ୍ୟ ନ ଥିବେ। ସଭାପତିଙ୍କ ଧ୍ୟାନ ପୁଣି ଶିକ୍ଷାର ମାନରେ ଉନ୍ନତି ଆଣିବା ପରିବର୍ତ୍ତେ ନିର୍ମାଣ କାର୍ଯ୍ୟ ଭଳି ଯେଉଁ କାମରେ ତାଙ୍କୁ ଦୁଇ ପଇସା ମିଳିବ ସେଥିପାଇଁ ସେ ବେଶ୍ ଚିନ୍ତିତ। ଏପଟେ ପ୍ରଧାନଶିକ୍ଷକ ବି ନିଜର ଦୋଷ ଦୁର୍ବଳତା ଘୋଡ଼ାଇବା ପାଇଁ ସଭାପତିଙ୍କ ପାଟି ବନ୍ଦ କରାଇବା ସକାଶେ ଚିନ୍ତିତ। ନିର୍ଦ୍ଧାରିତ ତାରିଖରେ କମିଟିର ବୈଠକ ପ୍ରାୟତଃ ହେଉ ନ ଥିବା ଦୃଷ୍ଟି ଗୋଚର ହୁଏ। କୋରମ ଅଭାବରୁ ଅନେକ ସ୍ଥଳେ ଘର ଘର ବୁଲି କମିଟିର ସଦସ୍ୟଙ୍କ ଦସ୍ତଖତ ସଂଗ୍ରହ କରିବା ଦେଖିବାକୁ ମିଳେ। ଏହା ଭିତରେ ସରକାର ବିଗତ କିଛିଦିନ ହେଲା ବୈଠକ ସକାଶେ ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ କରୁଛନ୍ତି ଏବଂ ଏହି ତାରିଖ କମିଟି ସଦସ୍ୟଙ୍କୁ ସବୁବେଳେ ସୁହାଉ ନାହିଁ, କାରଣ ବାହାଘର ଋତୁରେ ବାହାଘର, ଚାଷ ଋତୁରେ ଚାଷକୁ କମିଟି ସଦସ୍ୟ ପ୍ରାଥମିକତା ଦେବା ଫଳରେ ଉପସ୍ଥାନ ସନ୍ତୋଷଜନକ ରହିନାହିଁ। ଶିକ୍ଷା ପ୍ରତି ଅନେକ ମାତ୍ରାରେ ସଚେତନ ନ ଥିବା କାରଣରୁ ବୈଠକରେ ଯୋଗଦେବା ନିମନ୍ତେ ଛାତ୍ରୀଛାତ୍ରଙ୍କ ଅନୁରୋଧକୁ ମଧ୍ୟ ଅଭିଭାବକ ଗୁରୁତ୍ୱ ଦେଇ ନ ଥାନ୍ତି। ବୈଠକ ସୁଚାରୁ ରୂପେ ସମ୍ପନ୍ନ ନ ହୋଇପାରିବା କାରଣରୁ ଅଧାରୁ ପାଠଛଡ଼ା, ବାଲ୍ୟ ବିବାହ, ଶିଶୁ ଶ୍ରମିକ ଭଳି ସମସ୍ୟା ସବୁକୁ ହ୍ରାସ କରିବାରେ କମିଟି ସଫଳ ହୋଇପାରୁ ନାହିଁ।



ବିଦ୍ୟାଳୟ ବାହାରେ କୌଣସି ଶିଶୁ ରହିବେ ନାହିଁ ଏବଂ ଶିକ୍ଷାର ମାନରେ ଉନ୍ନତି ଆଣିବା ନିମିତ୍ତ କେନ୍ଦ୍ର ସରକାର ୨୦୦୯ରେ ମାଗଣା ତଥା ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ ପ୍ରଣୟନ କଲେ, ଯାହା ୨୦୧୦ରେ ଓଡ଼ିଶାରେ କାର୍ଯ୍ୟକାରୀ ହେଲା। ଉକ୍ତ ଆଇନ ଅନୁସାରେ ବିଦ୍ୟାଳୟ ପରିଚାଳନା କମିଟିର ତିନି ଚତୁର୍ଥାଂଶ ସଭ୍ୟାସଭ୍ୟ ମାତାପିତାଙ୍କ ମଧ୍ୟରୁ ରହିବାର ବ୍ୟବସ୍ଥା ଥିବାବେଳେ ତାଙ୍କ ମଧ୍ୟରୁ ଜଣେ ସଭାପତି ମନୋନୀତ ହେବେ। ଏହାବାଦ୍ ସଂପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ କମିଟିର ସଂପାଦକ ଭିନ୍ନ ଜଣେ ପଞ୍ଚାୟତ ପ୍ରତିନିଧି(ୱାର୍ଡ ମେମ୍ବର),ଜଣେ ସ୍ୱେଚ୍ଛାସେବୀଙ୍କୁ ଏହି କମିଟିର ସଭ୍ୟରୂପେ ମନୋନୀତ କରାଯିବାର ବ୍ୟବସ୍ଥା ରହିଲା। କମିଟିର ବୈଠକ ପ୍ରତିମାସ ଆୟୋଜନ ହେବାର ପ୍ରାବଧାନତା ମଧ୍ୟ ଏଥିରେ ରହିଛି। କିନ୍ତୁ ଅସଲରେ ବୈଠକ ଅନେକ ସ୍ଥାନରେ ନ ହେଉଥିବା କାରଣକୁ ବୋଧହୁଏ ହୃଦ୍‌ବୋଧ କରି ଓଡ଼ିଶା ସରକାର ତତ୍ପରତା ପୂର୍ବକ ପ୍ରତି ତିନି ମାସରେ ଥରେ ଏହି ବୈଠକର ଆୟୋଜନ କରିବାକୁ ସମସ୍ତ ବିଦ୍ୟାଳୟକୁ ନିର୍ଦ୍ଦେଶ ଦେଇଛନ୍ତି । ବିଦ୍ୟାଳୟ ତରଫରୁ ମଧ୍ୟ ଅତିରିକ୍ତ ଯତ୍ନର ସହିତ ଏହି ବୈଠକ ଆୟୋଜନ କରାଯାଉଛି। କିନ୍ତୁ କମିଟିର ସଦସ୍ୟଙ୍କ ଉପସ୍ଥାନ ଯେଉଁଭଳି ରହିବା କଥା ତାହା ରହୁନାହିଁ। ଏଠି ସରକାର ବୈଠକକୁ ସୁନିଶ୍ଚିତ କରିବା ସକାଶେ ପ୍ରଧାନ ଶିକ୍ଷକଙ୍କ ଉପରେ ଉତ୍ତର ଦାୟିତ୍ୱ ଲଦି ଦେଲେ ଫଳତଃ ଯେମିତି ସେମିତି ହେଉ ବୈଠକ ହେଲା କିନ୍ତୁ ଆଇନର ପ୍ରାବଧାନତା ଅନୁଯାୟୀ ଯେଉଁ ପ୍ରତିମାସ ବୈଠକ ହେବା କଥା ତାହା ହେଲା ନାହିଁ।

ସେ ଯାହା ହେଉ, ବିଦ୍ୟାଳୟ ଶିକ୍ଷାରେ ଉନ୍ନତି ଆଣିବା ସକାଶେ ବିଦ୍ୟାଳୟ ପରିଚାଳନା କମିଟିର ଗୁରୁତ୍ୱ ଅପରିହାର୍ଯ୍ୟ। ତେଣୁ ସରକାର ଆନ୍ତରିକତାର ସହିତ ଏଥିରେ ସୁଧାର ନିମିତ୍ତ ଗାଁର ସମସ୍ତ ବର୍ଗର ଜନସାଧାରଣଙ୍କୁ ସାମିଲ କରିବାର ପ୍ରୟାସ ପୂର୍ବକ ଆଗଭଳି ଗାଁର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କୁ ନେଇ କମିଟି ଗଠନ କରନ୍ତୁ। କମିଟି ଭିନ୍ନ ଶିକ୍ଷକ-ଅଭିଭାବକ ବୈଠକ ନିୟମିତ ଭାବରେ (ଅନ୍ତତଃ ପ୍ରତି ତିନି ମାସରେ ଥରେ)ଆୟୋଜନ କରିବା ଆବଶ୍ୟକ; ଯଦ୍ୱାରା ମାତାପିତା, ଅଭିଭାବକ ଛାତ୍ରୀଛାତ୍ରଙ୍କ ସୁବିଧା ଅସୁବିଧା ସମ୍ବନ୍ଧରେ ଅବଗତ ହୋଇ ଶିକ୍ଷକଙ୍କ ସହିତ ଉପଯୁକ୍ତ ସମାଧାନ ନିମନ୍ତେ ଖୋଲାଖୋଲି ଭାବରେ ଆଲୋଚନା କରି ପାରିବେ। ବିଦ୍ୟାଳୟ ପରିଚାଳନା ବୈଠକ ତଥା ଶିକ୍ଷକ-ଅଭିଭାବକ ବୈଠକ ଦିନ ଛାତ୍ରୀଛାତ୍ର ବିଦ୍ୟାଳୟର ଫାଟକ ଆଗରେ ଛିଡ଼ା ହୋଇ ଅତିଥିମାନଙ୍କୁ ସ୍ୱାଗତ କଲେ ଅତିଥିମାନେ ଏହିସବୁ ବୈଠକର ଆବଶ୍ୟକତା ଏବଂ ବିଦ୍ୟାଳୟ ତରଫରୁ ତାଙ୍କୁ ଦିଆ ଯାଉଥିବା ସମ୍ମାନକୁ ଅନୁଭବ କରିବେ ଏବଂ ପରବର୍ତ୍ତୀ ବୈଠକମାନଙ୍କରେ ଯୋଗଦେବାକୁ ଆଗ୍ରହ ପ୍ରକାଶ କରନ୍ତେ। ବିଦ୍ୟାଳୟର ବଗିଚା ତଥା କୋଠାକୁ ଆକର୍ଷଣୀୟ କରିବା ସହିତ ଶିକ୍ଷଣୀୟ କରିପାରିଲେ ଛାତ୍ରୀଛାତ୍ର, ଶିକ୍ଷକ ତଥା ଅଭିଭାବକ ସମସ୍ତଙ୍କ ପାଇଁ 'ଆମ ବିଦ୍ୟାଳୟ'ର ମନୋଭାବ ଜାଗରିତ କରିପାରନ୍ତା, ଯାହା ବିଦ୍ୟାଳୟର ଉନ୍ନତିରେ ବେଶ୍ ସହାୟକ। ସର୍ବୋପରି ଗାଁର ବିଦ୍ୟାଳୟକୁ ସରକାରୀ ବିଦ୍ୟାଳୟ କହି ସରକାର ଅନେକ କଥାରେ ଗ୍ରାମବାସୀଙ୍କୁ ବାରଣ ନ କରି ବରଂ ତାଙ୍କର ଭାଗୀଦାରିତାକୁ ଉତ୍ସାହିତ କଲେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ହୋଇ ପାରନ୍ତା, ଏଥିରେ ଦ୍ୱିମତ ହେବାର ନାହିଁ।

ମୋ:୯୪୩୭୫୬୭୧୮୩୧

# ଏକ ଓ ଅନେକ



ପ୍ରଣତି ଆଚାର୍ଯ୍ୟ ମିଶ୍ର

ସୃଷ୍ଟିର ଆରମ୍ଭରେ ପରମେଶ୍ୱର ଇଚ୍ଛା ପ୍ରକାଶ କରିଥିଲେ- 'ଏକୋହମ ବହୁଷ୍ୟମ'। ଅର୍ଥାତ୍ ମୁଁ ଜଣେ କିନ୍ତୁ ଅନେକ ହେବାକୁ ଦିଅ। ପରେ ଈଶ୍ୱରଙ୍କ ସେହି ଇଚ୍ଛାର ସ୍ୱରୂପ ପରିବାର କିମ୍ବା କୁହାଯାଇପାରେ ପରିବାରର ଗଠନ ସେହି ଧାରଣାର ଫଳ। ଏହି କାରଣରୁ ଆମ ସଂସ୍କୃତିରେ ସମଗ୍ର ବ୍ରହ୍ମାଣ୍ଡକୁ ସର୍ବଦା ଗୋଟିଏ ପରିବାର ଭାବରେ ବିବେଚନା କରାଯାଇଛି। କେହି ଏହାକୁ ଦିବ୍ୟ କିମ୍ବା ମାୟାର ସଂସାର ବୋଲି କୁହନ୍ତି ; କେହି କଳ୍ପନାର ରହସ୍ୟମୟ ଜଗତ। ସମଗ୍ର ବ୍ରହ୍ମାଣ୍ଡ ଏକ ପରିବାର ଯାହାକୁ ଆମର ଋଷି, ସନ୍ଥ ଏବଂ ଜ୍ଞାନୀମାନେ 'ବସୁଧୈବ କୁଟୁମ୍ବମ' ବୋଲି ସମ୍ବୋଧିତ କରିଥିଲେ। ଭାରତରେ ଯେଉଁ ପରିବାର ଭାବନାର ବିସ୍ତାର ଘଟିଥିଲା ତାହା ଅନ୍ୟ କୌଣସି ଦେଶରେ ନାହିଁ। ଦୁର୍ଭାଗ୍ୟବଶତଃ, ଯେଉଁ ପରିବାର ଭାରତରେ ଏକ ଭାବନା ଭାବରେ ବିକଶିତ ହୋଇ ସମଗ୍ର ପୃଥିବୀକୁ ପରିବେଷ୍ଟିତ କରିଥିଲା, ସେହି ପରିବାର ପାଶ୍ଚାତ୍ୟ ସଭ୍ୟତାରେ ବ୍ୟକ୍ତିଗତ ଶକ୍ତିର ପ୍ରତୀକ ପାଲଟିଛି। ପାଶ୍ଚାତ୍ୟ ଦେଶଗୁଡ଼ିକରେ ପରିବାର କେବଳ ସ୍ୱାମୀ-ସ୍ତ୍ରୀ ଏବଂ ସନ୍ତାନମାନଙ୍କୁ ବୁଝାଏ। ଭାରତରେ, କିଛି ଲୋକଙ୍କ ଏକାଠି ସହାବସାନରେ ଏକ ପରିବାର ଗଠିତ ହୁଏ ନାହିଁ। ଏହି ସମ୍ପର୍କରେ ଏକ ଦୃଢ଼ ବନ୍ଧନ ରହିଛି। ସମ୍ପର୍କର ମର୍ଯ୍ୟାଦା ବଜାୟ ରଖିବା ଭାରତୀୟ ପରିବାରର ପ୍ରତ୍ୟେକ ବ୍ୟକ୍ତିଙ୍କ କର୍ତ୍ତବ୍ୟ। ଭାରତୀୟ ପରିବାର ବ୍ୟବସ୍ଥାକୁ ବ୍ୟାଖ୍ୟା କରି,୧୯୬୩ରେ ହିନ୍ଦୀ ସାହିତ୍ୟକାର ଜୈନେନ୍ଦ୍ର କୁମାର ନିଜ ପ୍ରବନ୍ଧ ସଂଗ୍ରହ 'ଇତସ୍ତତଃ'ରେ ଲେଖିଛନ୍ତି ପରିବାର ମାନ ମର୍ଯ୍ୟାଦାକୁ ନେଇ ଗଠିତ। ଏଠାରେ ପାରସ୍ପରିକ କର୍ତ୍ତବ୍ୟ ଅଛି, ଶୃଙ୍ଖଳା ଅଛି। ପରିବାର ପରମ୍ପରାରେ କିଛି ଲୋକଙ୍କ ଏକତ୍ରୀକରଣ ରହିଛି। ସେହି ଏକତ୍ରୀକରଣରେ ଜଣେ ଅନ୍ୟ ପାଇଁ ସମପ୍ରୀତ। ଏହାର ଅର୍ଥ ହେଉଛି ପରସ୍ପର ପାଇଁ ଆତ୍ମୀୟତାର ଅପାର ଭାବନା ସହିତ ପରିବାର ଗଠିତ। ଏହି କାରଣରୁ ଭାରତରେ ପରିବାରକୁ ଭାବପ୍ରବଣ ଶକ୍ତି, ଆର୍ଥିକ ସୁରକ୍ଷା, ବୈଚାରିକ ପରିପକ୍ୱତା, ମାନସିକ ଶାନ୍ତି ଏବଂ ପ୍ରଗତି ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟିର ଉତ୍ସ ଭାବରେ ବିବେଚନା କରାଯାଇଛି। ଭାରତୀୟ ପରିବାରରେ, ମାତୃତ୍ୱର ଭାବନା ମା'ଙ୍କ ସହିତ ଏବଂ ପିତୃତ୍ୱର ଭାବନା ପିତାଙ୍କ ସହିତ ଜଡ଼ିତ।

ଏହି ଭାବନା ଯୋଗୁ, ପରିବାରର ଅଂଶ ହେଉଥିବା ବ୍ୟକ୍ତି ନିଜର ଏକ ନୂତନ ପରିଚୟ ପାଏ। ଉଦାହରଣ ସ୍ୱରୂପ, ଜଣେ ମହିଳା ମା, ଭଉଣୀ, ଝିଅ, ମାଉସୀ, ଜେଜେମାଆ ମାଈଁ, ପିଉସୀ ହୋଇଯାଆନ୍ତି। ସେହିପରି, ପୁରୁଷ ମଧ୍ୟ ପରିବାରରେ ପିତା, ଭାଇ, ପୁଅ, ମାମୁ, ମଉସା, ଜେଜେବାପା ଇତ୍ୟାଦି ହୋଇଯାଆନ୍ତି। ବ୍ୟକ୍ତି ନିଜ ପରିଚୟ ଅନୁସାରେ ଦାୟିତ୍ୱ ନିର୍ବାହ କରନ୍ତି। ଭାରତୀୟ ପରିବାରରେ ସଦସ୍ୟମାନଙ୍କ ପାଇଁ ଦାୟିତ୍ୱର ଭାବନା ବହୁତ ଗୁରୁତ୍ୱପୂର୍ଣ୍ଣ। ବିଦୁର ନୀତି, ପଞ୍ଚତନ୍ତ୍ର ଏବଂ ହିତୋପଦେଶ ସମେତ ଅନେକ ପୁସ୍ତକ ଏବଂ ଶ୍ଳୋକ ପରିବାରର ମହାନ୍ ଭାବନାକୁ ସମଗ୍ର ବିଶ୍ୱ ଏବଂ ରାଷ୍ଟ୍ରରେ ବିସ୍ତାର କରିବାକୁ ପ୍ରେରଣା ଦିଏ - 'ତ୍ୟଜେଦେକମ କୁଳସାର୍ଥେ, ଗ୍ରାମସାର୍ଥେ କୁଳମ ତ୍ୟଜେତ୍, ଗ୍ରାମମ ଜନପଦସାର୍ଥେ, ଆତ୍ମାର୍ଥେ ପୃଥିବୀମ ତ୍ୟଜେତ୍।' ଅର୍ଥାତ୍ (ଯଦି ଆବଶ୍ୟକ ହୁଏ) ପରିବାର ପାଇଁ ଜଣେ ବ୍ୟକ୍ତିଙ୍କୁ ବଳିଦାନ ଦେବା ଉଚିତ, ଗ୍ରାମ ପାଇଁ ଏକ ପରିବାରକୁ ବଳିଦାନ ଦେବା ଉଚିତ, ଜିଲାର କଲ୍ୟାଣ ପାଇଁ ଜଣେ ଗ୍ରାମକୁ ବଳିଦାନ ଦେବା ଉଚିତ ସେହିପରି ଆତ୍ମକଲ୍ୟାଣ ପାଇଁ ସମଗ୍ର ପୃଥିବୀକୁ ତ୍ୟାଗ କରିବା ଉଚିତ। ଦୁର୍ଭାଗ୍ୟବଶତଃ, ପରିବାର ବ୍ୟବସ୍ଥା ଦିନକୁ ଦିନ ଭାଙ୍ଗି ପଡୁଛି। ବଜାରର ବର୍ଦ୍ଧିତ ପ୍ରାଧାନ୍ୟ ଯୋଗୁ ଭଦ୍ରତା, ସଂସ୍କାର, ମୂଲ୍ୟବୋଧ, ନୈତିକତା, ପ୍ରଥା ଏବଂ ପର୍ବପର୍ବାଣି ଧୀରେ ଧୀରେ ପ୍ରାଥମିକତାରୁ ଖସି ଦେଖାଣିଆ ଏବଂ ଔପଚାରିକତାରେ ପରିଣତ ହେଉଛି। ଭୌତିକବାଦୀ ଜୀବନଶୈଳୀ ଏବଂ ଟଙ୍କାର କ୍ରମବର୍ଦ୍ଧିଷ୍ଣୁ ଲୋଭ ମଣିଷକୁ ସାମାଜିକ ସମ୍ପର୍କ ପ୍ରତି ନିରପେକ୍ଷ ରହିବାକୁ ବାଧ୍ୟ କଲା, ଯାହା ଫଳରେ 'ଏକୋହମ ବହୁଷ୍ୟମ' ର ନୀତିକୁ ଭୁଲି ମଣିଷ ଦିନକୁ ଦିନ ସାମୂହିକତାବାଦୀରୁ ବ୍ୟକ୍ତିବାଦୀ କିମ୍ବା ବ୍ୟକ୍ତିକୈନ୍ଦ୍ରିକ ହୋଇଗଲା।



ଭୂମଧ୍ୟସାଗର ଉପକୂଳରେ ଥିବା ଗ୍ରୀସ୍‌ର ରାଜଧାନୀ ଏଥେନ୍ସ ସକ୍ରେଟିସ ଏବଂ ତାଙ୍କ ଶିଷ୍ୟ ପ୍ଲେଟୋଙ୍କ ପରି ଦାର୍ଶନିକଙ୍କ ଜନ୍ମସ୍ଥାନ। ଦିନେ ଦାର୍ଶନିକ ସନ୍ଥ ଡାୟୋନିସିସ ଦିବାଲୋକରେ ଲଣ୍ଠନ ଧରି କିଛି ଖୋଜୁଥିଲେ ଏବଂ ତାଙ୍କୁ ଦେଖିବା ପରେ ଧୀରେ ଧୀରେ ଲୋକଙ୍କ ପ୍ରବଳ ଭିଡ଼ ଜମିଥିଲା। ଛକରେ ପହଞ୍ଚିବା ପରେ ଭିଡ଼ ତାଙ୍କୁ ଘେରି ଯାଇଥିଲା। ଭିଡ଼ ମଧ୍ୟରୁ ଜଣେ ତାଙ୍କୁ ପଚାରିଲେ, "ଦିନର ପ୍ରଖର ଖରାରେ ଜଳୁଥିବା ଲଣ୍ଠନ ଧରି ଆପଣ କ'ଣ ଖୋଜୁଛନ୍ତି ?" ସନ୍ଥ ଉତ୍ତର ଦେଲେ, ମୁଁ ଜଣେ ମଣିଷକୁ ଖୋଜୁଛି, ମାନବିକତା ଖୋଜୁଛି। ଜଣେ ବିଦ୍ରୋହୀ ବ୍ୟକ୍ତି କହିଲେ, ଆପଣ ଆମକୁ ଦେଖିପାରୁ ନାହାନ୍ତି କି? ଏହାର ଉତ୍ତରରେ ଡିଓନିସସ କହିଲେ ନା, ଆପଣମାନେ ମଣିଷ ନୁହନ୍ତି। ଆପଣଙ୍କ ମଧ୍ୟରୁ କିଏ ମାଲିକ, ଦାସ, ପିତା, ପୁତ୍ର , ନେତା, ଅଧିକାରୀ, ପ୍ରଭାବଶାଳୀ, ଅନ୍ଧ ଧାର୍ମିକ, କିନ୍ତୁ ମଣିଷ ନୁହନ୍ତି ; ମୁଁ ଜଣେ ମଣିଷ ଏବଂ ମାନବିକତା ଖୋଜୁଛି। ଆଜି ପୃଥିବୀର ପ୍ରତ୍ୟେକ ଦେଶରେ ଲୋପ ପାଉଥିବା ମାନବିକତା ଯୋଗୁ ମଣିଷ ମିଳିବା ଅତ୍ୟନ୍ତ କଷ୍ଟକର ହୋଇପଡୁଛି।

ଭାଙ୍ଗିପଡୁଥିବା ସମ୍ପର୍କ ଯୋଗୁ ମଣିଷ ଜୀବନରେ ଭୟ ଏବଂ ଅସୁରକ୍ଷାର ଭାବନା ବିସ୍ତାରିତ ହେଉଛି। ପୂର୍ବରୁ ପରିବାର ହିଁ ସମସ୍ତ ବାଧା ବିଘ୍ନରୁ ସୁରକ୍ଷା କରୁଥିଲା, କିନ୍ତୁ ଏକକ ପରିବାର ପରେ, ବ୍ୟକ୍ତିବାଦୀ ମଣିଷ ଟଙ୍କାର ଶକ୍ତିରେ ଭୟ ଏବଂ ଅସୁରକ୍ଷା ବିରୁଦ୍ଧରେ ଲଢ଼ିବା ଆରମ୍ଭ କଲା। କାରଣ, ସେ ବିଶ୍ୱାସ କରେ ଯେ ଯଦି ପାଖରେ ଅର୍ଥ ଅଛି ତେବେ ଯେକୌଣସି ଯୁଦ୍ଧ ଜିତିହେବ। ତେଣୁ ସାମାଜିକ ସମ୍ପର୍କ ପ୍ରତି ନିରପେକ୍ଷ ଥିବା ମଣିଷର ସମସ୍ତ ଶକ୍ତି ଏବଂ ମନୋବଳ ଟଙ୍କା ଅର୍ଥାତ୍ ପୁଞ୍ଜିରେ ନିହିତ ହେବାକୁ ଲାଗିଲା। ଏହା ସ୍ପଷ୍ଟ ଯେ ଏହି ବ୍ୟକ୍ତିବାଦ ମଣିଷକୁ ପୁଞ୍ଜି ଦେଇଥିଲା, କିନ୍ତୁ ତା'ର ଭାବପ୍ରବଣ ଶକ୍ତି, ଆର୍ଥିକ ସୁରକ୍ଷା, ବୈଚାରିକ ପରିପକ୍ୱତା, ମାନସିକ ଶାନ୍ତି, ପ୍ରଗତି ପାଇଁ ଉନ୍ନତ ପରିବେଶ ଛଡ଼ାଇ ନେଲା। ଅନେକ ସମାଜବିଜ୍ଞାନୀ ମଣିଷର ବ୍ୟକ୍ତିବାଦକୁ ଆତ୍ମଘାତୀ ବୋଲି ବିବେଚନା କରିଛନ୍ତି। ସମାଜବିଜ୍ଞାନୀ ଏମିଲ ଦୁର୍ଖିମଙ୍କ ମତରେ, ସାମାଜିକ ସମ୍ପର୍କଠାରୁ ଦୂରେଇ ମଣିଷ ବ୍ୟକ୍ତିବାଦୀ ହୋଇଯାଏ ଏବଂ ଶେଷରେ ଆତ୍ମହତ୍ୟା ଭଳି ନକାରାତ୍ମକ ପଦକ୍ଷେପ ନେବାକୁ ବାଧ୍ୟ ହୁଏ।

ନୟାଗଡ଼, ମୋ:୯୪୩୭୬୪୨୯୪୭

## ଏଇ ଭାରତରେ

କଥାରେ ଅଛି ଦୃଢ଼ ସଙ୍କଳ୍ପ ଥିଲେ ସବୁ ଅସମ୍ଭବ ବି ସମ୍ଭବ ହୋଇପାରେ। ଏହାର ଏକ ଉଦାହରଣ ହେଉଛନ୍ତି ଜତିନ୍। ଏକ ଗରିବ ପରିବାରରେ ବହୁ ବାଧାବିଘ୍ନ ସତ୍ତ୍ୱେ ସେ ନିଟ୍ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ପଞ୍ଜାବ ମଲୋଟ ସହରରେ ଥିବା ରବିଦାସ ନଗରରେ ଜତିନ୍‌ଙ୍କ ଘର। ତାଙ୍କ ବାପା ମୋଚି କାମ କରି ପରିବାର ଚଳାନ୍ତି। ତେଣୁ ପାଠପଢ଼ା ପାଇଁ ସମସ୍ତ ସୁବିଧାସୁଯୋଗ ତାଙ୍କୁ ମିଳିପାରି ନ ଥିଲା। କିନ୍ତୁ ପାଠ ପଢ଼ିବାରେ ତାଙ୍କର ଆଗ୍ରହ ତାଙ୍କୁ ଲକ୍ଷ୍ୟ ପଥରୁ କେବେ ବିଚ୍ୟୁତ କରିପାରି ନ ଥିଲା। ତେଣୁ କୋଚିଂ ନେଉ ନ ଥିଲେ ବି ନିଜେ ସବୁ ବିଷୟକୁ ଭଲଭାବରେ ପଢ଼ିବା ପାଇଁ ଚେଷ୍ଟା କରୁଥିଲେ। ଶେଷରେ ସେ ସଫଳ ହୋଇଛନ୍ତି। ଘରେ ତାଙ୍କର ୨ ସାନ ଭାଇ ଅଛନ୍ତି ଓ ମା' ଗୃହିଣୀ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଳିଥିବା ଗୋଟିଏ ବଖରା ଘରେ ସେମାନେ ସମସ୍ତେ ରହନ୍ତି। ଛୋଟବେଳରୁ ସେ ଭଲ ପାଠ ପଢୁଥିଲେ। ତେଣୁ ନବୋଦୟରେ ମାଗଣାରେ ପାଠ ପଢ଼ିବା ପରେ ନିଟ୍-ଯୁଜି ପାଇଁ ପ୍ରସ୍ତୁତ ହୋଇଥିଲେ। ପାଠପଢ଼ା ଖର୍ଚ୍ଚ ପାଇଁ ସେ ଆଦୌ ପରିବାର ଉପରେ ବୋଝ ହୋଇନାହାନ୍ତି। ଋଷିକେଶରେ ଥିବା ଏମ୍ସରେ ପାଠପଢ଼ା ଖର୍ଚ୍ଚ ବହୁ କମ୍ ଥିବାରୁ ଏବେ ସେଠାରେ ପଢ଼ିବା ପାଇଁ ସେ ଇଚ୍ଛା ରଖିଛନ୍ତି। ତେବେ ସ୍ଥାନୀୟ ଅଞ୍ଚଳରେ ଜତିନ୍‌ଙ୍କର ଏହି ସଫଳତାକୁ ନେଇ ଲୋକେ ଖୁବ୍ ପ୍ରଶଂସା କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୫ ଜୁନ୍ ୧୯୭୬

- ରାଜ୍ୟରେ ସହରାଞ୍ଚଳ ସୀମା ଓ ନିୟନ୍ତ୍ରଣ ଆଇନ ଯଥାଯଥ କାର୍ଯ୍ୟକାରୀ କରିବା ପାଇଁ ଏକ ରାଜ୍ୟସ୍ତରୀୟ କମିଟି ଗଠିତ।
- ରାଷ୍ଟ୍ରପତିଙ୍କ ଦ୍ୱାରା ଜାରି କରାଯାଇଥିବା ଦୁଇଟି ଅର୍ଡିନାନ୍ସ ବଳରେ କଲିକତାର ୩ଟି ଇଞ୍ଜିନିୟରିଂ ଶିଳ୍ପୋଦ୍ୟୋଗର ଜାତୀୟକରଣ।

## ପାଠକ ଶ୍ରେଷ୍ଠ ବିଚାରକ

### ଧାନକୁଦ ପୀଠ ପର୍ଯ୍ୟଟନସ୍ଥଳୀ ଘୋଷଣା ହେଉ

ମହାଶୟ,

ଜଗତ୍‌ସିଂହପୁର ଜିଲା ହାଜିପୁର ଗ୍ରାମର ଧାନକୁଦ ପୀଠ ଏକ ଆଧ୍ୟାତ୍ମିକ ସ୍ଥଳୀ। ଏଠାରେ ଏକ ଭବ୍ୟ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ପୂଜା ପାଉଛନ୍ତି। ଏହା ମଧ୍ୟ ପଞ୍ଚସଖାଙ୍କ ସାଧନା ପୀଠ ଭାବେ ସୁପରିଚିତ। ଅତି ନିକଟରେ ରାଧାକୃଷ୍ଣ ମନ୍ଦିର ଅବସ୍ଥିତ। ଧାନକୁଦ ପୀଠରେ ପ୍ରତିବର୍ଷ ରଥଯାତ୍ରା, ବିଶ୍ୱ ଶାନ୍ତି ମହାଯଜ୍ଞ, ଦୁର୍ଗାପୂଜା, ଅଁଳା ନବମୀ ଓ ଅନ୍ୟାନ୍ୟ ପର୍ବପର୍ବାଣି ମହାସମାରୋହରେ ହୁଏ। ପ୍ରତିଦିନ ଉକ୍ତ ପୀଠକୁ ଅନେକ ହଜାର ଶ୍ରଦ୍ଧାଳୁଙ୍କ ଆଗମନ ହୁଏ। ଗ୍ରାମର ସୀମାନ୍ତରେ ଅଷ୍ଟଶମ୍ଭୁ ମନ୍ଦିର ଏକ ପ୍ରସିଦ୍ଧ ଶୈବପୀଠ। ଜଗନ୍ନାଥ ମନ୍ଦିର ପଞ୍ଚସଖାଙ୍କ ସାଧନାପୀଠ, ରାଧାକୃଷ୍ଣ ମନ୍ଦିର ଓ ଅଷ୍ଟଶମ୍ଭୁ ମନ୍ଦିର ଦେବୀ ନଦୀର ଶାଖା ନଦୀ ବିଲୁଆଖାଇ ନଦୀକୂଳରେ ଅବସ୍ଥିତ। ଧାନକୁଦ ପୀଠ ପଶ୍ଚିମରେ ଅନତି ଦୂରରେ ଇତିହାସ ପ୍ରସିଦ୍ଧ ଦଳେଇଘାଇ ଓ ରାହାସ ବଟ ରହିଛି। ରାହାସବଟ ମଧ୍ୟ ଏକ ପର୍ଯ୍ୟଟନ ସ୍ଥଳୀ ଓ ବଣଭୋଜି ପାଇଁ ପ୍ରକୃଷ୍ଟ ସ୍ଥାନ। ଧାନକୁଦ ପୀଠ ସମଗ୍ର ଜିଲାର ଅନ୍ୟତମ ପ୍ରସିଦ୍ଧ ଆଧ୍ୟାତ୍ମିକସ୍ଥଳୀ ହୋଇଥିବାରୁ ରାଜ୍ୟ ସରକାର ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଅନ୍ତୁ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଗଳିତ ସେ ଚର୍ମଲୁଁ ବାଜିଥିଲା
ଗୌରବର ତୂପରସ୍ୟ
ଘେନ ତେଣୁ ନବୀନର ପୂଜା ଅଘରସ୍ୟ
ହେ ପୁରାଣ ପୂଜ୍ୟ !
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଫିଙ୍ଗିଦେଲେ ବାସିଖାଦ୍ୟ

## ହୋଟେଲ, ରେଷ୍ଟୁରାଣ୍ଟରେ ଚଢ଼ାଉ

ଚମ୍ପୁଆ, ୨୪।୬(ମହେଶ୍ୱର ଦାସ)

ସାମ୍ବାବ୍ୟ ଡାଇରିଆ ସ୍ଥିତିକୁ ମୁକାବିଲା କରିବା ପାଇଁ ଚମ୍ପୁଆ ଏନ୍‌ଏସି ପକ୍ଷରୁ ଚଢ଼ାଉ ଜାରି ରହିଛି। ଜିଲାରେ ବ୍ୟାପୁଥିବା ଝାଡ଼ାବାନ୍ତି ସଂକ୍ରମଣକୁ ରୋକିବା ପାଇଁ ଚମ୍ପୁଆ ଏନ୍‌ଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରାଙ୍କ ତତ୍ତ୍ୱାବଧାନରେ ଉଠା ଜଳଖିଆ ଦୋକାନଠାରୁ ଆରମ୍ଭ କରି ଖାଦ୍ୟ ଓ ପିଇବା ପାଣି ଯାଞ୍ଚ କରାଯାଉଛି। ମଙ୍ଗଳବାର ଅପରାହ୍ଣ ୧ଟା ବେଳେ କେନ୍ଦୁଝର ଜିଲା ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚମ୍ପୁଆ ସଦରମହକୁମାରେ ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟରେ ଚଢ଼ାଉ କରାଯାଇଛି। ବାସିଖାଦ୍ୟ, ଖାଦ୍ୟରେ ମିଶୁଥିବା ରଙ୍ଗ ଆଦିକୁ ଫିଙ୍ଗି ଦିଆଯାଇଛି। କେନ୍ଦୁଝର ଫୁଡ୍ ଇନ୍ସପେକ୍ଟର ଜିତେନ୍ଦ୍ର କୁମାର ମହାନ୍ତ ଚମ୍ପୁଆ ଅଞ୍ଚଳରେ ଥିବା ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟରେ ମିଳିତ ଚଢ଼ାଉ କରିଥିଲେ। ଖାଦ୍ୟ ଅନୁପଯୋଗୀ ତଥା ରଙ୍ଗିନ ଖାଦ୍ୟକୁ ଫୋପାଡ଼ିବା ସହ ହୋଟେଲ, ରେଷ୍ଟୁରାଣ୍ଟ ଓ ବେକେରି ଦୋକାନଗୁଡ଼ିକରେ ଫୁଡ୍ ଲାଇସେନ୍ସ ଯାଞ୍ଚ କରିଥିଲେ। ଯେଉଁମାନଙ୍କର ଲାଇସେନ୍ସ ଅବଧି ପୂରଣ ହୋଇଯାଇଥିଲା, ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ସେହିପରି ଅନୁପଯୋଗୀ ଖାଦ୍ୟ ରଖିଥିବା ହୋଟେଲଗୁଡ଼ିକ ଜରିମାନା ଗଣିଥିଲେ। ଚମ୍ପୁଆର ୯ ହୋଟେଲ ଓ ୩ ବେକେରି ଦୋକାନ ଉପରେ ମିଳିତ ଚଢ଼ାଉ କରାଯାଇ ୬୫ ହଜାର ଜରିମାନା ଆଦାୟ କରାଯାଇଥିବା ଜଣାଯାଇଛି।



ଏକ ହୋଟେଲରେ ଯାଞ୍ଚ କରୁଛନ୍ତି ଅଧିକାରୀ।

# ଟ୍ରକ୍ ପଛରେ ପିଟିଲା ବରଯାତ୍ରୀ ବସ୍

## ଜଣେ ମୃତ, ୧୨ ଆହତ

ଯୋଡ଼ା,୨୪।୬(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା କାରଣ ସାହି ନିକଟରେ ସୋମବାର ବିଳମ୍ବିତ ରାତିରେ ରାସ୍ତା କଡ଼ରେ ଠିଆ ହୋଇଥିବା ଟ୍ରକ୍ ପଛରେ ଏକ ବରଯାତ୍ରୀ ବସ୍ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୨ଜଣ ଆହତ ହୋଇଛନ୍ତି। ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଚିକିତ୍ସା ପାଇଁ ତାଙ୍କୁ କେନ୍ଦୁଝର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ମୃତକ ହେଲେ ବସ୍‌ର ହେଲ୍‌ପର ଅଭିନୟ ଲୁଗୁନ(୨୫)। ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୭ ଜଣ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁଯାୟୀ ,ସୋମବାର ବଂଶପାଳ ବ୍ଲକ ନୟାକୋଟ ଥାନା ଜାଗର ଗାଁରୁ ଭୋଜି ଖାଇ ବରଯାତ୍ରୀମାନେ ସୁଭାଷିନୀ ନାମକ ଘରୋଇ ବସ୍‌ରେ ବଳିତ ଗ୍ରାମକୁ ଫେରୁଥିଲେ। ବିଳମ୍ବିତ ରାତିରେ କଣ୍ଡରା କାରଣସାହି ଟୋଲଗେଟ ପାରି କରୁଥିବାବେଳେ ଦୁର୍ଘଟଣା ଘଟିଥିଲା। ଖବରପାଇ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପୋଲିସ ଟ୍ରକ୍‌କୁ ଜବତ କରିଛି। ଦୁର୍ଘଟଣା ପରେ ବସ ଡ୍ରାଇଭର ଫେରାର ହୋଇ ଯାଇଛନ୍ତି।

# ଯୋଗୀମଠ ବନାଯୋଡ଼ି ରଥଯାତ୍ରା ପ୍ରସ୍ତୁତି ବୈଠକ

କେନ୍ଦୁଝର, ୨୪।୬(ନରେଶ ଚନ୍ଦ୍ର ପଟ୍ଟନାୟକ): ସଦର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତ ବନାଯୋଡ଼ିସ୍ଥିତ ମାଉସୀ ମା' ମନ୍ଦିର ମଣ୍ଡପଠାରେ ପଞ୍ଚାୟତ ତଥା ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନେଇ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସଭାରେ ଶ୍ରୀଗୁଣ୍ଡିଚା ଓ ବାହୁଡା ରଥଯାତ୍ରା କିଭଳି ଶାନ୍ତିଶୃଙ୍ଖଳାରେ ଶେଷ ହେବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଏହି ସମୟରେ ପଦ୍ମପୁର ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ, ଦଇତାପତି ନିଯୋଗ, ସୁଆର ନିଯୋଗ, ଶ୍ରୀ ଜଗନ୍ନାଥ ସଂଘ ଯୋଗୀମଠ, ବନାଯୋଡ଼ି ଶ୍ରୀ ଜଗନ୍ନାଥ ଯୁବକ ସଂଘର ସଦସ୍ୟମାନେ ଉପସ୍ଥିତ ହୋଇ ରଥଯାତ୍ରା ସମୟରେ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ରଥଯାତ୍ରାରେ ଯେପରି ବାଧାବିଘ୍ନ ନ ଆସିବ ସେଥିପାଇଁ ରଥଯାତ୍ରା କମିଟିର ମୁଖ୍ୟ ପରେଶ ଚନ୍ଦ୍ର ଧର ଉପସ୍ଥିତ ସଦସ୍ୟମାନଙ୍କୁ ନିବେଦନ କରିଥିଲେ। ଦଇତାପତି ନିଯୋଗ, ସୁଆର ନିଯୋଗ, ଶାନ୍ତିଶୃଙ୍ଖଳା ନିଯୋଗ ପୂର୍ବବର୍ଷ ଭଳି ନିଜର ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରଥଯାତ୍ରା ସମୟରେ ଭକ୍ତମାନଙ୍କ ପ୍ରବଳ ସମାବେଶ ରହୁଥିବାରୁ ସଦର ପୋଲିସ ବାହିନୀ, ଅଗ୍ନିଶମ ବାହିନୀ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ, ବିଦ୍ୟୁତ ବିଭାଗ, ସ୍ଥାନୀୟ ଟୋଲଗେଟ ଶୃଙ୍ଖଳା ବିଭାଗ ତଥା ସ୍ଥାନୀୟ ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ମହୋଦୟଙ୍କୁ ଏନ୍‌ଏସ୍‌ଏସ୍ ଓ ଏନସିସିମାନଙ୍କୁ ସହଯୋଗ ପାଇଁ ନିବେଦନ କରାଯାଇଛି। ଉଲ୍ଲେଖଯୋଗ୍ୟ, ବିଦ୍ୟୁତ ବିଭାଗର ଜେଇ ଇଲେକ୍ଟ୍ରିକାଲ ଅମୀୟ କୁମାର ସାହୁ ଉପସ୍ଥିତ ରହି ବଡ ଦାଣ୍ଡରେ ଥିବା ବିପଦପୂର୍ଣ୍ଣ କଳଙ୍କି ଯୁକ୍ତ ଫୁଙ୍ଗୁଳା ତାରକୁ ବଦଳାଇ ସମସ୍ତଙ୍କର ଧନ୍ୟବାଦର ପାତ୍ର ହୋଇଥିଲେ।

# ବଜ୍ରପାତରେ ଦମ୍ପତି ମୃତ

କେନ୍ଦୁଝର, ୨୪।୬ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଅଧୀନ ଲାଣିପଶି ଗ୍ରାମର ବରାକୁଦର ସାହିରେ ମଙ୍ଗଳବାର ଅପରାହ୍ଣରେ ବଜ୍ରପାତରେ ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ୨ ମୃତକ ହେଲେ ପିଅନ ଗାୟନ(୬୩) ଓ ତାଙ୍କ ସ୍ତ୍ରୀ ନାଣ୍ଡି ଗାୟନ(୬୦)। ସେମାନେ ଘର ନିକଟ ବାଡ଼ିରେ ମେଣ୍ଢା ଚରାଉଥିବା ବେଳେ ବର୍ଷା ହେବାରୁ ଏକ ପଣସ ଗଛ ନିକଟରେ ଆଶ୍ରୟ ନେଇଥିଲେ। ବଜ୍ରପାତ ହେବାରୁ ସେଠାରେ ଦୁଇଜଣ ଟଳି ପଡ଼ିଥିଲେ।

# ଖଣି ଅଞ୍ଚଳରେ ବଢୁଛି ଚୋରି: ପୁଣି ୭ ଅଟକ

ଯୋଡ଼ା,୨୪।୬(ମାନସ ମହାନ୍ତି)

କେନ୍ଦୁଝର ଜିଲାର ପ୍ରମୁଖ ଖଣି ଅଞ୍ଚଳ ଯୋଡ଼ା ଖଣି ମଣ୍ଡଳରେ ଖଣିଜ ଚୋରି ବଢ଼ିବାରେ ଲାଗିଛି। ସୋମବାର ବିଲେଇପଦା ଫାଣ୍ଡି ଅଧୀନରେ ଥିବା ପାର୍ବତୀପୁର ଅଞ୍ଚଳରୁ ୨ଟି ଝାଡ଼ଖଣ୍ଡୀ ଟ୍ରେଲର ଓ ଟ୍ରକ ଜବତ ହେବା ପରେ ମଙ୍ଗଳବାର ବନାଞ୍ଚଳ ତଥା ଯୋଡ଼ା ଉପକଣ୍ଠ ଉପର ହୁଡ଼ିସାହି ଅଞ୍ଚଳର ୭ ଅଭିଯୁକ୍ତଙ୍କୁ ମୂଲ୍ୟବାନ ମାଙ୍ଗାନିଜ ଉତ୍ତୋଳନ ବେଳେ ଖଣି ବିଭାଗ ଓ ପୋଲିସ ଅତର୍କିତ ଚଢ଼ାଉ କରି ଧରିଛି। ସେମାନଙ୍କୁ ଅଟକ ରଖାଯାଇ ପଚରା ଉଚରା ଜାରି ରହିଥିବା ବେଳେ ପୋଲିସ ସେମାନଙ୍କ ନାମ ପ୍ରକାଶ କରିନାହିଁ। ଘଟଣାସ୍ଥଳରୁ ଖଣି ବିଭାଗ ପ୍ରାୟ ଏକ ମେଟ୍ରିକ ଟନ୍ ମାଙ୍ଗାନିଜ ଜବତ କରିଛି। ବନାଞ୍ଚଳରେ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ହେଉ ନ ଥିବାରୁ ଚୋରମାନେ ମଲଦା, ରଣାଶାଳ, ପାର୍ବତୀପୁର, ପଳଶା, ଖଣ୍ଡବନ୍ଧ, ଗୁରୁଡ଼ା, ଠାକୁରାଣୀ, ପିଢ଼ୋପୋଖରି, କେନ୍ଦୁଝର-ସୁନ୍ଦରଗଡ଼ ସୀମାନ୍ତବର୍ତ୍ତି ଚୁନା ଖାଦାନ, କଳମଙ୍ଗ, ଗଣୁଆ ପ୍ରଭୃତି ଅଞ୍ଚଳରେ ଚୋରି ବୃଦ୍ଧି ପାଉଛି। ଚୋରା ଖଣିଜ ଚାଲାଣ ପ୍ରାୟତଃ ମୟୂରଭଞ୍ଜ ଜିଲାର ଯଶୀପୁର, ଝାଡ଼ଖଣ୍ଡର ମଝିଗାଁ, ଖୋଡ଼ପୋଷ, ଜମଦା ସମେତ ସୁନ୍ଦରଗଡ଼ ଜିଲାର ଲହୁଣୀପଡ଼ା, ରାଜାମୁଣ୍ଡା, ବଣେଇଗଡ଼ ପ୍ରଭୃତି ଅଞ୍ଚଳକୁ ଚାଲାଣ ହେଉଛି। ସୂଚନାଯୋଗ୍ୟ, ଚୋରି ରୋକିବା ପାଇଁ ଖଣିଥିବା ଅଞ୍ଚଳରୁ ପ୍ରାୟ ୪୦ କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ କୌଣସି ଷ୍ଟରିଂ ଲାଇସେନ୍ସ ବିଭାଗ ପକ୍ଷରୁ ଦେବାର ପ୍ରାବଧାନ ନ ଥିବା ହେତୁ ଷ୍ଟରିଂ ଲାଇସେନ୍ସ ହାତେଇ ଅସାଧୁ ବ୍ୟବସାୟୀମାନେ ଖଣି ମଣ୍ଡଳଠାରୁ ୪୦ କି.ମି. ଦୂରରେ କ୍ରଶର ୟୁନିଟ, ସେଗ୍ରିଗେଟେଡ ୟୁନିଟ ପ୍ରଭୃତି ସ୍ଥାପନ କରି ଚୋରା ଖଣିଜ କ୍ରୟ କରୁଛନ୍ତି। ଏହି କ୍ରଶର୍ ଏବଂ ଅନ୍ୟାନ୍ୟ ଶିଳ୍ପଗୁଡ଼ିକରେ ଖଣି ବିଭାଗ ପକ୍ଷରୁ ଷ୍ଟକ ଯାଞ୍ଚ ହେଉ ନ ଥିବାରୁ ଅନାୟସରେ ଚୋରି ବୃଦ୍ଧି ପାଉଛି।

# ପଞ୍ଚାୟତ ବିଜେଡି ପକ୍ଷରୁ ଦୀପଦାନ

ହାଟଡିହୀ,୨୪।୬(ଶୁଭକାନ୍ତ ନାୟକ)

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆରୋଗ୍ୟ କାମନା କରି ବଡ଼ରମ୍ପାସ ପଞ୍ଚାୟତ ବିଜେଡି ତରଫରୁ ସଭାପତି ନାରାୟଣ ବେହେରାଙ୍କ ସଂଯୋଜନା ଏବଂ ସରପଞ୍ଚ ରବୀନ୍ଦ୍ର ଯେନାଙ୍କ ତତ୍ତ୍ୱାବଧାନରେ ଗ୍ରାମରେ ଥିବା ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ସମୂହ ଦୀପଦାନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଏକଲ ଅଭିଯାନ ପ୍ରାନ୍ତ ମହିଳା ପ୍ରମୁଖ ରାଧାରାଣୀ ଜେନା, ସ୍ୱର୍ଣ୍ଣପ୍ରଭା ବାରିକ, ପଙ୍କଜିନୀ ବଳ, ମିଲି ରଣା, ରଞ୍ଜିତା ପେରେଇ, ପାର୍ବତୀ ଯେନା, ଲକ୍ଷ୍ମୀ ଯେନା, ରାମମଣୀ ଦାସ, ପ୍ରଭାତୀ ଯେନା, ଶ୍ରୀଧର ସାହୁ, ମହେଶ୍ୱର ସୁତାର, ବିଶ୍ୱେଶ୍ୱର ସୁତାର, ବାବନ ଚରଣ ସେଠି ନିରୁପମା ଜେନା, ବଳରାମ ସାହୁ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ବିଜେଡି ଦଳର ମହିଳା ଏବଂ ପୁରୁଷ ଉପସ୍ଥିତ ରହି ଦ୍ୱୀପ ଦାନ କରିଥିଲେ।




ବିଜେଡି ପକ୍ଷରୁ ମନ୍ଦିରରେ ଦୀପ ଦାନ କରାଯାଉଛି।


ଧରିତ୍ରୀ DHARITRI Oriya daily

WANTED

| POSITION | ELIGIBILITY |
| --- | --- |
| ACCOUNTS EXECUTIVES | • Candidates should have at least 3 years+ experience in the field of Accounts.<br>• Experience should include cash register maintenance, day to day accounting, MIS, Verification of Bills and Tally entry.<br>• Proficiency in MS Excel, MS Word & Tally is a must. |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

DSPL-141

ଓଡ଼ିଶା ଶାସନ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ





ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଜରୁରୀକାଳୀନ ସ୍ଥିତି ଜାରି ହେବାର ୫୦ତମ ବର୍ଷ ପୂର୍ତ୍ତି

ସମ୍ବିଧାନ ହତ୍ୟା ଦିବସ ୨୦୨୫

ଭାରତ ଇତିହାସର ଏକ କଳା ଅଧ୍ୟାୟ

#ଲୋକତନ୍ତ୍ର ଜିନ୍ଦାବାଦ

୨୫ ଜୁନ୍ ୨୦୨୫ : ଅପରାହ୍ଣ ୨ ଘଟିକା | ରେଳ ଅଡିଟୋରିୟମ୍, ଭୁବନେଶ୍ୱର

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

OIPR-03029/13/0066/2526

# ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ

ଧୁଷୁରୀ, ୨୪।୬(ଦୀପ୍ତିରଞ୍ଜନ ନାୟକ)

ଚାନ୍ଦବାଲି ବ୍ଲକର ପହଣାଠାରେ ଥିବା ରୟାଲ ପ୍ୟାଲେସରେ ସୋମବାର ସନ୍ଧ୍ୟାରେ ଭାଜପା ବାବା ଆଖଣ୍ଡଳମଣି ଜୋନ୍ ପକ୍ଷରୁ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳନ କରାଯାଇଥିଲା। ଭାଜପାର ଚାନ୍ଦବାଲି ନିର୍ବାଚନମଣ୍ଡଳୀ ସଂଯୋଜକ କିଶୋର ନାୟକ, ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଉପେନ୍ଦ୍ର ରାଉଳ ଅତିଥି ଭାବେ ଯୋଗଦେଇ ଦେଶ ପାଇଁ ମହାନ ଜନନେତାଙ୍କ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଆୟୋଜିତ ସଭାରେ ଭାଜପା ମଣ୍ଡଳ ସଭାପତି ସନ୍ଦୀପ କୁମାର ନାୟକ ଅଧକ୍ଷତା କରିଥିଲେ। ବରିଷ୍ଠ ଭାଜପା ନେତା ସଦାନନ୍ଦ ମଲିକ, ସଞ୍ଜୟ କୁମାର ରାୟ, ଦୀପକ ରଞ୍ଜନ ବିଶ୍ୱାଳ, ଉତ୍ତମ ମିଶ୍ର, ଲୋପାମୁଦ୍ରା ନାୟକ, ଗୀତିକା ରାଉଳ, ଉମେଶ ଚନ୍ଦ୍ର ସାହୁ, ନଦିଆ ଚାନ୍ଦ ବିଶ୍ୱାଳ, ସୁରେଶ ମହାଳିକ, ବିଜୟ ବିଶ୍ୱାଳ, ମଣିଭଦ୍ର ଦାସ, ଦୀପ୍ତିରଞ୍ଜନ ନାୟକ, ସୁବ୍ରତ ବିଳାସ, ହେମାନନ୍ଦ ବିଶ୍ୱାଳ, ପ୍ରତାପ କୁମାର ପାତ୍ରୀ, ଗଣେଶ ପରିଡ଼ା, ଜନାର୍ଦ୍ଦନ ବାରିକ ପ୍ରମୁଖ ଯୋଗଦେଇ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ।

# ଧାମରାରେ ହେବ ବିଚ୍ ଟୁରିଜମ୍

## କ୍ଷେତ୍ରୀୟ ପରିଦର୍ଶନ କଲେ ପର୍ଯ୍ୟଟନ ବିଭାଗ ସଚିବ

ଚାନ୍ଦବାଲି,୨୪।୬ (କିଷାନ ପାତ୍ର)

ଭଦ୍ରକ ଜିଲାର ଧାମରାରେ ହେବ ବିଚ୍ ଟୁରିଜମ୍। ପର୍ଯ୍ୟଟନ ବିଭାଗ ସଚିବ ବଳବନ୍ତ ସିଂ ମଙ୍ଗଳବାର ପୂର୍ବାହ୍ନରେ ଅନ୍ୟ ଅଧିକାରୀଙ୍କ ସହ ଧାମରା ଓ ଚନ୍ଦନୀପାଳ ବେଳାଭୂମିକୁ କ୍ଷେତ୍ରୀୟ ପରିଦର୍ଶନ କରିଛନ୍ତି। ସେ ବିଭିନ୍ନ ଦିଗ ଉପରେ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଧାମରା ଉପକୂଳ କେବଳ ସୁନ୍ଦର ବେଳାଭୂମି ନୁହେଁ ଏକ ପ୍ରମୁଖ ବ୍ୟାବସାୟିକ ପ୍ରତିଷ୍ଠାନ। ଏହି ପ୍ରମୁଖ ସ୍ଥାନ ଦେଇ ଉପକୂଳ ରାଜପଥ ନିର୍ମାଣ ହେବା ପରେ ଏବେ ବେଳାଭୂମିକୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ଏଥିପାଇଁ ଧାମରା ଓ ଚନ୍ଦନୀପାଳ ବେଳାଭୂମିରେ ବିଚ୍ ଟୁରିଜିମ୍ କରିବାକୁ ନୂତନ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଜିଲା ପ୍ରଶାସନ ତତ୍ପର ହୋଇଉଠିଛି। ଗତ ମେ ୩ରେ ଜିଲାପାଳ ଦିଲୀପ ରାଉତରାଏ ପର୍ଯ୍ୟଟନ ବିଭାଗ ସଚିବଙ୍କୁ ଚିଠି ଲେଖିଥିଲେ।

ଧାମରା ମୁହାଣରେ ଥିବା ଖାତା ନଂ.୧୧୬, ପ୍ଲଟ୍ ନଂ. ୩୨୧ର ୧୧ ହେକ୍ଟର ଓ ୩୧୯ ପ୍ଲଟ୍‌ରୁ ପ୍ରାୟ ୫ ହେକ୍ଟର ଜମିକୁ ପ୍ରଥମ ପର୍ଯ୍ୟାୟରେ ଚିହ୍ନଟ କରାଯାଇଛି। ଏହାକୁ ବିଚ୍ ଟୁରିଜମ୍ ପ୍ରକଳ୍ପରେ ସ୍ଥାନିତ କରିବାକୁ ଜିଲାପାଳ ପର୍ଯ୍ୟଟନ ସଚିବଙ୍କୁ କହିଛନ୍ତି। ଏହି ପ୍ରକଳ୍ପ ପ୍ରତିଷ୍ଠା ହେଲେ ଜାମୁଝାଡ଼ିସ୍ଥିତ ୧୬ ନଂ. ଜାତୀୟ ରାଜପଥ ପର୍ଯ୍ୟଟକଙ୍କ ପାଇଁ ବେଶ୍ ସହାୟକ ହେବ ବୋଲି ଜିଲାପାଳ ଅବଗତ କରିଛନ୍ତି। ଏଠାରେ ଟୁରିଜମ୍ ପ୍ରକଳ୍ପ ହେଲେ ଏହା କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲାର ଚାନ୍ଦବାଲି, ତିହିଡ଼ି, ବାସୁଦେବପୁର ରାସ୍ତା ସହ ଯୋଗାଯୋଗର ବାଟ ଫିଟିବ। ଏଥିସହ ସ୍ଥାନୀୟ ଲୋକେ ପରୋକ୍ଷ ଓ ପ୍ରତ୍ୟକ୍ଷରେ ଲାଭବାନ ହୋଇପାରିବେ। ପର୍ଯ୍ୟଟକଙ୍କ ପାଇଁ ସମୁଦ୍ର ମଧ୍ୟରେ ଥିବା କନିକା ବାଲିଦ୍ୱୀପ, ନଡ଼ିଆ ବାଲି ଦ୍ୱୀପ, ଉଡ଼ାବାଲି, ଲକ୍ଷ୍ମୀ ଚଡ଼ା, ଆବାନୀ ଧାମରା ପୋର୍ଟ, ଏଲ୍‌ଏନ୍‌ଜି ଟର୍ମିନାଲ, ଧାମରା ମତ୍ସ୍ୟପୋତାଶ୍ରୟ, ଧାମରାଇ ମନ୍ଦିର, ଶନି ମନ୍ଦିର ସହ ପ୍ରାକୃତିକ ଜଙ୍ଗଲ କାଳିଭଞ୍ଜଡିହା, ବ୍ରାହ୍ମଣୀ, ବୈତରଣୀ ଓ ମନ୍ତେଇ ନଦୀର ସଙ୍ଗମସ୍ଥଳ ସୁନାଦିବରିଆ ଓ ଅନତି ଦୂରରେ ଭିତରକନିକା ଭଳି ମନଲୋଭା ସ୍ଥାନ ରହିଛି। ପୂର୍ବରୁ ଚନ୍ଦନୀପାଳରେ ଏକ ଫିସ ଲ୍ୟାଣ୍ଡିଙ୍ଗ ସେଣ୍ଟର ପାଇଁ ପୂର୍ବ ସରକାର ୧୫ କୋଟି ଟଙ୍କାର ଏକ ପ୍ରକଳ୍ପ କରିବାକୁ ସ୍ଥିର କରିଥିଲେ। ତେବେ ଚନ୍ଦନୀପାଳରେ ବର୍ଷ ବର୍ଷ ଧରି ମାଛ ଓ ଶୁଖୁଆ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା ମତ୍ସ୍ୟଜୀବୀ ସରକାରଙ୍କ ଏହି ଟୁରିଜମ୍ ପ୍ରକଳ୍ପକୁ ନାପସନ୍ଦ କରିଛନ୍ତି। ମାଛ ଓ ଶୁଖୁଆ ପାଇଁ ଦେଶ ବିଦେଶରେ ପରିଚିତ ଥିବା ଧାମରା ଅଞ୍ଚଳ ଏଥିପାଇଁ ପ୍ରଭାବିତ ହେବ ବୋଲି ଗଣମାଧ୍ୟମକୁ କହିଛନ୍ତି। ବିଚ୍ ଟୁରିଜମ୍ ପ୍ରକଳ୍ପ ହେଲେ ମତ୍ସ୍ୟଜୀବୀଙ୍କୁ ଉଚ୍ଛେଦ କରାଯିବ ଓ ସେମାନଙ୍କ ବ୍ୟବସାୟ ଉପରେ ପ୍ରଭାବ ପଡ଼ିବ ବୋଲି ମତ୍ସ୍ୟଜୀବୀ ଅମର ଜେନା କହିଛନ୍ତି। ପର୍ଯ୍ୟଟନ ସଚିବଙ୍କ କ୍ଷେତ୍ରୀୟ ପରିଦର୍ଶନ ବେଳେ ଜିଲାପାଳଙ୍କ ସହ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲା ପର୍ଯ୍ୟଟନ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ତହସିଲଦାର ଭବତୋଷ ମଲ୍ଲିକ, ଚାନ୍ଦବାଲି ବନାଞ୍ଚଳ ଅଧିକାରୀ ସୁଶାନ୍ତ କୁମାର ବାଗ, ରାଜକନିକା ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପିନାଥ ଯାଦବ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟ ଅଧିକାରୀ ପର୍ଯ୍ୟଟନ ବିଭାଗ ସଚିବ ବଳବନ୍ତ ସିଂଙ୍କ ସହ ଆଲୋଚନା କରୁଛନ୍ତି।

# ଧର୍ମ ବଦଳାଇବାରୁ ବାସନ୍ଦ

ଭଦ୍ରକ,୨୪।୬(ସନାତନ ରାଉତ)

ଧର୍ମ ବଦଳାଇବାରୁ ସାମାଜିକ ବାସନ୍ଦ କରିବେଲେ ଗ୍ରାମବାସୀ ନିର୍ଯାତନା ଦେବା ସହ ଚାଷ କରିବା ପାଇଁ ବିଲକୁ ଟ୍ରାକ୍ଟର ଛାଡୁନାହାନ୍ତି। ରାସ୍ତାଘାଟ, ପାଣି ବନ୍ଦ କରିବା ସହ ସେମାନଙ୍କ କଥା ନ ମାନିଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଛନ୍ତି। ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଗଣିଜାଙ୍ଗ ପଞ୍ଚାୟତର କନିଆ ଗ୍ରାମରୁ ଏଭଳି ଘଟଣା ସାମ୍ନାକୁ ଆସିଛି। ଖ୍ରୀଷ୍ଟ ଧର୍ମାବଲମ୍ବୀ ପରିବାରକୁ ଗ୍ରାମବାସୀଙ୍କ ପକ୍ଷରୁ ନିର୍ଯାତନା ସହ ବାସନ୍ଦ କରାଯାଇଥିବା ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ହୋଇଛି।

ଗ୍ରାମର ଗୌରାଙ୍ଗ ବାଇଙ୍କ ସ୍ତ୍ରୀ ରୀତାଞ୍ଜଳି ବାଇ(୫୦) ଗତ ୧୮ ତାରିଖ(ବୁଧବାର)ଅଭିଯୋଗ କରିଛନ୍ତି ଯେ, ପ୍ରାୟ ଦେଢ଼ ମାସ ପୂର୍ବେ ଗ୍ରାମର କେତେଜଣ ବ୍ୟକ୍ତି ଖ୍ରୀଷ୍ଟିଆନ ଧର୍ମାନ୍ତରୀକରଣ କରୁଥିବା ଅଭିଯୋଗ ଆଣି ତାଙ୍କ ପରିବାରକୁ ଗ୍ରାମରେ ଏକଘରିଆ ରଖି ବାସନ୍ଦ କରିଛନ୍ତି। ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ଚାଷ କରିବାକୁ ଦେଉନାହାନ୍ତି। ଏପରିକି ରାସ୍ତାଘାଟ, ପାଣି ବନ୍ଦ କରି ଦେଇଥିବା ବେଳେ ସେମାନଙ୍କ କଥା ନ ମାନିଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଛନ୍ତି। ଗତ ୧୬ ତାରିଖ ରାତିରେ ଶତାଧିକ ବ୍ୟକ୍ତି ତାଙ୍କ ଘର ଭିତରେ ବଳପୂର୍ବକ ପଶି ଗାଳିଗୁଲଜ କରିବା ସହ ଗାଁରେ ରଖାଇଦେବେ ନାହିଁ ବୋଲି ଧମକ ଦେଇଛନ୍ତି। ଖ୍ରୀଷ୍ଟଧର୍ମ ଛାଡ଼ିବା ନିମନ୍ତେ ୧୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ସେମାନେ ଏକ ଚିଠା ମଧ୍ୟ ଦେଇଥିବା ରୀତାଞ୍ଜଳି ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୩୧୬/୨୫) ରୁଜୁ ହୋଇଛି। ୨୦୨୩ ମସିହାରେ ରୀତାଞ୍ଜଳିଙ୍କର ଏକମାତ୍ର ପୁଅ ମରିଯିବା ପରେ ଘରେ ଥିବା ବିଭିନ୍ନ ଦେବଦେବୀଙ୍କ ଫଟୋକୁ ବାହାରେ ଫିଙ୍ଗି ଦେଇଥିଲେ। ଅପରପକ୍ଷେ ଖ୍ରୀଷ୍ଟଧର୍ମ ପ୍ରାର୍ଥନା ସଭାରେ ଏକାଧିକବାର ଯୋଗ ଦେଉଥିବାରୁ ସେମାନେ ତାଙ୍କୁ ନିଜ ପର୍ବପର୍ବାଣିରେ ସାମିଲ କରୁ ନ ଥିବା ଗ୍ରାମବାସୀଙ୍କ ପକ୍ଷରୁ ଥାନାରେ ଲିଖିତ ଭାବେ ଅବଗତ କରାଯାଇଛି। ଏନେଇ ରୀତାଞ୍ଜଳି କହିଛନ୍ତି, ଠାକୁରଙ୍କୁ ପୂଜାର୍ଚ୍ଚନା କରିବା ପରେ ବି ଏକମାତ୍ର ପୁଅର ମୃତ୍ୟୁ ହେବାରୁ ଅଭିମାନରେ ଠାକୁରଙ୍କ ଉପରେ ବିଶ୍ୱାସ ହରାଇ ସେ ସବୁ ଠାକୁରଙ୍କ ଫଟୋ ବାହାରେ ଫିଙ୍ଗିଦେଇଥିଲେ। ତାଙ୍କର ଓ ତାଙ୍କ ସ୍ୱାମୀଙ୍କ ଦେହ ଖରାପ ଥିବାବେଳେ ନିକଟସ୍ଥ ନିଳୋକ ଗ୍ରାମରେ ଯିଶୁଙ୍କଠାରେ ପ୍ରାର୍ଥନା କରିବା ପରେ ସେମାନେ ସୁସ୍ଥ ହୋଇଛନ୍ତି। ସେଥିପାଇଁ ଯିଶୁଙ୍କ ପ୍ରତି ବିଶ୍ୱାସ ରହିଛି, କିନ୍ତୁ ସେମାନେ ଖ୍ରୀଷ୍ଟଧର୍ମ ଗ୍ରହଣ କରିନାହାନ୍ତି ବୋଲି ସେ କହିଛନ୍ତି। ଏନେଇ ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାସ କହିଛନ୍ତି, ଉକ୍ତ ଗ୍ରାମରେ ଏହି ଗୋଟିଏ ପରିବାର ଅନ୍ୟ ଧର୍ମ ଗ୍ରହଣ କରିଥିବା ସନ୍ଦେହ କରି ସେମାନଙ୍କ ପର୍ବପର୍ବାଣି ଓ ଉତ୍ସବରେ ଏମାନେ ସାମିଲ ହେବାକୁ ଗ୍ରାମବାସୀ ଡାକୁନାହାନ୍ତି। ତାହାର ଅର୍ଥ ବାସନ୍ଦ ନୁହେଁ। ତେବେ ଏନେଇ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ବିଦ୍ୟାଳୟରେ ନିମ୍ନମାନର ନିର୍ମାଣ କାର୍ଯ୍ୟକୁ ବିରୋଧ

ଧାମନଗର,୨୪।୬(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକର ନଦୀଗାଁ ପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜରାଜୀର୍ଣ୍ଣ ଅବସ୍ଥାରେ ୪ଟି ଶ୍ରେଣୀଗୃହରେ ପାଠପଢ଼ା ଚାଲିଛି। କିଛି ମାସ ହେଲା ନୂତନ କୋଠା, ରୋଷେଇ ଗୃହ ଓ ଶୌଚାଳୟ ନିର୍ମାଣ ଚାଲିଛି। ବିନା ଫଳକରେ ନିମ୍ନମାନର କାର୍ଯ୍ୟ କରାଯାଉଥିବା ଅଭିଯୋଗ ଆଣି ପରିଚାଳନା କମିଟି ସଦସ୍ୟ ଓ ସ୍ଥାନୀୟ ଗ୍ରାମବାସୀ ମଙ୍ଗଳବାର କାମ ବନ୍ଦ ରଖିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ବିଦ୍ୟାଳୟର ଏକ ଛୋଟିଆ କୋଣ ଘରେ ଅବ୍ୟବସ୍ଥା ଭିତରେ ପିଲାଙ୍କ ପାଇଁ ରୋଷେଇ କାର୍ଯ୍ୟ କରାଯାଉଛି। ବ୍ଲକ ପକ୍ଷରୁ ଅଟକଳ ମୂଲ୍ୟ ପ୍ରାୟ ୧୬ ଲକ୍ଷ ଟଙ୍କାରେ ୨ ମାସ ପୂର୍ବରୁ ଟେଣ୍ଡର ହୋଇ ଠିକାଦାରଙ୍କ ନାମରେ କାର୍ଯ୍ୟାଦେଶ ହୋଇଥିଲା। ବିଦ୍ୟାଳୟର ପରିଚାଳନା ପରିଷଦ ଓ ପ୍ରଧାନଶିକ୍ଷକଙ୍କ ଉପସ୍ଥିତିରେ ନୂତନ ଘର ନିର୍ମାଣ ନେଇ ଏକ ସାଧାରଣ ରିଜୋଲେଶନ ହୋଇଥିଲା। ପୁରୁଣା କୋଠାକୁ ଭାଙ୍ଗି ସେଠାରେ ନୂତନ କୋଠା ନିର୍ମାଣ, ସରକାରୀ ସ୍ତରରେ ବିଦ୍ୟାଳୟର ୦.୧୮ ଡିସିମିଲ ଜାଗାକୁ ମାପ କରି ସ୍ଥାନ ନିରୂପଣ, ନିର୍ମାଣ ପୂର୍ବରୁ ଫଳକ ଲଗାଇ ସମସ୍ତଙ୍କ ଉପସ୍ଥିତିରେ ଗୃହ କାର୍ଯ୍ୟ ଆରମ୍ଭ ପାଇଁ ନିଷ୍ପତ୍ତି ହୋଇଥିଲା। ହେଲେ ଠିକାଦାର କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କାହାକୁ କିଛି ନ ଜଣାଇ କାର୍ଯ୍ୟ କରୁଛନ୍ତି। ତଦନ୍ତ ପାଇଁ ଗିରିଶ ଚନ୍ଦ୍ର ବାରିକ, ମହେନ୍ଦ୍ର ଦାସ, ରବୀନ୍ଦ୍ର ବାରିକ, ବିଜୟ ବେହେରା, ସୁଧାଂଶୁ ଶେଖର ନାୟକ ପ୍ରମୁଖ ଦାବି କରିଛନ୍ତି।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ୨୦୨୪-୨୫ ବର୍ଷ ବାତ୍ୟା ଦାନା ସମୟରେ ଏହି ବିଦ୍ୟାଳୟର ମରାମତି ପାଇଁ ୨ ଲକ୍ଷ ଟଙ୍କା ଆସିଥିଲା। ମରାମତି ନ କରି ନୂତନ ପାଇଖାନା ଟାଙ୍କି ନିର୍ମାଣ ଓ ପୂର୍ବରୁ ଅର୍ଦ୍ଧନିର୍ମିତ ରୋଷେଇ ଓ ପାଇଖାନା ଘର କାର୍ଯ୍ୟରେ ବ୍ୟବହାର କରାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ପ୍ରଧାନଶିକ୍ଷକ ଶିବଚରଣ ମଲ୍ଲିକ କହିଛନ୍ତି, ନୂତନ ପ୍ରକଳ୍ପ କାମ ଆରମ୍ଭ ପୂର୍ବରୁ ଅନୁଷ୍ଠିତ ବୈଠକରେ ଠିକାଦାର ଏକ ଏଷ୍ଟିମେଟ କପି ପ୍ରଧାନଶିକ୍ଷକଙ୍କୁ ହସ୍ତାନ୍ତର କରିବା ପାଇଁ ସହମତି ପ୍ରକାଶ ପାଇଥିଲା। ଠିକାଦାର କିମ୍ବା କନିଷ୍ଠ ଯନ୍ତ୍ରୀ ତାଙ୍କୁ କିଛି ନ ଜଣାଇ ଘର ଭାଙ୍ଗିବା ସହ ନୂତନ ଗୃହ ନିର୍ମାଣ କରିଛନ୍ତି।

# ମାଛହାଟ ଯୋଗୁ ବଢୁଛି ଟ୍ରାଫିକ ସମସ୍ୟା


ପଦ୍ମପୁର ବଜାରର ପୋଲ ନିକଟ ମାଛହାଟଠାରେ ଭିଡ଼ ଜମିଛି।

ବାସୁଦେବପୁର,୨୪।୬(କାଳିପଦ ରାୟ)

ଭଦ୍ରକ-ବାସୁଦେବପୁର ରାସ୍ତାର ପଦ୍ମପୁର ବଜାରରେ ମାଛହାଟ ଯୋଗୁ ଟ୍ରାଫିକ ସମସ୍ୟା ବଢୁଛି। ଏଠାରେ ଟ୍ରାଫିକ ସମସ୍ୟା ଗୁରୁତର ହେଉଥିବା ବେଳେ ଗୋଟିଏ ଗାଡ଼ିକୁ ପାସ୍ କରିବା ପାଇଁ ଅଧଘଣ୍ଟା ଲାଗୁଛି। ଏପରିକି ଆମ୍ବୁଲାନ୍ସ କିମ୍ବା ଅଗ୍ନିଶମ ଗାଡ଼ି ଆସିଲେ ମଧ୍ୟ ସମାନ ପରିଣାମ। ଏହାକୁ ନେଇ ଅଞ୍ଚଳବାସୀ ଅତିଷ୍ଠ ହୋଇପଡ଼ିଲେଣି।

ଦୀର୍ଘଦିନ ଧରି ପଦ୍ମପୁର ବଜାରର ପୋଲ ନିକଟରେ ମାଛହାଟ ବସୁଛି। ଫଳରେ ବିଭିନ୍ନ ଅଞ୍ଚଳରୁ ମାଛ ବ୍ୟବସାୟୀଙ୍କ ସମେତ ଗ୍ରାହକମାନେ ସେମାନଙ୍କ ବାଇକ୍ ରାସ୍ତାର ଉଭୟ ପାର୍ଶ୍ୱରେ ପାର୍କିଂ କରୁଛନ୍ତି। ବ୍ୟବସାୟମାନେ ରାସ୍ତାର ଉଭୟ ପାର୍ଶ୍ୱରେ ମାଛ ଦୋକାନ ଖୋଲି ବସୁଛନ୍ତି। ଇଚ୍ଛାପୁରରୁ ବାସୁଦେବପୁର-ଧାମରା ରାସ୍ତାରେ ପ୍ରତ୍ୟେହ ହଜାର ହଜାର ବସ୍, ମାଲ୍‌ବାହୀ ଟ୍ରକ୍ ଯାତାୟାତ କରୁଛି। ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ୨ବର୍ଷ ତଳେ ମାଛହାଟ ସ୍ଥାନାନ୍ତର ପାଇଁ ତତ୍କାଳୀନ ତହସିଲଦାର ଓ ସରପଞ୍ଚଙ୍କ ଉପସ୍ଥିତିରେ ସ୍ଥାନ ନିରୂପଣ କରିଥିଲେ ସୁଦ୍ଧା ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଫଳରେ ଯାତାୟାତ ପାଇଁ ଯାନବାହନଗୁଡ଼ିକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛି। ତୁରନ୍ତ ଏଠାରୁ ମାଛହାଟ ସ୍ଥାନାନ୍ତର ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ପଦ୍ମପୁର ସରପଞ୍ଚ ରାଜେନ୍ଦ୍ର ନାରାୟଣ ନାୟକ କହିଛନ୍ତି, ମାଛହାଟ ସ୍ଥାନାନ୍ତର ପାଇଁ ସ୍ଥାନ ନିରୂପଣ ସରିଛି, ଖୁବ୍‌ଶୀଘ୍ର ସ୍ଥାନାନ୍ତର ହେବ।

# ଯାତ୍ରାରେ ପ୍ରଦର୍ଶନ ହେବନି ଅଶ୍ଳୀଳତା

ଭଦ୍ରକ,୨୪।୬(ସନାତନ ରାଉତ)

ଭଦ୍ରକ ଜିଲାର ଯାତ୍ରା ରାଜନନ୍ଦିନୀ ପାର୍ଟି ଚଳିତବର୍ଷ ୪ର୍ଥ ବର୍ଷରେ ପଦାର୍ପଣ କରିଛି। ସୋମବାର ରାତି ୮ଟାରେ ୪ର୍ଥ ବର୍ଷ ଆଖଡ଼ା ପୂଜାରେ ମୁଖ୍ୟଅତିଥି ଭାବେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ ଯୋଗଦେଇ କହିଥିଲେ, ଭଦ୍ରକ କଳାର ମାଟି। ଏହି ମାଟିର ସୁପୁତ୍ର ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା। ଯାତ୍ରାର ଆର୍ଥିକ ଲାଭ ଉପରେ ଗୁରୁତ୍ୱ ନ ଦେଇ ଓଡ଼ିଆ କଳା ସଂସ୍କୃତିକୁ ଅଶ୍ଳୀଳତା ବା ଅଙ୍ଗ ପ୍ରଦର୍ଶନଠାରୁ ଦୂରରେ ରଖି ନାଟକ ପରିବେଷଣ ପାଇଁ ଏମ୍‌ପି ପରାମର୍ଶ ଦେଇଛନ୍ତି। ଯାତ୍ରାରେ ଅଶ୍ଳୀଳତା ପ୍ରଦର୍ଶନ ନ ହେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଭଦ୍ରକ ବ୍ଲକର ଇଚ୍ଛାପୁରଠାରେ ଅନୁଷ୍ଠିତ ଆଖଡ଼ା ପୂଜାରେ ପ୍ରଯୋଜକ ଇଂ. ସ୍ମୃତିରଞ୍ଜନ ପଲାଇ ବଛା ବଛା କଳାକାରଙ୍କ ସହ ସୁନାମଧନ୍ୟ ଲେଖକ ଓ ଆଗଧାଡ଼ିର ନିର୍ଦ୍ଦେଶକମାନଙ୍କୁ ନେଇ ସପରିବାର ଦେଖିଲା ଭଳି ନାଟକ ପ୍ରସ୍ତୁତ ହୋଇଥିବା କହିଥିଲେ। ତ୍ୟାଗଭୂମି ସଭାପତି ଅଜୟ ନାୟକ, ବ୍ରହ୍ମପୁର ପଞ୍ଚାୟତର ସରପଞ୍ଚ ନରହରି ସାହୁ, ପୂର୍ବତନ ସରପଞ୍ଚ ମହେଶ୍ୱର ପଲାଇ, ସମିତିସଭ୍ୟଙ୍କ ପ୍ରତିନିଧି ଅଜୟ ପଲାଇ ପ୍ରମୁଖ ଯୋଗ ଦେଇଥିଲେ। ଯାତ୍ରା ରାଜନନ୍ଦିନୀର ପରାମର୍ଶଦାତା ତଥା ବରିଷ୍ଠ ଆଇନଜୀବୀ ଗଦାଧର ବଳଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ପରିଚାଳକ ପ୍ରଦୀପ କୁମାର ମିଶ୍ର, ବରିଷ୍ଠ କଳାକାର ଖଳନାୟକ ସଞ୍ଜୟ ବଳ, ଚୁନିଆ ମଲ୍ଲିକଙ୍କ ସମେତ ଅନ୍ୟ କଳାକାରମାନେ ଉପସ୍ଥିତ ଥିଲେ। ସକାଳେ ମା' ସାରଳା, ବିରଜା, ତାରିଣୀ, ଭଦ୍ରକାଳୀ ଓ ବାବା ଆଖଣ୍ଡଳମଣିଙ୍କ ପୀଠରୁ ଆଜ୍ଞାମାଳ ଅଣାଯାଇ ପୂଜାର୍ଚ୍ଚନା କରାଯାଇଥିଲା।


ଏମ୍‌ପି ଅଭିମନ୍ୟୁ ସେଠୀ ଆଖଡ଼ାପୂଜାକୁ ଉଦ୍‌ଘାଟନ କରୁଛନ୍ତି।

# କଳସ ଶୋଭାଯାତ୍ରା

ବାସୁଦେବପୁର,୨୪।୬(କାଳିପଦ ରାୟ)

ବାସୁଦେବପୁର ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତର ମିଶ୍ରପୁରଠାରେ ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ମଙ୍ଗଳବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏଥିରେ ସାମିଲ ହୋଇଥିଲେ। ଶ୍ରଦ୍ଧାଳୁମାନେ ଦଧିବାମନପୁରର ମନ୍ତେଇ ନଦୀରେ କଳସ ବୁଡ଼ାଇବା ସହ ପାରମ୍ପରିକ ରୀତିନୀତିରେ ପୂଜା କରିଥିଲେ। ହରେକୃଷ୍ଣ ଦତ୍ତ, ନରେନ୍ଦ୍ର ପ୍ରସାଦ ରାୟ, ଭାଗୀରଥି ବଳ, ବିଦ୍ୟାଧର ମହାରଣା, ଶିବ ପ୍ରସାଦ କୁଅଁର, ରମେଶ କୁଅଁର, ଇନ୍ଦିରା ମହାକୁଡ଼, ଶଙ୍କର୍ଷଣ ରାୟ, ଶ୍ରୀକାନ୍ତ ବଳଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

# କବାଟ ନ ଖୋଲିବାରୁ ମହିଳାଙ୍କୁ ଆକ୍ରମଣ

ଧାମନଗର,୨୪।୬ (ଦେବେନ୍ଦ୍ର ଆନ୍ଦିଆ)

ରାତିରେ କବାଟ ନ ଖୋଲିବାରୁ ସକାଳୁ ମହିଳାଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଛନ୍ତି ପଡ଼ୋଶୀ ଯୁବକ। ଆକ୍ରମଣର ଶିକାର ହୋଇଥିବା ମହିଳା ଧାମନଗର ଥାନା ଅଧୀନ ଦଳାଙ୍ଗ ପଞ୍ଚାୟତ ରାମେଶ୍ୱରପୁର ଗ୍ରାମର ପାର୍ବତୀ ଜେନା ଏନେଇ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, ରବିବାର ବିଳମ୍ବିତ ରାତିରେ ସେ ନିଜ ଘରେ ପିଲାମାନଙ୍କ ସହ ଶୋଇଥିଲେ। ଏହି ସମୟରେ ପଡ଼ୋଶୀ ଯୁବକ ରିତେଶ ଜେନା ତାଙ୍କ ଶୋଇବା ଘର ଝରକା, କବାଟକୁ ତାଡ଼ି ଘର ଭିତରକୁ ଯିବା ପାଇଁ ଚାହୁଁଥିଲେ। ଶବ୍ଦ ଶୁଣି ତାଙ୍କ ପୁତୁରା ରାଜୁ ଉଠି ଆସି ରିତେଶଙ୍କୁ ଧରି ଏତେ ରାତିରେ ଏଠି କ'ଣ କରୁଛ ଓ କାହିଁକି ଆସିଛ ବୋଲି ପଚାରିଥିଲେ। ତାଙ୍କୁ ଥାନାରେ ଦେବା ପାଇଁ ଅଟକାଇଥିଲେ। ଏଣୁ ରିତେଶ କିଛି ନ କହି ଭୁଲ୍ ମାଗିଥିଲେ। ଏହି ସମୟରେ ରିତେଶଙ୍କ ପରିବାର ଲୋକ ଆସି ଜୋର ଜବରଦସ୍ତ ତାଙ୍କୁ ନେଇଯାଇଥିଲେ। ଏ ସମ୍ପର୍କରେ ସେ ଓ ତାଙ୍କ ପୁତୁରା ଧାମନଗର ଥାନାରେ ଅଭିଯୋଗ କରିବା ପାଇଁ ସୋମବାର ବାହାରିବା ସମୟରେ ରିତେଶ ଓ ତାଙ୍କ ପରିବାର ସେମାନଙ୍କୁ ମାଡ଼ ମାରିବା ସହ ଗାଳିଗୁଲଜ କରିଥିଲେ। ତାଙ୍କ ପୁତୁରାଙ୍କୁ ମାରଧର କରି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ପାର୍ବତୀ ଏତଲାରେ ଉଲ୍ଲେଖ କରିଛନ୍ତି। ତେବେ ସମସ୍ତଙ୍କ ସାମ୍ନାରେ ପାର୍ବତୀଙ୍କ ଚୁଟି କାଟି ଲଣ୍ଡା କରିବାକୁ ଉଦ୍ୟମ କରିବା ଓ ମାଡ଼ ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। କୌଶଳକ୍ରମେ ପାର୍ବତୀ ସେମାନଙ୍କ କବଳରୁ ଖସି ଥାନାରେ ପହଞ୍ଚି ଅଭିଯୋଗ କରିବା ସହ ଧାମନଗର ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ପାର୍ବତୀଙ୍କ ଅଭିଯୋଗ ଆଧାରରେ ଧାମନଗର ଥାନା ଏସ୍‌ଆଇ ରଶ୍ମିତା ମଲ୍ଲିକ ଏକ ମାମଲା (ନଂ.୨୩୪/୨୫) ରୁଜୁ କରି ତଦନ୍ତ କରୁଛନ୍ତି। ଚୁଟି କାଟିବା କେତେଦୂର ସତ ସେ ଜାଣିନାହାନ୍ତି। ଯାହା ଶୁଣିବାକୁ ମିଳୁଛି। ତଦନ୍ତ ହେଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଏସ୍‌ଆଇ କହିଛନ୍ତି। ଅପରପକ୍ଷେ ରିତେଶ ଓ ତାଙ୍କ ପରିବାରକୁ ମାରଧର କରାଯାଇଥିବା ନେଇ ତାଙ୍କ ଭଉଣୀ ଚିନ୍ମୟୀ ଜେନାଙ୍କ ପାଲଟା ଅଭିଯୋଗକ୍ରମେ ପୋଲିସ ଅନ୍ୟ ଏକ ମାମଲା (ନଂ.୨୩୫/୨୫) ରୁଜୁ କରିଛି।

# ନବୀନଙ୍କ ଆରୋଗ୍ୟ ପାଇଁ ୧୦୨୦ ଦୀପଦାନ

ତିହିଡ଼ି,୨୪।୬ (ସଞ୍ଜିତ ବଳ)

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ରବିବାର ସନ୍ଧ୍ୟାରେ ତିହିଡ଼ି ବ୍ଲକ ମଙ୍ଗଳପୁର ପଞ୍ଚାୟତର ୮ ମନ୍ଦିରରେ ୧୦୨୦ ଦୀପଦାନ କରାଯାଇଛି। କନାଟିଆସ୍ଥିତ ଲକ୍ଷ୍ମୀନାରାୟଣ, ଶିବ ମନ୍ଦିର, ଗନ୍ଧର୍ବପୋଖରୀର ହନୁମାନ ମନ୍ଦିର, ମଙ୍ଗଳପୁରରେ ମଙ୍ଗଳା ମନ୍ଦିର, କମାରିଆରେ ତାରିଣୀ, ହନୁମାନ, ଶିବ ମନ୍ଦିର ଏବଂ ସନ୍ଥପୁରାରେ ୨ଟି ଜଗନ୍ନାଥ ମନ୍ଦିରରେ ଦୀପଦାନ କରାଯାଇଥିଲା। ବିଜେଡି ଜିଲା ସମ୍ପାଦକ କମଳାକାନ୍ତ ଲେଙ୍କା ଓ ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶତାଧିକ ମହିଳା ଓ ପୁରୁଷ ଦୀପଦାନ କରିଥିଲେ। ସଞ୍ଜୟ ମହାନ୍ତି, ଦେବାଶିଷ ମହାଳିକ, ବିଦ୍ୟାଧର ମହାଳିକ, ଭରତ କାଣ୍ଡି, ସୁଶାନ୍ତ ସେଠୀ, ରବୀନ୍ଦ୍ର ପାଣି, ଦିବାକର ମହାଳିକ, ରବୀନ୍ଦ୍ର ଦାସ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଜୁଲାଇ ୩୧ ସୁଦ୍ଧା ସରିବ ରାସ୍ତା କାମ

## ସଡ଼କ ସୁରକ୍ଷା ଦିବସ ବୈଠକ

ଭଦ୍ରକ,୨୪।୬ (ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ମଙ୍ଗଳବାର ଅପରାହ୍ନ ୫ଟାରେ ଜିଲାସ୍ତରୀୟ ୪୪ତମ ସଡ଼କ ସୁରକ୍ଷା ଦିବସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ୧୮ଟି ପଏଣ୍ଟ ଉପରେ ଆଲୋଚନା କରାଯାଇଥିଲା। ଆସନ୍ତା ଜୁଲାଇ ୩୧ ସୁଦ୍ଧା ବାକି ଥିବା ବିଭିନ୍ନ ରାସ୍ତା କାମ ସାରିବା, ଆରଡ଼ି ଛକରେ ରାସ୍ତା ଉପରେ ଜମା ହୋଇଥିବା ବର୍ଷାଜଳକୁ ପମ୍ପ ଲଗାଇ ନିଷ୍କାସନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଜମୁଥିବା ପାଣି ସମସ୍ୟାର ସ୍ଥାୟୀ ସମାଧାନ ଅକ୍ଟୋବର ୩୧ ସୁଦ୍ଧା ହୋଇଯିବ। ସେହିପରି ସହରରେ ଥିବା ଉଠାଦୋକାନୀ ପ୍ରାୟ ହଟିଗଲେଣି, ଆଉ ଯାହା ବାକି ରହିଛି ତୁରନ୍ତ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଅତିରିକ୍ତ ଏସ୍‌ପି ସମ୍ବିତ କୁମାର ମାଝୀ, ଆଞ୍ଚଳିକ ପରିବହନ ଅଧିକାରୀ ରାମନିବାସ ସିର୍କା, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦେବୀପ୍ରସନ୍ନ ଘୋଷ, ଭଦ୍ରକ ପୌର ନିର୍ବାହୀ ଅଧିକାରୀ ତାପସ ରଞ୍ଜନ ସାମଲ, ଅତିରିକ୍ତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶାଶ୍ୱତ କୁମାର ପଟ୍ଟନାୟକ, ବସ୍ ସିଣ୍ଡିକେଟ ସମ୍ପାଦକ ଶ୍ରୀନିବାସ ପତି, ରୋଟାରିଆନ ଅତିଶ ବେହେରା ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।


ବୈଠକରେ ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

# ସଙ୍କଟରେ କମାରଶାଳ ବ୍ୟବସାୟ

## ବୁଡ଼ିବାକୁ ବସିଛି କୌଳିକ ବୃତ୍ତି

ଭଣ୍ଡାରିପୋଖରୀ,୨୪।୬ (ରାଜେନ୍ଦ୍ର ଶତପଥୀ)

ଆଧୁନିକ ଯୁଗରେ ବି ଲୁହା ଉପକରଣ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ବେଶ୍ ଚାହିଦା ରହିଛି। ଦା, ପନିକି, କଟୁରି, କୁରାଢ଼ି, ଟାଙ୍ଗିଆ, ନଡ଼ିଆ କୋରଣି ଆଦିର ବହୁଳ ବ୍ୟବହାର ହେଉଛି। ମାତ୍ର ଏସବୁକୁ ତିଆରି କରୁଥିବା କମାରମାନେ ଏବେ ଉପେକ୍ଷିତ। ସରକାରୀ ପ୍ରୋତ୍ସାହନ ଅଭାବରୁ କମାର ପରିବାର କୂଳ ବେଉସାକୁ ବନ୍ଦ କରି ଅନ୍ୟ ସଂସ୍ଥାରେ ମନ ଦେଉଛନ୍ତି। ଚାଷୀ ପରିବାରକୁ ବିଭିନ୍ନ ଚାଷ ସାମଗ୍ରୀ, ଜନସାଧାରଣଙ୍କୁ ଯୋଗାଉଥିବା ଲୁହା ଓ ରୋଷେଇ ସାମଗ୍ରୀ ଯୋଗାଉଥିବା କମାର ଆଜି ଅଲୋଡ଼ା। ରାଜ୍ୟ ବାହାରୁ ଆସି ରାସ୍ତାକଡ଼ରେ ପସରା ମେଲାଇ ଲୁହା ସାମଗ୍ରୀ ଯୋଗାଉଥିବା ପରିବାର ପାଇଁ ମଧ୍ୟ ସ୍ଥାନୀୟ କମାର ପରିବାର ଅବହେଳିତ ହୋଇପଡ଼ିଛନ୍ତି। ଆଧୁନିକ ଛାପରେ ଏବେ ବିଭିନ୍ନ କଳକାରଖାନାରେ ତିଆରି ଜିନିଷ ବଜାରକୁ ଆସିବା ଫଳରେ କମାରଙ୍କ ଦ୍ୱାରା ତିଆରି ସାମଗ୍ରୀର ଚାହିଦା କମିବାରେ ଲାଗିଛି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ କମାର ପରିବାର ଏବେ ଅନ୍ୟ ବେଉସାକୁ ଆପଣେଇ ନେଲେଣି।

କମାରଶାଳ ଚଳେଇବା ପାଇଁ କଞ୍ଚାମାଲ କୋଇଲା ମଧ୍ୟ ମିଳୁନାହିଁ। ଫଳରେ ସେମାନଙ୍କ କୌଳିକ ବୃତ୍ତିକୁ ବଞ୍ଚାଇବା କଷ୍ଟକର ହୋଇପଡ଼ିଛି। ନୂତନ ପିଢ଼ି ଏହି ବ୍ୟବସାୟ ପ୍ରତି ମନ ବଳାଉନାହାନ୍ତି। ମାଳଦା ବଜାରରେ ପିଲାବେଳୁ ତଥା କମାର ଶାଳ କରି ନିଜ ପରିବାରର ପୋଷୁଥିବା କମାରମାନେ ଏବେ ଏହି ବେଉସାରେ ପରିବାର ପୋଷି ହେଉ ନ ଥିବା କହିଛନ୍ତି। ପୂର୍ବରୁ ହଳ ଲଙ୍ଗଳରେ ଚାଷ ହେଉଥିଲା। ଦା, କୋଦାଳ, ଗଇଁତି ଆଦି କ୍ଷେତ କାମରେ ଲାଗୁଥିଲା। କିନ୍ତୁ ଏବେ ମେଶିନ ବ୍ୟବହାର ଫଳରେ ଆମ ଶାଳକୁ ଆଉ ସେ ସାମଗ୍ରୀ ଆସୁନି ବୋଲି ଧ୍ରୁବଚରଣ ଓଝା କହନ୍ତି। ଆଧୁନିକ ଯନ୍ତ୍ରପାତି ଓ ମେଶିନ ଯୋଗୁ କମାର ଶାଳ ବନ୍ଦ ହେବାକୁ ବସିଲାଣି। ଫଳରେ ସେମାନଙ୍କ କୌଳିକ ବୃତ୍ତି ବୁଡ଼ିବାକୁ ବସିଛି।

ସେହିପରି ସରକାର ଘରେ ଘରେ ଗ୍ୟାସ୍ ଯୋଗାଇ ଦେବାରୁ ଆଉ ଅଙ୍ଗାର ମିଳୁ ନ ଥିବା ସେ କହିଛନ୍ତି। ସରକାର କମାର ସମୁଦାୟ ପ୍ରତି ଆଖିଦୃଶିଆ ପଦକ୍ଷେପ ନେବାକୁ ରାଜେଶ ଓଝା ମତପ୍ରକାଶ କରିଛନ୍ତି।


ମାଳଦା ବଜାରରେ ଜଣେ କମାର ଶାଳରେ କାମ କରୁଛନ୍ତି।





## ସଂକ୍ଷେପରେ

### ଅଧ୍ୟାପକ ପ୍ରଦୀପ୍ତ ମିଶ୍ର ଉତ୍ତରାଞ୍ଚଳ ସାଙ୍ଗଠନିକ ସମ୍ପାଦକ

ନୀଳଗିରି, ୨୪।୬(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କୁ ନିଖିଳ ଭାରତ ଓଡ଼ିଆ ଅଧ୍ୟାପକ ସମ୍ମେଳନର ଉତ୍ତରାଞ୍ଚଳ ସାଙ୍ଗଠନିକ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଗତ ରବିବାର ଭୁବନେଶ୍ୱରସ୍ଥିତ ଜିସ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ସମ୍ମେଳନର ବାର୍ଷିକ ସମାବେଶରେ ସର୍ବସମ୍ମତିକ୍ରମେ ସମଗ୍ର ଓଡ଼ିଶାର କର୍ମକର୍ତ୍ତା ଚୟନ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଉତ୍ତରାଞ୍ଚଳ ପାଇଁ ଜଣେ ଦକ୍ଷ, ସୁବକ୍ତା, ଛାତ୍ରବତ୍ସଳ ଅଧ୍ୟାପକ, ସଙ୍ଗଠକ ଭାବେ ଜଣାଶୁଣା ଡ. ମିଶ୍ରଙ୍କୁ ସାଙ୍ଗଠନିକ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଫଳରେ ବାଲେଶ୍ୱର ଭଦ୍ରକ ଓ ମୟୂରଭଞ୍ଜର ଅଧ୍ୟାପକମାନଙ୍କୁ ମିଳିତ କରି ଭାଷା ସାହିତ୍ୟକୁ ଆଗେଇନେବେ ବୋଲି ଡ. ମିଶ୍ର ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

### ଉପଦାରେ ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣି

ଉପଦା, ୨୪।୬(ଧରିତ୍ରୀ ପ୍ରଣ୍ଡା)

ଉପଦା ବ୍ଲକ ଆକାଂକ୍ଷା ସଭାଗୃହରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଜିଲା ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୫୯ଟି ଆପତ୍ତି ଅଭିଯୋଗ ହୋଇଥିବା ବେଳେ ଜିଲାପାଳ ହସ୍ତକ୍ଷେପ କରି ବିଭାଗୀୟ ଅଧିକାରୀଙ୍କୁ ସମାଧାନ ପାଇଁ କହିଥିଲେ। ଉପଦା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଉପଦା ଡାକ୍ତରଖାନାରେ ଦିବାରାତ୍ର ଜରୁରୀ ସେବା ଯୋଗାଇ ଦେବା ପାଇଁ ପୂର୍ବତନ ଜିଲାପାଳ କହିଥିଲେ ମଧ୍ୟ ଏଯାଏ କାର୍ଯ୍ୟକାରୀ ହୋଇନାହିଁ। ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ପଦବୀ ଖାଲି ପଡ଼ିବା ସହ କର୍ମଚାରୀ ଅଭାବ ପାଇଁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାରୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ଜିଲା ପ୍ରଶାସନ ଡାକ୍ତରଖାନା ସମସ୍ୟାକୁ ଗୁରୁତ୍ୱ ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ବରିଷ୍ଠ ନାଗରିକଙ୍କ ପକ୍ଷରୁ କୁହାଯାଇଛି। ସେହିପରି ଶିବିରରେ ଉପଦାରୁ ନୀଳଗିରି ଯାଉଥିବା ଲକ୍ଷ୍ମୀ ବସ୍ ମିରିଗିଣିରେ ରହୁଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବସ୍‌ଟି ନୀଳଗିରି ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯିବା ପାଇଁ ଜିଲାପାଳଙ୍କୁ ଦାବିପତ୍ର ଦେବା ପରେ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ସମସ୍ୟାକୁ ଗୁରୁତ୍ୱ ଦେଇ ତୁରନ୍ତ ସମାଧାନ ପାଇଁ କହିଥିବା ଜଣାପଡ଼ିଛି। ଶିବିରରେ ଶିକ୍ଷା, ରାସ୍ତା, ଏମ୍‌ଜିଏନ୍‌ଆରଇଜିଏସ୍, ଭତ୍ତା, ପାନୀୟ ଜଳ, ଡ୍ରେନ ଖନନ ପରି ବିଭିନ୍ନ ଆପତ୍ତି ଅଭିଯୋଗ ହୋଇଥିଲା। ଶିବିରରେ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ଉପଦା ବିଡିଓ ଶାଶ୍ୱତୀ ସତ୍ପଥୀ, ତହସିଲଦାର ପ୍ରଜ୍ଞା ପରମିତା ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଖର୍ଚ୍ଚ ହୋଇଥିଲା କୋଟିଏ, ଏବେ କାମ କରୁନି ଗୋଟିଏ

ଖଇରା, ୨୪।୬(ଉତ୍କଳବନ୍ଧୁ ପଣ୍ଡା)

## ଅବ୍ୟବହୃତ ଅବସ୍ଥାରେ ଗୋଷ୍ଠୀ ଶୌଚାଳୟ

ବାଲେଶ୍ୱର ଜିଲା ଖଇରା ବ୍ଲକରେ ଜନସାଧାରଣଙ୍କ ଶୌଚ ତଥା ପରିବେଶର ସ୍ୱଚ୍ଛତା ପାଇଁ ୨୦୧୯-୨୦ ମସିହା କୋଭିଡ ସମୟରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଗୋଷ୍ଠୀ ଶୌଚାଳୟ ଏବେ ଲୋକଙ୍କ କାମରେ ଆସୁନି। ୩୭ ପଞ୍ଚାୟତ ମଧ୍ୟରୁ କିଛି ଜାଗାରେ ଉକ୍ତ ଶୌଚାଳୟ ଉପରେ ଗଛ ଉଠି ଜରାଜୀର୍ଣ୍ଣ ପାଲଟିଗଲାଣି ତ ଆଉ କେଉଁଠି ଶୌଚାଳୟରେ ଲଗାଯାଇଥିବା ଟାଙ୍କି ଓ ମୋଟର ଉଭାନ ହୋଇଗଲାଣି। ଅତ୍ୟନ୍ତ ନିମ୍ନମାନର କାମ ଯୋଗୁ କିଛି ଘର ମଧ୍ୟ ଭାଙ୍ଗିରୁଜି ନଷ୍ଟ ହୋଇଗଲାଣି। ନୂତନ ସରକାର ଏ ବିଷୟକୁ ଗୁରୁତ୍ୱର ସହ ନ ନେଲେ କୋଟି କୋଟି ଟଙ୍କାର ପ୍ରକଳ୍ପ ଖୁବ କମ୍ ଦିନରେ ମାଟିରେ ମିଶିଯିବ ବୋଲି ଅଭିଯୋଗ ହୋଇଛି।



ରତିଶା ପଞ୍ଚାୟତର ଗୋଷ୍ଠୀ ଶୌଚାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି।

କୋଭିଡ ସମୟରେ ଲୋକଙ୍କ ଶୌଚ ଲାଗି ପ୍ରତି ପଞ୍ଚାୟତରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଥିଲା। ପ୍ରତ୍ୟେକ ଶୌଚାଳୟ ପାଇଁ ପଞ୍ଚଦଶ ଅର୍ଥ କମିଶନରୁ ୯୦ହଜାର ଓ ସ୍ୱଚ୍ଛ ଭାରତ ମିଶନରୁ ୨ଲକ୍ଷ ୧୦ହଜାର ମୋଟ ୩ଲକ୍ଷ ଲେଖାଏଁ ଟଙ୍କା ପ୍ରଦାନ କରାଯାଇଥିଲା। ୩୭ ପଞ୍ଚାୟତକୁ ମୋଟ ୧କୋଟି ୧୧ଲକ୍ଷ ଟଙ୍କା ରାଜକୋଷରୁ ଖର୍ଚ୍ଚ ହୋଇଥିଲା। ଏହି ୩ଲକ୍ଷ ମଧ୍ୟରେ ଶୌଚାଳୟ ଗୃହ ସହିତ ପାଣି ବ୍ୟବସ୍ଥା ପାଇଁ ଟାଙ୍କି ଓ ପାଣି ଉଠା ପମ୍ପ ସଂଯୋଗ କରାଯାଇଥିଲା। ଦୀର୍ଘଦିନ ଧରି ଚାବି ପଡ଼ିରହିବା କାରଣରୁ ୨୫ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ମୋଟର ଓ ଟାଙ୍କି ଚୋରି ହୋଇଗଲାଣି। ଯେଉଁଠି ବା ଯେମିତି ଅଛି ସେସବୁ ଅଚଳ ହୋଇପଡ଼ିଲାଣି। ଏବେ ପଞ୍ଚାୟତରୁ ବିଭିନ୍ନ କାମରେ ଆସୁଥିବା ବ୍ୟକ୍ତିମାନେ ବାଧ ହୋଇ ଶୌଚ ପାଇଁ ଖୋଲା ସ୍ଥାନକୁ ଯାଉଛନ୍ତି। ଏ ସମ୍ପର୍କରେ ବିଡିଓ ନାରାୟଣ ସାହୁଙ୍କ ମତାମତ ନିଆଯିବାରେ କିଛି ଶୌଚାଳୟ ସମ୍ପର୍କରେ ଅଭିଯୋଗ ପରେ ଏଗୁଡ଼ିକ କାର୍ଯ୍ୟକ୍ଷମ କରିବା ପାଇଁ ପଞ୍ଚାୟତଗୁଡ଼ିକୁ ତାଗିଦ କରାଯାଇଥିଲା। ବାପାଙ୍କ ଅସୁସ୍ଥତା ପାଇଁ ଏବେ ସେ ଛୁଟିରେ ଅଛନ୍ତି। ଯୋଗଦେବା ପରେ ପୁନର୍ବାର ଏହା ଉପରେ ସମୀକ୍ଷା କରିବେ ବୋଲି କହିଛନ୍ତି।

# ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୩ ଘରୋଇ ହସ୍ପିଟାଲ ଉପରେ ଚଢ଼ାଉ

ବାଲେଶ୍ୱର, ୨୪।୬(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଙ୍ଗଳବାର ୩ଟି ଘରୋଇ ହସ୍ପିଟାଲ ଓ ନର୍ସିଂହୋମ୍ ଉପରେ ଚଢ଼ାଉ କରାଯାଇଛି। ସରକାରୀ ଗାଇଡ୍‌ଲାଇନ୍‌କୁ ମାନିବା ପାଇଁ ନର୍ସିଂହୋମ୍ କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରାଯାଇଛି। ବର୍ଜ୍ୟବସ୍ତୁ ପରିଚାଳନାରେ ଥିବା ତ୍ରୁଟିଗୁଡ଼ିକୁ ସୁଧାରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

ବାଲେଶ୍ୱର ସହରରେ ଥିବା ଘରୋଇ ନର୍ସିଂହୋମ୍ ଏବଂ ହସ୍ପିଟାଲ ପରିଚାଳନାରେ ବର୍ଜ୍ୟବସ୍ତୁ ପରିଚାଳନାରେ ଅନିୟମିତତା ଅଭିଯୋଗ ହୋଇଥିଲା। ଭାରପ୍ରାପ୍ତ ସିଡିଏମ୍‌ଓ ଡା. ସଞ୍ଜୀବ କୁମାର ପ୍ରଧାନଙ୍କ ନେତୃତ୍ୱରେ ଡିପିଏଚ୍‌ଓ ଡା. ପ୍ରଦୀପ କୁମାର କର, କିରାଣି ସ୍ୱାତୀକା ମହାପାତ୍ର ପ୍ରମୁଖ ଏକ ଟିମ୍ ସହ ଶ୍ରୀରାମ ହସ୍ପିଟାଲ, ଦୁର୍ଗା ନର୍ସିଂହୋମ୍, ଜଟାନିଆ ହେଲଥ୍ ପଏଣ୍ଟରେ ଚଢ଼ାଉ କରିଥିଲେ। ପ୍ରଦୂଷଣ ପ୍ରମାଣପତ୍ର ଓ ବିଧିବଦ୍ଧ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ପ୍ରଦୂଷଣ ବିଭାଗର ଅଥୋରାଇଜେସନ୍ ନ ଥିବା ପରିଲକ୍ଷିତ ହୋଇଥିଲା। ଦୁଇଟି ନର୍ସିଂହୋମ୍‌ରେ ଅଥୋରାଇଜେସନ୍‌ର ଅବଧି ବର୍ଷେ ହେବ ଶେଷ ହୋଇଛି। ଏହାକୁ ନବୀକରଣ କରାଯାଇ ନାହିଁ। ଜିଲାରେ ଘରୋଇ ନର୍ସିଂହୋମ୍ ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ଭାବେ ହେଉ ନ ଥିବାରୁ ଜନସାଧାରଣ ସଂକ୍ରମଣର ଶିକାର ହେଉଛନ୍ତି। ସହରର ଜଣେ ଯୁବକ ଅକ୍ଷୟ କୁମାର ଦାସ ଏନେଇ ଅଭିଯୋଗ କରିଥିଲେ। ସାଧାରଣ ବର୍ଜ୍ୟବସ୍ତୁ, ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଓ ଅସ୍ତ୍ରୋପଚାରରେ ଶରୀରର ଅଂଶବିଶେଷକୁ ପୃଥକୀକରଣ କରା ନ ଯାଇ ଯେନତେନ ରଖାଯାଉଥିଲା। ୪୮ ଘଣ୍ଟା ପର୍ଯ୍ୟନ୍ତ ଅସ୍ତ୍ରୋପଚାରରୁ ବାହାରୁଥିବା ବର୍ଜ୍ୟବସ୍ତୁ ରଖିବାର ପ୍ରାବଧାନ ରହିଛି। ନିର୍ଦ୍ଦିଷ୍ଟ ଏଜେନ୍ସିକୁ ଅଥବା ନର୍ସିଂହୋମ୍ ପକ୍ଷରୁ ନିୟମ ମୁତାବକ ପରିଚାଳନା କରିବା କଥା। କିନ୍ତୁ ବର୍ଷ ବର୍ଷ ଧରି ଘରୋଇ ହସ୍ପିଟାଲ ତଥା ନର୍ସିଂହୋମ୍‌ରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ରାସ୍ତା ପାର୍ଶ୍ୱ କିମ୍ବା ଡ୍ରେନ୍‌ରେ ପକାଯାଉଥିବା ଅଭିଯୋଗ ହୋଇଛି। ଆଇନ୍ ଅନୁସାରେ ଏହାକୁ ପାଳନ ନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭାରପ୍ରାପ୍ତ ସିଡିଏମ୍‌ଓ କହିଛନ୍ତି।

# ଜିଲା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଯାପିତ





ପୁରସ୍କାର ବିତରଣ ଉତ୍ସବରେ ଅତିଥିଙ୍କ ସହ ଖେଳାଳି।

ବାଲେଶ୍ୱର, ୨୪।୬(ବାଞ୍ଛାନିଧି ଦେ)

- ଭାଗ ନେଲେ ୨୮୭ ଖେଳାଳି
- ଜ୍ୟୋତିସୁରିୟା, ସମୃଦ୍ଧି, ରବୀନ୍ଦ୍ର ଓ ଗୌରୀଶଙ୍କରଙ୍କୁ ଟ୍ରିମୁକୁଟ

ବାଲେଶ୍ୱର ଆଇଟିଆଇ ଛକସ୍ଥିତ ବିଜୁପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ଜିଲା ବ୍ୟାଡ୍‌ମିଣ୍ଟନ ସଂଘ ଆନୁକୂଲ୍ୟରେ ୩ଦିନ ବ୍ୟାପୀ ଅନୁଷ୍ଠିତ ଜିଲା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ବ୍ୟାଡ୍‌ମିଣ୍ଟନ ମହାକୁମ୍ଭରେ ବାଲେଶ୍ୱର ସହର ସମେତ ଜଳେଶ୍ୱର, ନୀଳଗିରି, ରେମୁଣା, ସୋର ଅଞ୍ଚଳରୁ ୪୫୦ଟି ବିଭାଗରେ ୨୮୭ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା ୯ବର୍ଷରୁ କମ୍, ୧୧ବର୍ଷରୁ କମ୍, ୧୩ବର୍ଷରୁ କମ୍, ୧୫ବର୍ଷରୁ କମ୍, ୧୭ବର୍ଷରୁ କମ୍, ୧୯ବର୍ଷରୁ କମ୍ ବାଳିକା ଓ ବାଳକ ତଥା ସିନିୟର, ଭେଟେରାନ୍ ସମସ୍ତ ବିଭାଗ ପାଇଁ ଅନୁଷ୍ଠିତ ହୋଇଥିଲା। ରାଜ୍ୟସ୍ତରୀୟ ତଥା ଜାତୀୟସ୍ତରର ଅମ୍ପାୟର ରାଜକୁମାର ଗାଙ୍ଗୁଲି, ଗୌରୀଶଙ୍କର ବିସୋଇ, ପ୍ରତିରଞ୍ଜନ ମହାନ୍ତି, ସୋମନାଥ ବାରିକ, ସୁଜୟ ନାୟକ, କୋଚ୍‌ଦିରେଖା ପ୍ରଧାନ ଏବଂ ସାମୁଏଲ ଜେନା ମ୍ୟାଚ୍ ପରିଚାଳନା କରିଥିଲେ।

ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏସ୍‌ପି ରାଜପ୍ରସାଦ, ସମ୍ମାନନୀୟ ଅତିଥି ଭାବେ ଶିଳ୍ପପତି କମଲେସ୍ ପାଲ, ବାଲେଶ୍ୱର ଚାମ୍ବର ଅଫ୍ କମର୍ସର ସଭାପତି ସଞ୍ଜୟ ଦାସ, ଓଏସିସ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ ଚେୟାରମ୍ୟାନ୍ ସଞ୍ଜୟ ସାହୁ, ଓଆଇଡିଓ ଏକ୍ସି କର୍ଣ୍ଣେଲ ଇମ୍ରାନ ଖାନ୍, ବିଶିଷ୍ଟ ଶିଳ୍ପପତି ଅମିତାବ ମହାକୁଡ, ବ୍ୟାଡ୍‌ମିଣ୍ଟନ ସଂଘ ସିନିୟର ମେମ୍ବର ବିଶ୍ୱଜିତ୍ ଦାସ, ବିନୋଦ ସାହୁ, ଟୁର୍ଣ୍ଣାମେଣ୍ଟ ଚେୟାରମ୍ୟାନ୍ ମାନସ ମହାନ୍ତି, ଜିଲା ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ଚିନ୍ମୟ ବିଶ୍ୱାଳ, ସମ୍ପାଦକ ମନୋରଞ୍ଜନ ପଣ୍ଡା ଏବଂ ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘର ଯୁଗ୍ମ ସମ୍ପାଦକ ଜୟପ୍ରକାଶ ସିଂ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବର୍ଗରେ ୩ଟି ବିଭାଗରେ ଫାଇନାଲିଷ୍ଟ ଖେଳାଳି ଜ୍ୟୋତିସୁରିୟା, ସମୃଦ୍ଧି, ରବୀନ୍ଦ୍ର ଓ ଗୌରୀଶଙ୍କରଙ୍କୁ ଟ୍ରିମୁକୁଟ ସହ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରିଥିଲେ।

## ପୋଖରୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

ଭୋଗରାଇ, ୨୪।୬(ପ୍ରଦୀପ ଦାସ)

ସୁବର୍ଣ୍ଣରେଖାରେ ବନ୍ୟାପାଣି ଛାଡ଼ିଥିବା ବେଳେ ଅଦ୍ୟାବଧି ଭୋଗରାଇର ତଳିଆ ଅଞ୍ଚଳରେ ସମ୍ପୂର୍ଣ୍ଣ ଭାବେ ପାଣି ଛାଡ଼ିନାହିଁ। ବିଲ ପୋଖରୀରେ ବନ୍ୟାପାଣି ପୂର୍ଣ୍ଣ ଥିବା ବେଳେ ଜଣେ ୭ମ ଶ୍ରେଣୀ ଛାତ୍ର(୧୪) ମଙ୍ଗଳବାର ସକାଳେ ଘର ନିକଟକୁ ଖେଳିବାକୁ ଯାଇ ନିଖୋଜ ହୋଇଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ଘର ଓ ପାଖ ପଡ଼ୋଶୀ ଲୋକେ ଖୋଜାଖୋଜ କରିବାରୁ ଏକ ପୋଖରୀରେ ଛାତ୍ରଙ୍କ ଭାସୁଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ପାଣିରୁ ଉଦ୍ଧାର କରାଯାଇ ତୁରନ୍ତ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଛାତ୍ରଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଛାତ୍ର ହେଲେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଧୀନ ଗବଗାଁ ଗ୍ରାମର ଶିକ୍ଷକ ଦେବାଶିଷ ଦେଙ୍କ ଏକମାତ୍ର ପୁତ୍ର ରୁଦ୍ରନାରାୟଣ ପ୍ରିୟାଂଶୁ ଦେ। ଗାଁ ରାସ୍ତା ପାଣି କାଦୁଅରେ ଗୋଡ଼ ଖସିଯାଇ ପୋଖରୀରେ ପଡ଼ିଯାଇଥିବା ପଡ଼ୋଶୀମାନେ ଅନୁମାନ କରିଛନ୍ତି। କମର୍ଦ୍ଦା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୧୧/୨୫)ରୁଜୁ କରି ପ୍ରାଥମିକ ତଦନ୍ତ କରୁଛି। ଜଳେଶ୍ୱରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଛାତ୍ରଙ୍କ ଆକସ୍ମିକ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ଅଟୋ ଓଲଟି ଆଦର୍ଶ ବିଦ୍ୟାଳୟର ୩ ଛାତ୍ରୀ ଆହତ

ଖଇରା, ୨୪।୬(ଉତ୍କଳବନ୍ଧୁ ପଣ୍ଡା)

କୁପାରୀ-ବର୍ଦ୍ଧନା ରାସ୍ତାର ପଦୁନା ଛକ ନିକଟରେ ଖଇରା ଆଦର୍ଶ ବିଦ୍ୟାଳୟକୁ ଛାତ୍ରୀଛାତ୍ରଙ୍କୁ ନେଇ ଆସୁଥିବା ଏକ ଅଟୋ ଓଲଟିବା ଯୋଗୁ ୩ ଜଣ ଛାତ୍ରୀ ଆହତ ହୋଇଛନ୍ତି। ସମସ୍ତଙ୍କୁ ଚିକିତ୍ସା ପାଇଁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମଙ୍ଗଳବାର ସକାଳେ ଅଟୋଟି ହରିପୁର ଅଞ୍ଚଳରୁ ୭ଜଣ ଛାତ୍ରୀଛାତ୍ରଙ୍କୁ ଧରି ଖଇରା ଆଦର୍ଶ ବିଦ୍ୟାଳୟକୁ ଆସୁଥିବା ବେଳେ ପଦୁନା ଗ୍ରାମ ନିକଟରେ ଆଗକୁ ଏକ ସାଇକେଲ ଆସିଯିବାରୁ ଅଟୋଟି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ୭ଜଣଙ୍କ ମଧ୍ୟରୁ ୩ ଛାତ୍ରୀ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ଚିକିତ୍ସା ପାଇଁ ଖଇରା ଡାକ୍ତରଖାନା ନିଆଯାଇଥିଲା। ଆହତ ଛାତ୍ରୀମାନେ ହେଲେ ଶିବାନୀ ଦାଶ, ଅଙ୍କିତା ଦାସ ଓ ରିଶିକା ରିତୁମୟୀ ଜେନା। ସମସ୍ତେ ହରିପୁର ଗ୍ରାମର ବୋଲି ଜଣାଯାଇଛି।

# ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ



ବଳିଦାନ ଦିବସରେ ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଉଦ୍‌ବୋଧନ ଦେଉଛନ୍ତି।

ବାଲେଶ୍ୱର, ୨୪।୬(ବାଞ୍ଛାନିଧି ଦେ)

ବାଲେଶ୍ୱର ଖାନନଗରସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟରେ ସୋମବାର ଭାରତୀୟ ଜନସଂଘର ପ୍ରତିଷ୍ଠାତା ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ଜିଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଡ. ମୁଖାର୍ଜୀଙ୍କ ସ୍ମୃତି ଚିତ୍ରକୁ ଭାଜପା ବଳିଦାନ ଦିବସ ରୂପେ ପାଳନ କରିଆସୁଛି ବୋଲି କହିଥିଲେ। ସ୍ୱାଧୀନ ଭାରତକୁ ଅଖଣ୍ଡ କରିବା ପାଇଁ ଡ. ମୁଖାର୍ଜୀଙ୍କ ଆତ୍ମବଳିଦାନ ଦେବାକୁ ପଡ଼ିଥିଲା। କଶ୍ମୀରରେ ଅଲଗା ଆଇନ, ଅଲଗା ଶାସନ ବ୍ୟବସ୍ଥା ଥିଲା। ଏମିତିକି କଶ୍ମୀର ଯିବାକୁ ପରମିଟର ଆବଶ୍ୟକତା ପଡୁଥିଲା। ବୈଚାରିକ ମତଭେଦ, ସଂଖ୍ୟାଲଘୁ ତୁଷ୍ଟିକରଣ, ପାକିସ୍ତାନ ପୋଷଣ ନୀତି ପାଇଁ ଡକ୍ଟର ନେହେରୁଙ୍କ ସରକାରଙ୍କର ମନ୍ତ୍ରୀ ମଣ୍ଡଳରୁ ଇସ୍ତଫା ଦେଇ 'ଗୋଟିଏ ଦେଶରେ ଗୋଟିଏ ପ୍ରଧାନ, ଗୋଟିଏ ବିଧାନ ଓ ଗୋଟିଏ ନିଶାନ' ଆହ୍ୱାନ ଦେଇ ସେ ତାଙ୍କର କାର୍ଯ୍ୟପନ୍ଥା ଗ୍ରହଣ କରିଥିଲେ। ୧୯୫୩ ଜୁନ୍ ୨୩ରେ କଶ୍ମୀରରେ ତାଙ୍କର ରହସ୍ୟମୟ ମୃତ୍ୟୁ ଘଟିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡ. ମୁଖାର୍ଜୀଙ୍କ ସ୍ୱପ୍ନକୁ ସାକାର କରିଛନ୍ତି। କଶ୍ମୀରରୁ ଧାରା ୩୭୦ ଏବଂ ୩୫ କ ଉଚ୍ଛେଦ ହୋଇଛି ବୋଲି ଏମ୍‌ପି କହିଥିଲେ। ସମ୍ମାନିତ ବକ୍ତା ଭାବେ ପୂର୍ବତନ ଜିଲା ସଭାପତି ଉମାକାନ୍ତ ମହାପାତ୍ର, କାର୍ଯ୍ୟକ୍ରମର ଜିଲା ସଂଯୋଜକ ଜୀବନ ପ୍ରଦୀପ ଦାଶ, ଜିଲା ସହ ସଂଯୋଜକ ଶ୍ରୀନିବାସ ପ୍ରଧାନ ଓ ଶୋଭନା ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ପ୍ରମୁଖ ସ୍ୱର୍ଗତ ମୁଖାର୍ଜୀଙ୍କ ଜୀବନୀ ଓ ଆଦର୍ଶ, ରାଜନୈତିକ ବିଚାର ଉପରେ ଆଲୋଚନା କରିଥିଲେ। ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପଣ୍ଡିତ ଧନ୍ୟବାଦ ଦେଇଥିଲେ। ଗଣମାଧ୍ୟମ ସହସଂଯୋଜକ ରଞ୍ଜିତ ପୃଷ୍ଟି, ଜିଲା ସମ୍ପାଦକ ବିଜୟ ସାହୁ ଓ ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର ସହଯୋଗ କରିଥିଲେ।

# ରଥଯାତ୍ରାକୁ ସ୍ୱାଗତ କରି 'ରଥ ଓ ପଥ କବିତା ଆସର'

ରେମୁଣା, ୨୪।୬(ରବୀନ୍ଦ୍ର ମହାକୁଡ)

## ଉତ୍କଳାରେ ୫୪ତମ ଫେସ୍‌ବୁକ କବିତା ଆସର

ରେମୁଣା ବାମପଡ଼ାସ୍ଥିତ ଗୋପି କଲ୍ୟାଣୀ ଏକାଡେମୀ ଆନୁକୂଲ୍ୟରେ ମାସର ୪ର୍ଥ ରବିବାରରେ ୫୪ତମ ଫେସ୍‌ବୁକ କବିତା ଆସର ଆୟୋଜିତ ହୋଇଛି। ଉତ୍କଳା ମୁକ୍ତ ମଞ୍ଚରେ ଆୟୋଜିତ ଏହି କବିତା ଆସରରେ ଆଗାମୀ ରଥଯାତ୍ରାକୁ ସ୍ୱାଗତ କରି 'ରଥ ଓ ପଥ' ଶୀର୍ଷକ କବିତା ଆସରରେ କବି କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ। ଫେସ୍‌ବୁକ କବିତା ଆସର ସଭାପତି ଡ. ଦେବାଶିଷ ସିଂହ ପୌରୋହିତ୍ୟ କରିଥିବା ବେଳେ କବି ଗଗନ ସେଠୀ କବିତା ପାଠୋତ୍ସବକୁ ସଞ୍ଚାଳନ କରିଥିଲେ। ଏହି କବିତା ଆସରରେ କବି ପ୍ରଭାତ କୁମାର ଆଚାର୍ଯ୍ୟ, ପ୍ରବୀର କାମିଲା, ସୁବ୍ରତା ମହାନ୍ତି, ଶ୍ରୀରୂପା ମଞ୍ଜରୀ ବେହେରା, ସୁନାମଣି ଜେନା, ତୃପ୍ତି ପାତ୍ର, ଦେବାଶିଷ ସିଂହ, କୃଷ୍ଣା ପ୍ରଧାନ, ଜୟନ୍ତ ହଂସରାଜ, ଶାଶ୍ୱିନୀତା ପଣ୍ଡା, ମଧୁସୂଦନ ମାଝି, ଅଜିମ୍ ବାଲେଶ୍ୱରୀ, ବିନୀତା ସାହୁ, କ୍ଷେତ୍ରମୋହନ ଲେଙ୍କା, ଦେବାଶିଷ ମହାପାତ୍ର କବିତା ପାଠ କରିଥିଲେ। ଉତ୍କଳାର କଣ୍ଠଶିଳ୍ପୀ ରଶ୍ମିରେଖା ମହାପାତ୍ର, ନନ୍ଦିନୀ ନାୟକ, ଏକାଦଶୀ ବର୍ମନ, କୁମାର ଜୀବନ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିବା ବେଳେ ନୃତ୍ୟଶିଳ୍ପୀ ଡୁର୍ଗେଶ୍ୱରୀ ସିଂ, ଦେବାନନ୍ଦ ସିଂ ପ୍ରମୁଖ ନୃତ୍ୟ ପରିବେଷଣ କରି କବିତା ଆସରକୁ ଆକର୍ଷଣୀୟ କରିଥିଲେ। ପ୍ରଶାନ୍ତ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

# ହନୁମାନ ମନ୍ଦିର, ଔଷଧ ଦୋକାନରୁ ସିରିଜ୍ ଚୋରି

ନୀଳଗିରି, ୨୪।୬(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ଦକ୍ଷିଣନରସିଂହପୁର ପଞ୍ଚାୟତ ଖଡ଼ିପଦା ଗ୍ରାମରେ ଥିବା ହନୁମାନ ମନ୍ଦିରରୁ ଲୁଟ୍ ହୋଇଥିବା ଜଣାପଡ଼ିଛି। ସୋମବାର ରାତିରେ କେତେଜଣ ଲୁଟେରା ମନ୍ଦିରରୁ ଠାକୁରଙ୍କ ସୁନାଗହଣା ଓ ଦାନବାକ୍ସ ଲୁଟି ନେଇଥିବା ବେଳେ ପାଖପଡ଼ିଆରେ ଦାନବାକ୍ସକୁ ଭାଙ୍ଗି ଫୋପାଡି ଦେଇଥିଲେ। ମଙ୍ଗଳବାର ସକାଳେ ଗ୍ରାମବାସୀ ମନ୍ଦିର ତାଲା ଭଙ୍ଗା ହୋଇଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଜାରିରଖିଛି। ଅନୁରୂପ ଭାବେ ଉକ୍ତ ବିଳମ୍ବିତ ରାତିରେ ନୀଳଗିରି କଚେରୀ ବଜାର ଦୁର୍ଗାମନ୍ଦିର ସନ୍ନିକଟ ଉତ୍କଳୀୟ ମେଡିକନ ଷ୍ଟୋରର ସ୍ୱାଏଲାଇକ ଭାଙ୍ଗି ଦୁର୍ବୃତ୍ତମାନେ ଦୋକାନରେ ଥିବା କ୍ୟାଶବାକ୍ସ ଭାଙ୍ଗି ନଗଦ ୪୫ହଜାର ଟଙ୍କା ନେଇଯାଇଥିବା ମେଡିଶନ୍ ଷ୍ଟୋର ମାଲିକ ଭଗିରଥ ଷଡ଼ଙ୍ଗୀ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ମୌଳିକ ବୟନ ତାଲିମ ଶିକ୍ଷକେନ୍ଦ୍ର ଉଦ୍‌ଘାଟିତ

ଜଳେଶ୍ୱର, ୨୪।୬(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ମାକିଡ଼ିଆଠାରେ ମଙ୍ଗଳବାର ଟସର ତନ୍ତୁବାୟ ସହଯୋଗ ସମିତି କାର୍ଯ୍ୟାଳୟଠାରେ ମୌଳିକ ବୟନ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବାଲେଶ୍ୱର ସରକାରୀ ବୟନ ଶିଳ୍ପ ନିର୍ଦ୍ଦେଶକଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ଅତିରିକ୍ତ ବୟନ ଶିଳ୍ପ ନିର୍ଦ୍ଦେଶିକା ପଦ୍ମସିନୀ ସାହୁ ଉଦଘାଟନ କରିଥିଲେ। ଏହା ଜୁଲାଇ ୨୪ରୁ ୨୦ ଡିସେମ୍ବର ପର୍ଯ୍ୟନ୍ତ ଚାଲିବ। ଟ୍ରେନିଂ ନେଉଥିବା ପ୍ରତ୍ୟେକ ମହିଳା ମାସକୁ ୬ ହଜାର ଟଙ୍କା ଭତ୍ତା ପାଇବେ। ଏହି ଟ୍ରେନିଂର ବୟସ ସୀମା ୧୮ରୁ ୪୦ ରହିଛି। ବୟନ ତତ୍ତ୍ୱାବଧାରକ ମମତା ଦାସ, ବୟନ ନିରୀକ୍ଷକ ମାଣିକ ହେମ୍ବ୍ରମ୍, ବୈଷୟିକ ସହାୟକ ବିଦ୍ୟୁତ୍ ଦାସ, ମୁଖ୍ୟ ଟ୍ରେନର ମାନସୀ ପାତ୍ର ଉପସ୍ଥିତ ଥିଲେ। ସଭାନେତ୍ରୀ କାଞ୍ଚନଲତା ଚାନ୍ଦ, ସମ୍ପାଦକ ଶଶାଙ୍କ ଶେଖର ଦାସଙ୍କ ସହିତ ସାମାଜିକ କର୍ମୀ ସମୀର ଘଡ଼େଇ ଉପସ୍ଥିତ ଥିଲେ।

## ଅଙ୍ଗନୱାଡ଼ି କେନ୍ଦ୍ରରୁ ନଳକୂପ ଚୋରି

# ପାଣି ପାଇଁ ପିଲାଏ ହନ୍ତସନ୍ତ

ବାହାନଗା, ୨୪।୬(ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତ ୫ନମ୍ବର ୱାର୍ଡରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ଆଗରେ ଥିବା ନଳକୂପ ଚୋରି ହୋଇଯାଇଛି। ଫଳରେ ସେହି କେନ୍ଦ୍ରରେ ଛୋଟ ଛୋଟ ପିଲାଙ୍କୁ ପାଣି ପିଆଇବା ଓ ରନ୍ଧନ ଖାଦ୍ୟ ଦେବା ପାଇଁ କର୍ମୀ ଓ ସହାୟିକା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୫ ନମ୍ବର ୱାର୍ଡର ଏହି କେନ୍ଦ୍ରଟି ୨୦୦୭ରେ ସ୍ଥାପିତ ହୋଇଥିଲା। ୨୦୧୯ରେ କେନ୍ଦ୍ରର ଗୃହ ନିର୍ମାଣ ହୋଇଥିଲା। ଏବେ ଏହି କେନ୍ଦ୍ରରେ ୧୫ଜଣ ଛୋଟ ଛୋଟ ଶିଶୁ ପଢ଼ୁଛନ୍ତି। ପାଠ ପଢ଼ିବାକୁ ଆସୁଥିବା ବେଳେ ସେମାନଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି। ମାତ୍ର ପୂର୍ବରୁ ସେହି କେନ୍ଦ୍ର ନିମନ୍ତେ ଗ୍ରାମର ଜଣେ ବ୍ୟକ୍ତି ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ଏକ ନଳକୂପ ବସାଇଥିଲେ। ମାତ୍ର ସେହି ନଳକୂପକୁ ୨ ମାସ ତଳେ କେହି ଚୋରି କରି ନେଇଯାଇଛନ୍ତି। କେନ୍ଦ୍ରର କର୍ମୀ ନଳକୂପ ମରାମତି କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ ମଧ୍ୟ ଏଯାଏ ଗୁରୁତ୍ୱ ଦେଉ ନ ଥିବା ଜଣାପଡ଼ିଛି। ସେହିପରି ୱାର୍ଡବାସୀ ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କୁ ନଳକୂପ ମରାମତି ବିଷୟରେ କହିଥିଲେ ମଧ୍ୟ ସେଠାକୁ ପାଇପ୍ ଜଳ ଯୋଗାଇ ଦିଆଯିବ ବୋଲି କହି କାମ କରି ନ ଥିବା ପ୍ରକାଶ କରିଛନ୍ତି।



ସହାୟିକା ବୋହି ଆଣିଥିବା ପାଣିରେ ପିଲାମାନଙ୍କ ହାତ ଧୋଉଛନ୍ତି।

ଉଲ୍ଲେଖଯୋଗ୍ୟ, ଦୀର୍ଘଦିନ ହେଲାଣି ସେହି ୱାର୍ଡକୁ ପାନୀୟଜଳ ଯୋଗାଇ ହୋଇପାରୁନାହିଁ। ଏ ବାବଦରେ ଅଙ୍ଗନୱାଡ଼ି କର୍ମୀ ପୂର୍ଣ୍ଣିକା ବେହେରା କୁହନ୍ତି, ନଳକୂପ ଚୋରି ହେବା ଯୋଗୁ ଖାଇବାପାଇଁ ନାହିଁ ନ ଥିବା ହଇରାଣ ହେବାକୁ ପଡ଼ୁଛି। ଏ ବିଷୟରେ ସିଡିପିଓଙ୍କୁ କହିଥିଲେ ମଧ୍ୟ କୌଣସି ପ୍ରତିକାର ହୋଇପାରିନାହିଁ। ପାଖ ଲୋକଙ୍କ ଘରୁ ପାଣି ଆଣି ରୋଷେଇ କରିବାକୁ ପଡୁଛି। ପାଣି ବୋହିକି ଆଣିବାକୁ କଷ୍ଟ ହେଉଛି ବୋଲି କହିଥିଲେ। ତେବେ ଗ୍ରାମର କୈଳାସ ପଲାଇ, ଜ୍ଞାନରଞ୍ଜନ ଦାସ, ପାର୍ବତୀ ଯେନା, କୁସୁମ ଲତା ଜେନା, ଭାଗିରଥି ପଲାଇ, ସୂର୍ଯ୍ୟକାନ୍ତ ପଲାଇ, ଅନିରୁଦ୍ଧ ଦାସ ଓ ପ୍ରଭାତ ବାରିକ ପ୍ରମୁଖ ତୁରନ୍ତ ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ଚୋରି ହୋଇଯାଇଥିବା ନଳକୂପକୁ ପୁଣି ବସାଇବା ସହିତ ପାଇପ୍ ପାଣି ଯୋଗାଇ ଦେବା ପାଇଁ ଦାବି କରିଛନ୍ତି। ତେବେ ଗ୍ରାମ୍ୟ ଜଳଯୋଗାଣ ବିଭାଗର ବାହାନଗା ବ୍ଲକ କନିଷ୍ଠଯନ୍ତ୍ରୀ ପ୍ରତିପ୍ରଭା ନାୟକ କୁହନ୍ତି, ଖୁବ୍ ଶୀଘ୍ର ନଳକୂପ ମରାମତି ପାଇଁ ଲୋକଙ୍କୁ ପଠାଇବି। ଏ ବାବଦରେ ଏଯାଏଁ କେହି ମୋ ପାଖରେ ଅଭିଯୋଗ କରିନାହାନ୍ତି।

# ରିପୋର୍ଟ କାର୍ଡ ସାର୍ବଜନୀନ କଲେ ବିଧାୟକ

ଭୋଗରାଇ, ୨୪।୬(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀର ବିଧାୟକ ଗୌତମବୁଦ୍ଧ ଦାସଙ୍କ କାର୍ଯ୍ୟକାଳ ୧ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରଥମ କରି ନିର୍ବାଚନମଣ୍ଡଳୀର ଉନ୍ନୟନ କାର୍ଯ୍ୟର ଅଗ୍ରଗତି ଓ ନୂତନ ପ୍ରକଳ୍ପ ପରିକଳ୍ପନା ବାବଦରେ ରିପୋର୍ଟ କାର୍ଡ ସାର୍ବଜନୀନ କରିଛନ୍ତି। ଗତ ରବିବାର ପୂର୍ବାହ୍ନ ୧୧ଟାରେ ଆୟୋଜିତ ବନ୍ଧୁମିଳନରେ ସମସ୍ତ ଜନପ୍ରତିନିଧି ତାଙ୍କ କାର୍ଯ୍ୟକାଳରେ ସମସ୍ତ ତଥ୍ୟ ପୁସ୍ତକ ମାଧ୍ୟମରେ ସାର୍ବଜନୀନ କରିଛନ୍ତି। ଭୋଗରାଇ ବିଜେପି ଶାଖାର ସଭାପତି ରମାକାନ୍ତ କରଣ ଏହାକୁ ପରିଚାଳନା କରିଥିଲେ।

ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ତାଙ୍କ ପ୍ରକାଶ୍ୟ ରିପୋର୍ଟ କାର୍ଡରେ କୃଷି, ପାଣି ନିଷ୍କାସନ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ରାସ୍ତାଘାଟ, ବିଦ୍ୟୁତ୍, ବିଶୁଦ୍ଧ ପାନୀୟ ଜଳ, ପୋତି ହୋଇପଡ଼ିଥିବା କୋଷ୍ଟକେନାଲ ଉଦ୍ଧାର, ପର୍ଯ୍ୟଟନ ଶିଳ୍ପର ବିକାଶ, ସୀମା ସମସ୍ୟାର ସ୍ଥାୟୀ ସମାଧାନ, କମର୍ଦ୍ଦାରେ ବ୍ଲକ ପ୍ରତିଷ୍ଠା ସହିତ ବହୁବିଧ ନୂତନ ପ୍ରକଳ୍ପର ସଂକ୍ଷୁ ସର୍ବାଙ୍ଗୀୟ କାର୍ଯ୍ୟର ସୂଚନା ଜନପ୍ରତିନିଧିଙ୍କ ସମ୍ମୁଖରେ ପ୍ରକାଶ କରିଥିଲେ। ଭୋଗରାଇ ଲୋକଙ୍କ ସେବାରେ ସେ ଥିଲେ, ଅଛନ୍ତି ଓ ରହିବେ ବୋଲି ପ୍ରକାଶ କରିବା ସହିତ ସମସ୍ତଙ୍କର ସହଯୋଗ ଲୋଡ଼ିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଉପାଧ୍ୟକ୍ଷ ମାନାରାଣୀ ସାସମଲ, ଜିଲା ପରିଷଦ ସଦସ୍ୟା ତଥା ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ଜିଲାପରିଷଦ ସଦସ୍ୟା କବିତା ମହାନ୍ତି, ଦମୟନ୍ତୀ ସାହୁ, ଗିରିଶ ଦତ୍ତ, ବରିଷ୍ଠ ନେତା ତପନ କୁମାର ପଣ୍ଡା, ହେମନ୍ତ ବେହେରା, ନଗେନ୍ଦ୍ର ପାତ୍ର, ପ୍ରଦୀପ ବେହେରା ଓ ତାପସ ମହାପାତ୍ର ପ୍ରମୁଖ ବିଧାୟକଙ୍କ ବିକାଶ ଧାରାକୁ ବିରୋଧୀ ଦଳ ସହ ଓଗାଳିବାର ନାହିଁ ବୋଲି ପ୍ରକାଶ କରିଥିଲେ। ଶେଷରେ ବିଜେଡି ନେତା ସତ୍ୟଜିତ ସାସମଲ ଧନ୍ୟବାଦ ଦେଇଥିଲେ।

# ବିଗୁଡ଼ୁଛି ଆଇନଶୃଙ୍ଖଳା ପରିସ୍ଥିତି

ବାରିପଦା,୨୪।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

- ପ୍ରତିଦିନ ଫୁଟୁଛି ଗୁଳି
- ବଢ଼ୁଛି ଚୋରି, ଡକାୟତି
- ବିଜେଡି ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର

ମୟୂରଭଞ୍ଜ ଜିଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନେଇ ଜିଲାବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ପ୍ରତିଦିନ ଗୁଳି ଫୁଟୁଥିବା ବେଳେ ଲୁଟ ଓ ଛିନତାଇ ବଢ଼ି ଚାଲିଥିବାରୁ ସାଧାରଣରେ ଉଦବେଗ ପ୍ରକାଶ ପାଇଛି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ନିମନ୍ତେ ବିଜେଡି ପକ୍ଷରୁ ଦାବି କରାଯାଇଛି। ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏସ୍‌ପି ବରୁଣ ଗୁଣ୍ଟୁପାଲିକୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ବାରିପଦା ସହର ସମେତ ଜିଲାରେ ଅପରାଧ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଲଗାତାର ଦୁଇ ଦିନ ମଧ୍ୟରେ ତିନୋଟି ସ୍ଥାନରେ ଗୁଳିମାଡ଼ ହୋଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏପରିକି ଜାତୀୟ ରାଜପଥ, ରାଜ୍ୟ ରାଜପଥ ଓ ସହର ମଧ୍ୟରେ ଗୁଳି ଶବ୍ଦ ଶୁଣି ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ସୋମବାର ପୂର୍ବାହ୍ନରେ ଜଣେ ମଦ ଦୋକାନ କର୍ମଚାରୀଙ୍କୁ ୧୮ନଂ. ଜାତୀୟ ରାଜପଥରେ ୫ରାଉଣ୍ଡ ଗୁଳିମାଡ଼ ହୋଇଥିଲା। ଦୁର୍ବୃତ୍ତମାନେ ୮ ଲକ୍ଷ ଟଙ୍କା ଲୁଟ ଉଦ୍ଦେଶ୍ୟରେ କର୍ମଚାରୀଙ୍କ ମୁଣ୍ଡ ଓ ଗୋଡ଼କୁ ଲକ୍ଷ୍ୟ କରି ଗୁଳି ଫୁଟାଇଥିଲେ। ତାଙ୍କ ଜଂଘରେ ଏକ ଗୁଳି ପଶିଥିବା ବେଳେ ମୁଣ୍ଡ ଦେଇ ଅନ୍ୟ ଏକ ଗୁଳି ଯାଇଥିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ସେହିପରି ଏକ କି.ମି. ଦୂରରେ ଥିବା ଜାତୀୟ ରାଜପଥ ପାର୍ଶ୍ୱ କୁଚେଇସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ମଙ୍ଗଳବାର ଅପରାହ୍ନ ୩ଟାରେ ଡକାୟତି ହୋଇଛି। ବନ୍ଧୁକ ଦେଖାଇ ୬ ଜଣ ଦୁର୍ବୃତ୍ତ ୭ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ମଙ୍ଗଳବାର ଅପରାହ୍ନରେ ବାରିପଦା ଟାଉନ ଥାନା କାଳିକାପୁର ଅଞ୍ଚଳରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ଗୁଳି ମାଡ ସହ ଭୁଜାଲି ଆକ୍ରମଣ ହୋଇଥିଲା। ଏଥିରେ ୨ରାଉଣ୍ଡ ଗୁଳି ଫୁଟିଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଛି। ଗତ ଶନିବାର ପିଆର୍‌ଏମ୍ ମେଡିକାଲ ପରିସରରେ ଜଣେ ସିକ୍ୟୁରିଟି ଗାର୍ଡଙ୍କୁ ଅପରାଧି ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ମେ ୩୧ରେ ଝାରପୋଖରିଆ ଥାନା ଅଧୀନ ଯୋକା ଖଡ଼ିପାହାଡ଼ି ଜଙ୍ଗଲ ରାସ୍ତାରେ ଦିନ ଦ୍ୱିପ୍ରହରରେ ଦୁର୍ବୃତ୍ତମାନେ ବନ୍ଧୁକ ଓ ଛୁରି ଦେଖାଇ ଟଙ୍କା ଓ ବାଇକ୍ ଲୁଟି ନେଇଥିଲେ। ୨ମାସ ପୂର୍ବେ ବିଜାତଳା ସ୍ଥିତ ବ୍ୟାଙ୍କ ଡକାୟତିରେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଅପରାଧିମାନେ ଜଡିତ ଥିବା ନେଇ ଜଣାପଡିଥିଲା। ଜିଲାର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଦୁଇ ରାଜ୍ୟର ପ୍ରବେଶ ପଥଗୁଡ଼ିକ ଠିକ୍ ଭାବେ ଯାଞ୍ଚ ହେଉ ନ ଥିବାରୁ ଅପରାଧୀମାନେ ଅପରାଧ ଘଟାଇ ନିର୍ଭୟରେ ପଳାଇବାରେ ସକ୍ଷମ ହେଉଛନ୍ତି। ଜିଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଗମ୍ଭୀର ଆଡକୁ ଗତି କରୁଥିବା ବେଳେ କାର୍ଯ୍ୟକାରେ ପୋଲିସ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି।

ପୋଲିସ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ବିଜେଡି ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବିଜେଡି ପ୍ରତିନିଧି ଦଳରେ ଜିଲା(ପଶ୍ଚିମ) ସଭାପତି ଦେବାଶିଷ ମାରାଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ଜିଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଏସ୍‌ସିଏସ୍ ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସରୋଜ କୁମାର ଘୋଷ, ପ୍ରଭାତ କୁମାର ନାୟକ, ଅନନ୍ତ ଦାସ, ଦୀପ୍ତିଲତା ମିଶ୍ର, ଲଲାଟେନ୍ଦୁ ବେହେରାଙ୍କ ସମେତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।


ବିଜେଡି ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଟୋଲ୍‌ପ୍ଲାଜାରୁ ଡକାୟତି ଯୋଜନା, ୩ ଗିରଫ

ବୈଶିଙ୍ଗା,୨୪।୬(ରତନ ଦାଶ) ବୈଶିଙ୍ଗା ଥାନା ଅଧୀନ ପଦ୍ମନାଭପୁର ଟୋଲପ୍ଲାଜାରୁ ଡକାୟତି ଯୋଜନା କରୁଥିବାବେଳେ ୩ ଜଣ ଫେରାର ଦୁର୍ବୃତ୍ତଙ୍କୁ ମାଡ଼ି ବସିଛି ପୋଲିସ ଟିମ୍। ଥାନାଧିକାରୀ ବାରିଣୀ ଦାସଙ୍କ ସୂଚନା ମୁତାବକ, ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶ କ୍ରମେ ରାତ୍ରିକାଳୀନ ପାଟ୍ରୋଲିଂ ସହ ବିଭିନ୍ନ ସ୍ଥାନରେ ନାକାବନ୍ଦି ଓ ଯାନବାହାନ ଯାଞ୍ଚ ତ୍ୱରାନ୍ୱିତ କରାଯାଉଛି। ୧୮ନଂ. ଜାତୀୟ ରାଜପଥର କେନ୍ଦୁଆ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ୬ଜଣ ସନ୍ଦିଗ୍ଧ ଠିଆ ହୋଇଥିଲେ। ଏସ୍‌ଆଇ ରବୀନ୍ଦ୍ର ବେହେରା ଓ ଦେବାଶିଷ ମଣ୍ଡଳ, ଏଏସ୍‌ଆଇ ଶୁଭାଂଶୁ ଶେଖର ରାଉଳଙ୍କ ସହ ଅନ୍ୟ ପୋଲିସ କର୍ମଚାରୀମାନଙ୍କୁ ନେଇ ଏକ ଟିମ ବିଳମ୍ବିତ ରାତିରେ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ୩ଜଣ ଚମ୍ପଟ ମାରିଥିବା ବେଳେ ୩ ଅଭିଯୁକ୍ତ ଧରା ପଡ଼ିଥିଲେ। ତଦନ୍ତ ସମୟରେ ସେମାନେ ଅଳ୍ପ ଦୂରରେ ଥିବା ପଦ୍ମନାଭପୁର ଟୋଲପ୍ଲାଜା କାର୍ଯ୍ୟାଳୟରେ ଡକାୟତି ଓ ଲୁଟପାଟ ଯୋଜନା କରୁଥିବା ସ୍ୱୀକାର କରିଛନ୍ତି। ସେମାନଙ୍କ ନିକଟରୁ ଗୋଟିଏ ବାଇକ, ଗୋଟିଏ ଟାଟା ନେକ୍ସନ କାର, ତେଲେଙ୍ଗା କତୁରି, ଲୁହା ରଡ଼ ଓ ମୁହଁ ଢାଙ୍କିବା ପାଇଁ କଳା ମୁଖା ଜବତ କରାଯାଇଛି। ଏ ସମ୍ପର୍କରେ ଥାନାରେ ଏକ ମାମଲା(ନଂ.୩୦୩/୨୫) ରୁଜୁ ପରେ ଅଧିକ ତଦନ୍ତ ଜାରି ରହିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ସଦର ନିକଟସ୍ଥ ନଗରୀ ଗ୍ରାମର କରଣ ପରିଡ଼ା ଓ ସନ୍ଦିପ ବିଶ୍ୱାଳ ଏବଂ ବୈଶିଙ୍ଗା ନିକଟସ୍ଥ ଯୁଗପୁରା ଗ୍ରାମର ଦେବୁ ଦାସ। କରଣ ଓ ସନ୍ଦିପଙ୍କ ନାମରେ ବାଲେଶ୍ୱର ଜିଲାର ବିଭିନ୍ନ ଥାନାରେ ମାମଲା ଚାଲିଥିବା ସୂଚନା ମିଳିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

## ୮ ଶିଶୁ ଶ୍ରମିକ ଉଦ୍ଧାର ସିଡବ୍ଲ୍ୟୁସିକୁ ହସ୍ତାନ୍ତର

ଉଦଳା, ୨୪।୬(ସନ୍ତୋଷ କୁମାର ବାଛିନୀ): ଉଦଳା ବଜାରରେ ବିଭିନ୍ନ ଦୋକାନ, ଢ଼ାବା, ଫାଷ୍ଟଫୁଡ ଦୋକାନରେ ଉଦଳା ସହକାରୀ ଶ୍ରମ ଅଧିକାରୀଙ୍କ ସହିତ ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଏବଂ ପୋଲିସ ମିଳିତ ଭାବେ ଚଢ଼ାଉ କରି ୮ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛନ୍ତି। ମଙ୍ଗଳବାର ମଧ୍ୟାହ୍ନ ୧୨ଟା ସମୟରେ ଏହି ଚଢ଼ାଉ ହୋଇଥିଲା। ବେଆଇନ ଭାବେ ଶିଶୁ ଶ୍ରମିକମାନଙ୍କୁ ବିପଦ ପୂର୍ଣ୍ଣ କାମରେ ନିୟୋଜିତ କରିଥିବା ଦୋକାନୀଙ୍କ ନିକଟରୁ ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରାଯାଇଛି। ତଦନ୍ତ ପରେ ଶିଶୁ ଶ୍ରମିକମାନଙ୍କୁ କାମରେ ଲଗାଇଥିବା ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଫାଇନ କରାଯିବ ବୋଲି ସହକାରୀ ଶ୍ରମ ଅଧିକାରୀ ଉଦଳା କୁମୁଦିନୀ କବିତା ହେମ୍ବ୍ରମ କହିଛନ୍ତି। ଏହି ଚଢ଼ାଉରେ ବିଏଡିସି ସଦସ୍ୟ ଅଙ୍କିତା ବାରିକଙ୍କ ସମେତ ପୋଲିସ କର୍ମଚାରୀମାନେ ସାମିଲ ଥିଲେ। ଉଦ୍ଧାର ହୋଇଥିବା ୮ ଶିଶୁ ଶ୍ରମିକଙ୍କୁ ବାରିପଦା ସିଡବ୍ଲ୍ୟୁସି କାର୍ଯ୍ୟାଳୟରେ ରଖାଯାଇଛି।

## ଖବରଦାତାଙ୍କୁ ହତ୍ୟା ଧମକ

ବେତନଟୀ,୨୪।୬ ( ଧରଣୀଧର ମହାନ୍ତି) : ବୁଧବାର ହେବାକୁ ଥିବା ଜନଶୁଣାଣି କାର୍ଯ୍ୟକ୍ରମକୁ କେନ୍ଦ୍ର କରି ରବିବାର ବିଳମ୍ବିତ ରାତିରେ ବେତନଟୀ ଅଞ୍ଚଳର ଖବରଦାତା ଉଦିତ ପରିଡ଼ାଙ୍କୁ ହତ୍ୟା ଧମକ ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ବୈଶିଙ୍ଗା ଥାନା ଅଧୀନ ନାଖରା ଅଞ୍ଚଳର ଛତିଶ ମଣ୍ଡଳଙ୍କ ନାଁରେ ଏକ ମାମଲା(ନଂ.୨୦୩/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

## କାଳଡ୍ୟାମ୍ ଗେଟ୍ ଖୋଲିଲା

ଉଦଳା, ୨୪।୬(ସନ୍ତୋଷ କୁମାର ବାଛିନୀ)– ଶିମିଳିପାଳ ଉପର ମୁଣ୍ଡରେ ଲଗାଣ ବର୍ଷା କାରଣରୁ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। କପ୍ତିପଦା ବ୍ଲକ ଅଧୀନରେ ଥିବା କାଳ ଡ୍ୟାମରେ ଜଳସ୍ତର ବୃଦ୍ଧି ପାଇବାରୁ କର୍ତ୍ତୃପକ୍ଷ ସୋମବାର ରାତି ୧୦ଟାରେ ଗୋଟିଏ ଗେଟ୍ ଖୋଲିଛନ୍ତି। ଡ୍ୟାମରେ ଜଳଧାରଣ କ୍ଷମତା ୭୭. ୭ ଥିବା ବେଳେ ଡ୍ୟାମରେ ଜଳ ୭୭.୪ ବିପଦ ସଂକେତ ଛୁଇଁବାରୁ କର୍ତ୍ତୃପକ୍ଷ ବିଳମ୍ବିତ ରାତିରେ ଡ୍ୟାମ ଗେଟ ଖୋଲିଥିଲେ। ୧ ମିଟର ଗେଟ ଖୋଲାଯାଇଥିବା ବେଳେ ପ୍ରତି ସେକେଣ୍ଡରେ ୬୦ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ଗୋଟିଏ ପଟେ ବର୍ଷା ଏବଂ ଅନ୍ୟପଟେ ଗେଟ ଖୋଲା ଯିବାରୁ ତଳିଆ ଅଞ୍ଚଳବାସୀ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି।

## ଥାନା ଅଧିକାରୀଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ

ମୋରଡ଼ା,୨୪।୬(ସ୍ମାରକ ମାଜୀ)– ଚିତ୍ରଡାସ୍ଥିତ ମୋରଡ଼ା ବ୍ଲକ ସାମ୍ବାଦିକ ଭବନରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମ୍ବାଦିକ ସଂଘ ସଭାପତି ରଣଜିତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘର ସଦସ୍ୟ ଏବଂ ମୋରଡା ପ୍ରେସ କ୍ଲବର ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ଅଞ୍ଚଳର ସାମଗ୍ରିକ ବିକାଶ ନିମନ୍ତେ ଆଲୋଚନା କରାଯାଇଥିଲା। ପରେ ମୋରଡ଼ା ଥାନା ଅଧିକାରୀ ସୁମିତ ସୋରେନ ଯୋଗଦେବା ପରଠୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ତଥ୍ୟ ଦେବାରେ ସହଯୋଗ କରୁ ନ ଥିବାରୁ ତାଙ୍କ ବିରୋଧରେ ଏକ ନିନ୍ଦା ପ୍ରସ୍ତାବ ଆଗତ କରାଯାଇ ଥିଲା। କୌଣସି କାର୍ଯ୍ୟକ୍ରମରେ ତାଙ୍କୁ ସହଯୋଗ କରାଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମରେ ଘାସିରାମ ବେହେରା, ଅବିନାଶ ମହାନ୍ତି, ବିଶ୍ୱବନ୍ଧନ ବେହେରା,ସ୍ମାରକ ମାଜୀ, ଦୀପକ କୁମାର ବେହେରା,ସୁଧାଂଶୁ ରାଉତ,ତୁଷାରକାନ୍ତ ବେହେରା,ରଜତ ମହାନ୍ତି, ସତ୍ୟକାନ୍ତ ବେହେରା, ଚିତ୍ତରଞ୍ଜନ ବେହେରା,ଜ୍ଞାନରଞ୍ଜନ ବେହେରା,ବିଭୂଦତ୍ତ ବେହେରା ଏବଂ ଅରବିନ୍ଦ ତୁଙ୍ଗ ଉପସ୍ଥିତ ଥିଲେ।

## ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଜବତ

ବୈଶିଙ୍ଗା,୨୪।୬(ରତନ ଦାଶ)– ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ କେନ୍ଦୁଆ ପଞ୍ଚାୟତର ଉଲଡିହ ଗ୍ରାମ ପୋଖରୀରେ ଭାସୁଥିବା ଜଣେ ବୃଦ୍ଧଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ସେହି ଗ୍ରାମର ରେଣ୍ଟା ଟୁଡୁ (୬୫)। ସୋମବାର ସନ୍ଧ୍ୟାରୁ ସେ ନିଖୋଜ ଥିଲେ। ମୃତକଙ୍କ ସ୍ତ୍ରୀ କାପୁରାଙ୍କ ଲିଖିତଅଭିଯୋଗକ୍ରମେବୈଶିଙ୍ଗାପୋଲିସଏକଅପମୃତ୍ୟୁମାମଲାରଜୁକରିଛି।

## ତମାଖୁମୁକ୍ତ ବିଦ୍ୟାଳୟ ସମ୍ପର୍କିତ ତାଲିମ

ବାରିପଦା,୨୪।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ):

ବାରିପଦାସ୍ଥିତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ତମାଖୁ ମୁକ୍ତ ବିଦ୍ୟାଳୟ ପାଇଁ ଶିକ୍ଷକମାନଙ୍କ ନିମନ୍ତେ ଏକଦିବସୀୟ ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ତମାଖୁ, ଅନ୍ୟାନ୍ୟ ନିଶା ଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବ୍ୟବହାରର କୁପରିଣାମ ସମ୍ବନ୍ଧରେ ଅବଗତ କରାଇ ଏହାର ବ୍ୟବହାରର କୁପ୍ରଭାବ ସ୍ୱରୂପ ନିଜେ ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡିବା ସହିତ ନିଜ ପରିବାରବର୍ଗଙ୍କୁ କିପରି ଏକ ଦୁଃଖଦ ଅନିଶ୍ଚିତ ଭବିଷ୍ୟତ ଆଡକୁ ଟାଣି ନେଇ ଯାଇଥାନ୍ତି ସେ ବିଷୟରେ ଶିକ୍ଷକମାନଙ୍କୁ ବିଭିନ୍ନ ପ୍ରକାର ସଚେତନଧର୍ମୀ ବାର୍ତ୍ତା ଜରିଆରେ ଅବଗତ କରାଇଥିଲେ। ଏହାକୁ ସମ୍ପୂର୍ଣ୍ଣ ଭାବେ ବର୍ଜନ କରିବା ପାଇଁ ନିବେଦନ କରିଥିଲେ। ଏହି ଅବସରରେ ଶିକ୍ଷକମାନେ ବିଦ୍ୟାଳୟରେ ଛାତ୍ରୀଛାତ୍ର ମାନଙ୍କୁ କିପରି ତମାଖୁ ବ୍ୟବହାରର ଅପକାରିତା ବିଷୟରେ ବୁଝାଇବେ ଓ ନିଜ ବିଦ୍ୟାଳୟକୁ କିପରି ତମାଖୁ ମୁକ୍ତ ବିଦ୍ୟାଳୟ ରୂପେ ଗଢି ତୋଳିବେ ସେ ବିଷୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କିଶୋର କୁମାର ଆଚାର୍ଯ୍ୟ ଆଲୋକପାତ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୫୦ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମ ଆହୁରି ୩ ଦିନ ଧରି ଚାଲିବ। ଏଥିରେ ଜିଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୧୭୨ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଭାଗ ନେବେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ସୁବାସ ଚନ୍ଦ୍ର ନାୟକ ଜିଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ଦାସ, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା ଘାସିରାମ ମୁର୍ମୁ, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା ଶାନ୍ତନୁ ଦାସ, ଅନିଲ କୁମାର ମହାନ୍ତି, ଡ୍ରଗସ କଣ୍ଟ୍ରୋଲର ରୁଦ୍ର ନାରାୟଣ ସାହୁ,ଜିଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

SKI Retail Capital Limited
A Leading distributor, Insurance & Financial Services
Require
DYNAMIC AREA MANAGER
for Motor Insurance in Rourkela, Sambalpur, Balasore, Cuttack, Angul.
Exp. in General Insurance Industry or Insurance broking 4-5 yrs experience.
CTC Rs. 6 to 7.2 lacs LPA
Mail CV: resume@skiretail.in.
M: 9840335849

ଆବଶ୍ୟକ
ଘର ସହ ରନ୍ଧା ରୁମ୍, ଗାଧେଇବା, ପାଇଖାନା ଘର ସହିତ ଖାଲିଅଛି। ଅଟୋ ଓ କାର୍ ଚଳାଇବା ୨୪ରୁ ୨୫ବର୍ଷର ଯୁବକ ଛୋଟ ପରିବାର କିମ୍ବା ଛୋଟ ପିଲା ଥିବା ପରିବାର ପଶ୍ଚିମ କିମ୍ବା ଦକ୍ଷିଣ ଓଡ଼ିଶା ଲୋକଙ୍କ ପାଇଁ ଉଦ୍ଦିଷ୍ଟ। ବୟସାଧିକ ଘରର ମା'ଙ୍କୁ ରନ୍ଧାବଢ଼ାରେ ସକାଳ, ସଞ୍ଜରେ ୨ଘଣ୍ଟା ସାହାଯ୍ୟ କଲେ ପ୍ରାପ୍ୟ ମଧ ରହୁଥିବା ଲୋକର ସ୍ତ୍ରୀକୁ ଦିଆଯିବ।
ଯୋଗାଯୋଗ: ଟଙ୍କପାଣି ରୋଡ୍, ଭୁବନେଶ୍ୱର
9861037236

See Career Appointment on every Wednesday & Saturday

ଆବଶ୍ୟକ
JC BATTERIES
ତାମିଲନାଡୁର ଏକ ISO ପ୍ରମାଣିତ ବ୍ୟାଟେରି ବିନିର୍ମାତା କମ୍ପାନୀ ପୂର୍ଣ୍ଣକାଳୀନ ଚାକିରି ପାଇଁ ଶ୍ରମିକ ଆବଶ୍ୟକ କରୁଛି।
ମେଶିନ ଅପରେଟର
ହେଲ୍‌ପର
ଉଚ୍ଚ ଦରମା
ପ୍ରଦାନ କରାଯାଉଥିବା ଲାଭ:
• ମାଗଣା ଖାଇବା ଓ ରହିବା ସୁବିଧା
• ବୋନସ୍, ଇଏସ୍‌ଆଇ, ପିଏଫ୍, ବୀମା ସୁବିଧା ଦିଆଯିବ
ଯୋଗାଯୋଗ: ଜୟଚନ୍ଦ୍ରନ ଇଣ୍ଡଷ୍ଟ୍ରିଜ୍ (ପ୍ରା) ଲିଃ
219/2A1, ତେଲେଙ୍ଗୁପାଲାୟାମ ରୋଡ୍, ଏଲ୍ଲାପାଲାୟାମ ପୋଷ୍ଟ, ଅନ୍ନୁର, କୋଏମ୍ବାଟୁର – 641697 । ତାମିଲନାଡୁ
ଫୋନ୍: +91 96777 75651, 95009 42402
www.jcbattery.net

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur Pin-768017 (Odisha)

**Notice for cancellation of Tender**

T.Notice No. TPWODL/PJ/O/SU/2500000995 Date : 21.06.2025

**The Tender referred above for "Rate contract for Supply of 11KV DO Fuse with DD Link" is here by Cancelled.**

Sd/- HoD-Contracts and Procurement

**ଏସ୍ଏଲ୍ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୫-୧୦ ଓ ୧୧ ତାରିଖ: ୨୩।୦୬।୨୦୨୫

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼୍‌ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ–ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି । କ୍ର.ସଂ.- (୧), ବର୍ଗ: ପାର୍ସଲ, କାଟାଲଗ୍ ନଂ.: ଲିଜ୍–କେଜିପି–୨୫–୧୦, ଇ-ନିଲାମ ତାରିଖ: ୩୦।୦୬।୨୦୨୫ । ନିଲାମ ଆରମ୍ଭ ସମୟ: ୧୧.୦୦ ଘଟିକା । ନିଲାମ ସମାପ୍ତି ସମୟ: ୧୨.୪୦ ଘଟିକା । କ୍ର.ସଂ.- (୨), ବର୍ଗ: ପାର୍ସଲ, କାଟାଲଗ୍ ନଂ.: ଲିଜ୍–କେଜିପି–୨୫–୧୧, ଇ-ନିଲାମ ତାରିଖ: ୦୭।୦୭।୨୦୨୫ । ନିଲାମ ଆରମ୍ଭ ସମୟ: ୧୧.୦୦ ଘଟିକା । ନିଲାମ ସମାପ୍ତି ସମୟ: ୧୬.୩୦ ଘଟିକା । ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ–ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-309) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼୍‌ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

**PM SHRI School**
**Jawahar Navodaya Vidyalaya, Paljhar, Boudh**
(A Unit of Navodaya of Navodaya Vidyalaya Samiti)
Ministry of Education, Deptt. of School, Education & Literacy, Govt. of India
Affiliation No. - 1540023, School Code - 19060
Village - Salki, Distt - Boudh, State - Odisha, Pin - 762028
Email - jnvboudh@gmail.com, UDISE No. - 21220107102, CBSE
Website - https://www.navodaya.gov.in/nvs/nvs-school/Boudh/en/home/
GSTIN NO-21BBNJ00254C1DE
F.No-02.16/JNV/BGH/2025-26/1082 Dated-24.06.2025

**SHORT TENDER CALL NOTICE FOR HIRING OF VEHICLE ON CONTRACT BASIS**

Sealed tenders are invited from interested Vehicle Owners/ Travel Agencies/Tour Operators for providing Diesel Run Bolero (7+1) of AC for official use on hiring basis at PM SHRI JNV Boudh (Odisha) on terms and conditions mentioned in the standard bidding documents so as to reach in the O/o the Principal, JNV Boudh(Odisha) on or before **30.06.2025 up to 05.00 P.M.** through Registered/Speed Post/Courier Service and can also be dropped in Tender Box Placed in O/o the Principal, JNV Boudh (Odisha). The tenders will be opened on dated **01.07.2025 at 10.00 A.M.** in the Office of the Principal, JNV Boudh (Odisha). The standard bidding documents and terms and conditions can be downloaded from https://navodaya.gov.in/nvs/nvs-school/Boudh/en/home/ and also can be obtained from Office of the Principal, JNV Boudh from **25.06.2025 to 30.06.2025** during office hour i.e. from **09.00 A.M. to 05.00 P.M.** on payment of **Rs.500/-(Non refundable).**

Tender inviting authority reserves the right of accepting or rejecting one or more tender offers (s) or cancelling the tender without assigning any reason thereof.

Sd./- (Brahmdeo Prasad)
Principal I/c
JNV Boudh (Odisha)

**बैंक ऑफ महाराष्ट्र**
**Bank of Maharashtra**
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
**ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର**
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୂପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ୍: dzmbbsr@mahabank.co.in

**ଡିମାଣ୍ଡ ନୋଟିସ୍**

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ସମ୍ପୃକ୍ତ ଶାଖା** ଦ୍ୱାରା ନିମ୍ନ ରଣ ସୁବିଧା ଗୁଡ଼ିକ ମଞ୍ଜୁର କରାଯାଇଛି ଏବଂ ଆପଣ ଏହା ପ୍ରାପ୍ତ କରିଛନ୍ତି। କଥିତ ପ୍ରାପ୍ତ ରଣ ସୁବିଧା ଅନୁଯାୟୀ ଆପଣ ବ୍ୟାଙ୍କ ସପକ୍ଷରେ ଆବଶ୍ୟକୀୟ କାଗଜପତ୍ର ସମ୍ପାଦନ କରିଛନ୍ତି ଏବଂ ବ୍ୟାଙ୍କ ସପକ୍ଷରେ ବନ୍ଧକ ମଧ ଦେଇଛନ୍ତି। ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ, ଆପଣମାନେ ଆପଣମାନଙ୍କର ବକେୟା ଦେୟ ପରିଶୋଧ କରୁନାହାନ୍ତି । ଏଣୁ କିସ୍ତି ସୁଧ/ମୂଳରଣ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁଯାୟୀ ଆପଣଙ୍କ ଆକାଉଣ୍ଟକୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ସମ୍ପୃକ୍ତ ଶାଖାର** ରଣଗ୍ରହୀତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। କିନ୍ତୁ ରେଜିଷ୍ଟ୍ରେଡ ଡାକ ସହିତ ଏ.ଡି. ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ରଣଗ୍ରହୀତା / ସହ-ରଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ପ୍ରକାର / ରଣ ପରିମାଣ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| **ମହାନଦୀ ବିହାର ଶାଖା /** **ରଣଗ୍ରହୀତା: ଶ୍ରୀ ରଞ୍ଜିତ ମହାପାତ୍ର / ସହ-ରଣଗ୍ରହୀତା: ଶ୍ରୀମତୀ ସୁନିତା ମହାପାତ୍ର,** ସ୍ୱାମୀ: ଶ୍ରୀ ରଞ୍ଜିତ ମହାପାତ୍ର, ଉଭୟଙ୍କ ଠିକଣା- ଫ୍ଲାଟ୍ ନଂ.: ୩୦୩, ବି ବ୍ଲକ୍, ମେଟ୍ରୋ ଗ୍ରୀନ୍‌ଉଡ୍, ଟୁଇନ୍ ସିଟି, ପୋ: ବ୍ରାହ୍ମଣୀଗାଁ, ଥାନା: ବାରଙ୍ଗ, ମୌଜା: ମଧୁବନ, ତ୍ରୀଶୁଳିଆ ଛକ, ଜିଲ୍ଲା: କଟକ, ପିନ୍-୭୫୪୦୦୫, **ଅନ୍ୟ ଠିକଣା:** ସା: ୨୦୪, ହର୍ଷପ୍ରିୟା ରିଟ୍ରିଟ୍, ଜୟପୁର, ବାଲିଅନ୍ତା, ହଂସପାଳ ଛକ, ବାଲିଅନ୍ତା, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୧୦୧ | ମହା ଏଚ୍‌ଏସ୍‌ଜି- କନ୍‌ଷ୍ଟ ନନ୍‌ଏସ୍‌ଏଲ୍ ଏନ୍‌ପି / ଟ.୩୨,୩୬,୦୦୦/-, ମହା ଏଚ୍‌ଏସ୍‌ଜି- କନ୍‌ଷ୍ଟ ନନ୍‌ଏସ୍‌ଏଲ୍ ଏନ୍‌ପି / ଟ.୪୦,୦୦,୦୦୦/- | ୦୮.୦୬.୨୦୨୫ / ୧୦.୦୬.୨୦୨୫ / ୧୦.୦୬.୨୦୨୫ ସୁଦ୍ଧା ଟ.୭୪,୪୪,୭୮୯.୦୦ + ସେବାବଦ ପରବର୍ତ୍ତୀ ସୁଧ | **ଶ୍ରୀ ରଞ୍ଜିତ ମହାପାତ୍ର ଏବଂ ଶ୍ରୀମତୀ ସୁନିତା ମହାପାତ୍ର**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମିର ସମସ୍ତ ଅଂଶବିଶେଷ ଯାହାର ମିଲକତ ନଂ./ପ୍ଲଟ୍ ନଂ. ୨୧୬/ ୩୩୮୭, ଖାତା ନଂ.: ୪୦୩/୨୩୧୯, ମୌଜା: ମଧୁବନ, ତହସିଲ: ବାରଙ୍ଗ, ନଂ.- ୨୬୩, ଥାନା: କଟକ ସଦର, ନଂ.-୨୭, ଜିଲ୍ଲା: କଟକ, ପରିମିତ କ୍ଷେତ୍ର: ଏକର୦.୦୩୪୪ ଡିସିମିଲି, ଏହାର ଚଉହଦୀରେ- ପୂର୍ବ: ରାସ୍ତା ଏବଂ ପ୍ଲଟ୍ ନଂ. ୩୧୪, ପଶ୍ଚିମ: ବିକ୍ରି ହୋଇଥିବା ସମ୍ପତ୍ତିର ଅବଶିଷ୍ଟ ଅଂଶ, ଉତ୍ତର: ବିକ୍ରି ହୋଇଥିବା ସମ୍ପତ୍ତିର ଅବଶିଷ୍ଟ ଅଂଶ, ଦକ୍ଷିଣ: ବିକ୍ରି ହୋଇଥିବା ସମ୍ପତ୍ତିର ଅବଶିଷ୍ଟ ଅଂଶ ସହିତ ପରିମିତ କ୍ଷେତ୍ର ଏକର୦.୦୩୪୪ଡିସିମିଲିରେ ଥିବା ସମସ୍ତ ଗୃହ ଏବଂ ନିର୍ମିତ ଷ୍ଟ୍ରକ୍‌ଚର୍ସ କିମ୍ବା ନିର୍ମାଣ ହେବାକୁ ଥିବା ଷ୍ଟ୍ରକ୍‌ଚର୍ସ ଏବଂ ସେଥିରେ ସଂଲଗ୍ନ ସମସ୍ତ ଫିକ୍‌ଚର୍ସ |
| **ପାରାଦୀପ ଶାଖା /** **ରଣଗ୍ରହୀତା: ଶ୍ରୀ ବିଜୟ କୁମାର ଦାସ,** ପିତା: ନିଳମଣୀ ଦାସ, ସା: ରଙ୍ଗିଆଗଡ଼, ନିହାରୁଣି, ପୋ: ଝିମାଣୀ, କୁଜଙ୍ଗ, ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୪୧, **ଅନ୍ୟ ଠିକଣା:** ସା: ଧରାଧରପୁର, ପୋ: ରଘୁନାଥପୁର, ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୪୧ / **ସହ-ରଣଗ୍ରହୀତା: ଶ୍ରୀମତୀ ପ୍ରଶାନ୍ତୀ ଦାସ,** ସ୍ୱାମୀ: ବିଜୟ କୁମାର ଦାସ, ସା: ରଙ୍ଗିଆଗଡ଼, ନିହାରୁଣି, ପୋ: ଝିମାଣୀ, କୁଜଙ୍ଗ, ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୪୧ | ଏଚ୍‌ଏସ୍‌ଜି-ମହାସୁପ୍ ପିଆର୍‌ଆଇଓ-ରୁରାଲ / ଟ.୨୦,୦୦,୦୦୦/- | ୦୬.୦୬.୨୦୨୫ / ୧୧.୦୬.୨୦୨୫ / ୧୧.୦୬.୨୦୨୫ ସୁଦ୍ଧା ଟ.୧୯,୫୩,୮୪୮.୭୪ + ସେବାବଦ ପରବର୍ତ୍ତୀ ସୁଧ | **ଶ୍ରୀ ବିଜୟ କୁମାର ଦାସ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା/ଗ୍ରାମ: ଝିମାଣୀ, ନିହାରୁଣି, ତହସିଲ: କୁଜଙ୍ଗ, ଏସ୍‌ଆରଓ: କୁଜଙ୍ଗ, ଏସ. ନଂ/ଜିଏଟି ନଂ./ସିଟିଏସ୍ ନଂ.: ୧୮୧/୩୬, ପରିମିତ କ୍ଷେତ୍ର ୨୧୭୮ ବର୍ଗଫୁଟ, ଏହାର ଚଉହଦୀରେ- ପୂର୍ବ: ହରିହର ଜେନା, ପଶ୍ଚିମ: ବିକ୍ରେତାଙ୍କ ଜମିର ଅବଶିଷ୍ଟ ପ୍ଲଟ୍, ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ. ୨୮୧, ସହିତ ସେଠାରେ ଥିବା ସମସ୍ତ ଗୃହ ଏବଂ ନିର୍ମିତ ଷ୍ଟ୍ରକ୍‌ଚର୍ସ କିମ୍ବା ନିର୍ମାଣ ହେବାକୁ ଥିବା ଷ୍ଟ୍ରକ୍‌ଚର୍ସ ଏବଂ ସଂଲଗ୍ନ ସମସ୍ତ ଫିକ୍‌ଚର୍ସ |
| **ପାରାଦୀପ ଶାଖା /** **ରଣଗ୍ରହୀତା: ଶ୍ରୀ ଆଲୋକ କୁମାର ସେନାପତି,** ପିତା: ବାବୁରାମ ସେନାପତି / **ସହ-ରଣଗ୍ରହୀତା: ଶ୍ରୀମତୀ ସନ୍ଦିପ୍ତା ସେନାପତି,** ସ୍ୱାମୀ: ଆଲୋକ କୁମାର ସେନାପତି, ଉଭୟଙ୍କ ଠିକଣା- ସା: ତାଳପଡ଼ା, ପୋ: ରାହାମା, କୁଜଙ୍ଗ, ଓଡ଼ିଶା, ପିନ୍-୭୫୪୧୪୧ | ଟିଏନ୍-ଏଲ୍‌ଏନ୍ ବିପକ୍ଷରେ ପ୍ରପର୍ଟି ଆରଇଟି / ଟ.୧୫,୦୦,୦୦୦/- | ୦୮.୦୬.୨୦୨୫ / ୧୧.୦୬.୨୦୨୫ / ୧୧.୦୬.୨୦୨୫ ସୁଦ୍ଧା ଟ.୧୪,୦୬,୯୨୩.୦୦ + ସେବାବଦ ପରବର୍ତ୍ତୀ ସୁଧ | **ଶ୍ରୀ ଆଲୋକ କୁମାର ସେନାପତି**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଦୋକାନ (ସପ୍) ଆଦି ବ୍ୟବସାୟିକ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର ୬୫୩୪ ବର୍ଗଫୁଟ, ମୌଜା/ଗ୍ରାମ: ତାଳପଡ଼ା, ତହସିଲ: କୁଜଙ୍ଗ, ଏସ୍‌ଆରଓ: ତିର୍ତ୍ତୋଲ, ଏସ୍. ନଂ/ଜିଏଟି ନଂ./ସିଟିଏସ୍/ ସର୍ଭେ ନଂ./ପ୍ଲଟ୍ ନଂ.: ୨୦୧୮/୨୫୭୩, ଖାତା ନଂ.: ୭୫୫/୫୩୮, ଏହାର ଚଉହଦୀରେ- ପୂର୍ବ: କେଲୁ ସେନାପତି, ପଶ୍ଚିମ: ରମେଶ ଚନ୍ଦ୍ର ସେନାପତି, ଉତ୍ତର: ରାସ୍ତା, ଦକ୍ଷିଣ: ସମ୍ପତ୍ତି ମାଲିକଙ୍କ ଜମି, ସହିତ ପରିମିତ କ୍ଷେତ୍ର ୬୫୩୪ ବର୍ଗଫୁଟରେ ଥିବା ସମସ୍ତ ଗୃହ ଏବଂ ନିର୍ମିତ ଷ୍ଟ୍ରକ୍‌ଚର୍ସ କିମ୍ବା ନିର୍ମାଣ ହେବାକୁ ଥିବା ଷ୍ଟ୍ରକ୍‌ଚର୍ସ ଏବଂ ସେଥିରେ ସଂଲଗ୍ନ ସମସ୍ତ ଫିକ୍‌ଚର୍ସ |
| **ଟିଟିଲାଗଡ ଶାଖା /** **ରଣଗ୍ରହୀତାମାନେ: ୧) ଶ୍ରୀ ଲିଳାମୟ ସାହୁ,** ପିତା: ଶ୍ରୀ କେଶରୀ ସାହୁ, ୨) **ଶ୍ରୀମତୀ ସୁଜାତା ସାହୁ,** ସ୍ୱାମୀ: କେଶରୀ ସାହୁ, ଉଭୟଙ୍କ ଠିକଣା- ସା: କୁରୁସୁଡ, ପୋ: କୁରୁସୁଡ, ସିନ୍ଧେକେଲା, ଜିଲ୍ଲା: ବଲାଙ୍ଗୀର, ପିନ୍-୭୬୭୦୩୫ | ଟିଏଲ୍‌ମହା-ଏମ୍‌ଏସ୍‌ଇ ସ୍କିମ୍<=୨୫ଏଲ_ନିଉ / ଟ.୧୩,୫୦,୦୦୦/-, ସିସି-ମହା-ଏମ୍‌ଏସ୍‌ଇ ସ୍କିମ୍<=୨୫ଏଲ_ନିଉ / ଟ.୧,୫୦,୦୦୦/- | ୦୩.୦୬.୨୦୨୫ / ୧୦.୦୬.୨୦୨୫ / ୧୦.୦୬.୨୦୨୫ ସୁଦ୍ଧା ଟ.୧୪,୯୬,୦୪୧.୭୮ + ସେବାବଦ ପରବର୍ତ୍ତୀ ସୁଧ | **ଶ୍ରୀମତୀ ସୁଜାତା ସାହୁ,** ସ୍ୱାମୀ: କେଶରୀ ସାହୁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା/ଗ୍ରାମ: କୁରସୁଡ, ତହସିଲ: ଟିଟିଲାଗଡ, ଥାନା: ସିନ୍ଧେକେଲା, ଥାନା ନଂ.: ୪୫, ପୋ: କୁରୁସଡ, ସିଟିଏସ୍/ସର୍ଭେ ନଂ./ ଏଚ୍‌ଏନ୍ ନଂ.: ୨୭୫/୩୮୩, ପ୍ଲଟ୍ ନଂ.: ୯୮୬/୨୧୨୬, ପରିମିତ କ୍ଷେତ୍ର: ଏକର୦.୦୮୦ଡିସିମିଲି, କିସମ: ଘରବାରି ଏକ, ଏହାର ଚଉହଦୀରେ- ପୂର୍ବ: ଭୋଳାନାଥ ସାହୁଙ୍କ ଜମି, ପଶ୍ଚିମ: ଚେରୁ ସାହୁଙ୍କ ଜମି, ଉତ୍ତର: କେଶରୀ ସାହୁଙ୍କ ଜମି, ଦକ୍ଷିଣ: ରାସ୍ତା |

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (ସରଫେଶୀ) ଅନୁଯାୟୀ ବ୍ୟାଙ୍କ ଏହାର ଅଧିକାର କ୍ଷୁର୍ଣ୍ଣ ନକରି କ୍ଷମତା ପ୍ରୟୋଗ କରିବ। ଏତଦ୍‌ଦ୍ୱାରା ଆପଣଙ୍କୁ ଜଣାଇଦିଆଯାଉଛି କି, ଏହି ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ଆପଣ ଉପରଦର୍ଶିତ ସମ୍ପୂର୍ଣ୍ଣ ବକେୟା ଦେୟ ସହିତ ସେବାବଦ ପରବର୍ତ୍ତୀ ସୁଧ ଓ ଅନ୍ୟାନ୍ୟ ଦେୟ ପଇଠ କରନ୍ତୁ, ଅନ୍ୟଥା ବ୍ୟାଙ୍କକୁ ଉପଲବ୍ଧ ଥିବା ଅନ୍ୟାନ୍ୟ ଅଧିକାରକୁ କ୍ଷୁର୍ଣ୍ଣ ନକରି ଏହାର କ୍ଷମତା ପ୍ରୟୋଗ କରିବ ଏବଂ / କିମ୍ବା ସମ୍ପତ୍ତି ସମ୍ବନ୍ଧୀୟ କଥିତ ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୪) ଅନୁଯାୟୀ ବ୍ୟାଙ୍କ ଏହାର ସମସ୍ତ କ୍ଷମତା ପ୍ରୟୋଗ କରି ସମ୍ପତ୍ତିକୁ ଦଖଲ ନେବାକୁ ବାଧ୍ୟ ହେବ ଏବଂ ସେବାବଦ ପରବର୍ତ୍ତୀ ସମସ୍ତ ଖର୍ଚ୍ଚ, ଆଇନଗତ ଦେୟ କିମ୍ବା ଅନ୍ୟାନ୍ୟ ଆନୁସଙ୍ଗିକ ଦେୟ ନିମନ୍ତେ ଆପଣ ଦାୟୀ ରହିବେ। ଆକ୍ଟ ଅନ୍ତର୍ଗତ ଉପଲବ୍ଧ ଥିବା କ୍ଷମତାଗୁଡିକ: **କ)** ରଣଗ୍ରହୀତାଙ୍କ ବନ୍ଧକ ସୁରକ୍ଷିତ ସମ୍ପତ୍ତିକୁ ଦଖଲ, ଲିଜ୍ ମାଧ୍ୟମରେ ହସ୍ତାନ୍ତରିତ, ଆଇନଗତ ହସ୍ତାନ୍ତରିତ କିମ୍ବା ବିକ୍ରି କରାଯାଇ ରଣ ରାଶି ଆଦାୟ କରିପାରିବେ। **ଖ)** ବନ୍ଧକ ସୁରକ୍ଷିତ ସମ୍ପତ୍ତିର ପରିଚାଳନା ଭାର ଗ୍ରହଣକରି ଲିଜ୍ ମାଧ୍ୟମରେ ହସ୍ତାନ୍ତରିତ, ଆଇନଗତ ହସ୍ତାନ୍ତରିତ କିମ୍ବା ବିକ୍ରୟ କରି ରଣ ରାଶି ଆଦାୟ କରିପାରିବେ। **ଗ)** ବନ୍ଧକଧାରୀ ରଣଦାତା ଭାବେ ବ୍ୟାଙ୍କ ବନ୍ଧକପ୍ରାପ୍ତ ସୁରକ୍ଷିତ ସମ୍ପତ୍ତିର ପରିଚାଳନା ପାଇଁ ଯେକୌଣସି ବ୍ୟକ୍ତିଙ୍କୁ (ଏହା ପରେ ପରିଚାଳକ ଭାବେ ଦର୍ଶିତ ହେବେ) ନିଯୁକ୍ତି କରିପାରିବେ। **ଘ)** କୌଣସି ବ୍ୟକ୍ତିଙ୍କୁ ଯିଏ କି ରଣଗ୍ରହୀତାଙ୍କ ଠାରୁ ସୁରକ୍ଷିତ ସମ୍ପତ୍ତିକୁ ଅଧିକାର କରିଛନ୍ତି ଏବଂ ଯାହାଙ୍କ ଠାରୁ ଅର୍ଥରାଶି ପ୍ରାପ୍ତ ହେବାକୁ ଅଛି କିମ୍ବା ଯାହାଙ୍କର ରଣଗ୍ରହୀତାଙ୍କୁ ଦେୟ ପ୍ରଦାନ କରିବାକୁ ଅଛି, ତାଙ୍କୁ ଲିଖିତ ନୋଟିସ୍ ମାଧ୍ୟମରେ ବ୍ୟାଙ୍କକୁ ଉକ୍ତ ଅର୍ଥରାଶି ଯାହାକି ସୁରକ୍ଷିତ ରଣ ନିମନ୍ତେ ଯଥେଷ୍ଟ ତାହା ପ୍ରଦାନ କରିବାକୁ କୁହାଯିବ। ସୂଚନା ଯୋଗ୍ୟ ଯେ ଆକ୍ଟର ଧାରା ୧୩ (୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପ୍ରାପ୍ତି ପରେ ଆମର ପ୍ରାକ୍ ଲିଖିତ ଅନୁମତି ବିନା ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍‌ଦ୍ୱାରା ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ତାରିଖ: ୨୪.୦୬.୨୦୨୫
ସ୍ଥାନ: ଭୁବନେଶ୍ୱର

କ୍ଷମତାପ୍ରାପ୍ତ ଅଧିକାରୀ,
ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

**STATE SELECTION BOARD, DEPARTMENT OF HIGHER EDUCATION, GOVT. OF ODISHA, BHUBANESWAR-09**

**NOTICE**

**No. 1058/SSB** **Date: 19.06.2025**

No. N-102: In pursuant to Advertisement No. 03/2024, **Computer Skill Test** for provisionally shortlisted candidates will be held on **20th July 2025 at Bhubaneswar** for the recruitment to the Post of Non-teaching Posts (Jr. Assistant) in Govt. Degree Colleges of Odisha. The list of Roll Nos. of provisionally shortlisted candidates along with detailed instructions for appearing the test is available in the official website of State Selection Board (**www.ssbodisha.ac.in**). Candidates are instructed to go through the notice given in the website in this regard and act accordingly.

**OIPR-11015/11/0022/2526** **Sd./- Secretary**

**Govt. of Jharkhand**
**OFFICE OF THE EXECUTIVE ENGINEER**
**Field Survey Division, Advance Planning, Road Construction Department, Nirupan Bhawan, 4th floor, 56-Set Chowk, Doranda, Ranchi-834002**
**e-mail--- eercdapfsdran-jhr@nic.in**

**2nd Call, e-Procurement very Short Notice**

e-Tender Reference No -RCD/FSD /AP/ RAN/06/25-26 Dated 23.06.2025

| | | |
|---|---|---|
| 1- | Name of Work | Consultancy services for preparation of complete Land Acquisition Proposal with ownership details and computation of cost of acquired land, Resettlement and Rehabilitation Proposal & Forest Diversion Proposal including clearance of all stages as required as per latest guidelines for Ghaghri (on Hunterganj-Chatra, NH-99) to Kauleshwari Mandir (on RCD Road) via Dantar road at Chatra in the state of Jharkhand from Consultants empanelled in Category-I with the Road Construction Department, Government of Jharkhand vide letter no -3063(S) W.E dated 22-08-2022 are allowed to bid. |
| 2- | Tentative Length | 10.935 KM |
| 3- | Work completion time | 60 Days |
| 4- | Cost of Tender Document & Earnest Money Deposit (EMD) | **Cost of Tender Document** - Rs 5,000/- (Rupees Five Thousand) (Non-Refundable) through online mode only. **EMD :-** Rs 20,000/- (Rupees Twenty Thousand) through online mode only. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5- | Date and Time of Publishing of Tender on official website | 25.06.2025, 05.00 PM |
| 6- | Last date and Time of submission of Tender (With Tender Fee and EMD) | 03.07.2025, 12.30 PM |
| 7- | Date and Timing of Bid opening | 04.07.2025, 12.30 PM |
| 8- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi-834002, Mobile No-8051090751 |
| 9- | Mode of Bid Submission | e-Tendering (http://jharkhandtenders.gov.in) |
| 10- | PR NO. | 354253 Road (25-26) D |

For further information please go through the website http://jharkhandtenders.gov.in

Executive Engineer
Field Survey Division,A.P

PR 355861 Road(25-26)#D Road Construction Department,Ranchi

## ସଂକ୍ଷେପରେ

### ଶିବୁ ସୋରେନ୍ ହସ୍ପିଟାଲରେ ଭର୍ତ୍ତି



ରାଞ୍ଚି,୨୪।୬

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନ୍ ୩ ଦିନ ପୂର୍ବରୁ ଦିଲ୍ଲୀର ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ମଙ୍ଗଳବାର ଏକ ସୂତ୍ରରୁ ଜଣାପଡ଼ିଛି। ଏହା ନିୟମିତ ଚେକ୍ଅପ୍ ନୁହେଁ। ୮୧ ବର୍ଷୀୟ ଶିବୁଙ୍କର ଉକ୍ତ ହସ୍ପିଟାଲରେ ନିୟମିତ ଚିକିତ୍ସା ଚାଲିଥିବା ବେଳେ ସେ ୩ ଦିନ ତଳେ ପୁଣିଥରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ତାଙ୍କୁ ଦେଖାକରିବାକୁ ପୁଅ ତଥା ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଯାଇଥିଲେ। ଶିବୁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ପ୍ରତିଷ୍ଠାତା ଓ ୩୮ ବର୍ଷ ହେଲା ଦଳର ନେତା ରହିଛନ୍ତି।

### ରାଜସ୍ଥାନରେ ଫ୍ରାନ୍ସ ଯୁବତୀଙ୍କୁ ବଳାତ୍କାର

ଉଦୟପୁର, ୨୪।୬

ରାଜସ୍ଥାନର ଉଦୟପୁରରେ ଫ୍ରାନ୍ସର ଜଣେ ପର୍ଯ୍ୟଟକଙ୍କୁ ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀର ଜଣେ କର୍ମଚାରୀ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ସିଦ୍ଧାର୍ଥ ପୀଡ଼ିତାଙ୍କୁ ସହର ବୁଲାଇବାକୁ କହି ତାଙ୍କ ହୋଟେଲ ରୁମ୍‌କୁ ନେଇଯାଇଥିଲେ ଓ ସେଠାରେ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିଛି। ସିଦ୍ଧାର୍ଥ ଏବେ ଫେରାର ଅଛନ୍ତି। ପୀଡ଼ିତା ଜଣକ ଅନ୍ୟ ୨ ମହିଳା ପର୍ଯ୍ୟଟକ ଏବଂ ସିଦ୍ଧାର୍ଥଙ୍କ ସହ ମିଶି ରବିବାର ସନ୍ଧ୍ୟାରେ ସହରର ବଡଗାଁ ଅଞ୍ଚଳରେ ଥିବା ଟାଇଗର ହିଲ୍ସ ରେଷ୍ଟୁରାଣ୍ଟକୁ ଯାଇଥିଲେ। ସେଠାରେ ରାତ୍ରି ଭୋଜନ ପରେ ସିଦ୍ଧାର୍ଥ ପୀଡ଼ିତାଙ୍କୁ ନିଜ ହୋଟେଲ ରୁମ୍‌କୁ ନେଇ ବଳାତ୍କାର କରିଥିଲେ। ସିଦ୍ଧାର୍ଥ କାର୍ଯ୍ୟ କରୁଥିବା ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀ ପକ୍ଷରୁ ଆୟୋଜିତ ଏକ ବିଜ୍ଞାପନର ଶୁଟିଂ ପାଇଁ ପୀଡ଼ିତା ଜଣକ ଉଦୟପୁର ଆସିଥିଲେ। ପୋଲିସ ସିଦ୍ଧାର୍ଥଙ୍କୁ ଖୋଜୁଛି।

# ଯୁଦ୍ଧବିରତି: ଘୋଷଣା ସତ୍ତ୍ୱେ ମାନିଲେନି


ୱାଶିଂଟନ/ତେଲ୍ ଆଭିଭ୍,୨୪।୬

ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ୧୨ ଦିନର ଯୁଦ୍ଧ ପରେ ଅସ୍ତ୍ରବିରତି ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଙ୍ଗଳବାର ଭୋର୍ ସମୟରେ ଘୋଷଣା କରିବାର କିଛି ଘଣ୍ଟା ପରେ ଏହାର ଉଲ୍ଲଂଘନ ହୋଇଛି। ଟ୍ରମ୍ପ୍ ଦେଇଥିବା ଯୁଦ୍ଧବିରତି ପ୍ରସ୍ତାବକୁ ଉଭୟ ଇରାନ ଓ ଇସ୍ରାଏଲ୍ ଉଲ୍ଲଂଘନ କରିଥିବାରୁ ସେ ଅସନ୍ତୋଷ ବ୍ୟକ୍ତ କରିବା ସହ କ୍ଷୁବ୍ଧ ହୋଇଥିଲେ। ଇସ୍ରାଏଲ୍ ଇରାନ ଉପରେ ଏୟାରଷ୍ଟ୍ରାଇକ୍ କରିଥିବା ଦୁଇ ଦେଶର ଗଣମାଧ୍ୟମରେ ପ୍ରକାଶ ପାଇଛି। ତେହରାନରେ ୨ଟି ବିସ୍ଫୋରଣର ଶବ୍ଦ ଶୁଣାଯାଇଥିଲା। ତେହରାନ ନିକଟବର୍ତ୍ତୀ ଇରାନର ଏକ ରାଡାର ସ୍ଥଳରେ ଇସ୍ରାଏଲ୍ ଆକ୍ରମଣ କରିଥିବା ଏହାର ସେନା ରେଡିଓରେ କୁହାଯାଇଥିଲା। ପରେ ଟ୍ରମ୍ପ୍ କହିଛନ୍ତି, ଯୁଦ୍ଧବିରତି କାର୍ଯ୍ୟକାରୀ ହୋଇଛି। ଅସ୍ତ୍ରବିରତି କିଛି ସମୟ ପାଇଁ ଉଲ୍ଲଂଘନ ହୋଇଥିବାବେଳେ ଇସ୍ରାଏଲ୍ ଇରାନ ଉପରେ ଆକ୍ରମଣ ବନ୍ଦ କରି ଏହାର ଯୁଦ୍ଧବିମାନଗୁଡ଼ିକୁ ଫେରାଇ ନେଇଛି। ଅସ୍ତ୍ରବିରତିକୁ ଉଭୟ ପକ୍ଷ ଅନୁପାଳନ କରିବାକୁ ଟ୍ରମ୍ପ୍ କହିବା ସହ ଆଉ କେହି କ୍ଷତାକ୍ତ ହେବେନାହିଁ ବୋଲି ସୋସିଆଲ ମିଡିଆରେ ଲେଖିଛନ୍ତି।

ଇରାନ ଆଣବିକ କାର୍ଯ୍ୟକ୍ରମ ଜାରି ରଖିଥିବାରୁ ଇସ୍ରାଏଲ୍ ଏହା ଉପରେ ଆକ୍ରମଣ କରିଥିଲା। ୧୦ ଦିନ ଧରି ଦୁଇ ଦେଶ ମଧ୍ୟରେ ଜୋର୍‌ଦାର ଯୁଦ୍ଧ ଲାଗିବା ସହ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ରବିବାର ଯୁଦ୍ଧର ଦଶମ ଦିନରେ ଆମେରିକା ଏଥିରେ ନିଜକୁ ସାମିଲ କରିଥିଲା। ଆମେରିକା ଯୁଦ୍ଧବିମାନ ଇରାନର ୩ଟି ନ୍ୟୁକ୍ଲିୟର ଫାସିଲିଟି ଉପରେ ସବୁଠୁ ଶକ୍ତିଶାଳୀ ବଙ୍କର ବଷ୍ଟର ବୋମାମାଡ଼ କରିଥିଲା। ଏହି ଆକ୍ରମଣରେ ଇରାନର ଆଣବିକ ସ୍ଥଳ କ୍ଷତିଗ୍ରସ୍ତ ହୋଇଥିବାବେଳେ ଏହାର ଜବାବରେ ସୋମବାର ଇରାନ ସେନା କାତାର ଏବଂ ଇରାକରେ ଥିବା ଆମେରିକୀୟ ଏୟାର ବେସ୍ ଉପରେ ମିଶାଇଲ୍ ମାଡ଼ କରିଥିଲା।

ଟ୍ରମ୍ପ୍ ମଙ୍ଗଳବାର ସକାଳେ କହିଥିଲେ, ତାଙ୍କ ନିର୍ଦ୍ଦେଶକ୍ରମେ ଇସ୍ରାଏଲ୍ ଏହାର ଆକ୍ରମଣକୁ ସ୍ଥଗିତ ରଖିଛି। ଏହାର ସମସ୍ତ ବିମାନ ଫେରିଆସିଛି। ଯୁଦ୍ଧବିରତି କାର୍ଯ୍ୟକାରୀ ହୋଇଥିବାରୁ ଆଉ କେହି କ୍ଷତିଗ୍ରସ୍ତ ହେବେନାହିଁ ବୋଲି ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲ୍‌ରେ ଲେଖିଥିଲେ। ସେ ଇସ୍ରାଏଲ୍‌କୁ ଧମକ ଦେଇ କହିଥିଲେ, ଆଉ ବୋମା ପକାଅ ନାହିଁ। ଯଦି ବୋମା ପକାଇବ ତେବେ ଏହା ବଡ଼ ଉଲ୍ଲଂଘନ ହେବ। ଏବେ ତୁମ ପାଇଲଟ୍‌ମାନଙ୍କୁ ଫେରାଇଆଣ। ଆକ୍ସିଅସ୍ ରିପୋର୍ଟରଙ୍କ ସୂଚନା ଅନୁଯାୟୀ, ଟ୍ରମ୍ପ୍ ପୂର୍ବରୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ଫୋନ୍ ଯୋଗେ କଥା ହୋଇଥିଲେ। ଇସ୍ରାଏଲ୍ ଏହାର ବମ୍ପିଂ ମିଶନ୍ ବାତିଲ କରିବା ପରିବର୍ତ୍ତେ ହ୍ରାସ କରିବ ବୋଲି ନେତାନ୍ୟାହୁ କହିଥିଲେ। ତେବେ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ କିଛି କୁହାଯାଇ ନ ଥିଲା। ତେହରାନ୍‌ର ନୂଆ ଟାର୍ଗେଟ ଉପରେ ଆକ୍ରମଣ କରିବାକୁ ଇସ୍ରାଏଲ୍ ପ୍ରତିରକ୍ଷା ଇସ୍ରାଏଲ୍ ମନ୍ତ୍ରୀ କାଟ୍‌ଜ ମଙ୍ଗଳବାର ସକାଳେ ଏହାର ସେନାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ଇରାନ ମିଶାଇଲ୍ ଆକ୍ରମଣକୁ ଖଣ୍ଡନ କରିବା ସହ ଇସ୍ରାଏଲ୍ ଆକ୍ରମଣ ଜାରି ରଖିଥିବା କହିଥିଲା।

୧୨ ଦିନର ଘମାଘୋଟ ଲଢ଼େଇ ପରେ ଯୁଦ୍ଧବିରତି କାର୍ଯ୍ୟକାରୀ ହୋଇଛି। ଅପରପକ୍ଷରେ ଯୁଦ୍ଧରେ ବିଜୟୀ ହୋଇଥିବା ନେଇ ଇସ୍ରାଏଲ୍, ଇରାନ ଏବଂ ଆମେରିକା ଦାବି କରିଛନ୍ତି। ଆଣବିକ ଏବଂ ବାଲିଷ୍ଟିକ୍ ଭୟ ଦୂର କରିଥିବାରୁ ଇସ୍ରାଏଲ୍ ବିଜୟୀ ହୋଇଥିବା ଦାବି କରିଛି। ସେପଟେ ବିଶ୍ୱରେ ଶାନ୍ତି ଫେରାଇ ଆଣିବାରେ ସଫଳ ହୋଇଥିବା କହି ଆମେରିକା ଓ ଏହାର ରାଷ୍ଟ୍ରପତି ବିଜୟୀ ହୋଇଥିବା ଦାବି କରିଛନ୍ତି। ଅନ୍ୟପକ୍ଷରେ ଯୁଦ୍ଧରେ ଇରାନ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ଇହୁଦୀ ଶାସକଙ୍କୁ ଦଣ୍ଡିତ କରିଥିବାରୁ ବିଜୟୀ ହୋଇଥିବା ଦାବି କରିଛି। ଏହାର ସୁପ୍ରିମ ଲିଡର ବଙ୍କର ମଧ୍ୟରେ ଲୁଚିରହିଥିବାବେଳେ ତେହରାନ୍ ଇସ୍ରାଏଲ ଉପରେ କ୍ରମାଗତ ଆକ୍ରମଣ ଜାରି ରଖିଥିଲା।



ବେଞ୍ଜାମିନ୍ ନେତାନ୍ୟାହୁ



ଡୋନାଲ୍ଡ ଟ୍ରମ୍ପ୍



ଆୟାତୋଲା ଅଲ୍ଲୀ ଖାମେନେଇ

### ଆଶଙ୍କା ବଢ଼ାଇଲା ଗାଏବ ୪୦୦ କେ.ଜି. ୟୁରାନିୟମ

ୱାଶିଂଟନ,୨୪।୬

ଇରାନର ୩ ନ୍ୟୁକ୍ଲିୟର ଫାସିଲିଟି ଉପରେ ଆମେରିକା ୬ଟି ବଙ୍କର ବଷ୍ଟର ବୋମା ପକାଇବା ପରେ ଏହାର ୪୦୦ କିଲୋଗ୍ରାମ ୟୁରାନିୟମର ହିସାବ ମିଳୁନାହିଁ। ଏହି ୟୁରାନିୟମ ୧୦ଟି ଅଣୁଅସ୍ତ୍ର ନିର୍ମାଣ ପାଇଁ ପର୍ଯ୍ୟାପ୍ତ। ଏହା ଗାଏବ ହୋଇଥିବାରୁ ଆଶଙ୍କା ସୃଷ୍ଟି କରିଥିବା ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ କହିଛନ୍ତି। ଗାଏବ ୟୁରାନିୟମକୁ ତେହରାନ ବୁଝାମଣା ପାଇଁ ମୂଳଚାଲର ଏକ ମାଧ୍ୟମ ଭାବେ ବ୍ୟବହାର କରିପାରେ ବୋଲି କୁହାଯାଉଛି। ରିପୋର୍ଟ ଅନୁଯାୟୀ ଆମେରିକା ଆକ୍ରମଣ କରିବା ପୂର୍ବରୁ ଇରାନ ଏହାର କେତେକ ଗଚ୍ଛିତ ୟୁରାନିୟମ ଓ ଉପକରଣକୁ ଏକ ଗୁପ୍ତ ସ୍ଥାନକୁ ନେଇଯାଇଛି। କାରଣ ଫର୍‌ଦୋ ଆଣବିକ ପ୍ଲାଣ୍ଟ ବାହାରେ ୧୬ଟି ଟ୍ରକ୍ ଲାଇନ୍‌ରେ ଛିଡ଼ା ହୋଇଥିବା ଦେଖାଯାଇଥିଲା।

### ସ୍ତ୍ରୀଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ କମାଣ୍ଡୋଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ଅପରେଶନ ସିନ୍ଦୁରରେ ସାମିଲ ହେବା ଅପରାଧ ପାଇଁ ଲାଇସେନ୍ସ ନୁହେଁ**

ନୂଆଦିଲ୍ଲୀ, ୨୪।୬

ସୁପ୍ରିମକୋର୍ଟ ମଙ୍ଗଳବାର ଜଣେ ବ୍ଲାକ କ୍ୟାଟ୍ କମାଣ୍ଡୋଙ୍କ ଆବେଦନକୁ ଖାରଜ କରିଛନ୍ତି। ୨୦ ବର୍ଷ ତଳେ ଯୌତୁକ ପାଇଁ ସ୍ତ୍ରୀଙ୍କୁ ହତ୍ୟା ମାମଲାରେ ପୋଲିସ ନିକଟରେ ଆତ୍ମ ସମର୍ପଣ କରିବାରୁ ତାଙ୍କୁ ରହିତାଦେଶ ଦେବାକୁ ସେ ସର୍ବୋଚ୍ଚ ଅଦାଲତଙ୍କ ନିକଟରେ ଆବେଦନ କରିଥିଲେ। ଅଭିଯୁକ୍ତ କମାଣ୍ଡୋ ଜଣକ ତାଙ୍କ ଆବେଦନରେ କହିଥିଲେ, ସେ ଅପରେଶନ ସିନ୍ଦୂରରେ ଅଂଶଗ୍ରହଣ କରିଛନ୍ତି ଏବଂ ଗତ ୨୦ ବର୍ଷ ଧରି ରାଷ୍ଟ୍ରୀୟ ରାଇଫଲ୍ସରେ ନିୟୋଜିତ ଅଛନ୍ତି। ତେଣୁ ତାଙ୍କୁ ଏହି ମାମଲାରେ ଆତ୍ମ ସମର୍ପଣରୁ ରହିତାଦେଶ ମିଳୁ। ମାମଲାର ଶୁଣାଣି କରି ଜଷ୍ଟିସ୍ ଉଜ୍ଜ୍ୱଳ ଭୁୟାନ୍ ଅଭିଯୁକ୍ତ କମାଣ୍ଡୋଙ୍କୁ ଭର୍ତ୍ସନା କରିବା ସହ କହିଛନ୍ତି, ଜଣେ କମାଣ୍ଡୋ ହୋଇ ଅପରେଶନ ସିନ୍ଦୂରରେ ଅଂଶଗ୍ରହଣ କରିବା ଦ୍ୱାରା ଅପରାଧ କରିବା ପାଇଁ ଲାଇସେନ୍ସ ମିଳି ନ ଥାଏ। ଯୌତୁକ ପାଇଁ ସ୍ତ୍ରୀଙ୍କୁ ହତ୍ୟା କରିବା କାର୍ଯ୍ୟକୁ ଅମାନବୀୟ ବୋଲି କହିବା ସହ ଅଭିଯୁକ୍ତ ଜଣକ ଏହି ମାମଲାରେ କୌଣସି ପ୍ରକାର ଆଶ୍ୱସ୍ତି ପାଇବାକୁ ଯୋଗ୍ୟ ନୁହନ୍ତି ବୋଲି ଭୁୟାନ୍ କହିଥିଲେ।



ଅପରେଶନ ସିନ୍ଧୁ ଜରିଆରେ ଇସ୍ରାଏଲ୍‌ରୁ ଫେରାଇ ଅଣାଯାଇଥିବା ଭାରତୀୟମାନେ ନୂଆଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିଛନ୍ତି।

## ଆଇନ ଅନୁଯାୟୀ ସବୁ ନିର୍ବାଚନ ହୋଇଛି

ନୂଆଦିଲ୍ଲୀ,୨୪।୬

**ସମସ୍ୟା ଥିଲେ ରାହୁଲ ଜଣାନ୍ତୁ: ଇସି**

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଜାଲିଆତି ହୋଇଥିବା ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଆସୁଥିବାବେଳେ ଏହା ଉପରେ ଆଲୋଚନା ପାଇଁ ପ୍ରସ୍ତୁତ ଥିବା ନିର୍ବାଚନ କମିଶନ (ଇସି) ପତ୍ର ଲେଖି ଜଣାଇଛନ୍ତି। ପାର୍ଲାମେଣ୍ଟରେ ଗୃହୀତ ଆଇନ ଓ ନିୟମାବଳୀ ଅନୁଯାୟୀ ସମସ୍ତ ନିର୍ବାଚନ ହେଉଥିବା ଇସି ପତ୍ରରେ ଉଲ୍ଲେଖ କରିଛନ୍ତି। ନିର୍ବାଚନ କାର୍ଯ୍ୟରେ ଅନେକ ହଜାର କର୍ମଚାରୀ ନିୟୋଜିତ ହେଉଥିବାବେଳେ ଦଳଗୁଡ଼ିକ ଦ୍ୱାରା ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତ କରାଯାଇଥାଏ। ଜୁନ୍ ୧୨ରେ ଇସି ରାହୁଲଙ୍କ ପାଖକୁ ପଠାଇଥିବା ଇମେଲ୍ ପତ୍ରରେ ଲେଖିଛନ୍ତି, ବିଧାନସଭା କ୍ଷେତ୍ର ସ୍ତରରେ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟା ବିକେନ୍ଦ୍ରୀକରଣ ଢଙ୍ଗରେ କରାଯାଇଥାଏ। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ୧,୦୦,୧୮୬ ବୁଥ୍‌ସ୍ତରୀୟ ଅଫିସର, ୨୮୮ ଇଲେକ୍ଟୋରାଲ ରେଜିଷ୍ଟ୍ରେଶନ ଅଫିସର, ୧୩୯ ଜଣ ସାଧାରଣ ପର୍ଯ୍ୟବେକ୍ଷକ, ୪୧ ପୋଲିସ ପର୍ଯ୍ୟବେକ୍ଷକ, ୭୧ ବ୍ୟୟ ପର୍ଯ୍ୟବେକ୍ଷକ ଏବଂ ୨୮୮ ରିଟର୍ନିଂ ଅଫିସର ନିୟୋଜିତ ହୋଇଥିଲେ। ସେହିପରି ଜାତୀୟ ଓ ରାଜ୍ୟ ଦଳଗୁଡ଼ିକ ଦ୍ୱାରା ୧,୦୮,୦୨୬ ଜଣ ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତ ହୋଇଥିବାବେଳେ କଂଗ୍ରେସ ୨୮,୪୨୧ ଜଣଙ୍କୁ ନିଯୁକ୍ତ କରିଥିଲା। କଂଗ୍ରେସ ପ୍ରାର୍ଥୀମାନେ ହାଇକୋର୍ଟରେ ନିର୍ବାଚନ ପିଟିଶନ ଜରିଆରେ ଭୋଟ ପରିଚାଳନାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠାଇଥିଲେ। ଯଦି ଅନ୍ୟ କୌଣସି ସମସ୍ୟା ରହିଛି, ଆମକୁ ଲେଖିବା ପାଇଁ ସ୍ୱାଗତ କରାଯାଉଛି ଏବଂ କମିଶନ ଏହା ଉପରେ ରାହୁଲଙ୍କ ସହ ଆଲୋଚନା କରିବାକୁ ଆଗ୍ରହୀ ବୋଲି ପତ୍ରରେ ଲେଖିଛନ୍ତି।

ମହାରାଷ୍ଟ୍ର ନିର୍ବାଚନରେ ଭୋଟ ଚୋରି ହୋଇଥିବା ରାହୁଲ ଅଭିଯୋଗ କରିବା ସହ ମେଶିନ୍ ରିଡେବଲ୍ ଭୋଟର ତାଲିକା ଏବଂ ଭୋଟକେନ୍ଦ୍ରର ସିସିଟିଭି ଫୁଟେଜ୍ ଦାବି କରିଥିଲେ।

## ସମୁଦ୍ର ପତ୍ତନ ବୃଦ୍ଧି: ଭାରତ ଉପକୂଳ ପାଇଁ ବିପଦ

ଜେନେଭା, ୨୪।୬

**ଡବ୍ଲ୍ୟୁଏମ୍‌ଓ ରିପୋର୍ଟ**

ବିଶ୍ୱ ପାଣିପାଗ ସଙ୍ଗଠନ (ଡବ୍ଲ୍ୟୁଏମ୍‌ଓ) ପକ୍ଷରୁ ମଙ୍ଗଳବାର 'ଷ୍ଟେଟ୍ ଅଫ୍ ଦି କ୍ଲାଇମେଟ୍ ଇନ୍ ଏସିଆ ୨୦୨୪' ରିପୋର୍ଟକୁ ଜାରି କରାଯାଇଛି। ଏହି ରିପୋର୍ଟ ଅନୁଯାୟୀ, ଭାରତର ଉପକୂଳବର୍ତ୍ତୀ ଅଞ୍ଚଳରେ ସମୁଦ୍ର ପତ୍ତନ ଚିନ୍ତାଜନକ ବେଗରେ ବୃଦ୍ଧି ପାଉଛି। ପୂରା ଏସିଆ ମହାଦେଶରେ ତାତି ବଢୁଥିବାରୁ ଏହାର ପ୍ରଭାବରେ ପାଗ ପରିବର୍ତ୍ତନ ହେଉଛି, ପରିଣାମ ସ୍ୱରୂପ ସମୁଦ୍ର ପତ୍ତନରେ ବୃଦ୍ଧି ଘଟୁଥିବା ଡବ୍ଲ୍ୟୁଏମ୍‌ଓ କହିଛି। ରିପୋର୍ଟ ଅନୁଯାୟୀ, ଗତ କିଛି ବର୍ଷ ମଧ୍ୟରେ ପ୍ରତିବର୍ଷ ସମୁଦ୍ରର ଜଳସ୍ତର ହାରାହାରି ୩.୭ରୁ ୩.୮ ମିଲିମିଟର ବଢୁଥିବାର ଲକ୍ଷ୍ୟ କରାଯାଇଛି। ତେବେ ଉପକୂଳବର୍ତ୍ତୀ ଅଞ୍ଚଳଠାରୁ ୫୦ କି.ମି.ର ପରିଧି ମଧ୍ୟରେ ଏହି ହାର ବଢ଼ି ୪ ମି.ମି. ପ୍ରତିବର୍ଷରେ ପହଞ୍ଚିଛି। ଜୀବାଶ୍ମ ଇନ୍ଧନ ଜାଳିବା ଦ୍ୱାରା ସବୁଜ ଗୃହ ଗ୍ୟାସ୍ ନିର୍ଗତ ହେଉଛି। ଏହି ଗ୍ୟାସ୍‌ଗୁଡ଼ିକ ଅପ୍ରତ୍ୟାଶିତ ଭାବରେ ବରଫ ଚାଦର ଏବଂ ଗ୍ଲାସିୟରଗୁଡ଼ିକୁ ତରଳାଇ ଦେଉଛି, ଫଳରେ ସମୁଦ୍ର ଜଳସ୍ତର ବଢୁଥିବା ନେଇ ରିପୋର୍ଟରେ କୁହାଯାଇଛି। ବଙ୍ଗୋପ ସାଗରର ଉତ୍ତର ଭାଗରେ ସମୁଦ୍ର ଜଳ ପତ୍ତନ ଦ୍ରୁତ ବେଗରେ ବୃଦ୍ଧି ପାଉଛି। ପଶ୍ଚିମ ଚାଇନା ସାଗର ପରେ ବଙ୍ଗୋପ ସାଗରରେ ସମୁଦ୍ର ଜଳ ପତ୍ତନ ବୃଦ୍ଧିର ହାର ସର୍ବାଧିକ ବୋଲି ଏହି ରିପୋର୍ଟ କହିଛି। ୨୦୨୪ରେ ସମୁଦ୍ର ଜଳ ପତ୍ତନ ବୈଶ୍ୱିକ ହାରାହାରି ୩.୪ ମି.ମି. ରେକର୍ଡ ଉଚ୍ଚତାରେ ପହଞ୍ଚିଥିଲା। ତେବେ ୨୦୨୪ରେ କେବଳ ଆରବ ସାଗରରେ ସମୁଦ୍ର ଜଳ ପତ୍ତନରେ ବୃଦ୍ଧି ୩.୯ ମି.ମି. ଏବଂ ବଙ୍ଗୋପ ସାଗରରେ ୪ ମି.ମି. ରହିଛି। ସମୁଦ୍ର ଜଳସ୍ତରରେ ଏହି ବୃଦ୍ଧି ଭାରତର ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ବିପଦ ଆଣିପାରେ ବୋଲି ରିପୋର୍ଟରେ କୁହାଯାଇଛି।

## ସ୍ଥାୟୀ ବିକାଶ ଲକ୍ଷ୍ୟ ର୍‌ୟାଙ୍କିଙ୍ଗ୍ ଶୀର୍ଷ ୧୦୦ ଦେଶ ମଧ୍ୟରେ ଭାରତ

ନ୍ୟୁୟର୍କ,୨୪।୬

ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି)ରେ ଭାରତ ଅଗ୍ରଗତି କରି ଶୀର୍ଷ ୧୦୦ ଦେଶ ମଧ୍ୟରେ ସ୍ଥାନ ପାଇଛି। ଜାତିସଂଘ ରିପୋର୍ଟ ଅନୁଯାୟୀ, ଏସ୍‌ଡିଜି ର୍‌ୟାଙ୍କିଙ୍ଗ୍‌ରେ ଭାରତ ୯୯ତମ ସ୍ଥାନରେ ରହିଛି। ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଏହା ଉଲ୍ଲେଖନୀୟ ଅଗ୍ରଗତି। ତେବେ ଯୁଦ୍ଧ ଏବଂ ଆର୍ଥିକ ସମସ୍ୟା ଯୋଗୁ ବୈଶ୍ୱିକ ଏସ୍‌ଡିଜି ଅଗ୍ରଗତି ମନ୍ଥର ହୋଇଛି।

ସୂଚକାଙ୍କରେ ୟୁରୋପୀୟ ଦେଶଗୁଡ଼ିକ ଆଗରେ ଥିବାବେଳେ ୨୦୧୫ରୁ ପୂର୍ବ ଏବଂ ଦକ୍ଷିଣ ଏସିଆ ରାଷ୍ଟ୍ରଗୁଡ଼ିକ ଦ୍ରୁତ ଅଗ୍ରଗତି କରିଛନ୍ତି। ୧୬୭ ଦେଶକୁ ନେଇ ଏହି ସୂଚକାଙ୍କ ପ୍ରସ୍ତୁତ କରାଯାଇଥିବାବେଳେ ଭାରତ ୬୭ ପଏଣ୍ଟ ସ୍କୋର ସହ ପ୍ରଥମ ଥର ପାଇଁ ଶୀର୍ଷ ୧୦୦ ଦେଶ ମଧ୍ୟରେ ସ୍ଥାନ ପାଇଛି। ଆମେରିକା ୭୫.୨ ପଏଣ୍ଟ ସ୍କୋର ସହ ୪୪ତମ ଏବଂ ଚାଇନା ୭୪.୪ ପଏଣ୍ଟ ସହ ୪୯ତମ ର୍‌ୟାଙ୍କରେ ରହିଛି। ୨୦୨୪ରେ ଭାରତ ୧୦୯ତମ ସ୍ଥାନରେ ଥିବାବେଳେ ୨୦୨୩ରେ ୧୧୨ତମ, ୨୦୨୨ରେ ୧୨୧ତମ, ୨୦୨୧ରେ ୧୨୦ତମ, ୨୦୨୦ରେ ୧୧୭ତମ ସ୍ଥାନରେ ରହିଥିଲା। ଚଳିତ ବର୍ଷ ଅନ୍ୟ ପଡ଼ୋଶୀ ଦେଶ ମଧ୍ୟରେ ଭୁଟାନ ୭୦.୫ ପଏଣ୍ଟ ସହ ୭୪ତମ ସ୍ଥାନରେ ଥିବାବେଳେ ନେପାଳ ୬୮.୬ ପଏଣ୍ଟ ସହ ୮୫ତମ, ବାଂଲାଦେଶ ୬୩.୯ ପଏଣ୍ଟ ସହ ୧୧୪ତମ ଏବଂ ପାକିସ୍ତାନ ୫୭ ପଏଣ୍ଟ ସହ ୧୪୦ତମ ସ୍ଥାନରେ ରହିଛି। ପୃଥିବୀକୁ ରକ୍ଷା କରିବା ଏବଂ ୨୦୩୦ ସୁଦ୍ଧା ମୋଟାମୋଟି ଭାବେ କେହି ଯେପରି ବିକାଶ ମେଟ୍ରିକ୍ସ ବାହାରେ ନ ରହନ୍ତି, ସେହି ଲକ୍ଷ୍ୟରେ ୨୦୧୫ରେ ଏସ୍‌ଡିଜି ଗୃହୀତ ହୋଇଥିଲା। ଏଥିରେ ବିକାଶକୁ ୦ ରୁ ୧୦୦ ପଏଣ୍ଟ ମଧ୍ୟରେ ମପାଯାଇଥାଏ। ଶୂନ ଅର୍ଥ ଦେଶରେ କୌଣସି ପ୍ରଗତି ହୋଇନାହିଁ ଏବଂ ୧୦୦ ସ୍କୋର ଅର୍ଥ ସମସ୍ତ ୧୭ଟି ବିକାଶ ଲକ୍ଷ୍ୟ ହାସଲ ହୋଇଛି।




## ୨୧ ଥର ବୋମା ଧମକ ଦେଇଛନ୍ତି ହତାଶ ପ୍ରେମିକା

ଚେନ୍ନାଇ, ୨୪।୬

ପ୍ରଥମେ ଏକତରଫା ପ୍ରେମ କରିଥିଲେ। ପ୍ରେମରେ ବିଫଳ ହେବାରୁ ପ୍ରେମିକଙ୍କୁ ଫସାଇବା ପାଇଁ ତାଙ୍କ ନାମରେ ନକଲି ଇ-ମେଲ ଆଇଡି ଖୋଲି ୧୧ ରାଜ୍ୟର ୨୧ ସାର୍ବଜନୀନ ପ୍ରତିଷ୍ଠାନକୁ ବୋମା ଧମକ ପଠାଇଥିଲେ। ଏପରି କାରନାମା କରିଥିବା ମହିଳା ହେଉଛନ୍ତି ମଲ୍ଟି ନ୍ୟାଶନାଲ ଆଇଟି କମ୍ପାନୀ ଡେଲଏଟର ଚେନ୍ନାଇସ୍ଥିତ କାର୍ଯ୍ୟାଳୟରେ ସିନିୟର କନ୍‌ସଲଟାଣ୍ଟ ଭାବେ କାର୍ଯ୍ୟରତ ରେନେ ଜୋଶିଲ୍ଡା (୩୦)। ଅହମଦାବାଦ ସାଇବର କ୍ରାଇମ ବ୍ରାଞ୍ଚ ପୋଲିସ ତାଙ୍କୁ ଚେନ୍ନାଇରୁ ଗିରଫ କରିଛି।

ରେନେ ମହାରାଷ୍ଟ୍ର, ରାଜସ୍ଥାନ, ତାମିଲନାଡୁ, ଦିଲ୍ଲୀ, କର୍ଣ୍ଣାଟକ, କେରଳ, ବିହାର, ତେଲଙ୍ଗାନା, ପଞ୍ଜାବ, ମଧ୍ୟପ୍ରଦେଶ ଏବଂ ହରିୟାଣା ଆଦି ରାଜ୍ୟର ସ୍କୁଲ, ହସ୍ପିଟାଲ, ଷ୍ଟାଡିୟମ ଆଦି ୨୧ଟି ବିଭିନ୍ନ ସାର୍ବଜନୀନ ପ୍ରତିଷ୍ଠାନକୁ ବୋମାରେ ଉଡ଼ାଇ ଦିଆଯିବ ବୋଲି ଇ-ମେଲ ଯୋଗେ ଧମକ ପଠାଇଥିଲେ। ସେ ଇ-ମେଲ ଯୋଗେ ବୋମା ଧମକ ପଠାଇଥିବା ସାର୍ବଜନୀନ ପ୍ରତିଷ୍ଠାନଗୁଡ଼ିକ ମଧ୍ୟରେ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ, ବି.ଜେ. ମେଡିକାଲ କଲେଜ, ଜୟପୁରସ୍ଥିତ ସୱାଇ ମାନସିଂ ଷ୍ଟାଡିୟମ, ଜୟପୁର ମେଟ୍ରୋ ଷ୍ଟେଶନ ଆଦି ପ୍ରମୁଖ ସ୍ଥାନ ରହିଥିଲା। ଗତ ଜୁନ୍ ୧୨ରେ ଅହମଦାବାଦରେ ଏୟାର ଇଣ୍ଡିଆର ଏକ ବିମାନ କ୍ରାଶ୍ ହୋଇ ବି.ଜେ. ମେଡିକାଲ କଲେଜରେ ମାଡ଼ ହୋଇଥିଲା। ସୁନିୟୋଜିତ ଷଡ଼ଯନ୍ତ୍ର ଭାବେ ବିମାନ ଦୁର୍ଘଟଣା କରାଯାଇଛି ବୋଲି ଦର୍ଶାଇ ଦୁର୍ଘଟଣାର କିଛି ସମୟ ପରେ ସେ ବି.ଜେ. ମେଡିକାଲ କଲେଜ ପ୍ରଶାସନକୁ ଏକ ଇ-ମେଲ ପଠାଇଥିଲେ। ମଙ୍ଗଳବାର ଅହମଦାବାଦ ସାଇବର କ୍ରାଇମ୍‌ବ୍ରାଞ୍ଚ ପୂରା ଘଟଣାର ପର୍ଦ୍ଦାଫାଶ କରିଛି। ଜେରା ସମୟରେ ରେନେ କହିଛନ୍ତି, ସେ ନିଜ ସହକର୍ମୀ ଦିଭିଜ୍ ପ୍ରଭାକରଙ୍କୁ ୨ ବର୍ଷ ଧରି ଏକତରଫା ପ୍ରେମ କରୁଥିଲେ। ଗତ ଫେବୃଆରୀ ୨୫ରେ ଦିଭିଜ୍ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ତେଣୁ ସେ ଦିଭିଜ୍‌ଙ୍କଠାରୁ ପ୍ରତିଶୋଧ ନେବାକୁ ଚାହିଁଥିଲେ। ସେ ଦିଭିଜ୍‌ଙ୍କ ନାଁରେ ଫେକ୍ ଇ-ମେଲ ଆଇଡି ପ୍ରସ୍ତୁତ କରି ତାଙ୍କୁ ଫସାଇବା ପାଇଁ ବିଭିନ୍ନ ପ୍ରତିଷ୍ଠାନକୁ ବୋମା ଧମକ ଇ-ମେଲ ପଠାଇବା ଆରମ୍ଭ କରିଥିଲେ। ଏହି କାର୍ଯ୍ୟ ପାଇଁ ସେ ଭର୍ଚୁଆଲ ପ୍ରାଇଭେଟ ନେଟୱର୍କ (ଭିପିଏନ୍), ନକଲି ଫୋନ୍ ନମ୍ବର, ନକଲି ଇ-ମେଲ ଆକାଉଣ୍ଟ ଆଦି ବିଭିନ୍ନ ସାଇବର ଟୁଲ୍ସଗୁଡ଼ିକୁ ବ୍ୟବହାର କରୁଥିଲେ। ତେବେ ଗୋଟିଏ ଛୋଟ ଡିଜିଟାଲ ଭୁଲ୍ ଯୋଗୁ ପୋଲିସ ତାଙ୍କୁ ଧରିବାରେ ସଫଳ ହୋଇଛି। ଏକଦା ସେ ଭୁଲ୍‌ବଶତଃ ଗୋଟିଏ ଡିଭାଇସ୍‌ରୁ ତାଙ୍କର ପ୍ରକୃତ ଏବଂ ନକଲି ଇ-ମେଲ ଆକାଉଣ୍ଟରେ ଲଗ୍‌ଇନ୍ କରିଥିଲେ। ଅସାବଧାନ ବଶତଃ ଉକ୍ତ ଲଗ୍‌ଇନ୍ ତାଙ୍କୁ ଧରାଇବାରେ ପୋଲିସକୁ ସହାୟତା କରିଥିଲା।



ରେନେ ଜୋଶିଲ୍ଡା

## 'କିଙ୍ଗ୍'ରେ ଜୟଦୀପଙ୍କ ଏଣ୍ଟ୍ରି

ମୁମ୍ବାଇ

ଆସନ୍ତା ବର୍ଷ ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ 'କିଙ୍ଗ୍' ଫିଲ୍ମ ରିଲିଜ୍ ହେବ। ଏହି ଫିଲ୍ମ ସହ ୩ ବର୍ଷ ପରେ ଅଭିନେତା ଶାହରୁଖ୍ ଖାନ୍ ପ୍ରତ୍ୟାବର୍ତ୍ତନ କରିବେ। ଶେଷଥର ପାଇଁ ତାଙ୍କୁ ୨୦୨୩ରେ ରିଲିଜ୍ ହୋଇଥିବା 'ଡଙ୍କି' ଫିଲ୍ମରେ ଦେଖିବାକୁ ମିଳିଥିଲା। ସୋମବାର 'କିଙ୍ଗ୍' ଫିଲ୍ମକୁ ନେଇ ଏକ ବଡ଼ ଅପ୍‌ଡେଟ୍ ସାମ୍ନାକୁ ଆସିଛି। ଫିଲ୍ମର ଷ୍ଟାର୍‌କାଷ୍ଟରେ ଅଭିନେତା ଜୟଦୀପ ଅହଲାୱତ୍‌ଙ୍କର ଏଣ୍ଟ୍ରି ହୋଇଛି। ଏନେଇ ନିଜେ ଜୟଦୀପ ଏକ ସାକ୍ଷାତ୍କାରରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଫିଲ୍ମର ଏକ ଚରିତ୍ର ପାଇଁ ନିର୍ଦ୍ଦେଶକ ସିଦ୍ଧାର୍ଥ ଦ୍ୱନ୍ଦ୍ୱରେ ଥିଲେ। ଏଥିପାଇଁ ସେ ଶାହରୁଖଙ୍କ ପରାମର୍ଶ ଲୋଡ଼ିଥିଲେ। ଫିଲ୍ମର ଷ୍ଟାର୍‌କାଷ୍ଟରେ ଯୋଗଦେବାକୁ ଶାହରୁଖ୍‌ଙ୍କ ନିମନ୍ତ୍ରଣକୁ ସେ ସ୍ୱୀକାର କରିଥିଲେ। ଫିଲ୍ମରେ ତାଙ୍କର ଏକ ଛୋଟ ଚରିତ୍ର ରହିଛି। 'କିଙ୍ଗ୍' ଫିଲ୍ମରେ ଶାହରୁଖ ଏବଂ ଜୟଦୀପଙ୍କ ବ୍ୟତୀତ ଅଭିଷେକ ବଚ୍ଚନ, ଅନିଲ କପୁର, ଜ୍ୟାକି ଶ୍ରଫ୍ ଏବଂ ଅଭିନେତ୍ରୀ ଦୀପିକା ପାଦୁକୋନ୍, ରାନୀ ମୁଖାର୍ଜୀ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଏହି ଫିଲ୍ମ ସହ ଶାହରୁଖ୍‌ଙ୍କ ଝିଅ ସୁହାନା ଖାନ୍ ବଲିଉଡ୍‌ରେ ଡେବ୍ୟୁ କରିବେ।



# ସମ୍ବିଧାନ ପାଇଁ କଳା ଦିବସ, ଜୁନ୍ ୨୫ର କଥା ଓ ବ୍ୟଥା

**ଡ. ପ୍ରଶାନ୍ତ କୁମାର ରାଉତ**

୨୫ ଜୁନ ୧୯୭୫ରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଭାରତରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଥିଲେ। ଏହି ଘୋଷଣା ତତ୍କାଳୀନ ଭାରତର ରାଷ୍ଟ୍ରପତି ଶ୍ରୀ ଫକିରୁଦ୍ଦିନ ଅଲି ଅହମଦଙ୍କ ଅନୁମୋଦନରେ କରାଯାଇଥିଲା, ଯିଏ ସୂଚନା ପାଇଥିଲେ ଯେ ଭାରତ ସରକାର (ତାଙ୍କ ମନ୍ତ୍ରୀ ପରିଷଦ କିମ୍ବା ସଂସଦର ଅଧିକାଂଶ ସଦସ୍ୟଙ୍କ ସୁପାରିସ ଉପରେ ଆଧାରିତ, ଯଦିଓ ଏହା ବାସ୍ତବରେ ନଥିଲା) ଜରୁରିକାଳୀନ ପରିସ୍ଥିତି ଲାଗୁ କରିବାକୁ ସମର୍ଥନ କରିଥିଲେ। ରାଷ୍ଟ୍ରପତି ୨୪ ଜୁନ ୧୯୭୫ ରାତି ପ୍ରାୟ ୧୧.୩୦ମି.ରେ ଏକ ବିଜ୍ଞପ୍ତିରେ ସ୍ୱାକ୍ଷର କରିଥିଲେ, ଯାହା ଫଳରେ ୨୫ ଜୁନ ୧୯୭୫ରୁ ଜରୁରିକାଳୀନ ପରିସ୍ଥିତି ଲାଗୁ ହୋଇଥିଲା। ପରବର୍ତ୍ତୀ ସମୟରେ ଶ୍ରୀମତୀ ଗାନ୍ଧୀ ୨୫ ଜୁନ ୧୯୭୫ ସକାଳ ୫.୩୦ମି.ରେ ତାଙ୍କ ମନ୍ତ୍ରୀ ପରିଷଦକୁ ଏ ବିଷୟରେ ଜଣାଇଥିଲେ। ସମସ୍ତ ବିରୋଧୀ ନେତା ଏବଂ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ସରକାରକୁ ବିରୋଧ କରୁଥିବା ଯେକୌଣସି ବ୍ୟକ୍ତିଙ୍କୁ ୧୯୭୧ର ଆଭ୍ୟନ୍ତରୀଣ ସୁରକ୍ଷା ରକ୍ଷଣାବେକ୍ଷଣ ଆଇନ (ମିସା) ଅଧୀନରେ ସମଗ୍ର ଭାରତରେ ବେଆଇନ ଭାବରେ ଜେଲରେ ରଖାଯାଇଥିଲା। ଅନେକ ଖବରକାଗଜ ଏବଂ ଖବରଦାତାଙ୍କୁ ନିଷିଦ୍ଧ କରାଯାଇଥିଲା ଏବଂ ଅନେକଙ୍କୁ ଗିରଫ କରାଯାଇଥିଲା। ଜରୁରିକାଳୀନ ପରିସ୍ଥିତିର ଉଲ୍ଲଂଘନ କରି ଅନେକ ବ୍ୟକ୍ତିଙ୍କୁ ଜେଲରେ ରଖାଯାଇଥିଲା। ଏହି ସମୟ ଏକଛତ୍ରବାଦ ଭାବେ ପରିଗଣିତ ହୋଇଥିଲା। କାରଣ ଜରୁରିକାଳୀନ ପରିସ୍ଥିତି ବିରୋଧରେ ମତଭେଦକୁ ସହ୍ୟ କରାଯାଇ ନ ଥିଲା ଏବଂ ଯେଉଁମାନେ କଥାବାର୍ତ୍ତା କରୁଥିଲେ, ସେମାନଙ୍କୁ ଜେଲ ଏବଂ ହଇରାଣ କରାଯାଇଥିଲା। ପ୍ରାୟ ଦୁଇ ବର୍ଷ ଧରି ଚାଲିଥିବା ଅନିଶ୍ଚିତତାର ଏହି ସମୟରେ ଅନେକ ବ୍ୟକ୍ତି ପ୍ରାଣ ହରାଇଥିଲେ, କାରଣ ସାଧାରଣ ନାଗରିକଙ୍କ ସ୍ୱାଧୀନତା ହରଣ କରାଯାଇଥିଲା, ଯାହା ଏକ ଭୟ ସୃଷ୍ଟି କରିଥିଲା ଯେ ସେମାନେ ପୁଣି ଥରେ ବଂଶବାଦୀ ଶାସନ ଅଧୀନରେ ଦାସତ୍ୱର ଅବଧିରେ ପ୍ରବେଶ କରିଛନ୍ତି। ଏହିପରି ଜରୁରିକାଳୀନ ପରିସ୍ଥିତି ଲାଗୁ କେବଳ ଭାରତର ସମ୍ବିଧାନକୁ ଉଲ୍ଲଂଘନ କରିନଥିଲା ବରଂ ଏହାର ଆତ୍ମାକୁ ମଧ୍ୟ କ୍ଷୁଣ୍ଣ କରିଥିଲା। ଏହା ଭାରତର ସମ୍ବିଧାନ ଉପରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆକ୍ରମଣ, ଦେଶର ଗଣତନ୍ତ୍ରକୁ କ୍ଷୟ କରିବା ପାଇଁ ଏକ ସୁଚିନ୍ତିତ ପ୍ରୟାସ ଏବଂ ଏହି ଜରୁରିକାଳୀନ ପରିସ୍ଥିତି ସମୟରେ ଭାରତର ଲୋକଙ୍କ ବିରୋଧରେ ହୋଇଥିବା ଅତ୍ୟାଚାରକୁ କେବେ ଭୁଲିଯାଇପାରିବ ନାହିଁ।

ଭାରତୀୟ ଗଣତନ୍ତ୍ର ଉପରେ ଏକ ଦାଗ ସ୍ୱରୂପ ସଂସଦରେ ମନମୁଖି ମିସା ୧୯୭୧ ପାରିତ କରି ସମ୍ବିଧାନ ସଂଶୋଧନ ମାଧ୍ୟମରେ କାର୍ଯ୍ୟକାରୀ କରାଯାଇଥିଲା, ଯାହା ଭାରତୀୟ ସମ୍ବିଧାନର ଆତ୍ମାର ବିରୁଦ୍ଧ ଥିଲା। ଏହି କାର୍ଯ୍ୟ ଗଣତନ୍ତ୍ରର ମୌଳିକ ତତ୍ତ୍ୱ ପ୍ରତି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆଘାତ ଥିଲା ଓ ସମ୍ବିଧାନ ପ୍ରତି ସମ୍ମାନର ଅଭାବ ପ୍ରଦର୍ଶନ କରିଥିଲା। ଏହା ଭାରତରେ ଗଣତନ୍ତ୍ର ପ୍ରତି ଏକ ଗଭୀର ଅପମାନ ଥିଲା, ଯାହା ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଉତ୍ତର ପ୍ରଦେଶର ଉଚ୍ଚ ନ୍ୟାୟାଳୟରେ ଶ୍ରୀ ରାଜ ନାରାୟଣଙ୍କ ବିରୋଧରେ ଏକ ଆଇନଗତ ଲଢ଼େଇ ହାରିବା ପରେ ଜାଣିଶୁଣି କରାଯାଇଥିଲା। ତାଙ୍କ ବିରୋଧରେ ଲୋକ ସଭା ନିର୍ବାଚନ ସମୟରେ ସରକାରୀ କଳର ଅବୈଧ ବ୍ୟବହାର ଯୋଗୁଁ ତାଙ୍କ ଦ୍ୱାରା ଏହି ମାମଲା ଆରମ୍ଭ କରାଯାଇଥିଲା, ଯାହାକୁ ସେ ଏପରି ବେଆଇନ କାର୍ଯ୍ୟ ମାଧ୍ୟମରେ ଜିତିଥିଲେ। ଫଳସ୍ୱରୂପ, ଏହି ଲୋକ ସଭା ନିର୍ବାଚନର ଫଳାଫଳକୁ ଅକାମୀ ଘୋଷଣା କରାଯାଇଥିଲା, ଯାହା ଶ୍ରୀମତୀ ଗାନ୍ଧୀଙ୍କୁ ଆଉ ଲୋକ ସଭାର ନିର୍ବାଚିତ ପ୍ରତିନିଧି କରିନଥିଲା। ଏହି ରାଜନୈତିକ ପରିସ୍ଥିତିର ପ୍ରତିକ୍ରିୟାରେ ସେ ଭାରତରେ ଜରୁରିକାଳୀନ ପରିସ୍ଥିତି ଲାଗୁ କରିବା ଏକ ସମାଧାନ ବୋଲି ବିବେଚନା କରିଥିଲେ, ଯଦ୍ୱାରା ଭାରତ ସମ୍ବିଧାନର ଅବମାନନା କରାଯାଇଥିଲା। ଏହି ନିଷ୍ପତ୍ତି କେବଳ ତାଙ୍କର ଥିଲା, କାରଣ ସେ ଏହା କରିବା ପୂର୍ବରୁ କଂଗ୍ରେସର ସଂସଦୀୟ ବୋର୍ଡ କିମ୍ବା ତାଙ୍କ ମନ୍ତ୍ରୀ ପରିଷଦ ସହିତ ପରାମର୍ଶ କରି ନ ଥିଲେ। ସେ ୧୯୭୫ ମସିହା ଜୁନ ୨୪ ତାରିଖ ରାତି ପ୍ରାୟ ୨୩.୩୦ ଘଣ୍ଟା ସମୟରେ ଏକ ଜରୁରିକାଳୀନ ବିଜ୍ଞପ୍ତି ଘୋଷଣା/ପ୍ରଚଳନରେ ଭାରତର ତତ୍କାଳୀନ ରାଷ୍ଟ୍ରପତିଙ୍କ ଦସ୍ତଖତ ଗୁପ୍ତ ଭାବରେ ହାସଲ କରିଥିଲେ ଏବଂ ସଂସଦୀୟ ବୋର୍ଡ ଏବଂ ମନ୍ତ୍ରୀ ପରିଷଦକୁ ୨୫ ଜୁନ ୧୯୭୫ ତାରିଖ ସକାଳ ୫ଟା ୩୦ ମିନିଟ ସମୟରେ ସୂଚନା ଦିଆଯାଇଥିଲା।

ଭାରତୀୟ ସମ୍ବିଧାନର ଧାରା ୩୫୨ ଅନୁଯାୟୀ, ଯୁଦ୍ଧ, ବାହ୍ୟ ଆକ୍ରମଣ କିମ୍ବା ସଶସ୍ତ୍ର ବିଦ୍ରୋହ ଯୋଗୁଁ ଭାରତ କିମ୍ବା ଏହାର ଯେକୌଣସି ଅଞ୍ଚଳର ସୁରକ୍ଷା ପ୍ରତି 'ଗୁରୁତର ବିପଦ' ସୃଷ୍ଟି ହେଲେ ଏକ ଜାତୀୟ ଜରୁରିକାଳୀନ ପରିସ୍ଥିତି ଘୋଷଣା କରାଯାଇପାରେ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଗଠିତ ମନ୍ତ୍ରୀ ପରିଷଦରୁ ଲିଖିତ ଅନୁରୋଧ ପାଇବା ପରେ ରାଷ୍ଟ୍ରପତି ଏହି ଜରୁରିକାଳୀନ ପରିସ୍ଥିତି ପ୍ରଣୟନ କରିପାରିବେ। ଭାରତରେ ଜରୁରିକାଳୀନ ବ୍ୟବସ୍ଥାଗୁଡ଼ିକୁ ଏପରି ଭାବରେ ସଂରଚିତ କରାଯାଇଛି ଯେ, ସମ୍ବିଧାନ ଯେତେବେଳେ ଆବଶ୍ୟକ ହୁଏ ସେତେବେଳେ ସଂଘୀୟ ସରକାରଙ୍କୁ ଏକକ ସରକାରଙ୍କ କ୍ଷମତା ଗ୍ରହଣ କରିବାକୁ ଅନୁମତି ଦିଏ। ୧୯୭୫ର ଜରୁରିକାଳୀନ ପରିସ୍ଥିତି ଏକ ଜାତୀୟ ଜରୁରିକାଳୀନ ପରିସ୍ଥିତିର ତୃତୀୟ ଉଦାହରଣ ଥିଲା। ପ୍ରଥମଟି ୧୯୬୨ରେ ଚାଇନା ଭାରତ ଆକ୍ରମଣ କରିବା ସମୟରେ ଘଟିଥିଲା ଏବଂ ଦ୍ୱିତୀୟଟି ୧୯୭୧ରେ ପାକିସ୍ତାନ ସହିତ ସଂଘର୍ଷ ସମୟରେ ଘଟିଥିଲା। ୧୯୭୫ର ଜରୁରିକାଳୀନ ଆଦେଶ ଇନ୍ଦିରା ଗାନ୍ଧୀଙ୍କୁ ଡିକ୍ରି ଦ୍ୱାରା ଶାସନ କରିବାର କ୍ଷମତା ପ୍ରଦାନ କରିଥିଲା, ଯାହାର ପରିଣାମ ସ୍ୱରୂପ ନାଗରିକ ସ୍ୱାଧୀନତା ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ୧୯୭୫ର ଜରୁରିକାଳୀନ ପରିସ୍ଥିତି ସମୟରେ, ବିରୋଧୀ ନେତାମାନଙ୍କୁ ଅଟକ ରଖାଯାଇଥିଲା, ନିର୍ବାଚନ ବିଳମ୍ବିତ କରାଯାଇଥିଲା, ସରକାରଙ୍କ ବିରୋଧରେ ପ୍ରତିବାଦକୁ ଦମନ କରାଯାଇଥିଲା ଏବଂ ପ୍ରେସ୍ ସେନ୍ସରଶିପ୍ର ସମ୍ମୁଖୀନ ହୋଇଥିଲା। ଆଭ୍ୟନ୍ତରୀଣ ସୁରକ୍ଷା ରକ୍ଷଣାବେକ୍ଷଣ ଆଇନ (ମିସା) ଭଳି କଠୋର ଆଇନକୁ ଆହୁରି ଦୃଢ଼ କରାଯାଇଥିଲା। ସରକାର ମୌଳିକ ଅଧିକାରର ନ୍ୟାୟିକ ପ୍ରବର୍ତ୍ତନ ପାଇଁ ଅଧିକାରକୁ ମଧ୍ୟ ସ୍ଥଗିତ କରିଥିଲେ। ଏହା ସହିତ ଆଭ୍ୟନ୍ତରୀଣ ଜରୁରିକାଳୀନ ଘୋଷଣା ପୂର୍ବରୁ ଏକ ବାହ୍ୟ ଜରୁରିକାଳୀନ ପରିସ୍ଥିତି କାର୍ଯ୍ୟକାରୀ ହୋଇସାରିଛି। ମୌଳିକ ଅଧିକାର ରକ୍ଷଣାବେକ୍ଷଣ ସହିତ ବିଜୟରାଜେ ସିନ୍ଧିଆ, ଜୟପ୍ରକାଶ ନାରାୟଣ, ମୋରାରଜୀ ଦେଶାଇ, ଚୌଧୁରୀ ଚରଣ ସିଂହ, ଅଟଳ ବିହାରୀ ବାଜପେୟୀ ଏବଂ ଲାଲକୃଷ୍ଣ ଆଡ୍‌ଭାନୀଙ୍କ ପରି ବ୍ୟକ୍ତିତ୍ୱଙ୍କ ସମେତ ବହୁ ସଂଖ୍ୟକ ନାଗରିକ, ଖବରଦାତା ଏବଂ ରାଜନେତାଙ୍କୁ ବିନା ବିଚାରରେ ଗିରଫ କରାଯାଇଥିଲା। ଜରୁରିକାଳୀନ ପରିସ୍ଥିତିର ଆନୁଷ୍ଠାନିକ ସମାପ୍ତି ପରେ, ନୂତନ ନିର୍ବାଚନ ଅନୁଷ୍ଠିତ ହୋଇଥିଲା, ଯାହାର ପରିଣାମ ସ୍ୱରୂପ କଂଗ୍ରେସ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପରାଜୟ ହୋଇଥିଲା, ଯାହା ଫଳରେ ଜନତା ଦଳର ମୋରାରଜୀ ଦେଶାଇ ଭାରତର ପ୍ରଥମ ଅଣ-କଂଗ୍ରେସ ପ୍ରଧାନମନ୍ତ୍ରୀ ହୋଇଥିଲେ।

ଏଠାରେ ମନେରଖିବା ଗୁରୁତ୍ୱପୂର୍ଣ୍ଣ ଯେ, ଭାରତର ସମ୍ବିଧାନକୁ କେହି ପରିବର୍ତ୍ତନ କରିପାରିବେ ନାହିଁ; କେବଳ ଭାରତର ସଂସଦର ଉଭୟ ଗୃହରେ ଦୁଇ-ତୃତୀୟାଂଶ ବହୁମତ ସହିତ ସଂଶୋଧନ କରାଯାଇପାରିବ। ପ୍ରାୟ ୬୦ ବର୍ଷର କଂଗ୍ରେସ ଶାସନ କାଳରେ ପ୍ରାୟ ୮୦ଟି ସଂଶୋଧନ କରାଯାଇଛି। ତେଣୁ କଂଗ୍ରେସ ହିଁ ଭାରତର ସମ୍ବିଧାନର ଆତ୍ମାକୁ ଦୁର୍ବଳ କରିଛି। ପ୍ରଥମ ପ୍ରଧାନମନ୍ତ୍ରୀ ନେହେରୁ ୧୯୫୫ରେ ଏକ ସଂଶୋଧନ ଆଣିଥିଲେ, ଯାହା ମୁକ୍ତ ପ୍ରେସ୍ ଏବଂ ଆତ୍ମ-ପ୍ରକାଶନର ଅଧିକାରକୁ ସୀମିତ କରିଥିଲା। ୧୯୭୫ରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରି ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଗଣତନ୍ତ୍ରକୁ ଏକ ଶକ୍ତ ଆଘାତ ଦେଇଥିଲେ। ଏହା ବ୍ୟତୀତ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀ ୧୯୮୫ରେ ଏକ ସାମ୍ବିଧାନିକ ସଂଶୋଧନ ମାଧ୍ୟମରେ ଶାହ ବାନୋ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟକୁ ଓଲଟାଇ ସମ୍ବିଧାନର ସଂସ୍ଥିତିକୁ ଅସମ୍ମାନ ପ୍ରଦର୍ଶନ କରିଥିଲେ, ଯାହା ଭାରତୀୟ ଗଣତନ୍ତ୍ର ପାଇଁ ଏକ ଗୁରୁତର ଧକ୍କା ଥିଲା। ତେଣୁ ରାହୁଲ ଗାନ୍ଧୀଙ୍କ ସମେତ କଂଗ୍ରେସର ନିର୍ବାଚିତ ସାଂସଦମାନେ, କଂଗ୍ରେସ ସହିତ ମେଣ୍ଟ କରୁଥିବା ଅନ୍ୟ ବିରୋଧୀ ଦଳର ସାଂସଦମାନଙ୍କ ସହିତ, ଭାରତର ସମ୍ବିଧାନର ସୁରକ୍ଷା ପାଇଁ କରୁଥିବା ଫମ୍ପା ଆବେଦନ ବିଗତ ସଂସଦୀୟ ଅଧିବେଶନ ସମୟରେ ସେମାନଙ୍କର ଏକ କପି ପ୍ରଦର୍ଶନ ଦ୍ୱାରା ପ୍ରମାଣିତ ହୋଇଛି। ଏହି ପ୍ରହସନ ବଦଳରେ ସେମାନେ ଭାରତର ସମ୍ବିଧାନକୁ ଆତ୍ମିକ ରୂପେ ସମ୍ମାନ ପ୍ରଦର୍ଶନ କରିବା ଉଚିତ। ଏହାହିଁ ହେବ ଆଜିର ସମ୍ବିଧାନ ହତ୍ୟା ଦିବସରେ ସେମାନଙ୍କ ଯଥାର୍ଥ ପ୍ରାୟଶ୍ଚିତ୍ତ।

–ମୋ: ୯୯୩୭୦ ୪୪୭୨୨

# ସୋଲାର ବାଡ଼ରେ ଲାଗି ଦନ୍ତା ମୃତ

**ବନ୍ତଲା,୨୪।୬(ସୁଶିତ ସାହୁ)**



ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ଅଞ୍ଚଳରେ ହାତୀ ମୃତ୍ୟୁ ନିତିଦିନିଆ ଘଟଣା ହୋଇଯାଇଛି। ଏହି ଅଭୟାରଣ୍ୟ ଅନ୍ତର୍ଗତ ପମ୍ପାସର ରେଞ୍ଜ କୁଲାଙ୍ଗୀ ଗାଁର ଜନକ ଦେହୁରୀଙ୍କ ବଗିଚା ନିକଟରେ ମଙ୍ଗଳବାର ସକାଳୁ ଏକ ଦନ୍ତା ହାତୀର ମୃତଦେହ ଦେଖି ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ବନ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ହାତୀର ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ତେବେ ସୋମବାର ମଧ୍ୟରାତ୍ରିରେ ଖାଦ୍ୟ ଅନ୍ୱେଷଣରେ ଆସି ଏକ ବଗିଚାର ଫସଲ ସୁରକ୍ଷା ପାଇଁ ଘେରାଯାଇଥିବା ସୋଲାର ତାରବାଡ଼ରେ ଲାଗି ହାତୀଟିର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ସୂଚନା ମିଳିଛି। କିନ୍ତୁ ସୋଲାର ତାରବାଡ଼ରେ ବିଦ୍ୟୁତ୍ ସଂଯୋଗ ହୋଇଥିବା ନେଇ ବନ ବିଭାଗ ସନ୍ଦେହ କରୁଛି। ଏନେଇ ବନ ବିଭାଗ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲାବେଳେ ମୃତ ହାତୀର ବୟସ ପ୍ରାୟ ୧୫ ବର୍ଷ ହେବ ବୋଲି ଜଣାପଡିଛି।

# କୂଅରୁ ଉଦ୍ଧାରହେଲା ମାଈହାତୀ



**ମୋରଡ଼ା,୨୪।୬(ସ୍ୱାରକ ମାଜୀ)**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଝାଟିଅ ପଞ୍ଚାୟତର ହରିଣାଶୋଳ ଗ୍ରାମରେ କୂଅରେ ପଡ଼ିଥିବା ଏକ ମାଈହାତୀ ମଙ୍ଗଳବାର ଉଦ୍ଧାର ହୋଇଛି। ସୂଚନା ଅନୁଯାୟୀ, ସୋମବାର ହରିଣାଶୋଳ ଗ୍ରାମରେ ୧୪ଟିକିଆ ହାତୀପଲ ଉପଦ୍ରବ ଚଳାଇଥିଲେ। ରାତି ପ୍ରାୟ ୩ଟା ୩୦ରେ ଜଣଙ୍କ ଘର ପଛ ପଟେ ଥିବା କୂଅରେ ଏକ ମାଈହାତୀ ଗଳିପଡ଼ିଥିଲା। ଅନ୍ୟ ହାତୀଗୁଡ଼ିକ କୂଅ ଚାରିପାଖରେ ଘେରିରହିବା ସହ ଗର୍ଜନ କରିଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅନ୍ୟ ହାତୀଗୁଡ଼ିକୁ ଘଉଡ଼ାଇବା ସହ କୂଅରେ ପଡ଼ିଥିବା ମାଈହାତୀକୁ ଜେସିବି ସାହାଯ୍ୟରେ ଉଦ୍ଧାର କରିଥିଲେ। ଉଦ୍ଧାର ହାତୀର ବୟସ ୮ ବର୍ଷ ହେବ ଏବଂ ସେ ସୁରକ୍ଷିତ ଭାବେ ଜଙ୍ଗଲକୁ ଯାଇଥିବା ରେଞ୍ଜର ଘନଶ୍ୟାମ ସିଂ କହିଛନ୍ତି।

# ୫ ମାଓବାଦୀ ଗିରଫ, ବିପୁଳ ବିସ୍ଫୋରକ ଜବତ

**ମାଲକାନଗିରି, ୨୪।୬ (ନୃସିଂହ ଚରଣ ମହାନ୍ତି)**

ଛତିଶଗଡ଼ ବିଜାପୁର ଜିଲାରେ ଯବାନମାନେ ୫ ମାଓବାଦୀଙ୍କୁ ମଙ୍ଗଳବାର ଗିରଫ ସହ ବିପୁଳ ବିସ୍ଫୋରକ ଜବତ କରିଛନ୍ତି। ଗିରଫମାନେ ହେଲେ ସଞ୍ଜୟ ମାରପାଲି, କମଲୁ ଓରଫ କାଲାମୁ ପୁନେମ, କୋସା ଭୋଗମ, କୋସା ତାମୋ ଓ ସୋନାଧର ପୋଡିୟମ୍। ସୂଚନା ଅନୁଯାୟୀ, ବିଜାପୁର ଜିଲା ମଦେଡ, ଗଙ୍ଗାଲୁର ଏବଂ ଜଙ୍ଗଲାରେ ଯବାନଙ୍କ ତଲାସି ବେଳେ ଉକ୍ତ ୫ ମାଓବାଦୀଙ୍କୁ ଗିରଫ କରାଯାଇଛି। ଏମାନଙ୍କ ନିକଟରୁ ବିସ୍ଫୋରକ ସାମଗ୍ରୀ, ପୋଷାକ ଏବଂ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଜବତ କରାଯାଇଛି। ଏମାନେ ପୂର୍ବରୁ ବୋମା ବିସ୍ଫୋରଣ, ହତ୍ୟା ଓ ରାସ୍ତା ଖୋଳିବା ଭଳି ବିଭିନ୍ନ ହିଂସାରେ ଜଡ଼ିତ ଥିଲେ। ଏହାପରେ ଅଞ୍ଚଳରେ ଯବାନଙ୍କ ପକ୍ଷରୁ ତଲାସି ଅଭିଯାନକୁ ବଢ଼ାଇ ଦିଆଯାଇଛି।

# ଜବାବ ତଲବ କଲେ ହାଇକୋର୍ଟ

## ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ଥାୟୀ ତଥା ଭାରପ୍ରାପ୍ତ କୁଳପତି ନିଯୁକ୍ତି ସମ୍ପର୍କରେ ଜନସ୍ୱାର୍ଥ ମାମଲା

**କଟକ,୨୪।୬(କାର୍ତ୍ତିକ ସାହୁ)**

ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ୧୯୮୯ର ଧାରା ୬(୧) ଅନୁସାରେ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ଥାୟୀ କୁଳପତି ଓ ଧାରା ୬ (୧୦) ଅନୁସାରେ ଭାରପ୍ରାପ୍ତ କୁଳପତି ନିଯୁକ୍ତି ପାଇଁ ଆଗତ ଜନସ୍ୱାର୍ଥ ମାମଲାର ପ୍ରାଥମିକ ଶୁଣାଣି ମଙ୍ଗଳବାର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ଏମ୍ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ହୋଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୮ରେ ହେବ। ଏହି ମାମଲାରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ସଚିବ, କୁଳାଧିପତିଙ୍କ ପ୍ରମୁଖ ସଚିବ, ଉତ୍କଳ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ଓ କୁଳସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ତଥା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅଧିବକ୍ତା ପ୍ରବୀର କୁମାର ଦାସଙ୍କ ଦ୍ୱାରା ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାରେ ଦର୍ଶାଯାଇଛି ଯେ ଉତ୍କଳ ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ପ୍ରଫେସର୍ ସବିତା ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ୨୩ ନଭେମ୍ବର ୨୦୨୪ରେ ସମ୍ପୂର୍ଣ୍ଣ ହେବା ପରେ କୁଳାଧିପତି (ଚାନସେଲର) ତାଙ୍କର କାର୍ଯ୍ୟକାଳ ୬ ମାସ ବୃଦ୍ଧି କରିଥିଲେ। ତାଙ୍କର ବର୍ଦ୍ଧିତ କାର୍ଯ୍ୟକାଳ ୨୩ ମେ ୨୦୨୫ରେ ସମାପ୍ତ ହେବା ପରେ କୁଳାଧିପତି ଉତ୍କଳ ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲଜି ବିଭାଗର ପ୍ରଫେସର୍ ଯଜ୍ଞେଶର ଦଣ୍ଡପାଟଙ୍କୁ ଭାରପ୍ରାପ୍ତ କୁଳପତି ଭାବେ ୨୭ ମେ ୨୦୨୫ରେ ନିଯୁକ୍ତି ଦେଇଥିଲେ। କିନ୍ତୁ କୌଣସି କାରଣ ବଶତଃ ସ୍ଥାୟୀ କୁଳପତି ନିଯୁକ୍ତି ସମ୍ଭବ ନ ହେଲେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ର ଧାରା ୬ (୧୦) ଅନୁସାରେ ଅନ୍ୟ ଯେକୌଣସି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଭାରପ୍ରାପ୍ତ କୁଳପତି ରୂପେ ନିଯୁକ୍ତି ଦେବାର ପ୍ରାବଧାନ ରହିଛି। ତେଣୁ କୁଳାଧିପତିଙ୍କ ଦ୍ୱାରା ପ୍ରଫେସର୍ ଯଜ୍ଞେଶର ଦଣ୍ଡପାଟଙ୍କୁ ଭାରପ୍ରାପ୍ତ କୁଳପତି ରୂପେ ନିଯୁକ୍ତି ବେଆଇନ ହୋଇଥିବାରୁ ଏହାକୁ ରଦ୍ଦ କରି ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ର ଧାରା ୬ (୧୦) ଅନୁସାରେ ଅନ୍ୟ ଯେକୌଣସି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ରୂପେ ନିଯୁକ୍ତି ଦେବାକୁ କୁଳାଧିପତିଙ୍କୁ ଆଦେଶ ଦେବାକୁ ପ୍ରାର୍ଥନା କରାଯାଇଛି।

# ସାପ କାମୁଡ଼ାରେ ଭଉଣୀ ଭାଇଙ୍କ ଜୀବନ ଗଲା


**ବଲାଙ୍ଗୀର,୨୪।୬ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହରର ମାଲଗୋଦାମପଡାଠାରେ ସୋମବାର ବିଳମ୍ବିତ ରାତିରେ ଏକ ଦୁଃଖଦ ଘଟଣା ଘଟିଛି। ଘରେ ଶୋଇଥିବା ବେଳେ ଗୋଟିଏ ପରିବାରର ଭଉଣୀ ଭାଇଙ୍କୁ ଏକ ସାପ କାମୁଡି ଦେବାରୁ ଉଭୟଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାଲଗୋଦାମପଡାର ଅବଦୁଲ ରହମାନ୍‌ଙ୍କ ପୁଅ ଦୁଃଖିଶ୍ୟାମ (୭) ଓ ଝିଅ ମେହେକ (୩)। ପ୍ରକାଶ ଯେ, ଘଟଣାଦିନ ରାତିରେ ଦୁଃଖିଶ୍ୟାମ ଓ ମେହେକ ଖାଇ ସାରିବା ପରେ ଘରେ ଶୋଇଥିଲେ। ଏହି ସମୟରେ ଉଭୟଙ୍କୁ ସାପ କାମୁଡି ଦେଇଥିଲା। ପରେ ଦୁଃଖିଶ୍ୟାମ ବାପାଙ୍କ ପାଖକୁ ଆସି ତାଙ୍କୁ କ'ଣ ଗୋଟିଏ କାମୁଡି ଦେଇଥିବା କହିଥିଲେ। ଏହାର କିଛି ସମୟ ପରେ ଭଉଣୀ ଭାଇଙ୍କ ବାନ୍ତି ହୋଇଥିଲା। ଖୋଜାଖୋଜି କରିବାରୁ ସେହି ଘରେ ଏକ ସାପ ଥିବାର ପରିବାର ଲୋକେ ଦେଖିବାକୁପାଇଥିଲେ। ସାପ କାମୁଡିଦେଇଥିବା ସନ୍ଦେହ କରି ବିଳମ୍ବିତ ରାତିରେ ସେମାନଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ସେଠାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମଙ୍ଗଳବାର ସକାଳେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣା ପ୍ରଚାରିତ ହେବା ପରେ ବହୁ ଲୋକ ହସ୍ପିଟାଲ ଯାଇ ଅବଦୁଲଙ୍କୁ ସମବେଦନା ଜଣାଇଥିଲେ। ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ, ଭାଜପା ବିଧାୟକ ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀ ମୃତକଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ କ୍ଷତିପୂରଣ ଦେବାକୁ ଦାବି କରିଥିବା ଜଣାପଡିଛି।

# ନବୀନଙ୍କୁ ଦେଖିବାକୁ ମୁମ୍ବାଇ ଗସ୍ତରେ ବିଜେଡିର ଅନେକ ନେତା

**ଭୁବନେଶ୍ୱର,୨୪।୬(ସୁନିତ୍ ମିଶ୍ର)**

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଦେଖାକରିବା ଲାଗି ବିଜେଡିର ଅନେକ ନେତା ମଙ୍ଗଳବାର ମୁମ୍ବାଇ ଗସ୍ତରେ ଯାଇଛନ୍ତି। ଆଉ କେତେଜଣ ନେତା ବୁଧବାର ସକାଳୁ ମୁମ୍ବାଇ ଯିବେ ବୋଲି ଜଣାପଡ଼ିଛି। ଏହି ନେତାମାନେ ବୁଧବାର ପୂର୍ବାହ୍ନରେ ନବୀନଙ୍କୁ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଦେଖାକରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ବୁଝିବେ ବୋଲି ଜଣାପଡ଼ିଛି। ନବୀନ ଗତ ୨୦ରେ ସର୍ଭିକାଲ ଆର୍ଥ୍ରାଇଟିସ୍ ଚିକିତ୍ସା ଲାଗି ମୁମ୍ବାଇ ଯାଇଥିବା ବେଳେ ଗତ ୨୨ ତାରିଖରେ ତାଙ୍କର ଅସ୍ତ୍ରୋପଚାର ହୋଇଥିବା ଜଣାପଡିଛି। ଏହା ପରେ ସେ ସୁସ୍ଥ ଥିବା ନେଇ ତାଙ୍କ ବ୍ୟକ୍ତିଗତ ଡାକ୍ତର ରମାକାନ୍ତ ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇଥିଲେ। ନବୀନଙ୍କ ଭାଇ ମଧ୍ୟ ସୋମବାର ଏକ ଭିଡିଓ ବାର୍ତ୍ତା ଜରିଆରେ ସୂଚନା ଦେଇଥିଲେ। ଏବେ ଦଳର କେତେଜଣ ନେତା ମୁମ୍ବାଇ ଗସ୍ତ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ବିଜେଡି ବିଧାୟକ ସୁଶାନ୍ତ ରାଉତ, ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ବିଧାୟକ ବ୍ୟୋମକେଶ ରାୟ, ବିଶ୍ୱରଞ୍ଜନ ମଲ୍ଲିକ, ସଞ୍ଜୀବ ମଲ୍ଲିକ, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ପ୍ରମୁଖ ଏବେ ମୁମ୍ବାଇରେ ଅଛନ୍ତି।

# ଜେଲ ଗଲେ ୮ ଅଭିଯୁକ୍ତ, ନାବାଳକଙ୍କୁ ବାଳସୁଧାର ଗୃହରେ ହାଜର

ଛତ୍ରପୁର/ ଧରାକୋଟ, ୨୪।୬ (ସନ୍ତୋଷ ପାଢ଼ୀ/ବିଷ୍ଣୁକେଶରୀ ଆଚାର୍ଯ୍ୟ)


ଆସିକା ଏସ୍‌ଡିପିଓ ସନ୍ତୋଷ ଜେନା ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି।

## ୨ ଦଳିତଙ୍କୁ ଅଧାଲଣ୍ଡା କରି ଆଣ୍ଠୁରେ ଚଲେଇବା ଘଟଣା
### ଖୁବ୍‌ଶୀଘ୍ର ଚାର୍ଜଶିଟ ଦାଖଲ ହେବ: ଗଞ୍ଜାମ ଏସ୍‌ପି

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ଖାରିଗୁମ୍ମା ଗାଁରେ ଗୋଚାଲାଣ ଅଭିଯୋଗରେ ୨ଜଣ ଦଳିତ ବ୍ୟକ୍ତିଙ୍କୁ ଅଧାଲଣ୍ଡା କରି ଆଣ୍ଠୁରେ ଚଲାଇବା ଘଟଣାରେ ସମ୍ପୃକ୍ତ ଥିବା ୮ ଜଣଙ୍କୁ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବ୍ରହ୍ମପୁର ବଡ଼ବଜାର ରାଜାସାହିର ଶିବ ଶଙ୍କର ମହାନ୍ତି, ବ୍ରହ୍ମପୁର ଗୋଇଲୁଣ୍ଡି କମାପଲିର ସତ୍ୟ ସାହୁ, ବେଠୁଆର ବାଇନାଥ ବିଷୋୟୀ, ଗଡ଼ଦାମୋଦର ପଲ୍ଲୀର ଓମ୍ ଗୌଡ଼, ଜାହାଡାର ଗଣପତି ପଲାଇ ଓ ସନ୍ତୋଷ ଡାକୁଆ, ନନ୍ଦିଗୋରର ନାରାୟଣ ଡାକୁଆ, ବ୍ରହ୍ମପୁର ମେଡିକାଲ କ୍ୟାମ୍ପସର ଶଙ୍କର ଦାସ। ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ଜଣେ ନାବାଳକ ରହିଛନ୍ତି। ତାଙ୍କୁ ଜୁଭେନାଇଲ ଜଷ୍ଟିସ୍‌ବୋର୍ଡରେ ହାଜର କରାଯାଇ ପରେ ଛତ୍ରପୁର ବାଳ ସୁଧାର ଗୃହକୁ ପଠାଯାଇଛି ବୋଲି ଆସିକା ଏସ୍‌ଡିପିଓ ସନ୍ତୋଷ ଜେନା ସୂଚନା ଦେଇଛନ୍ତି। ଅପରପକ୍ଷରେ ଏହି ମାମଲାର ତଦନ୍ତ କରି ଖୁବ୍‌ଶୀଘ୍ର କୋର୍ଟରେ ଚାର୍ଜଶିଟ ଦାଖଲ କରାଯିବ ବୋଲି ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର କହିଛନ୍ତି। ଏଥିସହିତ ମାମଲାର ଯେପରି ତ୍ୱରିତ ଶୁଣାଣି ହେବ ସେନେଇ ଗୁରୁତ୍ୱ ଦିଆଯିବ। ଏହି ମାମଲାରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେମାନଙ୍କୁ ଚିହ୍ନଟ ଚାଲିଛି। ନିର୍ଯାତିତ ୨ବ୍ୟକ୍ତିଙ୍କୁ ନିର୍ଯାତନା ପାଣ୍ଠିରୁ କ୍ଷତିପୂରଣ ମିଳିବ। ଉଭୟଙ୍କୁ ଉପଯୁକ୍ତ ଥଇଥାନ କରାଯିବ ବୋଲି ଛତ୍ରପୁରଠାରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି କହିଛନ୍ତି।

ସୂଚନାଯୋଗ୍ୟ, ଝିଅକୁ ଯୌତୁକ ଦେବା ପାଇଁ ସମ୍ପୃକ୍ତ ୨ଜଣ ଦଳିତ ବ୍ୟକ୍ତି ଗତ ୨୨ ତାରିଖରେ ହରିପୁରରୁ ୩ଟି ଗାଈ ଧରି ସିଙ୍ଗିପୁର ଯାଉଥିଲେ। ଖାରିଗୁମ୍ମାଠାରେ ଉଭୟଙ୍କୁ କେତେଜଣ ଲୋକ ଅଟକାଇ ଗୋଚାଲାଣ କରୁଥିବା ଅଭିଯୋଗ କରି ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ଉଭୟଙ୍କୁ ମାଡ଼ ମାରି ସେଲୁନକୁ ନେଇ ଅଧାଲଣ୍ଡା କରି ଖାରିଗୁମ୍ମାରୁ ଚଲାଇ ଜାହାଡ଼ା ପର୍ଯ୍ୟନ୍ତ ଆଣିଥିଲେ। କଙ୍ଗାରୁକୋର୍ଟ ବସାଇ ଉଭୟଙ୍କୁ ଜାହାଡ଼ା ଗାଁଦାଣ୍ଡରେ ୨କି.ମି. ଆଣ୍ଠୁରେ ଚଲାଇଥିଲେ। ସେମାନଙ୍କୁ ଘାସ ଖାଇବାକୁ ଦେବା ସହ ନର୍ଦ୍ଦମା ପାଣି ପିଇବାକୁ ବାଧ୍ୟ କରିଥିଲେ। ଏହି ଘଟଣା ଜଣାପଡ଼ିବା ପରେ ପୋଲିସ ନଂ.୨୪୦/୨୫ରେ ମାମଲା ରୁଜୁ କରି ତୁରନ୍ତ ୯ଜଣଙ୍କୁ ଧରି ଆଣି ଅଟକ ରଖି ପଚରାଉଚରା ଜାରି ରଖିଥିଲା। ମଙ୍ଗଳବାର ଭଞ୍ଜନଗର ଉପଜିଲାପାଳ ଉମାଶଙ୍କର ବେହେରାଙ୍କ ନେତୃତ୍ୱରେ ଜିଲା ପ୍ରଶାସନର ଏକ ଟିମ୍ ୨ ଦଳିତଙ୍କ ପରିବାରଙ୍କୁ ଭେଟି ସହାୟତା ପ୍ରଦାନ କରିଛନ୍ତି। ସେହିପରି ଗୋରକ୍ଷକ ନାମରେ ଲୋକଙ୍କୁ ଅତ୍ୟାଚାର କରୁଥିବା ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦଳିତ ମହାସଭା ପକ୍ଷରୁ ଦାବି କରାଯାଇଛି।

# ଗୋଷ୍ଠୀ ସଂଘର୍ଷରୁ ଗଡ଼ିଲା ମୁଣ୍ଡ


ଗୋଷ୍ଠୀ ସଂଘର୍ଷରେ ଗୁରୁତରଙ୍କ ଚିକିତ୍ସା ଚାଲିଛି।

ବାରିପଦା,୨୪।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

■ ବୁଲିଲା ଖଣ୍ଡା, ଫୁଟିଲା ଗୁଳି
■ ପୁଅ ମୃତ, ମା' ସମେତ ୪ ଗୁରୁତର

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଧୀନ କାଳିକାପୁର ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ ଗୋଷ୍ଠୀ ସଂଘର୍ଷରେ ଜଣଙ୍କ ମୁଣ୍ଡ ଗଡ଼ିଛି। ଗୁଳିମାଡ଼ ଓ ଖଣ୍ଡା ଚୋଟରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ମା'ଙ୍କ ସମେତ ୪ଜଣ ଗୁରୁତର ହୋଇଛନ୍ତି। ଏନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା ଦେଖାଦେଇଥିଲା। ନିୟନ୍ତ୍ରଣ ପାଇଁ ଘଟଣାସ୍ଥଳରେ ପହଞ୍ଚିଥିବା ପୋଲିସକୁ ଉତ୍ତ୍ୟକ୍ତ ଲୋକେ ଠେଲାପେଲା କରିଥିଲେ। ଖବରପାଇ ପୂର୍ବାଞ୍ଚଳ ଡିଆଇଜି ଡ.ସତ୍ୟଜିତ ନାଏକ, ଏସ୍‌ପି ବରୁଣ ଗୁଣ୍ଟୁପାଲି ଡାକ୍ତରଖାନା ପରିସରରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଉତ୍ତେଜନା ଲାଗି ରହିଥିବାରୁ ପୋଲିସଫୋର୍ସ ମୁତୟନ ହୋଇଛନ୍ତି। ମୃତକ ହେଲେ କାଳିକାପୁର ୨୪ନଂ ୱାର୍ଡର ରାଜୁ ଘଡେଇ(୩୫)। ଗୁରୁତର ଆକାଶ ମୁଖୀ, କୁନ୍ଦନ ମୁଖୀ ଏବଂ ମୃତ ରାଜୁଙ୍କ ମା' ପବିତ୍ରୀ ଘଡେଇଙ୍କୁ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି। ଅନ୍ୟଜଣେ ମହିଳା ଶିପ୍ରା ମୁଖୀ ପିଆରଏମ୍ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ସୂଚନାଯୋଗ୍ୟ, ମଙ୍ଗଳବାର ଅପରାହ୍ନ ୩ଟାରେ ଛେଳି ଚୋରିକୁ ନେଇ ରାଜୁ, ଆକାଶ ଏବଂ କୁନ୍ଦନଙ୍କ ପରିବାର ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ରାଜୁ ଓ ତାଙ୍କ ମା' ଅସ୍ତ୍ରଶସ୍ତ୍ର ଧରି ବାହାରକୁ ଆସି ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଆକାଶ ଏବଂ ବନ୍ଧୁକରୁ ଗୁଳିମାଡ଼ କରିବାରୁ ରାଜୁ ଗୁରୁତର ହୋଇଥିଲେ। ଉଭୟପକ୍ଷରୁ ଖଣ୍ଡା ଓ ଭୁଜାଲି ଆକ୍ରମଣରେ ୪ଜଣ ଗୁରୁତର ହୋଇଥିଲେ। ସମସ୍ତଙ୍କୁ ଚିକିତ୍ସା ପାଇଁ ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ରାଜୁଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରେ ଉଭୟ ପକ୍ଷର ଶତାଧିକ ମହିଳା ପୁରୁଷ ଡାକ୍ତରଖାନାରେ ପହଞ୍ଚି ଗଣ୍ଡଗୋଳ କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିବାବେଳେ ଉତ୍ତ୍ୟକ୍ତ ଲୋକେ ଠେଲାପେଲା କରିଥିଲେ। ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା।

# ୬ କୋଟିର ସାଇବର ଠକେଇ

ଭୁବନେଶ୍ୱର,୨୪।୬(ସତ୍ୟଜିତ୍ ରାଉତ)

## ପୁଣେ, ମୁମ୍ବାଇରୁ ଆଉ ୨ ଗିରଫ


ଗିରଫ ୨ ଅଭିଯୁକ୍ତ।

ବହୁଗୁଣ ଲାଭ ଦେବାର ପ୍ରତିଶ୍ରୁତି ଦେଇ ୬ କୋଟି ୪ ଲକ୍ଷ ୫୩ ହଜାର ଟଙ୍କା ଠକେଇ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚ ଆଉ ୨ଜଣଙ୍କୁ ପୁଣେ ଓ ମୁମ୍ବାଇରୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ପୁଣେ ଶିକ୍ରପୁର ଅଞ୍ଚଳର ସ୍ୱପ୍ନିଲ ଗୋରକ୍ଷ ଧୋକ୍ଲେ ଏବଂ ମୁମ୍ବାଇ ଗାନ୍ଧୀନଗର ଅଞ୍ଚଳର ଆଜାଜ୍ ସାଫିକ୍ ଶେଖ୍। ଅଭିଯୁକ୍ତଦ୍ୱୟଙ୍କୁ ପୁଣେ ଓ ମୁମ୍ବାଇର ସ୍ଥାନୀୟ କୋର୍ଟକୁ ଚାଲାଣ କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଥିଲା। ଉଭୟଙ୍କୁ କ୍ରାଇମବ୍ରାଞ୍ଚ ପକ୍ଷରୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ କ୍ରାଇମବ୍ରାଞ୍ଚ ପଶ୍ଚିମବଙ୍ଗରୁ ୩ଜଣଙ୍କୁ ଗିରଫ କରିଥିବାବେଳେ ସେମାନେ ଏବେ ଜେଲ୍‌ରେ ଅଛନ୍ତି। ସୂଚନା ଅନୁଯାୟୀ, ଭୁବନେଶ୍ୱରର ଜଣେ ବ୍ୟକ୍ତି ଏହି ସାଇବର ଠକେଇର ଶିକାର ହୋଇଥିଲେ। ଠକମାନେ ସୋସିଆଲ ମିଡିଆରେ ମେସେଜ୍ କରି ଟ୍ରେଡିଂରେ ନିବେଶ କରି ଅଧିକ ଲାଭ ପାଇବାକୁ ଫସାଇଥିଲେ। ସମ୍ପୃକ୍ତ ବ୍ୟକ୍ତି ଓଟିସି (ଓଭର୍-ଦି-କାଉଣ୍ଟର) ଏବଂ ଆଇପିଓ (ଇନିସିଆଲ୍ ପବ୍ଲିକ୍ ଅଫରିଙ୍ଗ୍) ଟ୍ରେଡିଂରେ ଟଙ୍କା ଟ୍ରାନ୍ସଫର୍ କରି ଠକେଇର ଶିକାର ହୋଇଥିଲେ। ଏନେଇ ଏତଲାକ୍ରମେ କ୍ରାଇମବ୍ରାଞ୍ଚ ସାଇବର ଥାନା ଜାନୁଆରୀ ୧୩ରେ ଏକ ମାମଲା (ନଂ.୨/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ଏହି ମାମଲାରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ କ୍ରାଇମବ୍ରାଞ୍ଚ ଚଢ଼ାଉ ଜାରି ରଖିଛି।

# ବେଆଇନ ବାଣ କାରଖାନାରେ ଚଢ଼ାଉ

ଭଦ୍ରକ,୨୪।୬ (ସନାତନ ରାଉତ)

ଭଦ୍ରକ ଜିଲା ପୁରୁଣାବଜାର ଥାନା ଅଧୀନ ଦୁର୍ଗାପୁର ଅଞ୍ଚଳରେ ଏକ ବେଆଇନ ବାଣ କାରଖାନାରେ ପୁରୁଣାବଜାର ପୋଲିସ ମଙ୍ଗଳବାର ମଧ୍ୟାହ୍ନରେ ଚଢ଼ାଉ କରିଛି। ସେଠାରୁ ବିଭିନ୍ନ ପ୍ରକାରର ବାଣ ଜବତ ସହ ବିନା ଲାଇସେନ୍ସରେ ବାଣ ରଖିବା ଏବଂ ବିକ୍ରି ଅଭିଯୋଗରେ ମୀର୍ ବାଗ୍‌ଦାଦ୍(୫୮)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ସବ୍‌ଇନ୍ସପେକ୍ଟର ଦୀପ୍ତିରେଖା ସ୍ୱାଇଁଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୧୪୪/୨୫) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଦୁର୍ଗାପୁର ଅଞ୍ଚଳରେ ଏକ ବେଆଇନ ବାଣ କାରଖାନା ଚାଲୁଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା। ଉକ୍ତ ଗ୍ରାମରେ ଏକ ଭଡ଼ା ଘରେ ପୋଲିସ ଚଢ଼ାଉ କରିବା ପରେ ୪ ବସ୍ତା ଓ ୪ କାର୍ଟୁନ ବିଭିନ୍ନ ପ୍ରକାର ବାଣ ବାହାରିଥିଲା। ପଶ୍ଚିମବଙ୍ଗରୁ ବାଣ ମଗାଇ ଖୁଚୁରା ଦୋକାନୀଙ୍କୁ ବିକ୍ରି କରୁଥିବା ଅଭିଯୁକ୍ତ କହିଥିବାବେଳେ ବାଣ ବିକ୍ରି ଓ ତିଆରିର କୌଣସି ଲାଇସେନ୍ସ, କାଗଜପତ୍ର ଦେଖାଇ ପାରି ନ ଥିଲେ। ପୋଲିସ ବାଣ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା।

# ୬ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ମୁହାଁମୁହିଁ ଜେରା

ବ୍ରହ୍ମପୁର/ଗୋପାଳପୁର,୨୪।୬(ସୁବାସ ଚନ୍ଦ୍ର ପାଢ଼ୀ/ନବୀନରାଜ ଆଚାରୀ)

## ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ରହିଛି। କ୍ରାଇମବ୍ରାଞ୍ଚ ଆଇଜି ଏସ. ସାଇନି ଘଟଣାର ବିଭିନ୍ନ ଦିଗକୁ ନେଇ ତାଙ୍କ ଟିମ ସହ ତଦନ୍ତ ଜାରି ରଖିଛନ୍ତି। ଗତ ୧୭ ତାରିଖରୁ ଟିମ୍ ବ୍ରହ୍ମପୁରରେ ରହି ତଦନ୍ତ କରୁଛି। ଘଟଣାରେ ଗିରଫ ହୋଇ ବ୍ରହ୍ମପୁର ଜେଲରେ ବିଚାରାଧୀନ ବନ୍ଦୀ ଭାବେ ଥିବା ୬ ଅଭିଯୁକ୍ତଙ୍କୁ କୋର୍ଟଙ୍କ ନିର୍ଦ୍ଦେଶରେ କ୍ରାଇମବ୍ରାଞ୍ଚ ମଙ୍ଗଳବାର ରିମାଣ୍ଡରେ ଆଣିଛି। ସେମାନଙ୍କୁ ଗୋପାଳପୁର ଥାନାରେ ରଖି ଆଇଜି ସାଇନିଙ୍କ ଉପସ୍ଥିତିରେ ଟିମ୍ ମୁହାଁମୁହିଁ ଜେରା ଚଳାଇଛି। ବଳାତ୍କାର ପାଇଁ ଅଭିଯୁକ୍ତମାନେ ପୂର୍ବରୁ ପ୍ରସ୍ତୁତି କରିଥିଲେ, ନା କେହି ସେମାନଙ୍କୁ ସୂଚନା ଦେଇଥିଲେ ସେ ନେଇ ପଚରାଉଚରା କରାଯାଇଛି। ଟିମ୍ ଅଭିଯୁକ୍ତଙ୍କୁ ନେଇ କ୍ରାଇମ ସିନ୍ ରିକ୍ରିଏଶନ କରିବ ବୋଲି ଜଣାପଡ଼ିଛି। ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ଜାତୀୟ ମାନବ ଅଧିକାର ଆୟୋଗ ନିଜଆଡ଼ୁ ମାମଲା ରୁଜୁ କରି ପୋଲିସ ଡିଜି, ମୁଖ୍ୟ ଶାସନ ସଚିବଙ୍କୁ ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରି ୨ ସପ୍ତାହ ଭିତରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପୂର୍ବରୁ ଜାତୀୟ ମହିଳା କମିଶନ ବି ରିପୋର୍ଟ ଦେବାକୁ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୧୫ ତାରିଖରେ ହୋଇଥିବା ଗଣବଳାତ୍କାର ନେଇ ଗୋପାଳପୁର ଅଭିଯୋଗ ହୋଇଥିଲା। କ୍ରାଇମବ୍ରାଞ୍ଚ ଉକ୍ତ ମାମଲା ହାତକୁ ନେବା ପରେ ପ୍ରଥମେ ପୋଲିସ ଦ୍ୱାରା ଜବତ ସାମଗ୍ରୀ ଗୁଡ଼ିକୁ ନିଜ ଜିମାରେ ନେଇ କୋର୍ଟରେ ଦାଖଲ କରିଥିଲା। ଜେଲରେ ଥିବା ୬ଜଣ ଅଭିଯୁକ୍ତଙ୍କ ଟିଆଇ ପରେଡ଼ ଓ ପରେ ବାଳ ସୁଧାର ଗୃହରେ ଥିବା ୪ ଜଣଙ୍କ ଟିଆଇ ପରେଡ୍ କରାଯାଇଥିଲା। ସେଥିରେ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁ ସମସ୍ତଙ୍କୁ ଚିହ୍ନଟ କରିଥିଲେ। ପରେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବା ପାଇଁ ଆବେଦନ ମାଜିଷ୍ଟ୍ରେଟ ମଞ୍ଜୁର କରିଥିଲେ।

## Business

# ରାଇସ୍ ମିଲ୍ ଖୋଲିଲେ ସରକାର ଦେବେ ୫୦% ସବ୍‌ସିଡି

ଭୁବନେଶ୍ୱର,୨୪।୬



ଏମ୍‌ଏସ୍‌ଏମ୍‌ଇ କୃଷି ଅନ୍ତର୍ଜାତୀୟ ସମ୍ମିଳନୀରେ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ଧାନଚାଷର ଚାହିଦା ସର୍ବାଧିକ ରହିଛି। ଏପରିକି ରାଜ୍ୟରେ ବର୍ତ୍ତମାନ ଅଧିକ ଧାନଚାଷ ହେଉଛି। ଏହି ଚାଷରୁ ଉତ୍ପାଦିତ ଚାଉଳ ରାଜ୍ୟର ଆବଶ୍ୟକତାଠାରୁ ଅଧିକ ରହୁଛି ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ବିଶେଷକରି ରାଜ୍ୟରେ ଯେତିକି ରାଇସ୍ ମିଲ୍ ଅଛି ତା'ଠୁ ଆହୁରି ଅଧିକ ଆବଶ୍ୟକତା ରହିଛି। ଛତିଶଗଡ଼ରେ ୨୬ ଶହ ରାଇସ୍ ମିଲ୍ ଥିବାବେଳେ ଓଡ଼ିଶାରେ ମାତ୍ର ୧୪ ଶହ ମିଲ୍ ଅଛି ଓ ଅନେକ ଛୋଟ ମିଲ୍ ମଧ୍ୟ ରହିଛି। ଏଣୁ ରାଜ୍ୟରେ ଆଉ ଅଧିକ ରାଇସ୍ ମିଲ୍‌ର ଆବଶ୍ୟକତା ରହିଛି। ମିଲ୍ ଅଭାବ ଥିବାରୁ ଧାନ ସଂଗ୍ରହ କରିବାରେ ଅସୁବିଧା ହେଉଛି। ରାଜ୍ୟରେ ଆହୁରି ୪ଶହରୁ ୫ଶହ ରାଇସ୍ ମିଲ୍ ଆବଶ୍ୟକ। ସାଧାରଣ ଜନତା ରାଇସ୍ ମିଲ୍ ଖୋଲିଲେ ସରକାର ୫୦% ସବ୍‌ସିଡି ଦେବେ। ରାଜ୍ୟରେ ବର୍ତ୍ତମାନ ଉତ୍ପାଦିତ ଚାଉଳରୁ ରାଜ୍ୟର ଆବଶ୍ୟକତା ଏବଂ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ)କୁ ମିଶାଇଲେ ୪୬ ଲକ୍ଷ ମେଟ୍ରିକ୍ ଟନ୍ ଯାଉଛି। ବଳକା ୧୨ରୁ ୧୫ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଆମ ପାଖେ ରହୁଛି ବୋଲି ମନ୍ତ୍ରୀ କହିଥିଲେ। ଉଲ୍ଲେଖଯୋଗ୍ୟ, ଇଣ୍ଡିଆନ୍ ଚାମ୍ବର ଅଫ୍ କର୍ମସ (ଆଇସିସି) ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ କୃଷି ଅନ୍ତର୍ଜାତୀୟ ସମ୍ମିଳନୀ ମଙ୍ଗଳବାର ଭୁବନେଶ୍ୱରଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଯୋଗାଣ ମନ୍ତ୍ରୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏଭଳି କିଛି କହିଛନ୍ତି। ଏମ୍‌ଏସ୍‌ଏମ୍‌ଇ ତଥା ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ, ଓଡ଼ିଶାରେ ଏମ୍‌ଏସ୍‌ଏମ୍‌ଇକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯିବା ସହ ବହୁ ଯୋଜନା ଅଣାଯାଇଛି। ଏହା ଦ୍ୱାରା ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଯେଉଁ ଅସୁବିଧା ଥିଲା ତାକୁ ଦୂର କରାଯାଇପାରିଛି। ରାଜ୍ୟର ବିକାଶରେ ଏମ୍‌ଏସ୍‌ଏମ୍‌ଇ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି ବୋଲି ସେ କହିଥିଲେ। ଦକ୍ଷତା ବିକାଶ ଓ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଥିଲେ, ଓଡ଼ିଶାରେ ସୁଯୋଗର ଅଭାବ ନାହିଁ। ସେ ସୁଯୋଗକୁ ଆମେ ଉପଯୁକ୍ତ ଭାବେ ବ୍ୟବହାର କରିପାରୁନାହୁଁ। ସେହିଭଳି ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ଯୁଗ୍ମ ସଚିବ ମର୍ସି ଏପାଓ, ରପ୍ତାନି ବୃଦ୍ଧି କରିବା ଲକ୍ଷ୍ୟରେ ମନ୍ତ୍ରଣାଳୟର ଅନ୍ତର୍ଜାତୀୟ ସହଯୋଗ (ଆଇସି) ଯୋଜନା ବିଷୟରେ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ। ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ଆଇସି ସେକ୍ସନ ଅଧୀନରେ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ସେମାନଙ୍କର ବିଶ୍ୱସ୍ତରୀୟ ପାଦଚିହ୍ନ ବିସ୍ତାର କରିବାରେ ସମର୍ଥନ କରିବା ପାଇଁ ଅନେକ ଯୋଜନା ପ୍ରଦାନ କରିଛି। ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଏବଂ ପ୍ରଦର୍ଶନୀରେ ଅଂଶଗ୍ରହଣଠାରୁ ଆରମ୍ଭକରି ପ୍ରଯୁକ୍ତିବିଦ୍ୟା ସହଯୋଗ ଏବଂ ମାର୍କେଟିଂ ସମର୍ଥନ କରୁଛନ୍ତି ବୋଲି ସେ କହିଥିଲେ। ସେହିପରି ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ବରିଷ୍ଠ ଉପାଧ୍ୟକ୍ଷ ଧର୍ମାଦିତ୍ୟ ପଟ୍ଟନାୟକ, ଆଇସିସିର ଶତବାର୍ଷିକୀ ବର୍ଷରେ ଏହି ସମ୍ମିଳନୀର ଗୁରୁତ୍ୱ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଏହି ସମ୍ମିଳନୀ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ @୨୦୪୭ ସହିତ ସମନ୍ୱୟ ରଖି ଓଡ଼ିଶାର କୃଷି ଶକ୍ତିକୁ ଅନ୍ତର୍ଭୁକ୍ତିମୂଳକ ଏବଂ ସ୍ଥାୟୀ ଆର୍ଥିକ ଅଭିବୃଦ୍ଧି ପାଇଁ ଏକ ଇଞ୍ଜିନରେ ପରିଣତ କରିବା ଦିଗରେ ଏକ ଅର୍ଥପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଥିଲେ।

ଏହି ଅବସରରେ ଆଇସିସି ଓଡ଼ିଶାର ସଂଯୋଜକ, କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ କମିଟି ଏବଂ ମିଟ୍ସ ମେଘାଳୟ ଫୁଡ୍ ପାର୍କ ଏମ୍‌ଡି ଶ୍ରୀରାମ ପଣ୍ଡା, ଆଇସିସି ଓଡ଼ିଶା ସଦସ୍ୟ (କୋର୍ ଏବଂ ପରାମର୍ଶଦାତା କମିଟି) ଏବଂ ଏସ୍‌ଏନ୍‌ଏମ୍ ଗ୍ରୁପ୍ ଅଧ୍ୟକ୍ଷ ଡ. ପ୍ରଦୀପ୍ତ ମହାନ୍ତି ଶିଳ୍ପ ୪.୦କୁ କୃଷି-ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ସାମିଲ କରିବା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓ କଟକ ଉପନିର୍ଦ୍ଦେଶକ ନୀତୀଶ ମାନ୍, ଶିଳ୍ପ ନିର୍ଦ୍ଦେଶକ ଡ.ପ୍ରଶାନ୍ତ କୁମାର ରେଡ୍ଡୀ ପ୍ରମୁଖ ଯୋଗଦେଇଥିଲେ।

# ଡ. ତିରୁପତିଙ୍କୁ ଟାଇମ୍ସ ହେଲ୍‌ଥ ଆଇକନ୍ ଆୱାର୍ଡ



ରବିନା ଟଣ୍ଡନଙ୍କଠାରୁ ତିରୁପତି ପାଣିଗ୍ରାହୀ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର,୨୪।୬(ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀଙ୍କୁ ନିକଟରେ ଟାଇମ୍ସ ହେଲ୍‌ଥ ଆଇକନ୍ ଆୱାର୍ଡ 'ପୂର୍ବ ଭାରତରେ ଡାକ୍ତରୀ ପ୍ରଗତି ଏବଂ ସାମାଜିକ ଉନ୍ନତିର ପ୍ରତୀକ' ସମ୍ମାନରେ ବଲିଉଡ୍‌ର ଅଭିନେତ୍ରୀ ରବିନା ଟଣ୍ଡନଙ୍କ ଦ୍ୱାରା ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଟାଇମ୍ସ ହେଲ୍‌ଥ ଆଇକନ୍ ସମ୍ମାନ ଉତ୍ସବରେ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା ସହ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶା ପୂର୍ବ ଭାରତରେ ଅଗ୍ରଣୀ ଭୂମିକା ନେଇଛି। ଏପରିକି ଡାକ୍ତରମାନେ ସମାଜର ପ୍ରକୃତ ହିରୋ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଏହାସହ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ଉକ୍ତ କାର୍ଯ୍ୟକ୍ରମରେ ହାଇଟେକ୍ ଗ୍ରୁପ୍‌କୁ 'ସମନ୍ୱିତ ଡାକ୍ତରୀ ଶିକ୍ଷା ଏବଂ ବ୍ୟାପକ ରୋଗୀ ଯତ୍ନ କ୍ଷେତ୍ରରେ ଉତ୍କର୍ଷତା' ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ହାଇଟେକ୍ ଗ୍ରୁପ୍‌ର ଉପ ନିର୍ଦ୍ଦେଶକ ଅନିଲ୍ କୁମାର ପାଣିଗ୍ରାହୀ, ହାଇଟେକ୍ ହସ୍ପିଟାଲର ଜେନେରାଲ ମେଡିସିନ ବିଭାଗ ପ୍ରଫେସର ଡା. ସଞ୍ଜୟ କୁମାର ଜାଙ୍ଗୀଦ୍, ଡା. ଦୀପକ୍ କୁମାର ଦାଶ, ହୃଦ୍‌ରୋଗ ବିଭାଗୀୟ ମୁଖ୍ୟ ତଥା ନିର୍ଦ୍ଦେଶକ ତଥା ଡିନ୍ ପ୍ରଫେସର ଡା. ଅକ୍ଷୟ କୁମାର ସାମଲ, ସାଇକିଆଟ୍ରିକ୍ ବିଭାଗ ପ୍ରଫେସର ଡା. ଅମ୍ରିତ ପଟ୍ଟଯୋଶୀଙ୍କ ସହ ସିଓଓ ଜ୍ୟୋତିର୍ମୟ ପଣ୍ଡା, ବ୍ରାଣ୍ଡିଂ ବିଭାଗୀୟ ମୁଖ୍ୟ ବିକ୍ରମ କୁମାର ସିଂ ପ୍ରମୁଖ ଉପସ୍ଥିତ ରହି ଉକ୍ତ ସମ୍ମାନ ଗ୍ରହଣ କରିଛନ୍ତି।

# ୟୁକୋ ବ୍ୟାଙ୍କର ମେଗା କାର୍ନିଭାଲ

ଭୁବନେଶ୍ୱର,୨୪।୬

ୟୁକୋ ବ୍ୟାଙ୍କର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ମେଗା କାର୍ନିଭାଲ (କୃଷି,ଏମ୍‌ଏସ୍‌ଏମ୍‌ଇ ଓ ସମ୍ବଳ ମହୋତ୍ସବ) ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ୟୁକୋ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ କୃଷି, ଏମ୍‌ଏସ୍‌ଏମ୍‌ଇ ଓ ସମ୍ବଳ ମହୋତ୍ସବ ନିକଟରେ ଆୟୋଜିତ ହୋଇଯାଇଛି। ସେହିଭଳି ୟୁକୋ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ ଦ୍ୱାରା ଏହି କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରାଯାଇଥିଲାବେଳେ ଓଡ଼ିଶାରେ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଏବଂ ଆର୍ଥିକ ସଶକ୍ତୀକରଣ ପ୍ରତି ବ୍ୟାଙ୍କର ପ୍ରତିବଦ୍ଧତାକୁ ଏହା ଜରିଆରେ ପ୍ରଦର୍ଶିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉଦ୍ୟୋଗୀ, ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଏମ୍‌ଏସ୍‌ଏମ୍‌ଇ ଏବଂ କୃଷିକ୍ଷେତ୍ରର ପ୍ରମୁଖ ଅଂଶୀଦାରମାନେ ଅଂଶଗ୍ରହଣ କରିଥିଲେ।

ଏହି ଅବସରରେ ୟୁକୋ ବ୍ୟାଙ୍କର କୋଲକାତାସ୍ଥିତ ପ୍ରଧାନ କାର୍ଯ୍ୟାଳୟର (ଅସୁଲି ଏବଂ ଆଇନ ବିଭାଗ) ମହାପ୍ରବନ୍ଧକ ଅଙ୍କିତ ରାଣାଙ୍କ ସମେତ ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳର ଉପ ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ଭାଗବତ ସିଂ ଭାକୁନି ଏବଂ କଟକ ଅଞ୍ଚଳର ଉପ ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ବର୍ଷା ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ବିଭିନ୍ନ ସରକାରୀ ଯୋଜନା ଅଧୀନରେ ହିତାଧିକାରୀମାନଙ୍କୁ ମଞ୍ଜୁରୀ ପତ୍ର ବଣ୍ଟନ କରାଯାଇଥିଲା। ପରିଶେଷରେ ବ୍ୟାଙ୍କର ଉପ ଆଞ୍ଚଳିକ ମୁଖ୍ୟ କୃଷ୍ଣପାଲ ସିଂହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌କୁ କଳିଙ୍ଗ ଉତ୍କର୍ଷ ପୁରସ୍କାର

ଭୁବନେଶ୍ୱର,୨୪।୬



ଅତିଥିଙ୍କଠାରୁ ଜେଏସଡବ୍ଲ୍ୟୁ ଷ୍ଟିଲର କର୍ମଚାରୀମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌କୁ ନିକଟରେ ଆଉ ଏକ ସମ୍ମାନ 'କଳିଙ୍ଗ ଉତ୍କର୍ଷ ପୁରସ୍କାର' ମିଳିଛି। ବିଶେଷକରି ପରିବେଶଗତ ସ୍ଥାୟିତ୍ୱ ଏବଂ ସଂରକ୍ଷଣ ପ୍ରତି ନିରନ୍ତର ପ୍ରତିବଦ୍ଧତା ପାଇଁ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ର ନୂଆଗାଁ ଖଣିକୁ 'କଳିଙ୍ଗ ପରିବେଶଗତ ଉତ୍କର୍ଷତା ଜାତୀୟ ପୁରସ୍କାର-୨୦୨୪ ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରଠାରେ ଆୟୋଜିତ ୧୦ମ ଜାତୀୟ ପରିବେଶ, ଶକ୍ତି ଏବଂ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀରେ କମ୍ପାନୀ ଏହି ସ୍ୱୀକୃତି ଓ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସମ୍ମାନ ସମାରୋହ ଉତ୍ସବରେ ଯୋଗଦେଇ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍(ଓଡ଼ିଶା)ର ଖଣି ପରିଚାଳନା ଏବଂ ପ୍ରକଳ୍ପ ମୁଖ୍ୟ ରାମଶଙ୍କର ଶର୍ମା କମ୍ପାନୀର ପରିବେଶ ଦଳ ସହ ଏହି ପୁରସ୍କାର ଗ୍ରହଣ କରିଥିଲେ।

ଏହି ପୁରସ୍କାର ଖଣିର ଦାୟିତ୍ୱପୂର୍ଣ୍ଣ ଖଣି କାର୍ଯ୍ୟପଦ୍ଧତି,ପରିବେଶଗତ ନିୟମ ଏବଂ ସ୍ଥାୟୀ ବିକାଶ ନୀତି ପ୍ରତି ଉତ୍କୃଷ୍ଟ ପାଳନକୁ ଦର୍ଶାଉଛି।

ସେହିପରି ଏହି ସମ୍ମିଳନୀରେ ପ୍ରମୁଖ ନୀତି ନିର୍ଦ୍ଧାରକ, ଶିଳ୍ପନେତା ଏବଂ ପରିବେଶ ବିଦ୍ୱାନମାନେ ଏକତ୍ରିତ ହୋଇ ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ଚ୍ୟାଲେଞ୍ଜ ଏବଂ ଅଭିନବ ସମାଧାନ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

ଅପରପକ୍ଷରେ ବିଶ୍ୱବ୍ୟାପୀ ପ୍ଲାଷ୍ଟିକ୍ ପ୍ରଦୂଷଣ ସମାପ୍ତ କରିବା ପାଇଁ ପଦକ୍ଷେପ ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଲୋଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନେଟ୍-ଶୂନ୍ୟ ନିର୍ଗମନ, ଡିକାର୍ବନାଇଜେସନ୍, ନିୟାମକ ଢାଞ୍ଚା ଏବଂ ଶକ୍ତି ଦକ୍ଷତା ଉପରେ ଅଧିବେଶନ ଅନ୍ତର୍ଭୁକ୍ତ ହୋଇଥିଲା।

# ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ,୨୪।୬

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୫୮ (୧୫୮.୩୨) ପଏଣ୍ଟ ବୃଦ୍ଧିଘଟି ୮୨,୦୫୫ (୮୨,୦୫୫.୧୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୭୨ (୭୨.୪୫) ପଏଣ୍ଟ ବଢ଼ି ୨୫,୦୪୪(୨୫,୦୪୪.୩୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ରାଜନଅରକୁ ଖଡ଼ିପ୍ରସାଦ ବିଜେ

ପୁରୀ,୨୪।୬(ଅଜିତ୍ କୁମାର ମହାନ୍ତି)



ମହାପ୍ରଭୁଙ୍କ ଶରୀରରେ ଲାଗି ହୋଇଥିବା ଖଡ଼ିପ୍ରସାଦକୁ ନେଇ ଦଇତାପତି ସେବକମାନେ ଶ୍ରୀନଅର ଅଭିମୁଖେ ଯାଉଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

ଆଷାଢ଼ କୃଷ୍ଣ ଚତୁର୍ଦ୍ଦଶୀ ତିଥି ଅବସରରେ ମଙ୍ଗଳବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ନୀତି ହେବା ସହ ଶ୍ରୀନଅରକୁ ଖଡ଼ିପ୍ରସାଦ ବିଜେ କରାଯାଇଛି। ଜ୍ୟେଷ୍ଠ ପୂର୍ଣ୍ଣିମାରେ ଶ୍ରୀବିଗ୍ରହମାନେ ସ୍ନାନ କରି ଜ୍ୱରରେ ପୀଡ଼ିତ ହେବା ପରେ ଦଇତାପତି ଓ ପତିମହାପାତ୍ର ଗୁପ୍ତସେବା କରୁଛନ୍ତି। ପର୍ଯ୍ୟାୟକ୍ରମେ ଅଣସରର ପଞ୍ଚମୀ ତିଥିରେ ବଡ଼ଓଡିଆ ମଠରୁ ଆସିଥିବା ଫୁଲୁରି ତେଲ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗିହେବା ପରେ ଶୁଦ୍ଧସୁଆର ସେବକମାନେ ଦେଇଥିବା ଓଷୁଅ ତିନିଦିନ ଧରି ଲାଗି ହୋଇଥିଲେ। ଦଶମୀ ତିଥିରେ ଶ୍ରୀବିଗ୍ରହଙ୍କ ଚକାବିଜେ ନୀତି ସମ୍ପନ୍ନ ହୋଇଥିଲା। ସେହିପରି ବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଦଶମୂଳ ମୋଦକ ଶ୍ରୀମନ୍ଦିରରେ ପହଞ୍ଚିଥିଲା। ଖଳିଲାଗି ଏକାଦଶୀ ତିଥିରେ ଅଣସର ଗୃହରେ ବିରାଜିତ ଶ୍ରୀବିଗ୍ରହଙ୍କୁ ଖଳି ଲାଗି କରାଯିବା ସହ ତୁଳସୀ ଲାଗି କରାଯାଇଥିଲା। ଏଥିସହ ମହାପ୍ରଭୁଙ୍କୁ ଦଶମୂଳ ମୋଦକ ମଧ୍ୟ ଲାଗି କରାଯାଇଛି। ଦଶମୂଳ ଲାଗିପରେ ମହାପ୍ରଭୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ମହାପ୍ରଭୁଙ୍କ ଅଣସରର ତ୍ରୟୋଦଶୀ ତିଥିରେ ମହାପ୍ରଭୁଙ୍କୁ ଖଡ଼ିପ୍ରସାଦ ଲାଗି କରାଯାଇଛି। ଉକ୍ତ ଦିନ ବିଳମ୍ବିତ ରାତିରେ ଶ୍ରୀମନ୍ଦିରରେ ଭୋଗ ମଣ୍ଡପ ସମ୍ପନ୍ନ ହେବା ପରେ ଶ୍ରୀମନ୍ଦିରୁ ଘଣ୍ଟ, ଛତା, କାହାଳୀ ଆଦି ଦଉମହାପାତ୍ର ସେବାୟତଙ୍କ ଘର ନିକଟକୁ ଯାଇଥିଲା। ଦଉ ମହାପାତ୍ରଙ୍କ ଘରୁ ଖଡ଼ିପ୍ରସାଦ ଶ୍ରୀମନ୍ଦିରକୁ ବିଜେ କରାଯାଇଥିଲା। ଉକ୍ତ ଖଡ଼ିପ୍ରସାଦକୁ ପତି ମହାପାତ୍ର ସଂସ୍କାର କରିବା ପରେ ମହାପ୍ରଭୁଙ୍କୁ ଲାଗି ହୋଇଥିଲା। ମହାପ୍ରଭୁଙ୍କୁ ଲାଗିହେବା ପରେ ମଙ୍ଗଳବାର ଦଉମହାପାତ୍ର ସେବକ ଏବଂ ଦଇତାପତି ସେବକ ଶ୍ରୀନଅରକୁ ବିଜେ କରାଇଥିଲେ। ରୁପା ଥାଳିରେ ମହାପ୍ରଭୁଙ୍କ ଲାଗି ଫୁଲ, ତୁଳସୀ ଚୂଳ ଦଇତାପତିମାନେ ଧରି ଶ୍ରୀନଅରକୁ ଆସିଥିବାବେଳେ ୩ ରୁପା ପିଙ୍ଗଣରେ ଖଡ଼ିପ୍ରସାଦକୁ ସେବକମାନେ ରାଜନଅରକୁ ବିଜେ କରାଇଥିଲେ। ଏହି ଖଡ଼ିପ୍ରସାଦଗୁଡ଼ିକୁ ଗଜପତିଙ୍କ ଗାଦିରେ ରଖାଯାଇଥିଲା। ଶ୍ରୀନଅରରେ ଖଡ଼ିପ୍ରସାଦ ବିଜେ ନୀତି ସମ୍ପନ୍ନ ହେବା ପରେ ରାଜଗୁରୁଙ୍କ ହସ୍ତରୁ ଶାଢ଼ି ନେଇ ପାଇଶାଣୀ ସେବକ, ତଲୁଛ, ଦେଉଳକରଣ, ଖୁଣ୍ଟିଆ, ପତିମହାପାତ୍ର ଏବଂ ତିନିବାଡ଼ର ଦଇତାପତିମାନଙ୍କୁ ବାନ୍ଧିଥିଲେ। ପରେ ସେବକମାନେ ଶ୍ରୀନଅରରୁ ଫେରିଥିଲେ।

# ଆଜିଠୁ ପ୍ରବଳ ବର୍ଷା, ୨ଦିନ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଭୁବନେଶ୍ୱର,୨୪।୬(ଅନୁରାଧା ମହାରଣା)

ରାଜ୍ୟରେ ବୁଧବାରଠାରୁ ବର୍ଷା ବଢ଼ିବ। ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ସହ ବଜ୍ରପାତ ଓ ଝଡ଼ିକା ପବନ ବୋହିପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଥିପାଇଁ ଆସନ୍ତା ୨ଦିନ କେତେକ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଆଉ କେତେକ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବ। ଏକ ଟ୍ରଫ୍‌ଲାଇନ ବାୟୁମଣ୍ଡଳର ଉପରିଭାଗରେ ରହିଛି। ଏହାର ପ୍ରଭାବରେ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ଜାରି ରହିବ। ୨୫ ଓ ୨୬ ତାରିଖରେ ସମୁଦ୍ର ଅଶାନ୍ତ ରହିବ। ଏହି ୨ଦିନ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତିଙ୍କ ସୂଚନା ଅନୁଯାୟୀ, ବୁଧବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ସୁବର୍ଣ୍ଣପୁର, ରାୟଗଡ଼ା, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କଟକ ଓ ଗଜପତି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲ୍ଲାରେ ଝଡ଼ିକା ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ବୋହିବାର ସମ୍ଭାବନା ରହିଛି। ସେହିପରି କୋରାପୁଟ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଓ ଗଜପତି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ସାଙ୍ଗକୁ ଝଡ଼ିକା ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ରହିବ ବୋଲି ଆକଳନ କରାଯାଇଛି। ୨୬ରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ସହ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଢେଙ୍କାନାଳ, ଅନୁଗୋଳ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ ଦେବଗଡ଼ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ସାଙ୍ଗକୁ ଝଡ଼ିକା ପବନର ବେଗ ଘଣ୍ଟା ୩୦ରୁ ପ୍ରତି ୪୦ କି.ମି. ବେଗରେ ବୋହିବାର ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ବର୍ଷା ସହ ଝଡ଼ିକା ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ରହିପାରେ। ତେଣୁ ଏହି ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।


ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚିତ୍ରକୋଣ୍ଡା, ଜିଲ୍ଲା-ମାଲକାନଗିରି

**OFFICE OF THE PANCHAYAT SAMITI, CHITRAKONDA, DIST-MALKANGIRI**

e-mail : ori-kudumulugumma@nic.in

**Tender Call Notice No-01/2025-26** **Dated : 13.06.2025**

**No.i-171** : Sealed tenders are invited from the registered "C & B" Class Contractors of the state PWD (R&B) /Water Resources / Rural works /M.I/CPWD in prescribed form to be eventually drawn in P.W.D. form No.P1.The filled in tender form shall be received through registered/speed post only at Office of the Block Development Officer, Chitrakonda, Dist. Malkangiri by 5.00 P.M. of 04th June, 2025 for the work **"AS PER THE FOLLOWING TABLE" for the year 2025-26 on GPLF building. The last date of receiving of tender papers is 04.07.2025**. All the tender forms received shall be opened before the tender committee in the presence of the tenderers or their authorized representatives at 11.00 A.M. on 5th July, 2025 at the Block Conference Hall of Chitrakonda.

The details of the Tender Schedule of the said projects is appended with this as **Annexure-I**.

The detailed terms and conditions is available in the official website http://www.malkangiri.nic.in.

The detail last date & time of receipt of tender paper, date and time of opening of tender paper, venue etc. are mentioned in the bid documents. The Authority reserves the right to reject any or all tenders without assigning any reason thereof.

**Sd./- Block Development Officer Chitrakonda**

OIPR-19312/11/0007/2526



**ଓଡ଼ିଶା ଉଠାଜଳସେଚନ ନିଗମ**

(ଓଡ଼ିଶା ସରକାରଙ୍କ ଏକ ସଂସ୍ଥା)

ଏନ୍-୧୭/୨, ନୂଆପଲ୍ଲୀ, ଭୁବନେଶ୍ୱର-୧୨, Website:www.odishalift.com

**ବିଜୁ କୃଷକ ବିକାଶ ଯୋଜନା ଅନ୍ତର୍ଗତ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ସ୍ଥାପନ ନିମନ୍ତେ Online ଦରଖାସ୍ତ ଆହ୍ୱାନ**

No.CAD-868: ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ, ଉଠାଜଳସେଚନ ନିଗମ ଜରିଆରେ ରାଜ୍ୟର ସମସ୍ତ ଜିଲ୍ଲାମାନଙ୍କରେ ଯେଉଁଠି କେନାଲ ଜଳସେଚନ ସୁବିଧା ପହଞ୍ଚି ନାହିଁ, ସେଠାରେ କୃଷକ ଓ କୃଷି କାର୍ଯ୍ୟରେ ସୁବିଧା ଯୋଗାଇ ଦେବା ନିମନ୍ତେ ବିଜୁ କୃଷକ ବିକାଶ ଯୋଜନା (BKVY) ମାଧ୍ୟମରେ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ (Community Lift Irrigation Project) ସ୍ଥାପନ ଦ୍ୱାରା ଜଳସେଚନ ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଛି। ରାଜ୍ୟ ସରକାରଙ୍କ ପାଣି ପଞ୍ଚାୟତ ଅଧିନିୟମ (Act) ୨୦୦୨ ଓ ନିୟମ (Rule) ୨୦୦୩ ଅନୁଯାୟୀ ଏହି ପ୍ରକଳ୍ପଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରକଳ୍ପର ହିତାଧିକାରୀମାନଙ୍କ ଦ୍ୱାରା ଗଠିତ ହୋଇଥିବା ପାଣି ପଞ୍ଚାୟତମାନଙ୍କ ଉପରେ ନ୍ୟସ୍ତ।

- ଭୂପୃଷ୍ଠ ଜଳ (Surface Water) ଯଥା ନଦୀ, ନାଳ ଇତ୍ୟାଦିର ପ୍ରବାହ ଯେଉଁ ଅଞ୍ଚଳରେ ରହିଛି, ସେଠାରେ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ (River Lift) ସ୍ଥାପନ କରାଯାଇ ପ୍ରତ୍ୟେକ ପ୍ରକଳ୍ପ ଦ୍ୱାରା ଅନ୍ୟୁନ ୨୦ ହେକ୍ଟର ଅଧିକ ଅଣଜଳସେଚିତ ଚାଷଜମିକୁ ଜଳସେଚନର ବ୍ୟବସ୍ଥା କରାଯାଉଛି।
- ଭୂତଳ ଜଳର (Ground Water) ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ଥିବା ଅଞ୍ଚଳରେ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ (Medium Deep Tube Well) ସ୍ଥାପନ କରାଯାଇ ପ୍ରତ୍ୟେକ ପ୍ରକଳ୍ପ ଦ୍ୱାରା ଅନ୍ୟୁନ ୧୨ ରୁ ୨୦ ହେକ୍ଟର ଅଣଜଳସେଚିତ ଚାଷଜମିରେ ଜଳସେଚନ ବ୍ୟବସ୍ଥା କରାଯାଉଅଛି।
- ଏହି ପ୍ରକଳ୍ପ ନିମନ୍ତେ ଚାଷୀମାନେ ହିତାଧିକାରୀ ଭାବରେ ଆବଶ୍ୟକ ଓ ସରକାରଙ୍କ ନିୟମ ଅନୁସାରେ ପାଣି ପଞ୍ଚାୟତ ପଞ୍ଜୀକୃତ କରି ହିତାଧିକାରୀମାନଙ୍କ ସହଭାଗିତା ମାଧ୍ୟମରେ ପ୍ରକଳ୍ପର ରକ୍ଷଣାବେକ୍ଷଣ ଓ ଜଳସେଚନ ପରିଚାଳନା ଦାୟିତ୍ୱ ନେବା ପାଇଁ ସହମତି ପ୍ରଦାନ କରିବା ଜରୁରୀ ଅଟେ।

୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବିଜୁ କୃଷକ ବିକାଶ ଯୋଜନା ଅଧୀନରେ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ ନିମନ୍ତେ ରାଜ୍ୟର ସମସ୍ତ ଜିଲ୍ଲାର ଚାଷୀ ଭାଇ ଓ ଭଉଣୀମାନଙ୍କ ଠାରୁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ Online ମାଧ୍ୟମରେ ପଞ୍ଜୀକୃତ କରିବା ପାଇଁ ଆସନ୍ତା ତା.୦୧.୦୭.୨୦୨୫ ରିଖ ଠାରୁ ତା.୨୫.୦୭.୨୦୨୫ ରିଖ ପର୍ଯ୍ୟନ୍ତ ଖୋଲାରହିବ।

ଚାଷୀ ଭାଇ ଭଉଣୀମାନେ ଏକତ୍ରିତ ହୋଇ ନିଜ ଘରେ ବସି mobile phone ଦ୍ୱାରା/ ଗ୍ରାମରେ ଥିବା ଜନସହାୟତା କେନ୍ଦ୍ର/ ଗ୍ରାମପଞ୍ଚାୟତ ଅଫିସକୁ ଯାଇ ଉଠାଜଳସେଚନ ନିଗମର website:www.odishalift.com ରେ ଉପରୋକ୍ତ ସମୟ ସୀମା ମଧ୍ୟରେ online ଦରଖାସ୍ତ ପୂରଣ କରି ଏହି ଯୋଜନାର ପର୍ଯ୍ୟାପ୍ତ ସୁଯୋଗ ନେବାକୁ ଅନୁରୋଧ କରାଯାଉଅଛି।

OIPR-32135/11/0034/2526 ସ୍ୱା./- ପରିଚାଳନା ନିର୍ଦ୍ଦେଶିକା



**GOVERNMENT OF ODISHA** No.A-326:

**e-Procurement Notice**

**OFFICE OF THE ADDITIONAL CHIEF ENGINEER, WESTERN IRRIGATION CIRCLE, BHAWANIPATNA**

e-mail: sewic2012@gmail.com

Bid Identification No: NCB-01/DRIP-WICB/2025-26

| | | |
|---|---|---|
| 1. | Bid Identification No. | NCB-01/DRIP-WICB/2025-26 |
| 2. | Name of work | Rehabilitation, Improvement & Basic Facilities of Saipala Dam in Nuapada District of Odisha under DRIP-II. |
| 3. | Approximate Value of work | **Rs.171.49 Lakhs** |
| 4. | Bid Security / EMD (INR) | Rs. 1,71,500.00 |
| 4. | Bid Processing Fee (INR) | Rs.10,000.00 including GST each. |
| 5. | Period of completion | 11 (Eleven) calendar months including rainy season. |
| 6. | Date & time of Availability of Bid Document in the Portal | **25.06.2025 from 10.30AM (IST) to 24.07.2025 upto 3.00 PM (IST)** |
| 7. | Bid clarification date & time | 25.06.2025 at 11.00 AM (IST) to 04.07.2025 5.00 PM (During official working hour). |
| 8. | Pre Bid Meeting date, time & venue | 15.07.2025 at 11.30 AM (IST) O/o the Additional Chief Engineer, Western Irrigation Circle, Bhawanipatna |
| 9. | Last date & Time for receipt of Bid in the Portal | **24.07.2025 up to 3.00 PM (IST)** |
| 10. | Date, Time and Venue of opening of Technical bid in e-method | **24.07.2025 at 4.00 PM (IST)** O/o the Additional Chief Engineer, Western Irrigation Circle, Bhawanipatna. |
| 11. | Date/Time of Opening of Financial Bid | To be intimated after evaluation of Technical Bid |

**Further details can be seen from the government web site. https://www.tendersodisha.gov.in**

**Sd./- Additional Chief Engineer Western Irrigation Circle, Bhawanipatna**

OIPR-32178/11/0007/2526



**GOVT. OF ODISHA** No.A-332:

**DEPARTMENT OF WATER RESOURCES**

**OFFICE OF THE CHIEF ENGINEER DRAINAGE, CUTTACK, GANDARPUR-753003**

**E-PROCUREMENT NOTICE NO.CE-DR-CTC-03/2025-26**

**email id:cedrainage@gmail.com**

| | | |
|---|---|---|
| 1. | Name of Works | Improvement to Secondary and Link drains of Gobari Drainage system in Mahanga Block of Cuttack District. |
| 2. | Nature of Work | i) Earth-Work ii) Construction of PCC toe wall and Rough Stone Dry packing (Structural Work) iii) Stone Pitching Work |
| 3. | Total number of Packages | 1 no. individual package |
| 4. | Estimated Cost | Rs.992.38 Lakhs |
| 5. | Bid Identification No. | CE-DR-CTC/DD-CTC-03/2025-26 |
| 6. | Period of Completion | 18 (Eighteen) Calendar Months |
| 7. | Availability of Tender On-Line | 26.06.2025, 16.00 Hours to 16.07.2025, 17.00 Hours |
| 8. | Date of Opening of Technical Bid | 17.07.2025 at 11.30 hours in the O/o the Chief Engineer, Drainage, Cuttack |
| 9. | Class of Contractor | Special & A Class |
| 10. | Bid Security/EMD | Rs.993000/- (To be remitted online) |
| 11. | Cost of Tender Paper | Rs.10,000/- |
| 12. | Procurement Officer | Chief Engineer, Drainage, Cuttack, Gandarpur- 753003 |

Further details can be seen from the Govt. website www.tendersorissa.gov.in. Addendum/Corrigendum/Cancellation if any required will be published only in Govt. website www.tendersorissa.gov.in.

**Sd./- Chief Engineer Drainage, Cuttack**

OIPR-32466/11/0015/2526



**WATCO**

**OFFICE OF THE GENERAL MANAGER WATCO DIVISION-I, BHUBANESWAR**

Vanivihar Square, Bhubaneswar-751022, Odisha, India

Telefax:- +91-674-2542821, Email:gmdivonewatco@gmail.com

No.C-578

**National Competitive Bidding Through e-Procurement**

**Invitation For Bids (IFB)**

**GMWATCO-I/28/2025-26, Dt.21.06.2025**

| | | |
|---|---|---|
| 01. | Name of the Work | 2 Nos. (Two nos works) |
| 02. | Estimate Cost | Rs.78.55 Lakhs & 63.88 Lakhs |
| 03. | Period of Completion | 12 (Twelve Months) |
| 04. | Class of Contractor | B Class |
| 05. | Date & Time of availability of bid document in the portal | From 11.00 AM of Dt.02.07.2025 to 5.00 PM of 16.07.2025 |
| 06. | Last date/time for receipt of bids in the portal | 5.00 PM of 16.07.2025 |
| 07. | Date & Time of opening of bids | At 12.30 PM of 17.07.2025 |
| 08. | Name and address of the Officer Inviting Bid | General Manager, WATCO Division-I, BBSR |

Further details can be seen from the e-procurement portal "https://www.tendersorissa.gov.in.

**Sd./- General Manager Watco Division-I, Bhubaneswar**

OIPR-13083/11/0015/2526



**GOVERNMENT OF ODISHA, "e" - PROCUREMENT NOTICE**

**Bid Identification No. S.E. GTN (R&B) - 01/2025-26**

No.B-227 **E-mail address - eeghatagaon2015@gmail.com**

**Letter No. 5279** **dt.19.06.2025**

1 The Superintending Engineer, Ghatagaon (R&B) Division on behalf of Governor of Odisha invites percentage rate bids in **Single Cover/ Double Cover** system in online mode from the eligible contractor for Building work/EI work as mentioned below.

| | | |
|---|---|---|
| 2 | Nature of the work | Building (Composite) / E.I. Works |
| 3 | Numbers of work | 06 (Six) Nos. |
| 4 | Estimated cost | Rs.6.80 Lakhs & 50.40 Lakhs |
| 5 | Period of completion | 01 (One) Month to 06 (Six) Months |
| 6 | Date & Time of availability of bid document in the portal | **From 11.30 A.M. of dt.26.06.2025 to 05.00 P.M. of dt.05.07.2025** |
| 7 | Last Date/Time for receipt of bids in the portal | **05.00 P.M. of dt.05.07.2025** |
| 8 | Date of opening of Bid | **11.00 A.M. of dt.07.07.2025** |

9 Further details can be seen from the e-procurement portal **https://tendersodisha.gov.in**. Any addendum/corrigendum/cancellation of tender can also be seen in the same website only.

**Sd./- Superintending Engineer Ghatagaon (R&B) Division**

OIPR-34140/11/0014/2526


See Career Appointment on every Wednesday & Saturday


**ODISHA HYDRO POWER CORPORATION LTD.**

(A Government of Odisha Undertaking)

OHPC

**OFFICE OF THE SENIOR GENERAL MANAGER (ELECTRICAL) UPPER KOLAB HYDRO ELECTRIC PROJECT**

AT/PO : BARINIPUT, DIST. : KORAPUT - 764006 (ODISHA)

PHONE : (06854)242001 (O), Fax : (06854)242038, E-mail : sgmel.ukhep@gmail.com

**TENDER CALL NOTICE NO UKHEP - 13/25-26, DATED 16/06/2025**

**No.CAD-861** : Sealed tenders are invited in TWO PART i.e (i) Techno Commercial Bid & (ii) Price Bid in separate sealed envelopes from the Reputed Suppliers/Channel Partners for "Supply of Electrical & other consumable materials for UKHEP, Bariniput".

| Description of works | Cost of tender paper in Rs. (Non-Refundable) | EMD in Rs. (Refundable) |
|---|---|---|
| Supply of Electrical & other consumable materials for UKHEP, Bariniput | 7080/- (Non-refundable) (Rs.7,000/-+18% GST) | 40,000/- |

The sale of Tender Paper will be from : **24/06/2025 to 11.00 Hrs of 10/07/25**
The last date & time of receipt of Tender : **12.00 Hrs of 10/07/2025**
The date and time of opening of Tender : **12.30 Hrs of 10/07/2025**
For details of tender documents, Terms & conditions, downloading please visit our website www.ohpcltd.com.

**Sd./- C & P Head, Upper Kolab H.E. Project, Bariniput**

OIPR-04002/11/0100/2526



**ODISHA CONSTRUCTION CORPORATION LIMITED, BHUBANESWAR, ODISHA**

PIN:751012, Tel.No. (0674) 2562020, e-Mail:theoccltd@odishaconstruction.com

GSTIN- 21AAACO2571K2ZM

**"e- Procurement Notice No-12/OCCL/2025-26 (Online)**

**No.CAD-872:** On-line percentage rate tenders are invited for the following works.

| Sl. No. | Name of Work | Name of Division | Bid Identification No. | Approx. value of work | Bid Security (through on-line transfer/as per DTCN) (in Rs.) | Period of Completion | Availability & Submission of tender of Tender (online) |
|---|---|---|---|---|---|---|---|
| 01 | Providing C.C. lining to Budhanga Distributary from RD 13.500 to 15.00 km | Puri Irrigation Division | OCCL-HQP/01/ 2025-26 | Rs.2.15 Crore | Rs.2,15,000/- | 6 (Six) Calendar Months | From 26.06.2025, 03.30 PM to 16.07.2025, 5.30 PM |
| 02 | Renovation of service road on left bank of Belamara Minor from RD 3.000 km to 4.300 km | | OCCL-HQP/02/ 2025-26 | Rs.2.12 Crore | Rs.2,12,000/- | 6 (Six) Calendar Months | |
| 03 | Providing C.C. lining to Khandahata Distributary from RD 7.200 to 9.200 km | | OCCL-HQP/03/ 2025-26 | Rs.2.26 Crore | Rs.2,26,000/- | 6 (Six) Calendar Months | |
| 04 | Construction of RCC through wall of Ansalo Distributary from RD 1.080 KM to RD 1.840 KM | Prachi Irrigation Division, BBSR | OCCL-HQP/04/ 2025-26 | Rs.2.23 Crore | Rs.2,23,000/- | 6 (Six) Calendar Months | |
| 05 | Construction of Trough Wall in Harianta Distributary from RD 9.717 km to 11.200 km | | OCCL-HQP/05/ 2025-26 | Rs.2.25 Crore | Rs.2,25,000/- | 6 (Six) Calendar Months | |
| 06 | Improvement to Left Bank service road of Kakatpur Branch Canal from RD 0.910 km to 3.900 km | | OCCL-HQP/06/ 2025-26 | Rs.2.27 Crore | Rs.2,27,000/- | 6 (Six) Calendar Months | |

Procurement Officer : Managing Director, OCCL
Date of Opening of the Tender: **17.07.2025, 12.00 Noon onwards**
Further details can be seen from the e-procurement portal: https://www.tendersodisha.gov.in

OIPR-34120/11/0034/2526 **Sd./- Managing Director**



**GOVERNMENT OF ODISHA**

**HEALTH & FAMILY WELFARE DEPARTMENT**

**OFFICE OF THE SUPERINTENDENT, VSS INSTITUTE OF MEDICALSCIENCES & RESEARCH, BURLA, (SAMBALPUR) ODISHA-768017**

**E.mail: vimsarsuptd24@gmail.com**

**No.9159/VIMSAR Dated. Burla, the 21st June, 2025**

**TENDER CALL NOTICE**

**No.E-186:** Sealed tenders are hereby invited by the undersigned from the reputed Authorized Dealers & Registered firms under GST Act for supply of **Photo Slit Lamp with Applanation Tonometer** for use in the Ophthalmology Department of this hospital so as to reach this office of the Superintendent, V.S.S. Institute of Medical Sciences & Research, Burla on or before **dt. 18.07.2025 up to 4.00 P.M.** through Regd.Post/ Speed Post only and that will be opened in the next working day at 11.30 A.M.

The detail technical specifications along with terms & conditions of this Tender Call Notice can be downloaded from Dist. website Sambalpur.odisha.gov.in and www.vimsar.ac.in

The undersigned/committee reserves the full right to accept in full or reject any or all the tenders without assigning any reasons thereof.

**Sd./- Superintendent VIMSAR, Burla**

OIPR-10012/11/0002/2526



**ODISHA CONSTRUCTION CORPORATION LIMITED**

(A Govt. of Odisha Undertaking)

No.CAD-877

**CENTRAL WORKSHOP, RASULGARH**

**Bhubaneswar- 751010 (Odisha), Tel-0674:2580107, Email:smppmcws@gmail.com (GSTIN- 21AAACO2571K2ZM)**

**Tender Call Notice No.OCC/CWS/PROC/KIP-07 (V-V)/30/2025-26, dtd.21.06.2025**

Type of Work : Supply of Fasteners for 130 T Rope Drum Hoist of Kanupur Irrigation Project.
Total No. of Work : 01 (One). Period of Supply : 15 (Fifteen) days.

| Procurement Officer | Tender Call Notice No. | Cost of Tender document (Including GST) | Sale of Tender document | Submission of Tender Document |
|---|---|---|---|---|
| Senior Manager (Mech,)-I, OCC Ltd., Central Workshop, Rasulgarh, Bhubaneswar | OCC/CWS/PROC/ KIP-07 (V-V)/30/ 2025-26 dtd.21.06.2025 | Rs.4720/- (Non-refundable) | 24.06.2025 10.00 AM to 03.07.2025 1.00 PM | 24.06.2025 10.00 AM to 03.07.2025 3.00 PM |

Date of Opening of the Tender: **03.07.2025 at 4.00 P.M.**
Further details can be seen from the website **(www.odishaconstruction.com)**
**Amendment/ Corrigendum/ Cancellation, if any shall be posted on-line only (OCCL website)**

**Sd./- Senior Manager (Mech.)-I, OCC Ltd., Bhubaneswar**

OIPR-34176/11/0038/2526



**ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ, ମାଲକାନଗିରି (ପରିସଂଖ୍ୟାନ କକ୍ଷ)**

**DISTRICT PLANNING & MONITORING UNIT, MALKANGIRI (STATISTICAL WING)**

ମାଲକାନଗିରି, ଓଡ଼ିଶା- ୭୬୪୦୪୫, At/Po/Dist.-Malkangiri, Odisha-764045, Tel.No.06861-230426,
E-Mail: esttstat-dpmumkg@gov.in, malkangiridpmu@gmail.com

**ADVERTISEMENT FOR TEMPORARY ENGAGEMENT OF LOCAL YOUTHS FOR CONDUCT OF 7th MINOR IRRIGATION CENSUS AND 2nd CENSUS OF WATER BODIES ETC.**

**No.X-25:** Applications are invited from Local Youths of the Malkangiri District to be engaged as Enumerator (temporary basis) for conduct of field Work in 7 Blocks & 2 ULBs of the district pertaining to 7 Minor Irrigation Census, 2nd Census of Water bodies and 1st Census of Spring under the supervision of the undersigned. The details Essential Qualification, Experience, remuneration etc. for the post of Enumerator is given below:
1. Eligibility: Candidates must have passed 10+2 exam conducted by CHSE, CBSE, ICSE or diploma in Engineering from a recognized institution of the Government. Candidates must read, write and speak with Odia & English Language. Candidates must have basic Computer Skill. 2. Responsibilities: Field data collection, Verification and reporting in assigned village/wards. 3. Remuneration: As per Govt. Norms published in details. 4. Application: The Application in prescribed format attached with certificates and Passport Size Photo (all self-attested) should be dropped in the box within 15 days from the date of Publication of advertisement (by 5.30 PM of the last date) placed in the Deputy Director (P&S), District Planning Monitoring Unit, Statistical Wing, near Zilla Parishada Office, Malkangiri, Pin-764045 or sent by speed/Registered Post.

| Post | No. of Post | Remuneration (In Rs.) | Qualification(s) and Experience |
|---|---|---|---|
| **Enumerator** | 24 | a) Field Allowance @Rs.900/- & Rs.720/- per village for conduct of 7th MI Census and 2nd Census of Water bodies respectively. b) Patwari Allowance @300/- per village for conduct of 7th MI Census. c) Charges for use of personal mobile devices @Rs.750/- per village/Ward for conduct of 2nd Census of Water bodies. d) Allowance for attending Training @ Rs.165/- per day. e) No TA/DA for conduct of field Work. | Essential: Candidates must have passed the 10+2 exam conducted by CHSE, CBSE, ICSE or diploma in Engineering from a recognized institution of the government. Candidates must read, write and speak with Odia & English Language. Candidate must have basic Computer Skill. Should have a smart phone (Android 10.0 above) with access to internet connection, RAM should be minimum 6 GB, ROM should be minimum 128 GB, Battery should be minimum 5000 MaH. Desirable: Preference will be given to the candidates having experience in conducting data collection by using Digital App of any Govt./Non- Govt./ Educational / Banking Institutions. |

| Name of the Block | Malkangiri | Kalimela | Podia | Korukonda | Mathili | Chitrakonda | Khairput | Malkangiri (M) | Balimela (NAC) | Total |
|---|---|---|---|---|---|---|---|---|---|---|
| No. of Enumerators required | 2 | 3 | 2 | 4 | 4 | 4 | 2 | 2 | 1 | 24 |

**Name of the Work:** The enumerator will conduct of field Survey work of 7th Minor Irrigation Census, 2nd Census of Water Bodies and 1st Census of Spring in maximum 40 villages or 10 Urban Wards of Malkangiri District through Mobile App.
**How to Apply:** The candidates will apply for the post of Enumerator through Speed Post/ Registered Post or by dropping the application in the Box available in the O/o the Deputy Director (P&S), District Planning Monitoring Unit, Statistical Wing, near DRDA Office, Malkangiri, Pin Code-764045. The Applications will be received within 15 days of the publication of advertisement by 5.30 PM of the last date. The applications after due date will not be considered for selection. The candidates should submit their applications duly filled-in alongwith self-attested passport size photograph and self-attested copies of the educational qualification and experience, if any within the stipulated dateline. All information are available in District Planning and Monitoring Unit (DPMU), Statistical Wing, near DRDA Office, Malkangiri. Interested candidate may collect the same in the office hours.
For Application form & SOP etc., please visit the website of Malkangiri district- **https://malkangiri.odisha.gov.in.**

**By Order of Collector, Malkangiri**
**Sd./- Deputy Director (P&S), DPMU, Malkangiri**

OIPR-21027/11/0002/2526



**NOTICE INVITING TENDER** No.CAD-879

**Office of District Manager Odisha State Civil Supplies Corporation Ltd. (OSCSC)**

**Nuapada (District), Phone: 9438248542**

**TENDER No. 1853 Dated: 23.06.2025**

**Cost of Tender Document:- Rs.11800/- Inclusive of GST.**

**Online Tenders are invited from eligible bidders for selection and appointment of level-1 transport contractor for transportation of Wheat from Food Storage Depot (FSD), FCI to Rice Receiving Centre (RRC).**

| | | |
|---|---|---|
| 1 | Availability of tender documents | From Date 24.06.2025 Downloadable from website: www.oscsc.in., www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference. | On dt 26.06.2025 at 11.30 A.M. in the Office Chamber of CSO-cum-DM, OSCSC Ltd., Nuapada |
| 3 | Last date and time for **online** submission of completed Tender Documents with enclosures | Through e-Procurement Portal: www.tendersodisha.gov.in Up to 09.07.2025 at 05.30 PM |
| 4 | Date, time and venue for opening of Technical Bid by the Tender Committee | On Dt. 11.07.2025 at 10.00 AM in the Conference Hall of Collectorate, Nuapada |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt. 11.07.2025 at 11.30 AM in the Conference Hall of Collectorate, Nuapada |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Venue of the opening of Technical & Financial Bids | Conference Hall of Collectorate, Nuapada |
| 8 | Validity Period | Tenders are to remain open for acceptance for 180 days inclusive of date of opening of tender. |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk Telephone No. | (i) OSCSC Ltd., Nuapada:- District Manager:- No. 9438248542 Accounts Head:- No. 9437215235 (ii) State Procurement Cell:-0674-2530998 /18003456765 |

**N.B.:** 1. If the office happens to be closed on the date of opening of tenders, tenders will be opened on the next working day in the same time.

OIPR-07058/11/0008/2526 **Sd./- District Manager, OSCSC Ltd., Nuapada**



**GOVERNMENT OF ODISHA, DEPARTMENT OF WATER RESOURCES**

**Office of the Engineer-In-Chief, Water Resources, Secha Sadan, Bhubaneswar**

Email Address : cemech.eicwr.od@gmail.com

No.A-327

**e-Procurement Notice**

**Bid Identification No. - CEM/MDC-08/2025-26**

| | | |
|---|---|---|
| 1. | Name of the Work | Mechanical Gate Works |
| 2. | No. of Works | 01 (One) |
| 3. | Category of executors | SSI Units registered under DIC/NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | CEM / MDC - 08/2025-26 |
| 5. | Estimated Cost | Rs. 70,26,587.00 |
| 6. | Period of Completion | 03 (Three) calendar months |
| 7. | Date & time of availability of bid documents in the Portal | From dt. 25.06.2025 (10.00 A.M.) to dt. 08.07.2025 (5.30 P.M.) |
| 8. | Last date / time for receipt of bid in the portal | Dt. 08.07.2025 (up to 5.30 P.M.) |
| 9. | Date and Place of opening of Technical Bid | Dt.09.07.2025 (12.00 Noon onwards in the O/O the undersigned) |
| 10. | Date and Place of opening of Financial Bid | To be intimated to the qualified Bidders after evaluation of Technical Bid |
| 11. | Name of the Officer inviting bid | Chief Engineer, Mechanical, O/O the E.I.C, Water Resources, Odisha, Bhubaneswar |

Further details can be seen from the e-procurement portal **https://tendersodisha.gov.in**. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.

**Sd./- Chief Engineer, Mechanical O/O - Engineer-In-Chief, Secha Sadan, Bhubaneswar**

OIPR-32520/11/0046/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ


ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୱିମ୍ବଲଡନରେ ସ୍ଥାପନ ହେବ ମୁରେଙ୍କ ପ୍ରତିମୂର୍ତ୍ତି

**ଲଣ୍ଡନ,୨୪।୬(ଏପି):** ଟେନିସ୍ ସିଜନର ଅନ୍ୟତମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବଲଡନ ଚାମ୍ପିୟନଶିପ୍‌କୁ ୨୦୨୭ରେ ୧୫୦ ବର୍ଷ ପୂରଣ ହେବ। ଏଥିଲାଗି ଦୁଇଥରର ୱିମ୍ବଲଡନ ଚାମ୍ପିୟନ ଆଣ୍ଡି ମୁରେଙ୍କ ଏକ ପ୍ରତିମୂର୍ତ୍ତି ନିର୍ମାଣ କରାଯିବ। ଏଥିରେ ସେ ନିଜେ ସହଯୋଗ କରୁଛନ୍ତି। ଟୁର୍ନାମେଣ୍ଟର ୨୦୨୭ ସଂସ୍କରଣ ବେଳେ ବ୍ରିଟିଶ କିମ୍ବଦନ୍ତୀ ମୁରେଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବାକୁ ଯୋଜନା ରଖାଯାଇଥିବା ୱିମ୍ବଲଡନ ଆୟୋଜକମାନେ ମଙ୍ଗଳବାର କହିଛନ୍ତି।

# ପ୍ରଣତୀ, ସାତ୍ତ୍ୱିକଙ୍କୁ ଆର୍ଥିକ ପୁରସ୍କାର







କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ସାତ୍ତ୍ୱିକ ସ୍ୱାଇଁ ଓ ପ୍ରଣତୀ ନାୟକ।

ଭୁବନେଶ୍ୱର, ୨୪।୬ (ତପନ ସ୍ୱାଇଁ)

ଏସିଆନ୍ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ ଚାମ୍ପିଅନଶିପ୍‌ରେ ବ୍ରୋଞ୍ଜ ବିଜୟିନୀ ପ୍ରଣତୀ ନାୟକ ଏବଂ ୩୮ତମ ଜାତୀୟ ୯ ବର୍ଷରୁ କମ୍ ଚେସ୍‌ରେ ଚାମ୍ପିୟନ

## ସମ୍ବର୍ଦ୍ଧିତ କଲେ କ୍ରୀଡ଼ାମନ୍ତ୍ରୀ

ସାତ୍ତ୍ୱିକ ସ୍ୱାଇଁଙ୍କୁ ମଙ୍ଗଳବାର କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ବର୍ଦ୍ଧିତ କରିଛନ୍ତି। ଓଡ଼ିଶା ଏଚ୍‌ପିସି ଜିମ୍ନାଷ୍ଟ ପ୍ରଣତୀଙ୍କୁ ୭୫,୦୦୦ ଏବଂ ରାଜ୍ୟର ଚେସ୍ ପ୍ରତିଭା ସାତ୍ତ୍ୱିକଙ୍କୁ ୩୦,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। କ୍ରୀଡ଼ାମନ୍ତ୍ରୀ ସୂରଜ ଉଭୟ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇବା ସହ ଭବିଷ୍ୟତରେ ମଧ୍ୟ ଏହି ବିଜୟ ଯାତ୍ରା ଜାରି ରଖିବା ପାଇଁ ପ୍ରେରିତ କରିଥିଲେ ଏବଂ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା, ଯୁଗ୍ମ ଶାସନ ସଚିବ ବିଜୟାନନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଅବସର ନେଉନାହାନ୍ତି ଏଲିସା ହିଲି

**ସିଡ୍‌ନୀ, ୨୪।୬ (ପି.ଟି.):** ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳର ଅଧିନାୟିକା ଏଲିସା ହିଲି ଅବସର ନିଷ୍ପତ୍ତିରୁ ଓହରିଯାଇଛନ୍ତି। ଆସନ୍ତା ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ପରେ ସେ ଅବସର ନେବେ ବୋଲି ନିକଟରେ ସୂଚନା ଦେଇଥିଲେ। କ୍ରିକେଟ୍ ଖେଳିବାର କ୍ଷୁଧା ଏପର୍ଯ୍ୟନ୍ତ ତାଙ୍କର ମେଣ୍ଟିନାହିଁ। ଅତିକମ୍‌ରେ ସେ ୨୦୨୬ରେ ଭାରତ ବିପକ୍ଷ ସିରିଜ ପର୍ଯ୍ୟନ୍ତ ଖେଳିବାକୁ ଚାହାନ୍ତି। ୩୫ ବର୍ଷୀୟା ଏହି ବ୍ୟାଟର ଗତବର୍ଷ ବାରମ୍ବାର ଇଞ୍ଜୁରି ସମସ୍ୟାରେ ଥିଲେ। ଗତ ଟି୨୦ ବିଶ୍ୱକପ୍ ବେଳେ ସେ ଆଘାତପ୍ରାପ୍ତ ହୋଇଥିଲେ। ପରେ ଆଣ୍ଠୁରେ ସମସ୍ୟା ଦେଖାଦେବାରୁ ତାଙ୍କୁ ଏକାଧିକ କାର୍ଯ୍ୟସୂଚୀରୁ ଓହରିଯିବାକୁ ପଡ଼ିଥିଲା। ସୂଚନାଯୋଗ୍ୟ, ହିଲି ଏହାପୂର୍ବରୁ ଅନେକଥର ତାଙ୍କ ଅବସରକୁ ନେଇ ମଜାକଥା କହିଛନ୍ତି। ସୂଚନା ଯେ, ମହିଳା କ୍ରିକେଟ୍‌ରେ ଅଷ୍ଟ୍ରେଲିଆକୁ ସବୁଠାରୁ ଶକ୍ତିଶାଳୀ ଦଳ ଭାବେ ବିବେଚନା କରାଯାଉଛି।

# ସେମିରେ ଓଡ଼ିଶା ମହିଳା ଦଳ

ଭୁବନେଶ୍ୱର, ୨୪।୬(ତପନ ସ୍ୱାଇଁ)

ଚେନ୍ନାଇରେ ଚାଲିଥିବା ହକି ଇଣ୍ଡିଆ ମାଷ୍ଟର୍ସ କପ୍ ହକି ଟୁର୍ନାମେଣ୍ଟରେ ଓଡ଼ିଶା ମହିଳା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଓଡ଼ିଶା ୧୦-୦ ଗୋଲରେ କେରଳକୁ ପରାସ୍ତ କରିଛି। ଉନ୍ନତ ପ୍ରଦର୍ଶନ ପାଇଁ ସରିତା ରୋଶନ ମିଞ୍ଜ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ପୂର୍ବରୁ ଓଡ଼ିଶା ପୁରୁଷ ଦଳ ସେମିଫାଇନାଲରେ ପ୍ରବେଶ କରିସାରିଛି।

## ହକି ଇଣ୍ଡିଆ ମାଷ୍ଟର୍ସ କପ୍

କେରଳ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ମହିଳାମାନେ ଆରମ୍ଭରୁ ଶେଷପର୍ଯ୍ୟନ୍ତ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ଫଳରେ ମ୍ୟାଚ୍‌ଟି ସମ୍ପୂର୍ଣ୍ଣ ଏକପାଖିଆ ଭାବେ ଶେଷ ହୋଇଥିଲା। ଓଡ଼ିଶା ପକ୍ଷରୁ ସରିତା ଲାକ୍ରା ହାଟ୍ରିକ ସହ ୧୪, ୩୨, ୩୬, ୪୬ ଓ ୫୦ତମ ମିନିଟରେ ଏକାକୀ ୫ ଗୋଲସ୍କୋର କରିଥିଲେ। ସରିତା ରୋଶନ ମିଞ୍ଜ ମଧ୍ୟ ୨୩, ୨୬ ଓ ୪୩ତମ ମିନିଟ୍‌ରେ ୩ଟି ଗୋଲ ଦେଇ ହାଟ୍ରିକ କରିଥିଲେ। ଅଧିନାୟିକା ଲୁସିଲା ଏକ୍କା ୮ ଓ ପ୍ରତିମା ଏକ୍କା ୧୧ଶ ମିନିଟ୍‌ରେ ଅନ୍ୟ ୨ଟି ଗୋଲ ଦେଇଥିଲେ। କେରଳ ଗୋଟିଏହେଲେ ଗୋଲ ପରିଶୋଧ କରିପାରି ନ ଥିଲା।




ସରିତା ରୋଶନ ମିଞ୍ଜ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ସୋମବାର ଅନୁଷ୍ଠିତ ପୁରୁଷ ବର୍ଗ କ୍ୱାର୍ଟର ଫାଇନାଲରେ ଓଡ଼ିଶା ୬-୨ ଗୋଲରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଥିଲା। ଅଧିନାୟକ ଲାଜରୁସ ବାର୍ଲା ୫ ଓ ୩୬ ଏବଂ ଅନିଲ କୁଲୁ ୫୧ ଓ ୫୯ତମ ମିନିଟରେ ୨ଟି ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ସ୍କୋରର ଥିଲେ ସେଣ୍ଟିଲ ମୁଣ୍ଡୁ ଓ ସିପ୍ରିଆନ କେର୍କେଟା।

# ପନ୍ତଙ୍କୁ ଆଇସିସିର ଭର୍ତ୍ସନା

ଲିଡ୍ସ, ୨୪।୬(ପି.ଟି.)

ଭାରତର ଉଇକେଟ୍‌କିପର-ବ୍ୟାଟର ରିଷଭ ପନ୍ତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଦ୍ୱାରା ଭର୍ତ୍ସିତ ହୋଇଛନ୍ତି। ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ତୃତୀୟ ଦିବସ ଖେଳ ବେଳେ ସେ ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସହମତି ପ୍ରକାଶ କରିଥିଲେ। ଏହାଦ୍ୱାରା ସେ ଆଇସିସି ଆଚରଣବିଧିର ଧାରା-୧ ଉଲ୍ଲଂଘନ କରିଛନ୍ତି। ୨୭ ବର୍ଷୀୟ ପନ୍ତ ମ୍ୟାଚ୍‌ର ଉଭୟ ଇନିଂସରେ ଶତକ ହାସଲ କରିଛନ୍ତି। ପନ୍ତଙ୍କୁ ଭର୍ତ୍ସନା କରିବା ସହ ୨୪ ମାସ ମଧ୍ୟରେ ଏହା ତାଙ୍କର ପ୍ରଥମ ଅପରାଧ ହୋଇଥିବାରୁ ତାଙ୍କ ଶୃଙ୍ଖଳାଗତ ଖାତାରେ ଗୋଟିଏ ଡିମେରିଟ୍ ପଏଣ୍ଟ ଯୋଗକରାଯାଇଛି। ଏହି ଘଟଣା ଇଂଲଣ୍ଡ ଇନିଂସର ୬୧ତମ ଓଭରରେ ହ୍ୟାରୀ ବ୍ରୁକ୍ ଓ ବେନ୍ ଷ୍ଟୋକ୍ସ ବ୍ୟାଟିଂ କରୁଥିବା ସମୟରେ ବଲ୍‌ର କଣ୍ଡିଶନକୁ ନେଇ ଅମ୍ପାୟରଙ୍କ ସହ ଆଲୋଚନା ବେଳେ ଦେଖିବାକୁ ମିଳିଥିଲା। ଅମ୍ପାୟର ବଲ୍‌ର ଗେଜ୍‌କୁ ଯାଞ୍ଚ କରିବାପରେ ଏହାକୁ ବଦଳାଇବା ଲାଗି ମନା କରିଦେବାରୁ ଉଇକେଟ୍‌କିପର ଜଣକ ଅସହମତି ପ୍ରକାଶ କରିବା ସହ ଅମ୍ପାୟରଙ୍କ ସାମ୍ନାରେ ବଲ୍‌କୁ ଗ୍ରାଉଣ୍ଡ ଭିତରକୁ ଫିଙ୍ଗି ଦେଇଥିଲେ। ପନ୍ତ ତାଙ୍କ ଦୋଷ ସ୍ୱୀକାର କରିନେବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକ ପଡ଼ି ନ ଥିଲା।

# ସଭାପତିଙ୍କ ବିଦେଶ ଗସ୍ତରେ ଏଆଇଟିଏ ଏକ କୋଟି ଖର୍ଚ୍ଚ କରିଛି

ନୂଆଦିଲ୍ଲୀ,୨୪।୬(ପି.ଟି.)

ଅଲ୍ ଇଣ୍ଡିଆ ଟେନିସ୍ ଆସୋସିଏଶନ (ଏଆଇଟିଏ)ର ସଭାପତି ଅନିଲ ଜୈନ ତାଙ୍କ ପତ୍ନୀଙ୍କ ସହ ବିଦେଶ ଗସ୍ତ ଲାଗି ମହାସଂଘ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଛି। ଏଆଇଟିଏର ଫାଇନାନ୍ସ କମିଟି ସଦସ୍ୟ ହିରନ୍ମୟ ଚାଟାର୍ଜୀ ମଙ୍ଗଳବାର ଏଭଳି ଦାବି କରିଛନ୍ତି। ହେଲେ ଏହି ଅଭିଯୋଗକୁ ଜୈନ ଖଣ୍ଡନ କରିଛନ୍ତି। ଏଆଇଟିଏର ଉପସଭାପତି(କ୍ରୀଡ଼ା) ଥିବା ଚାଟାର୍ଜୀ କହିଛନ୍ତି, ଫାଇନାନ୍ସ କମିଟି ୨୦୨୨ ମେ'ରେ କର୍ମକର୍ତ୍ତାଙ୍କ ବିଦେଶ ଗସ୍ତ ଲାଗି ଭତ୍ତାରେ ବୃଦ୍ଧି କରିବା ନିମନ୍ତେ ଏକ ପ୍ରସ୍ତାବ ଆଣିଥିଲା। ହେଲେ ଏହାକୁ କଦାପି କାର୍ଯ୍ୟକାରୀ ପରିଷଦ (ଇସି)ରେ ଅନୁମତି ମିଳି ନ ଥିଲା।

ମୁଁ କମିଟିର ସଦସ୍ୟ ହୋଇଥିଲେ ବି ମୋତେ ସେହି ବୈଠକ ଲାଗି ଆମନ୍ତ୍ରିତ କରାଯାଇ ନ ଥିଲା। ସେମାନେ ପୂର୍ବ ଓ ବର୍ତ୍ତମାନର ସଭାପତି ଏବଂ ସାଧାରଣ ସମ୍ପାଦକଙ୍କ ବିଦେଶ ଗସ୍ତ ଲାଗି ଦୈନିକ ଭତ୍ତାକୁ ୭୦୦ ଆମେରିକୀୟ ଡଲାର ବୃଦ୍ଧି କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ। ହେଲେ ଏହି ପ୍ରସ୍ତାବକୁ ଇସି ଦ୍ୱାରା ମଞ୍ଜୁରୀ ମିଳି ନ ଥିଲା। ସଭାପତି ଭତ୍ତାର ଅଧିକାରୀ, କିନ୍ତୁ ତାଙ୍କ ପତ୍ନୀ ନୁହନ୍ତି। ଜୈନ ତାଙ୍କ କାର୍ଯ୍ୟକାଳରେ ଅନେକଥର ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଦେଖିବା ପାଇଁ ସ୍ତ୍ରୀଙ୍କ ସହ ବିଜ୍‌ନେସ୍ କ୍ଲାସରେ ବିଦେଶ ଟ୍ରାଭେଲ କରିଛନ୍ତି ଏବଂ ଏଥିଲାଗି ଏଆଇଟିଏ ଭୁଲ୍‌ରେ ଖର୍ଚ୍ଚ କରିଛି। ଯଦି ଏହାକୁ ହିସାବ କରିବା, ତେବେ ଏଆଇଟିଏ ୨୦୨୧ ଏପ୍ରିଲ ଓ ୨୦୨୫ ମାର୍ଚ୍ଚ ମଧ୍ୟରେ ସଭାପତିଙ୍କ ବିଦେଶ ଗସ୍ତରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଛି। ଏଆଇଟିଏ ସମ୍ବିଧାନ ଅନୁଯାୟୀ, ଇସି ଅନ୍ତିମ ନିଷ୍ପତ୍ତି ନିଏ ବୋଲି ଚାଟାର୍ଜୀ କହିଛନ୍ତି। ଆମେ ଏ ପ୍ରସଙ୍ଗ ୨୦୨୩ ଏଜିଏମ୍‌ରେ ଉଠାଇଥିଲୁ। କିନ୍ତୁ ଆମକୁ କୌଣସି ସୂଚନା ଦିଆଯାଇ ନ ଥିଲା ବୋଲି ସେ କହିଛନ୍ତି।

# Classified Everyday
0674-2580101, 9692975378


MATRIMONIAL

## BRIDE WANTED

Seeking Bride for 26-year-old, 5'6", Kumbhar Boy, Govt. Teacher. Looking for well-Educated/Teacher bride from same community. WhatsApp: 7849064080. D-1018

Punjabi Khatri Boy 1991, 5'11", B.Tech, reputed Job in Tata Steel Odisha requires homely girl (9914687015). D-1019

Beautiful Khandayat Girl 24+, 5'4", B.Tech Serving Software Engineer, Bhubaneswar. "SUNASANSAR". 9937512659. D-76277

## GROOM WANTED

ବୟସ 27 କୌଣସି ଚାକିରି କରୁ ନ ଥିବା ସୁନ୍ଦରୀ ସୁଶୀଳ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 7077016578. D-1017


Beautiful Bhandari girl 1997, 5'1", MBA, B. COM. need the same caste well established 8249059188. D-1050


REAL ESTATE
SALE

Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call- 9861642492. D-738

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338401309. D-71398

ଭୁବନେଶ୍ୱରରୁ ପୁରୀକୁ ଯାଉଥିବା ପ୍ରସ୍ତାବିତ ୮ ଲାଇନ୍ ରାସ୍ତାକୁ ଲାଗି **per sqft. 349/-** ଜାଗା ବିକ୍ରି ହେବ। କିଣିବା ବ୍ୟକ୍ତି ଯୋଗାଯୋଗ କରନ୍ତୁ। **Mobile- 8917204109, 9777783962.** D-1021




2nos of 2BHK Residential flat with all facilities with 2wheeler parking available for Rent at Cuttack, Shivajee Nagar. Contact: 9040029298 D-990




Full body massage by odia therapist in homely atmosphere. 9556498382. D-75392

Newly open health benefits SPA by expert therapist. Contact- 8280961126. D-76924

Newly open spa positively health benefits (Expert therapist). Contact: 7749034655 D-76922

Newly open Jyoti SPA positively health benefits (expert therapist). 8458067955. D-76923

Positively health benefits SPA expert female therapist homely atmosphere. 8658088274. D-974

## AFFIDAVIT

By virtue of an affidavit sworn before the Executive Magistrate, Boudh, No.-919, date 06.06.2025, I, Tilotama Kahanr, D/o- Ram Kahanr, R/o. Village- Chariapali, P.O.- Dhadalapada, P.S./Dist.- Boudh, PIN- 762026 declare that I have changed my name from Tila Patra to Tilotama Kahanr. Henceforth, I shall be known as Tilotama Kahanr for all purposes.
Tilotama Kahanr D-1059

I, Chinmayee Sahoo (45), W/o- Narayan Chandra Behera, Vill- Salandi Colony, Bypass, P.O./P.S./Dist.- Bhadrak, PIN- 756100. In my daughter's Birth and Educational Certificate mistakenly my name is mentioned as Chinmayee Behera. By this affidavit No.-6346, dtd. 24.06.2025 declare that my original name is Chinmayee Sahoo. D-1058

By virtue of an affidavit I Dukhia Behera, S/o- Late Prakira Behera, At- Daruthenga, P.O./ P.S.- Chandaka, Dist.- Khordha declare that my name has been wrongly recorded as Dukhishyam Behera with Date of Birth 01.01.1962 instead of Dukhia Behera Date of Birth 15.04.1959. I shall be henceforth, known as Dukhia Behera with Date of Birth 15.04.1959 for all purposes. D-1060

**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate, Bhubaneswar, dated- 21.06.2025, I Dusmanta Kumar Acharya resident of 4, Nuapada, P.O.- Pakhad, P.S.- Patkura, Dist.- Kendrapara, Odisha, PIN- 754153, declare that I have changed my name from Acharya Dusmantkumar to Dusmanta Kumar Acharya. Henceforth, I shall be known as Dusmanta Kumar Acharya for all purposes. D-1053

I, Nanda Kishore Maheswari, S/o. Shiv Narayan Maheswari, resident of Flyking Courier Service, Jawahar Chowk, P.S.- Dhenkanal Town, Dist.- Dhenkanal- 759001, Odisha declare by this affidavit No.- 1105, dtd- 26.05.2025 that now onwards I shall be known as Nand Kishor Maheswari for all future purposes. D-1054

I, Sushila Devi Maheswari, W/o. Nand Kishor Maheswari, resident of Flyking Courier Service, Jawahar Chowk, P.S.- Dhenkanal Town, Dist.- Dhenkanal- 759001, Odisha declare by this affidavit No.- 1106, dtd- 26.05.2025 that now onwards I shall be known as Susila Devi Maheswari for all future purposes. D-1055

By an affidavit sworn before Notary Public, Bhubaneswar on Dt.- 23.06.2025, I, Keshab Digal, S/o- Prafulla Digal, At- Sadanmendi, Gumagarh, Dist.- Kandhamal- 762029, declare that I have changed my daughter's name from Angel Digal@ Angeli Digal to K. Anshika Digal. Henceforth, she shall be known as K. Anshika Digal for all purposes. D-1052

By virtue of an affidavit sworn before the Executive Magistrate, Badamba, dated- 31.05.2025, I Saraswati Dei, W/o- Dibakar Mohanty, Address: At- Jenapadadesa, P.O.- Jenapada, P.S.- Athgarh, Dist.- Cuttack, Odisha- 754029, declare that I have changed my name from Saraswati Mohanty to Saraswati Dei. Henceforth, She shall be known as Saraswati Dei for all purposes.
Saraswati Dei D-1056

By virtue of an affidavit sworn before Executive Magistrate, Bhubaneswar, dated- 21st June, 2025, I, Rakesh Kuanr, LB- 68, Stage- 1, BDA Colony, Laxmisagar, Bhubaneswar, Odisha, PIN- 751006 declare that I have changed my name from Rakesh Kuanar to Rakesh Kuanr. Henceforth, I shall be known as Rakesh Kuanr for all purposes. D-1057

By virtue of an affidavit No.- 3033, dt. 23.06.2025 sworn before Executive Magistrate, Karanjia, I, Sachidananda Naik, S/o- Bibhisan Naik, Vi- Sialagothani, P.O.- Arjunbilla, P.S.- Raruan, Dist.- Mayurbhanj, PIN- 757039 declare that I have changed my daughter's name from Dipika Naik to Diptimayee Naik. Henceforth, she shall be known as Diptimayee Naik for all purposes. D-1063

I, Jyostna Rana, D/o- Rukdhar Rana, R/o. At- Karamtala, P.S.- Saintala, Dist.- Balangir, PIN- 767032, Odisha declare by this affidavit No.- 554, date 24.06.2025 that I have changed my name from Jyosna Rana to Jyostna Rana. Henceforth, I shall be known as Jyostna Rana for all purposes.
Jyostna Rana D-1064

# ମନେ ପଡ଼ନ୍ତି

## ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଶାନ୍ତିଲତା ଶତପଥୀ**
ସ୍ୱାମୀ- ହରେକୃଷ୍ଣ ଶତପଥୀ
ଠିକଣା- ଶାନ୍ତିବଟ, ଏଚ୍.ଆଇ.ଜି-୨, ଶୈଳଶ୍ରୀ ବିହାର, ଭୁବନେଶ୍ୱର
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥
ଆବିର୍ଭାବ: ୦୧।୦୪।୧୯୪୮
ତିରୋଧାନ: ୧୭।୦୬।୨୦୨୩
ଦୁଇ ବର୍ଷ ଅତିକ୍ରାନ୍ତ ହେଲା । ତୁମ ସ୍ମୃତି ତଥାପି ଅପାଶୋରା । ଜଣେ ଆଦର୍ଶ ଶିକ୍ଷୟିତ୍ରୀ, ଧର୍ମପରାୟଣା, ସମାଜସେବୀ ମହିଳା ଭାବରେ ସେବା, ସମର୍ପଣ ଓ ନୈତିକତାର ପ୍ରତୀକ ଥିଲ । ଆଜିର ପୁଣ୍ୟତିଥିରେ ତୁମର ଅମର ଆତ୍ମା ଚିରଶାନ୍ତି ଓ ସଦ୍‌ଗତି ଲାଭ କରୁ ଏହାହିଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ତୁମର ହତଭାଗ୍ୟ ସ୍ୱାମୀ, ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ
ଧ-୧୦୬୧

## ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ପଦ୍ମନାଭ ରାଜ୍**
ଶାନ୍ତିନଗର, ମାଳିସାହି, ରାଣୀହାଟ, କଟକ
ଆବିର୍ଭାବ: ୨୫।୦୬।୧୯୪୪
ତିରୋଧାନ: ୧୫।୦୬।୨୦୨୫
ତୁମ ଆଦର୍ଶ, ତ୍ୟାଗ, ନିଷ୍ଠା, ସ୍ନେହ, ଭଲପାଇବା ଓ କର୍ତ୍ତବ୍ୟନିଷ୍ଠା ସମସ୍ତଙ୍କ ପାଇଁ ଅଭୁଲା ହୋଇ ରହିବ । ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।
**ଶୋକସନ୍ତପ୍ତ:** ହତଭାଗ୍ୟ ସ୍ତ୍ରୀ, ପୁତ୍ର, କନ୍ୟା ଏବଂ ଲକ୍ଷେଶ୍ୱର ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀବୃନ୍ଦ
ଧ-୧୦୬୨



## ମଧ୍ୟମ କିସମ ଧାନ ଚାଷ

ମଧ୍ୟମ କିସମ ଧାନର ୫୦-୬୦ଦିନିଆ ତଳି ରୁଆଯାଇପାରିବ। ବୁଦା ପ୍ରତି ୪ରୁ ୫ଟି ତଳି ଓ ବର୍ଗମିଟର ପ୍ରତି ୫୦ଟି ବୁଦା ଧାଡ଼ିରେ ରୁଅନ୍ତୁ। ବିଳମ୍ବ କିସମ ଧାନର ୬୦-୭୦ଦିନିଆ ଧାନ ତଳି ରୁଆଯାଇପାରିବ। ବୁଦା ପ୍ରତି ୫ରୁ ୬ଟି ତଳି ଓ ବର୍ଗମିଟର ପ୍ରତି ୬୫ଟି ବୁଦା ଧାଡ଼ିରେ ରୁଅନ୍ତୁ। ଏକର ପ୍ରତି ଅଧିକ ୧୦କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଯେଉଁ ସ୍ଥାନରେ ଅତ୍ୟଧିକ ବର୍ଷା ହେତୁ ଫସଲ ଧୋଇହୋଇଯାଇଛି ସେଠି ଅନ୍ୟ ସ୍ଥାନରୁ ତଳି ସଂଗ୍ରହକରି ରୁଆ କାମ କରନ୍ତୁ। ତଳି ନ ମିଳିଲେ ରୁଆ ତଳି ପକାନ୍ତୁ। ଓଡ଼ିଶାରେ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ଧାନ ଲଗାଯାଇପାରିବ ଏବଂ ଦକ୍ଷିଣ ଓଡ଼ିଶାରେ ଏହା ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ଲଗାଯାଇପାରିବ। ତେଣୁ ମଧ୍ୟମ କିସମ ଜମି ପାଇଁ ୧୦୦ଦିନିଆ କିସମ ଯଥା ଅନ୍ନଦା,ଖଣ୍ଡଗିରି,ପାରିଜାତ ଏବଂ ବିଳମ୍ବ କିସମ ଜମି ପାଇଁ ୧୨୦ ଏବଂ ୧୩୦ ଦିନିଆ କିସମ ଯଥା-ଲଲାଟ,ସୁରେନ୍ଦ୍ର ଆଦି କିସମ ସଂଗ୍ରହକରି କାଦୁଆ ତଳି ଘରାରେ ଧାନ ଗଜା କରି ତଳି ପକାନ୍ତୁ ଏବଂ ୧୫ଦିନ ପରେ ତଳି ରୁଅନ୍ତୁ। ତଳି ବଢ଼ିବା ପାଇଁ ତଳିଘରାରେ ଯଥେଷ୍ଟ ଯବକ୍ଷାରଜାନ ସାର ଦିଅନ୍ତୁ।

# ଫସଲ ଉତ୍ପାଦନରେ ମଲିବଡେନମ୍‌ର ଭୂମିକା



ପ୍ର. ସୁବୋଧ କୁମାର ସାହୁ

ଫସଲ ପାଇଁ ମଲିବଡେନମ୍ ଏକ ଅଣୁଖାଦ୍ୟ ଉପାଦାନ । ଅନ୍ୟ ସମସ୍ତ ଅଣୁ ଉପାଦାନ ଅପେକ୍ଷା ଫସଲ ମଲିବଡେନମ୍‌କୁ ସବୁଠାରୁ କମ୍ ଆବଶ୍ୟକ କରିଥାଏ । ସାମାନ୍ୟ ମଲିବଡେନମ୍ ଅଭାବରେ ଫସଲ ଅମଳ ପ୍ରାୟ ୩୦ ରୁ ୪୦ ଭାଗ କମିଯାଏ । ବିଶେଷକରି ଛୁଇଁଜାତୀୟ ଫସଲ ଅମଳ ଅଧିକ ପରିମାଣରେ କମେ।

ଫସଲର ମୁଖ୍ୟ ଖାଦ୍ୟ ଉପାଦାନ ଯବକ୍ଷାରଯାନକୁ କ୍ରିୟାଶୀଳ କରିବା ମଲିବଡେନମ୍‌ର କାମ । ଫସଲ ଯବକ୍ଷାରଯାନ ଉପାଦାନକୁ ନାଇଟ୍ରେଟ୍ ଏବଂ ଆମୋନିୟମ ଆକାରରେ ଗ୍ରହଣ କରିଥାଏ । ଉଭୟ ନାଇଟ୍ରେଟ୍ ଏବଂ ଆମୋନିୟମ ଉପାଦାନକୁ ଫସଲ ଅଧିକ ସମୟ ଧରି ରଖିପାରେ ନାହିଁ । ଉକ୍ତ ଦୁଇ ଉପାଦାନକୁ ଆମିନୋ ଅମ୍ଳରେ ପରିଣତ କରିବା ମଲିବଡେନମ୍‌ର କାମ; ଯାହାକି ପରେ ପ୍ରୋଟିନରେ ପରିଣତ ହୁଏ। ମାଟିରେ ନାଇଟ୍ରେଟ୍ ବିଭିନ୍ନ ଉପାୟରେ ଶୀଘ୍ର ନଷ୍ଟ ହୁଏ । ନାଇଟ୍ରେଟ୍ ନାଇଟ୍ରାଇଟ୍‌ରେ ପରିଣତ ହୋଇ ପରିବେଶକୁ ପ୍ରଦୂଷଣ କରେ । ମାଟିରେ ଠିକ୍ ପରିମାଣରେ ମଲିବଡେନମ୍ ରହିଲେ ନାଇଟ୍ରେଟ୍ ଶୀଘ୍ର ଆମୋନିୟମରେ ପରିଣତ ହୋଇ ଫସଲକୁ ଗ୍ରହଣଯୋଗ୍ୟ ହୁଏ । ମାଟିରେ କେତେକ ଅଣୁବୀଜାଣୁ ଯଥା ରାଇଜୋବିୟମ, ଆଜୋଟବାକ୍ଟର, ଆଜୋସ୍ପିରିଲିୟମ ଏବଂ କ୍ଲୋଷ୍ଟରିଡିୟମ ବାୟୁମଣ୍ଡଳର ନିଷ୍କ୍ରିୟ ଯବକ୍ଷାରଯାନକୁ ସକ୍ରିୟକରି ଫସଲକୁ ଯୋଗାନ୍ତି । ମଲିବଡେନମ୍ ଉକ୍ତ ଅଣୁବୀଜାଣୁମାନଙ୍କ ବଂଶ ବୃଦ୍ଧିକରି ଦକ୍ଷତା ବଢ଼ାଏ। ସେହିପରି ନୀଳହରିତ ଶୈବାଳ, ଯେ କି ବାୟୁମଣ୍ଡଳରୁ ନିଷ୍କ୍ରିୟ ଯବକ୍ଷାରଯାନକୁ ଧରି ସକ୍ରିୟ କରେ, ତାହାର କାର୍ଯ୍ୟ ଦକ୍ଷତାକୁ ମଲିବଡେନମ୍ ତ୍ୱରାନ୍ୱିତ କରିଥାଏ । ମଲିବଡେନମ୍ ଅଭାବରେ ଫସଲର ପତ୍ର ଫିକା ହଳଦିଆ ହୁଏ। ବିଶେଷକରି ଛୁଇଁଜାତୀୟ ଫସଲର ପତ୍ର ଅଧିକ ହଳଦୀ ରଙ୍ଗର ହୁଏ । ପତ୍ରର ଶିରାଗୁଡିକ ସରୁ ହୋଇ ଜାଲ ପରି ଛନ୍ଦି ହୋଇରହେ । ଦୁଇଶିରାର ମଧ୍ୟଭାଗରେ ବାଦାମୀ ରଙ୍ଗର ଛୋଟ ଛୋଟ ଦାଗମାନ ଦେଖାଯାଏ । ହଳଦୀ ରଙ୍ଗ ଛଡ଼ା ବିଭିନ୍ନ ଫସଲର ମଲିବଡେନମ୍‌ର ଅଭାବଜନିତ ଲକ୍ଷଣ ଅଲଗା ଅଲଗା ହୋଇଥାଏ। ଛୁଇଁଜାତୀୟ ଫସଲର ମୁଖ୍ୟ ଚେ଼ର ସାଧାରଣ ଲମ୍ବଠାରୁ ଛୋଟ ହୁଏ । ଶାଖା ଚେ଼ର ସବୁ ଠିକ୍ ଭାବେ ବଢ଼ି ନ ପାରି ଛୋଟ ହୁଏ। ଚେ଼ରରେ ଭାତୁଡ଼ି ସଂଖ୍ୟା କମିଯାଏ । ଭାତୁଡିର ଆକାର ଗୋଲାକାର ହୋଇ ନ ପାରି ଚେ଼ପଟା ହୁଏ । ଭାତୁଡିରେ ରାଇଜୋବିୟମ ବୀଜାଣୁ ସଂଖ୍ୟା ଅଣୁବିକ୍ଷଣ ଯନ୍ତ୍ରରେ କମ୍ ଦେଖାଯାଏ । ଭାତୁଡି ଭିତରେ ରକ୍ତ ଭଳି ଲାଲ ରଙ୍ଗର ତରଳ ପଦାର୍ଥ ନ ରହି ରଙ୍ଗବିହନ ତରଳ ପଦାର୍ଥ ସୃଷ୍ଟିହୁଏ; ଯାହାକି ରାଇଜୋବିୟମ ବୀଜାଣୁ ପାଇଁ କ୍ଷତିକାରକ । ଭାତୁଡିରେ ଯବକ୍ଷାରଯାନ ବିବନ୍ଧନ ପରିମାଣ କମିଯାଏ । ମାଟିରେ ମଧ୍ୟ ଯବକ୍ଷାରଯାନ ବିବନ୍ଧନ ପରିମାଣ ଯଥେଷ୍ଟ କମେ। ଫଳରେ ମାଟିରେ ସୁଲଭ ଯବକ୍ଷାରଜାନ ପରିମାଣ କମିଯାଏ।

ମାଟିରେ ମଲିବଡେନମ ଅଭାବରେ କୋବିଜାତିୟ ଫସଲର ପତ୍ର ସିଧା ବଢ଼ି ନ ପାରି ଲୋଚ଼ାକୋଚ଼ା ହୋଇବଢ଼େ । ପତ୍ରର ଦୁଇ ଶିରା ମଝି ଅଂଶରେ ଶୁଷ୍କ ବାଦାମୀ ରଙ୍ଗର ଦାଗମାନ ଦେଖାଯାଏ। ବିଶେଷକରି ଫୁଲକୋବିର ପତ୍ରଗୁଡିକ ଅଣଓସାରିଆ ହୋଇ ଠେଙ୍ଗୁଆ କାନ ପରି ଠିଆ ହୋଇ ରହେ। ମୂଳାର ପତ୍ରସବୁ ଫିକା ସବୁଜ ହୁଏ । ବିଲାତି ବାଇଗଣର ତଳ ପତ୍ର ଭିତରକୁ ପଟକୁ ମୋଡି ହୁଏ ଏବଂ ପତ୍ର ମଝି ଭାଗ ଶୁଖିଲା ଦେଖାଯାଏ । ଶସ୍ୟଜାତୀୟ ଫସଲର ଉପର ପତ୍ରଗୁଡିକ ପ୍ରଥମେ ଫିକା ହଳଦୀ ରଙ୍ଗର ହୋଇ ତଳଭାଗକୁ ଗତିକରେ।

''ମଲିବଡେନମ୍ ଅଭାବରେ ଫସଲର ପତ୍ର ଫିକାହଳଦିଆ ହୁଏ। ବିଶେଷକରି ଛୁଇଁଜାତୀୟ ଫସଲର ପତ୍ର ଅଧିକ ହଳଦୀ ରଙ୍ଗର ହୁଏ । ପତ୍ରର ଶିରାଗୁଡିକ ସରୁ ହୋଇ ଜାଲ ପରି ଛନ୍ଦି ହୋଇରହେ । ଦୁଇଶିରାର ମଧ ଭାଗରେ ବାଦାମୀ ରଙ୍ଗର ଛୋଟ ଛୋଟ ଦାଗମାନ ଦେଖାଯାଏ ।''



କମଳା ଏବଂ ଲେମ୍ବୁଗଛର ପତ୍ରରେ ଓଦାଳିଆ ଦାଗମାନ ଦେଖାଯାଇ ପରେ ଫିକାହଳଦୀ ରଙ୍ଗର ହୁଏ । କମଳା ଏବଂ ଲେମ୍ବୁର ବାସନା ଭିନ୍ନ ପ୍ରକାର ହୁଏ । ଫଳର ରସର ପରୀକ୍ଷାରୁ ଜଣାଯାଇଛି ଯେ ମଲିବଡେନମ୍ ଅଭାବରୁ ଆସ୍କରବିକ୍ ଅମ୍ଳ ପରିମାଣ କମିଯିବାରୁ ଏପରି ବାସନା ହୁଏ । କମଳା ଏବଂ ଲେମ୍ବୁଗଛରେ ମଲିବଡେନମ୍ ପତ୍ରଚିଞ୍ଚା କଲେ ୨/୩ ଦିନ ମଧ୍ୟରେ ଉକ୍ତ ଅଭାବ ଦୂରହେବାର ପ୍ରମାଣ ମିଳିଛି।

ଅମ୍ଳଧର୍ମୀ ମାଟିରେ ମଲିବଡେନମ୍‌ର ଅଭାବ ସର୍ବାଧିକ । ରାଜ୍ୟର ୬୬ ଲକ୍ଷ ହେକ୍ଟର ଚାଷଜମି ମଧ୍ୟରୁ ପ୍ରାୟ ୪୦ଲକ୍ଷ ହେକ୍ଟର ଚାଷଜମି ଅମ୍ଳଧର୍ମୀ। ପରୀକ୍ଷାରୁ ଜଣାପଡ଼ିଛି ଯେ ସମୁଦାୟ ଚାଷଜମିର ମାଟିରେ ଶତକଡା ୫୦ଭାଗ ଜମିରେ ମଲିବଡେନମ୍‌ର ଅଭାବ ରହିଛି। ସେଥିମଧ୍ୟରୁ କଳାମାଟି ଶତକଡା ୮୩ଭାଗ ଅଭାବଗ୍ରସ୍ତ । ପଟୁ, ମାଙ୍କଡ଼ା ପଥର, ବାଦାମୀ ଜଙ୍ଗଲୀ ମାଟିରେ ସମାନ ଶତକଡା ୬୬ ଭାଗ ମାଟିରେ ମଲିବଡେନମ୍‌ର ଅଭାବ ରହିଛି । ମିଶ୍ରିତ କଳା ଏବଂ ଲାଲ ରଙ୍ଗର ମାଟିରେ ଶତକଡ଼ା ୬୦ଭାଗ ଏବଂ ମିଶ୍ରିତ ଲାଲ ଏବଂ ହଳଦୀ ରଙ୍ଗର ମାଟିରେ ଶତକଡା ୩୩ ଭାଗ ମଲିବଡେନମ୍ ଅଭାବ ଥିଲାବେଳେ କେବଳ ଲାଲରଙ୍ଗର ମାଟିରେ ଶତକଡା ୫୫ଭାଗ ମଲିବଡେନମ୍ ଅଭାବ ରହିଛି। ଲୁଣାଜନିତ ଚାଷଜମିର ମାଟି ଅମ୍ଳ ହେଲେ ମଧ୍ୟ ସବୁଠାରୁ କମ୍ ଅର୍ଥାତ୍ ଶତକଡା ୧୪ ଭାଗ ମଲିବଡେନମ୍ ଅଭାବଗ୍ରସ୍ତ । କାରଣ ସମୁଦ୍ର ପାଣିରେ ମଲିବଡେନମ୍ ଥାଏ। ଉପରୋକ୍ତ ବିଭିନ୍ନ ମାଟିର ଅଭାବ ପରିମାଣ ମାଟିର ମଲିବଡେନମ୍ ପରୀକ୍ଷା ସଂଖ୍ୟାକୁ ନେଇ ହିସାବ କରାଯାଇଛି।

ଫସଲର ମଲିବଡେନମ୍ ଅଭାବ ମେଣ୍ଟାଇବା ପାଇଁ ବଜାରରେ ରାସାୟନିକ ଦୋକାନରେ ଆମୋନିୟମ ମଲିବଡେନମ୍ ଏବଂ ସୋଡିୟମ୍ ମଲିବଡେଟ୍ ନାମକ ଦୁଇଟି ରାସାୟନିକ ସାର ମିଳେ । ଆମୋନିୟମ ମଲିବଡେଟ୍‌ରେ ଶତକଡା ୫୪ ଭାଗ ଏବଂ ସୋଡିୟମ ମଲିବଡେଟ୍‌ରେ ଶତକଡା ୩୭ଭାଗ ମଲିବଡେନମ୍ ଥାଏ । ଉକ୍ତ ଦୁଇ ରାସାୟନିକ ପଦାର୍ଥକୁ ଉଭୟ ପତ୍ର ଛିଞ୍ଚା କିମ୍ବା ମଞ୍ଜିରେ ଗୋଳାଇ ପ୍ରୟୋଗ କରାଯାଏ । ସ୍ଥଳବିଶେଷରେ ସୋଡିୟମ ମଲିବଡେଟ୍‌କୁ ଶସ୍ୟଜାତୀୟ ଫସଲରେ ମାଟିରେ ପ୍ରୟୋଗ କରାଇପାରେ। ବଜାରରେ ଆମୋନିୟମ୍ ମଲିବଡେଟ୍‌ର ମୂଲ୍ୟ ଅଧିକ ହୋଇଥିବାରୁ କୃଷି ବିଭାଗ ସୋଡିୟମ ମଲିବଡେଟ୍‌କୁ ଚାଷୀମାନଙ୍କୁ ଅନୁମୋଦନ କରନ୍ତି । ଚାଷୀମାନଙ୍କୁ ଫସଲରେ ସୋଡିୟମମଲିବଡେଟ୍‌କୁ ପତ୍ରଛିଞ୍ଚା ପାଇଁ ଶତକଡା ୦.୧ ଭାଗ ଅର୍ଥାତ୍ ୧୦ ଲିଟର ପାଣିରେ ୧୦ ଗ୍ରାମ ସୋଡିୟମ ମଲିବଡେଟ୍‌ର ଦ୍ରବଣ ପ୍ରସ୍ତୁତକରି ୧୦ ଦିନ ବ୍ୟବଧାନରେ ଦୁଇଥର ପତ୍ରଛିଞ୍ଚା କରିବା ପାଇଁ ଅନୁମୋଦନ କରାଯାଏ । ଡାଲିଜାତିୟ ଫସଲରେ ମଲିବଡେନମ ପ୍ରୟୋଗ ପାଇଁ ୧୦ କିଲୋମିରେ ୧୦୦ ଗ୍ରାମ ସୋଡିୟମ ମଲିବଡେଟ୍‌କୁ ୨୫୦ ମିଲିଲିଟର ପାଣିରେ ଏକ ଦ୍ରବଣ ପ୍ରସ୍ତୁତିକରି ମଞ୍ଜିରେ ଗୋଳାଇ ବୁଣିଲେ ଫସଲରେ ମଲିବଡେନମ୍‌ର ଅଭାବ ଦୂର ହୁଏ। ଚାଷୀ ଯଦି ରାଇଜୋବିୟମ ବୀଜାଣୁ କଲ୍‌ଚର ଡାଲିଜାତିୟ ଫସଲ ମଞ୍ଜିରେ ପ୍ରୟୋଗ କରୁଥାଆନ୍ତି, ତେବେ ଅନୁମୋଦିତ ସୋଡିୟମ ମଲିବଡେଟ୍‌କୁ ଉକ୍ତ କଲ୍‌ଚର ସହ ମିଶାଇ ମଞ୍ଜି ବୁଣିଲେ ଡାଲିଜାତିୟ ଫସଲର ଚେ଼ରରେ ଭାତୁଡି ସଂଖ୍ୟା ବଢେ । ମାଟିରେ ମଲିବଡେନମ୍ ପ୍ରୟୋଗ କରିବା ପାଇଁ ହେକ୍ଟର ପ୍ରତି ୨୫୦ ଗ୍ରାମ ସୋଡିୟମ୍ ମଲିବଡେଟ୍‌କୁ ରାଇଜୋବିୟମ ବୀଜାଣୁ କଲ୍‌ଚର ସହ ୨୫୦ କିଲୋଗ୍ରାମ ଗୁଣ୍ଡ ଗୋବରଖତ ସହ ମିଶାଇ ଧାଡିରେ ପ୍ରୟୋଗକରି ଡାଲିଜାତିୟ ଫସଲର ମଞ୍ଜି ବୁଣିଲେ ଚାଷୀ ଅଧିକ ଲାଭବାନ ହେବେ। ସେହିପରି ଶସ୍ୟଜାତିୟ ଫସଲର ମଞ୍ଜିରେ ଆଜୋଟବାକ୍ଟର କିମ୍ବା ଆଜୋସ୍ପିରିଲମ ବୀଜାଣୁ କଲ୍‌ଚର ସହ ମିଶାଇ ମଞ୍ଜି ଧାଡ଼ିରେ ବୁଣିଲେ ଶସ୍ୟଜାତୀୟ ଫସଲର ଚେ଼ର ପାଖରେ ଉକ୍ତ ବୀଜାଣୁ ଏକ କଲୋନି କରି ରହନ୍ତି ଏବଂ ବାୟୁମଣ୍ଡଳରୁ ଅଧିକ ଯବକ୍ଷାରଯାନ ସଂଗ୍ରହକରନ୍ତି। ପରୀକ୍ଷାରୁ ଜଣାପଡିଛି, ଉପରୋକ୍ତ ବିଭିନ୍ନ ପଦ୍ଧତି ଅନୁସାରେ ମଲିବଡେନମ୍ ପ୍ରୟୋଗ କଲେ ଡାଲିଜାତୀୟ ଫସଲ ହେକ୍ଟରକୁ ୪୫ରୁ ୫୦ କିଲୋ ଯବକ୍ଷାରଯାନ ସଂଗ୍ରହ କରୁଥିବା ବେଳେ ଶସ୍ୟଜାତୀୟ ଫସଲ ହେକ୍ଟରକୁ ୨୫ ରୁ ୩୦ କିଲୋ ଯବକ୍ଷାରଯାନ ସଂଗ୍ରହ କରିଥାଆନ୍ତି।

-ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫



## ହରଡ଼ ଫସଲରେ ପୋକ ଦମନ

ବର୍ଷାଦିନିଆ ସଅଳ ହରଡ଼ ଫସଲରେ ଫୁଲ ଧରିବାବେଳେ ବାଘୁଆ ପୋକ ଲାଗିଥାଏ। ଏହାର ଦମନ ପାଇଁ ପୋକଗୁଡିକୁ କିରୋସିନ ବା ଲୁଗାସଫା ପାଉଡର ପାଣିରେ ବୁଡାଇ ମାରି ଦିଅନ୍ତୁ। ହରଡ଼ ଫସଲରେ ନାଲି ଓ କଳା ଶୁଁବାଳୁଆ ପୋକ ପତ୍ରଖାଇ ଗଛକୁ ପତ୍ରହୀନ କରିଦିଅନ୍ତି। ତେଣୁ ଏକର ପ୍ରତି ୧୦ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ସକାଳ ବେଳା ପ୍ରୟୋଗ କରନ୍ତୁ। ଏହାଦ୍ୱାରା ମଧ୍ୟ ପତ୍ରକଣା କରୁଥିବା ଫ୍ଲି ଭୃଙ୍ଗ ପୋକର ଦମନ ହୋଇଥାଏ। ଡେରିରେ ଲଗାଯାଇଥିବା ମୁଗ, ବିରି,ହରଡ଼ ଆଦି ଡାଲିଜାତୀୟ ଫସଲରେ ସାହେବୀ ରୋଗ ଦେଖାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୫୦ ମି.ଲି. ଇମିଡାକ୍ଲୋପ୍ରିଡ୍ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ଛୁଇଁ ପାକଳ ହୋଇଯାଇଥିଲେ ଅମଳ କରିଦିଅନ୍ତୁ।

## ଚିନାବାଦାମ ଚାଷ

ଚିନାବାଦାମ ଚାଷ କରିବା ସମୟରେ ଜମିକୁ ଗଭୀର ଚାଷକରି ମାଟି ଗୁଣ୍ଡକରନ୍ତୁ । ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ) । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ । କିନ୍ତୁ ଲୋଟଣୀ ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଆବଶ୍ୟକ। ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜ କଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ । ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରି ମାଟିରେ ମିଶାଇ ଦିଅନ୍ତୁ ।

## କପାଚାଷରେ ପତ୍ରଡିଆଁ ପୋକ ଲାଗିଲେ...



ପତ୍ରଡିଆଁ ପୋକ ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ବା ୩ ଲିଟର ପାଣିରେ ୧ ମି.ଲି. ଇମିଡାକ୍ଲୋପ୍ରିଡ୍ କିମ୍ବା ୧ ଗ୍ରାମ୍ ଥାୟାମେଥାକ୍‌ଜାମ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । ଏହାଛଡ଼ା ଅଠାଳିଆ ଯନ୍ତାର ବ୍ୟବହାର କରାଯାଇପାରେ । କପାଚାଷ କରିଥିଲେ କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ । ଫସଲ ୯୦ ଦିନ ପରେ କିମ୍ବା ୩ ଫୁଟ ଉଚ୍ଚ ହୋଇଥିଲେ ଅଗ ଛିଣ୍ଡାଇ ଦିଅନ୍ତୁ । ଗଛ ୪୫ ଦିନର ହୋଇଯାଇଥିଲେ ସାଢ଼େ ଚାରି ଲିଟର ପାଣିରେ ୧ ମି.ଲି ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ । ୧୫ ଦିନ ପରେ ପୁନର୍ବାର ପ୍ରତି ୪.୫ ଲିଟର ପାଣିରେ ୧ ମି.ଲି. ପ୍ଲାନୋଫିକ୍ସ ମିଶାଇ ସ୍ପ୍ରେ କରନ୍ତୁ ।

## ଜାଣି ରଖନ୍ତୁ



ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ । ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ । ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ସମ୍ଭାବନା ଥାଏ। ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । କୁକୁଡ଼ା ଘରକୁ ପରିଷ୍କାର ଏବଂ ଶୁଖିଲା ରଖନ୍ତୁ । ଲିଟରକୁ ନିୟମିତ ବଦଳାନ୍ତୁ । ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ । ବର୍ଷାଋତୁରେ ଗୋ-ମହିଷି ଓ ବାଛୁରୀମାନଙ୍କୁ ସାହାଣ ଓ ବଜବଜିଆ ରୋଗ ହେବାର ସମ୍ଭାବନା ଥାଏ । ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ରୋଗ ଦେଖାଗଲେ ତୁରନ୍ତ ପଶୁ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଏହି ମାସରେ ଗୋ-ମହିଷଙ୍କୁ ଅଢ଼େଇ ଦିନିଆ ଜ୍ୱର ହୋଇଥାଏ । ଗୋ-ମହିଷଙ୍କ ଦେହରେ ଅଧିକ ତାତି ରହେ ଓ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ । ପଶୁମାନଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଗାଈଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବା ସମ୍ଭାବନା ଥାଏ ।

# ବର୍ଷବ୍ୟାପୀ ସବୁଜ ଗୋଖାଦ୍ୟ ଫସଲ

(ଶେଷ ଭାଗ)

ସବୁଦିନିଆ ଘାସ ଫସଲ ଜମିରେ ୪-୫ବର୍ଷ ପର୍ଯ୍ୟନ୍ତ ରହୁଥିବାରୁ ଅଧିକ ଖତସାର ଆବଶ୍ୟକ ହୋଇଥାଏ । ମନ୍ଦାଗୁଡ଼ିକରେ ବା ଜମିରେ ଏକର ପିଛା ୪ ଟ୍ରାକ୍ଟର ଟ୍ରଲି ଗୋବର ଖତ ବା କମ୍ପୋଷ୍ଟ ଆବଶ୍ୟକ । ଏଥିସହ ଏକର ପ୍ରତି ୧୦୦ କି.ଗ୍ରା. ସିଙ୍ଗଲ ସୁପର ଫସ୍‌ଫେଟ ଓ ୧୫ କି.ଗ୍ରା. ପଟାସ ସାର ଦେବାକୁ ପଡ଼ିବ । ଘାସ ଫସଲ ଅମଳ କରିନେବା ୬୦ଦିନ ପରେ ଏକର ପିଛା ୫୦କି.ଗ୍ରା. ୟୁରିଆ ସାର ପ୍ରୟୋଗ କରିବା ଆବଶ୍ୟକ । ଗୁହାଳର ଆବର୍ଜନା ମିଶା ପାଣି ଓ ଗୋମୂତ୍ର ପାରା ଘାସ କିଆରିରେ ଛାଡ଼ିଦେଲେ ପାରାଘାସ ଭଲ ହୁଏ । ଷ୍ଟାଇଲୋ ଫସଲ ପାଇଁ ଏକର ପିଛା ୧୦ ଗାଡ଼ି ଶଢ଼ା ଗୋବରଖତ, ୮ କି.ଗ୍ରା. ଯବକ୍ଷାରଜାନ, ୨୪ କି.ଗ୍ରା. ଫସ୍‌ଫରସ୍ ଓ ୮ କି.ଗ୍ରା. ପଟାସ ସାର ଶେଷ ଓଡ଼ଚାଷ ବେଳେ ମଧ୍ୟ ପ୍ରୟୋଗ କରିପାରିବେ ।

**ବିହନ ପରିମାଣ ଓ ଲଗାଇବା ପ୍ରଣାଳୀ**
ହାତିଆ ଘାସ ପାଇଁ ଏକର ପିଛା ୫ ହଜାର ମୂଳ ବା କାଣ୍ଡ, ଗିନି ଘାସ ପାଇଁ ୪ ହଜାର ମୂଳ ବା କାଣ୍ଡ ଓ ପାରା ଘାସ ଚାଷ ପାଇଁ ୧୦ ହଜାର କାଣ୍ଡ ଦରକାର । କିନ୍ତୁ ପ୍ରତି ମନ୍ଦାରେ ଶତପ୍ରତିଶତ ଗଛ ହେବା ପାଇଁ ଏହାର ଦ୍ୱିଗୁଣିତ ମୂଳ ବା କାଣ୍ଡ ଆବଶ୍ୟକ । ସେହିପରି କଙ୍ଗୋସିଗ୍‌ନାଲ ଏକର ପ୍ରତି ୧୫ ହଜାର କାଣ୍ଡ ଆବଶ୍ୟକ ଥିବା ବେଳେ ଷ୍ଟାଇଲୋ, ସିରାଟ୍ରୋ, ସେଣ୍ଟ୍ରୋସିମା ଆଦିର ମଞ୍ଜି ଏକର ପ୍ରତି ୫ କି.ଗ୍ରା. ଆବଶ୍ୟକ ହୋଇଥାଏ । ସବୁଦିନିଆ ଘାସର କାଣ୍ଡ ବା ମୂଳଗୁଡ଼ିକ ଧାଡ଼ିକୁ ଧାଡ଼ି ଓ ଗଛକୁ ଗଛ ବ୍ୟବଧାନରେ ଲଗାଇଲେ ଭଲ ନେପିଅର ବା ହାତିଆ, ଗିନି ଓ ପାରା ଘାସର ପ୍ରତି ଖଣ୍ଡରେ ୨/୩ଟି ଗଣ୍ଠି ଥିବା ଆବଶ୍ୟକ । ପ୍ରତି ମନ୍ଦାରେ ୨ଖଣ୍ଡ କରି ଲଗାଇବାକୁ ହେବ। କାରଣ ଗୋଟିଏ କାଣ୍ଡ ନଷ୍ଟହେଲେ ଅନ୍ୟ କାଣ୍ଡଟିରୁ ପତ୍ର କଅଁଳି ବାହାରିବ। ଷ୍ଟାଇଲୋ ମଞ୍ଜିର ଉପର ଚୋପା ଟାଣ । ତେଣୁ ଏହାକୁ ଭଲ ଭାବରେ ଗଜା ହେବା ପାଇଁ ମଞ୍ଜିକୁ ପ୍ରଥମେ ଉଷୁମ ପାଣିରେ ୫ ମିନିଟ୍ ବୁଡ଼ାଇସାରି ରାତିସାରା ଥଣ୍ଡା ପାଣିରେ ଭିଜାଇ ରଖନ୍ତୁ । ସକାଳୁ ମଞ୍ଜିକୁ ଛାଣି ଛାଇରେ କିଛି ସମୟ ରଖିବେ । ପରେ ମଞ୍ଜିକୁ ଶୁଖିଲା ବାଲି ସହ ମିଶାଇ ଜମିରେ ଧାଡ଼ିକୁ ଧାଡ଼ି ୩୦ ସେମି ବ୍ୟବଧାନରେ ବୁଣାନ୍ତୁ । ମଞ୍ଜି ବୁଣିବାର ୨୫ ରୁ ୩୦ଦିନ ପରେ କୋଡ଼ା ଖୁସାକରି ଅନାବନା ଗଛ ବାଛି ଦିଅନ୍ତୁ ।

**ଅମଳ ପରିମାଣ**
ଏକର ପ୍ରତି ବିଭିନ୍ନ କିସମ ଅନୁଯାୟୀ ବର୍ଷବ୍ୟାପୀ ସବୁଜ ଗୋଖାଦ୍ୟ ଫସଲର



ଅମଳ ପରିମାଣ ହେଲା: ହାତିଆ ଘାସ - ୪୦୦ ରୁ ୫୦୦ କୁଇଣ୍ଟାଲ, ଗିନି ଘାସ - ୨୫୦ ରୁ ୩୦୦ କୁଇଣ୍ଟାଲ, ପାରା ଘାସ - ୪୦୦ ରୁ ୫୦୦ କୁଇଣ୍ଟାଲ, ଷ୍ଟାଇଲୋ - ୮୦ ରୁ ୧୦୦ କୁଇଣ୍ଟାଲ, କଙ୍ଗୋସିଗ୍‌ନାଲ - ୨୫୦ ରୁ ୩୫୦ କୁଇଣ୍ଟାଲ ଏବଂ ଷ୍ଟାଇଲୋ, ସିରାଟ୍ରୋ,ସେଣ୍ଟ୍ରୋସିମା - ୨୦୦ ରୁ ୨୫୦ କୁଇଣ୍ଟାଲ।

**ସେଟାରିଆ ଘାସ:** ଏହା ଏକ ଉନ୍ନତ କିସମର ଘାସ । ଏହା ବର୍ଷବ୍ୟାପୀ ଚାଷ କରାଯାଇଥାଏ । ଏଥିପାଇଁ ଏକରକୁ ୧୨ହଜାର ପର୍ଯ୍ୟନ୍ତ ବୁଦା ବା ମୂଳ ଲଗାଇବାକୁପଡ଼ିଥାଏ। ଏକର ପ୍ରତି ୨୦୦ରୁ ୨୫୦ କୁଇଣ୍ଟାଲ ପର୍ଯ୍ୟନ୍ତ ଅମଳ ମିଳିଥାଏ।

**ମିଶ୍ରିତ ଚାଷ:** ସଙ୍କର ହାତିଆ ଘାସ ଓ ଗିନି ଘାସ ସହ ବରଗୁଡ଼ି ଜାତୀୟ ଚାଷକରି ଖାଇବାକୁ ଦେଲେ ଦୁଧିଆଳୀ ଗାଈ ସୁଷମ ସବୁଜ ଖାଦ୍ୟ ପାଇ ଅଧିକ ଦୁଗ୍ଧ ପ୍ରଦାନ କରନ୍ତି।

**ଘାସ ଖୁଆଇବା ପ୍ରଣାଳୀ:** ଶସ୍ୟଜାତୀୟ ଘାସ ସହ ଛୁଇଁ ଜାତୀୟ ଘାସ ୩:୧, କଞ୍ଚାଘାସ ସହିତ ନଡ଼ା ବା ଶୁଷ୍କ ଘାସ: ୨:୧ ଏବଂ ଘାସ ସହିତ ଦାନା -୨:୧ ସମାନୁପାତିକ ହାରରେ ପ୍ରାଣୀଙ୍କୁ ଖାଇବାକୁ ଦେବା ଉଚିତ। ୧ କି.ଗ୍ରା. ଦାନା ବଦଳରେ ୫ କି.ଗ୍ରା. ସବୁଜ ଘାସ ଗାଈକୁ ଦିଆଯାଇପାରିବ।

**ଘାସ ମୂଳ ଓ ମଞ୍ଜି ମିଳିବ କେଉଁଠୁ**
ଖରିଫ ଋତୁ ପାଇଁ ବିଭିନ୍ନ ପ୍ରକାର ଘାସ ମଞ୍ଜି ଯଥା:- ମକା, ବରଗୁଡ଼ି, ବାଜରା, ଏମ୍.ପି.ଚେରୀ ଆଦି ପ୍ରତ୍ୟେକ ପ୍ରାଣୀ ଚିକିତ୍ସା କେନ୍ଦ୍ର ସହ ଯୋଗାଯୋଗ କଲେ ପାଇପାରିବେ । ବର୍ଷବ୍ୟାପୀ ସବୁଜ ଗୋଖାଦ୍ୟ ଫସଲ ପାଇଁ ମୂଳ ଓ କାଣ୍ଡ ଆମ ରାଜ୍ୟରେ ଥିବା ୧୩ଟି ସବୁଜ ଘାସ ପ୍ରଦର୍ଶନ ଫାର୍ମ, ସରକାରୀ ଗୋପାଳନ କେନ୍ଦ୍ର, ପଠାସ୍ଥିତ ସବୁଜ ଘାସ ଫାର୍ମ, ଲକ୍ଷ୍ମୀସାଗରସ୍ଥିତ ସରକାରୀ ଘାସ ଫାର୍ମ, ଜିଲାର ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ କାର୍ଯ୍ୟାଳୟ ପରିସର ମଧ୍ୟରୁ ମଧ୍ୟ ପାଇପାରିବେ।

**ବି.ଦ୍ର:** ବର୍ଷା ଆରମ୍ଭରେ ଫାର୍ମ ଚାରିପଟେ ପତ୍ରବହୁଳ ଗଛ ଲଗାଇଲେ ଏହା ଖରାଦିନେ ଛାଇ ଓ ଥଣ୍ଡା ପରିବେଶ ସୃଷ୍ଟି ଯୋଗୁ ପ୍ରାଣୀମାନେ ବେଶ୍ ଆରାମରେ ରୁହନ୍ତି।

-ଡା. ବୀରକିଶୋର ପରିଡ଼ା, ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

ଧରିତ୍ରୀ 51 Years

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୭ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜୁନ୍ ୨୫/୨୦୨୫ Bhubaneswar, Wednesday, June 25/ 2025

# ଡକେଟଙ୍କ ଶତକରେ ଇଂଲଣ୍ଡ ଦୃଢ଼



ଶତକ ହାସଲ ପରେ ବେନ୍ ଡକେଟ।

**ଲିଡ୍ସ, ୨୪।୬**

ବେନ୍ ଡକେଟଙ୍କ ସମୟୋପଯୋଗୀ ଶତକ ଏବଂ ଜ୍ୟାକ କ୍ରଲିଙ୍କ ଅର୍ଦ୍ଧଶତକ ସହାୟତାରେ ଇଂଲଣ୍ଡ ଏଠାରେ ଚାଲିଥିବା ଭାରତ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ବିଜୟ ପଥରେ ଅଗ୍ରସର ହୋଇଛି। ବିଜୟ ଲକ୍ଷ୍ୟ ୩୭୧ ରନ ଥିବାବେଳେ ମଙ୍ଗଳବାର ୫ମ ତଥା ଅନ୍ତିମ ଦିବସ ଚା' ବିରତି ବେଳକୁ ଇଂଲଣ୍ଡ ୪ ଉଇକେଟ ହରାଇ ୨୬୯ ରନ ସଂଗ୍ରହ କରିଛି। ୬ ଉଇକେଟ ସୁରକ୍ଷିତ ଥାଇ ଦଳ ଲକ୍ଷ୍ୟଠାରୁ ଆଉ ୧୦୨ ରନ ଦୂରରେ ରହିଛି।

ଚତୁର୍ଥ ଦିବସର ଅସମାପ୍ତ ସ୍କୋର ୨୧/୦ରୁ ଖେଳ ଆରମ୍ଭ କରିଥିଲା ଇଂଲଣ୍ଡ। ଦୁଇ ଓପନର ବେନ୍ ଡକେଟ ଓ ଜ୍ୟାକ କ୍ରଲି ଓପନିଂ ଯୋଡ଼ିରେ ୧୮୮ ରନ ଯୋଗକରି ବିଜୟ ପାଇଁ ପଥ ପ୍ରସ୍ତୁତ କରିଥିଲେ। ଭାରତର ସମସ୍ତ ବୋଲରଙ୍କୁ ଏହି ଦୁଇ ଘରୋଇ ବ୍ୟାଟର ସଫଳତାର ସହ ମୁକାବିଲା କରିଥିଲେ। ଇଂଲଣ୍ଡ ସ୍କୋର ୧୮୧/୦ ଥିବାବେଳେ ବର୍ଷା ଯୋଗୁ କିଛି ସମୟ ଖେଳ ବନ୍ଦ ରହିଥିଲା। ଭାରତ ପାଇଁ ଏହା ଶୁଭ ସାବ୍ୟସ୍ତ ହୋଇଥିଲା। ୪୩ତମ ଓଭରର ଦ୍ୱିତୀୟ ବଲ୍‌ରେ କ୍ରଲିଙ୍କୁ ଆଉଟ କରି ଭାରତକୁ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ ପ୍ରସିଦ୍ଧ କ୍ରିଷ୍ଣା। କ୍ରଲସ ୧୨୬ ବଲ୍‌ରୁ ୭ ଚୌକା ସହାୟତାରେ ୬୫ ରନ କରିଥିଲେ। ପ୍ରସିଦ୍ଧ ନିଜର ପରବର୍ତ୍ତୀ ଓଭରରେ ଓଲି ପୋପ୍ (୮)ଙ୍କୁ ଆଉଟ କରି ଇଂଲଣ୍ଡକୁ ଡବଲ୍ ଝଟ୍‌କା ଦେଇଥିଲେ। ତେବେ ଡକେଟ ଏକାକୀ ଦୃଢ଼ ବ୍ୟାଟିଂ କରି ଇଂଲଣ୍ଡକୁ ଲକ୍ଷ୍ୟ ପଥରେ ଆଗେଇ ନେଇଥିଲେ। ମାତ୍ର ବ୍ୟକ୍ତିଗତ ସ୍କୋର ୧୪୯ ଥିବାବେଳେ ଏକ ତ୍ରୁଟି କରିବସିଥିଲେ ଡକେଟ। ଶାର୍ଦ୍ଦୂଳ ଠାକୁରଙ୍କ ଏକ ୱାଇଡ୍ ବଲ୍‌କୁ ଗୋଟିଏ ଆଣ୍ଠୁ ତଳେ ଲଗାଇ ଡ୍ରାଇଭ୍ କରିବାକୁ ଚେଷ୍ଟା କରି ଶର୍ଟ ଏକ୍ସଟ୍ରା କଭରରେ ଫିଲ୍ଡିଂ କରୁଥିବା ବଦଳ ଖେଳାଳି ନୀତୀଶ କୁମାର ରେଡ୍ଡୀଙ୍କୁ କ୍ୟାଚ ଦେଇଥିଲେ। ୧୭୦ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଡକେଟ ନିଜ ଇନିଂସ ମଧ୍ୟରେ ୨୧ ଚୌକା ଓ ୧ ଛକା ମାରିଥିଲେ। ଡକେଟଙ୍କୁ ଆଉଟ କରି ଶାର୍ଦ୍ଦୂଳ କେବଳ ବ୍ରେକ୍ ଥ୍ରୁ ଦେଇ ନ ଥିଲେ ପରବର୍ତ୍ତୀ ବଲ୍‌ରେ ହ୍ୟାରି ବ୍ରୁକ୍‌ଙ୍କୁ ଉଇକେଟ କିପର ରିଷଭ ପନ୍ତଙ୍କ ହାତରେ କ୍ୟାଚ କରାଇ ଭାରତୀୟ ଶିବିରରେ ଆଶା ସଞ୍ଚାର କରାଇଥିଲେ। କ୍ରମାଗତ ୨ଟି ବଲ୍‌ରେ ୨ ଉଇକେଟ ହରାଇବାରୁ ଇଂଲଣ୍ଡ ଇନିଂସ ମଧ୍ୟ ଧିମେଇ ଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୪୭୧।
ଇଂଲଣ୍ଡ ପ୍ରଥମ ଇନିଂସ: ୪୬୫।
ଭାରତ ଦ୍ୱିତୀୟ ଇନିଂସ: ୩୬୪।
ଇଂଲଣ୍ଡ ଦ୍ୱିତୀୟ ଇନିଂସ (ଅସମାପ୍ତ): ୨୬୯/୪ (ବେନ୍ ଡକେଟ-୧୪୯, ଜ୍ୟାକ କ୍ରଲି-୬୫, ପ୍ରସିଦ୍ଧ କ୍ରିଷ୍ଣା-୬୯, ଶାର୍ଦ୍ଦୂଳ ଠାକୁର-୨/୨୮)।

# ବ୍ଲାକ୍ ଟାଇଗର୍ସର ସହଜ ବିଜୟ

**ମୁମ୍ବାଇ, ୨୪।୬**

ଚଳିତ ଜିଏମ୍ଆର ରଗ୍‌ବୀ ପ୍ରିମିୟର ଲିଗ୍‌ରେ ମଙ୍ଗଳବାର ସ୍ଥାନୀୟ ଶାହାଜୀ ରାଜେ ଭୋସ୍‌ଲେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ (ଅନ୍ଧେରୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସ)ଠାରେ ଖେଳାଯାଇଥିବା ଏକ ମ୍ୟାଚରେ କଳିଙ୍ଗ ବ୍ଲାକ ଟାଇଗର୍ସ ୩୩-୫ରେ ମୁମ୍ବାଇ ଡ୍ରିମର୍ସକୁ ହରାଇ ଦେଇଛି। ବିଜୟୀ ଦଳ ମ୍ୟାଚ୍ ମ୍ୟାଚରେ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ପ୍ରଥମ କ୍ୱାର୍ଟର ଶେଷ ଭାଗରେ ପେରୀ ବାକର ଟାଏ ଜରିଆରେ ସ୍କୋର କରିବାରେ ସଫଳ ହୋଇଥିଲେ। ପରେ ମୌରିସ ଲଙ୍ଗବଙ୍ଗ ସହଜରେ କନଭର୍ଟ କରିଥିଲେ। ଏହାର କିଛି ସମୟ ପରେ ବାକର ଅନ୍ୟ ଏକ ଟ୍ରାଏ ସ୍କୋର କରିଥିଲେ ଏବଂ ଇଥାନ ଟର୍ନର ତାଙ୍କ କିକ୍‌କୁ ଆପ୍ଲମ୍ବ ସହ କନଭର୍ଟ କରିଅଗ୍ରଣୀକୁ ଡବଲ କରିଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ବ୍ଲାକ୍ ଟାଇଗର୍ସ ୧୪-୦ରେ ଆଗୁଆ ରହିଥିଲା। ମଧ୍ୟାନ୍ତର ପରେ ମଧ ଟାଇଗର୍ସ ଏହାର ପ୍ରଭାବୀ ପ୍ରଦର୍ଶନ ଜାରି ରଖିଥିଲା। ଇଥାନ ଟନର୍ର ତାଙ୍କ ନାମରେ ଏକ ଟ୍ରାଏ କରିଥିଲେ। ଅନ୍ୟପଟେ ଇଲିଆସ ହାନ୍‌କକ୍ ଲାଇନ୍ ଅତିକ୍ରମ କରିବାରୁ ଡ୍ରିମର୍ସ ଦଳ ଖାତା ଖୋଲିବାରେ ସଫଳ ହୋଇଥିଲା। ମ୍ୟାଚକୁ ନିଜ ସପକ୍ଷରେ ଆଣିବା ଲାଗି ଡ୍ରିମର୍ସ ଦଳ ଉଦ୍ୟମ କରି ମଧ ବିଫଳ ହୋଇଥିଲେ। ମାତ୍ର ଟାଇଗର୍ସର ଲୁକାସ ଲାକ୍ୟାମ୍ପ ଦୁଇଟି କୁଇକ୍ ଟାଏ ସ୍କୋର କରିଥିବା ବେଳେ ଲଙ୍ଗ ବଙ୍ଗମ ସହଜରେ କନଭର୍ଜନ କରି ବିପକ୍ଷ ଦଳର ଆଶାକୁ ଧୂଳିସାତ କରିଦେଇଥିଲା।



ଇଥାନ ଟର୍ନର

# କାଉଣ୍ଟି ପଦାର୍ପଣରେ ତିଲକ ବର୍ମାଙ୍କ ଶତକ

**ଲଣ୍ଡନ,୨୪।୬:** ଭାରତୀୟ ବ୍ୟାଟର ତିଲକ ବର୍ମା ଶତକ ସହ ନିଜ କାଉଣ୍ଟି ଚାମ୍ପିୟନଶିପ୍ ପଦାର୍ପଣ ମ୍ୟାଚ୍‌କୁ ସ୍ମରଣୀୟ କରିଛନ୍ତି। ହାମ୍ପଶାୟାର ଲାଗି ଖେଳୁଥିବା ୨୨ ବର୍ଷୀୟ ତିଲକ ଏସେକ୍ସ ବିପକ୍ଷ ମ୍ୟାଚ୍‌ର ପ୍ରଥମ ଦିନ ଶେଷ ସୁଦ୍ଧା ୯୮ ରନ କରି ଅପରାଜିତ ରହିଥିଲେ। ଦ୍ୱିତୀୟ ଦିନରେ ସେ ଶତକ ପୂରଣ କରିଥିଲେ, ଯାହାକି ତାଙ୍କ ଫାଷ୍ଟ-କ୍ଲାସ କ୍ୟାରିୟରର ଷଷ୍ଠ ଶତକ ଥିଲା। ତେବେ ଏହି ବାମହାତୀ ଖେଳାଳି ଶତକ ପୂରଣ କରିବାର ତୁରନ୍ତ ପରେ ଦକ୍ଷିଣ ଆଫ୍ରିକାର ପୂର୍ବତନ ଅଧିନାୟକ ଡିନ ଏଲଗାରଙ୍କ ହାତରେ ସାଇମନ ହାର୍ମରଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ। ତିଲକ ଏପର୍ଯ୍ୟନ୍ତ ଭାରତ ପାଇଁ ୪ ଦିନିକିଆ ଓ ୨୫ ଟି୨୦ ମ୍ୟାଚ୍ ଖେଳିଛନ୍ତି। ଏପର୍ଯ୍ୟନ୍ତ କ୍ୟାରିୟରରେ ୧୮ଟି ଫାଷ୍ଟ-କ୍ଲାସ ମ୍ୟାଚ୍ ଖେଳିଥିବା ତିଲକ ହାମ୍ପଶାୟାର ଲାଗି କାଉଣ୍ଟି ଚାମ୍ପିୟନଶିପ୍‌ରେ ୪ଟି ମ୍ୟାଚ୍ ଖେଳିବେ।

# ଆଇଓସି ମୁଖ୍ୟ କୋଭେଣ୍ଟ୍ରୀଙ୍କ କାର୍ଯ୍ୟକାଳ ଆରମ୍ଭ

**ଲୌସାନ୍ନେ,୨୪।୬**

ଜିମ୍ବାୱେର ପୂର୍ବତନ ଅଲିମ୍ପିକ୍ ଚାମ୍ପିୟନ ସ୍ୱିମର କିର୍ଷ୍ଟି କୋଭେଣ୍ଟ୍ରୀ ଏକ ଉତ୍ସବରେ ଥୋମାସ ବାକ୍‌ଙ୍କଠାରୁ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି)ର ନେତୃତ୍ୱ ଗ୍ରହଣ କରିଛନ୍ତି। ମଙ୍ଗଳବାର ସେ ଆନୁଷ୍ଠାନିକ ଭାବେ ତାଙ୍କର ୮ ବର୍ଷିଆ କାର୍ଯ୍ୟକାଳ ଆରମ୍ଭ କରିଛନ୍ତି। ଗତମାର୍ଚ୍ଚରେ ସେ ପ୍ରଥମ ମହିଳା ଓ ପ୍ରଥମ ଆଫ୍ରିକୀୟ ଭାବେ ଆଇଓସି ସଭାପତି ପଦ ଲାଗି ନିର୍ବାଚିତ ହୋଇଥିଲେ। ବାକ୍‌ଙ୍କ ଉତ୍ତରାଧିକାରୀ ହେବା ପାଇଁ କୋଭେଣ୍ଟ୍ରୀଙ୍କ ଲାଗି ଭୋଟିଂର ପ୍ରଥମ ରାଉଣ୍ଡ ହିଁ ଯଥେଷ୍ଟ ସାବ୍ୟସ୍ତ ହୋଇଥିଲା। ସୋମବାର ଆୟୋଜିତ ଉତ୍ସବରେ ବାକ୍‌ଙ୍କ ଦ୍ୱାରା ତାଙ୍କୁ ଗୋଲ୍ଡେନ କି ହସ୍ତାନ୍ତର କରାଯାଇଥିଲା। ବାକ୍ ୧୨ ବର୍ଷ ଧରି ଆଇଓସିର ମୁଖ୍ୟ ପଦରେ ଥିଲେ।

ତେବେ କୋଭେଣ୍ଟ୍ରୀଙ୍କ ଲାଗି ଅନେକ ଚ୍ୟାଲେଞ୍ଜ ରହିଛି। ପ୍ରଥମତଃ ଗତ ୧୨ ମାସରେ ଅନେକ ମୁଖ୍ୟ ଅଲିମ୍ପିକ୍ ସ୍ପନସର୍ସ ଛାଡ଼ିଯାଇଥିବାରୁ ଆଇଓସିର ମାର୍କେଟିଂ ରଣନୀତିରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ପରବର୍ତ୍ତୀ ଅଲିମ୍ପିକ୍ସ ୨୦୨୮ରେ ଲସ୍ ଏଞ୍ଜେଲ୍ସରେ ହେବାକୁ ଥିବା ବେଳେ ପ୍ରବାସୀଙ୍କ ଲାଗି କରାଯାଉଥିବା ଚଢ଼ାଉ ଯୋଗୁ ଅଲିମ୍ପିକ ଅଭିଯାନକୁ ବିରୋଧ କରାଯାଉଛି। ତେବେ ଆମେରିକା ସହ କୋଭେଣ୍ଟ୍ରୀଙ୍କ ଭଲ ସମ୍ପର୍କ ରହିଛି। ଏପରିକି ଅଲିମ୍ପିକ୍ ଗେମ୍ସ ସମ୍ପର୍କରେ ଆଲୋଚନା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଭେଟିବେ ବୋଲି ସେ କହିସାରିଛନ୍ତି। ଏତଦ୍ ବ୍ୟତୀତ ୨୦୩୬ ଅଲିମ୍ପିକ୍ସ ଆୟୋଜକ ନିର୍ଦ୍ଧାରଣ ମଧ୍ୟ ତାଙ୍କ କାର୍ଯ୍ୟକାଳରେ ହେବ। ଏହି ଅଲିମ୍ପିକ୍ ଗେମ୍ସ ଆୟୋଜନ ଲାଗି ଭାରତ ପ୍ରବଳ ଦାବିଦାର ରହିଛି। ଉଲ୍ଲେଖଯୋଗ୍ୟ, ୭ଟି ଅଲିମ୍ପିକ ପଦକ ଜିତିଥିବା କୋଭେଣ୍ଟ୍ରୀ ୨୦୦୪ ଏଥେନ୍ସ ଓ ୨୦୦୮ ବେଜିଂ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ।







*ସର୍ତ୍ତାବଳୀ ପ୍ରଯୁଜ୍ୟ। ଅଫର କେବଳ ବିନିମୟ କ୍ଷେତ୍ରରେ ପ୍ରଯୁଜ୍ୟ। ସମସ୍ତ ଡିସ୍କାଉଣ୍ଟ ଗୁଡ଼ିକ କେବଳ ମାତ୍ର ଏମଆରପି ଉପରେ। ସକଳ ଡିସ୍କାଉଣ୍ଟ ସଂଶ୍ଳିଷ୍ଟ ପ୍ରଡକ୍ଟ କ୍ୟାଟେଗରି ଉପରେ ପ୍ରଯୁଜ୍ୟ, ଉଲ୍ଲେଖିତ ପ୍ରଡକ୍ଟ ଉପରେ ନୁହେଁ। ଏହି ଅଫର କେବଳ ମାତ୍ର ନିର୍ବାଚିତ ଡିଲର ଆଉଟ୍‌ଲେଟ୍ ଗୁଡ଼ିକରେ ଷ୍ଟକ୍ ଶେଷ ନ ହେବା ପର୍ଯ୍ୟନ୍ତ ଉପଲବ୍ଧ। ଏକ୍ସଚେଞ୍ଜ-ମୂଲ୍ୟ ନିର୍ଭର କରୁଛି କ୍ରୟ କରା ବିବିଧ ସାମଗ୍ରୀ ଏବଂ ଫେରସ୍ତ-ଦିଆ ପୁରୁଣା ଜିନିଷ ଗୁଡ଼ିକ ଉପରେ। ଯେକୌଣସି ବ୍ରାଣ୍ଡର ପୁରୁଣା ଜିନିଷ ଗ୍ରହଣଯୋଗ୍ୟ। ପ୍ରକୃତ ଏକ୍ସଚେଞ୍ଜ-ଅଫର ମୂଲ୍ୟ ପାଇଁ ଯେକୌଣସି ବିନିମୟରେ ଯେକୌଣସି ଅଫରର ଅନ୍ତର୍ଭୁକ୍ତ ମୂଲ୍ୟ-ତାଲିକା ଦେଖି ନିଅନ୍ତୁ, ଯାହା ବଛା-ବଛା ଡିଲର କେନ୍ଦ୍ରରେ ମିଳୁଛି। ପୁରୁଣା ଯେଉଁସବୁ ଜିନିଷ ଫେରତ ଦିଆ ଯାଇପାରେ, ତାମଧ୍ୟରେ ରହିଛି ଆଲୁମିନିୟମ୍ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ପ୍ରେସର କୁକର, ଆଲୁମିନିୟମ୍ କୁକ୍‌ୱେୟାର (ପାତ୍ରର ଓଜନ ଅତି କମରେ 400 ଗ୍ରାମ ବାଞ୍ଛନୀୟ), ଗ୍ୟାସ୍ ଷ୍ଟୋଭ୍ (ଅନ୍ତତଃ 2ଟି ବର୍ଣ୍ଣର ବିଶିଷ୍ଟ), ମିକ୍ସର ଗ୍ରାଇଣ୍ଡର୍ସ (ମୋଟର ସହ ବଡ଼ି ଏବଂ ଦୁଇଟି ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ଜାର ଥିବ), ଇଣ୍ଡାକ୍ସନ କୁକ-ଟପ୍‌ସ, ରାଇସ୍ କୁକର୍ସ, ଚିମନି, ହବ୍‌ଟପ୍‌ସ, ୱେଟ୍ ଗ୍ରାଇଣ୍ଡର୍ସ, ଓଟିଜି'ସ୍, କେଟଲି, ଟୋଷ୍ଟର୍ସ, ଇସ୍ତ୍ରୀ, ମାଇକ୍ରୋୱେଭ ଓଭେନ, କୁଲର୍ସ, ବ୍ଲେଣ୍ଡର୍ସ, ୱାଟର ପ୍ୟୁରିଫାୟର ଓ ଭାକ୍ୟୁମ କ୍ଲିନର। ପ୍ରେଷ୍ଟିଜ୍® ଲୋଗୋ ଭାରତରେ ଟିଟିକେ ପ୍ରେଷ୍ଟିଜ୍ ଲିମିଟେଡ୍‌ର ରେଜିଷ୍ଟର୍ଡ ଟ୍ରେଡମାର୍କ। ବିଶଦ ଭାବରେ ନିୟମ ଓ ସର୍ତ୍ତାବଳୀ ଜାଣିବାକୁ ଆପଣଙ୍କ ନିକଟବର୍ତ୍ତୀ ପ୍ରେଷ୍ଟିଜ୍ ଏକ୍ସକ୍ଲୁସିଭ୍/ଡିଲର ଆଉଟ୍‌ଲେଟ୍‌କୁ ଯାଆନ୍ତୁ ଅଥବା ଦେଖନ୍ତୁ ଆମର ୱେବସାଇଟ୍ https://shop.ttkprestige.com/anything-for-anything-offer

**For Franchise Enquiry, please contact Mob - 7978985580 ■ For Distributor & Institutional enquiries Call +91 7008309169**

Prestige® | Xclusive

**BHUBANESWAR, Rabi Talkies Chhak:** Opposite Kedar Gouri Resort Mob: 7750925223 **Bapuji Nagar**: 105 Bapuji Nagar, Behind Yes Bank (Old Post Office Lane) Lane No 08, 0674-2597141/9937138998, 237, PaniTanki Lane, Bapuji Nagar Ph: 0674 2597685 Mob: 9777744071, **Sunderpada** :Shop No. 11, Vinayak Enclave, 7008463572 **Satyangar:** 10, Janpath, Satyangar, Mob: 8280056821, **ID Market:** Shop No FG 3, I.D. Market, Near Reliance Fresh, IRC Village Mob: 9861404879, **Damana:** 248, Sailashree Vihar Road, Damana Mob : 7327902258, **Baramunda:** A/37, Ruchika Market, Baramunda, Mob : 9937073674, **CUTTACK, Dolmundai:** Hotel Akbari Complex, Haripur Road, Ph: 0671 2910337; Mob: 9348222581, **CDA:** Plot No.CM/3 (In front of Police Station), Markat Nagar, Sector - 7, Mob: 8917442506, 8280079702 , **Rourkela:** Daily Market, Near Reliance Trends, Mob: 9777457774 , **BALUGAON**: Chilika Road, Mob: 8984858783 **KENDRAPARA**: Kakat Chhak, Ph: 06727 221241; Mob: 9040562233, **DHENKANAL:** I.G. Super Market, near SBI ATM; Mob: 9337477279/ 9348178750 **BOLANGIR:** A.B.S.S. Road, Near Samaleswari Temple, Ph: 06652 232419; Mob : 9437241863, **SEMILIGUDA:** Infront of RAM Mandir Gate,Main Road, Mob: 8328800974, **BARGARH:** C/o: New Patra Needs, in front of Gopal Goshala,NH-6, Main Road, Mob: 9776323188 . **Berhampur** : Plot No 1865/2608, Khata No 833/395, Aska Road, opposite Chaturbhuj Petrol Pump- 08144661809, **Khordha:** Shop No- 140 & 145, Municipality Complex, New Bus Stand, in front of Bajaj Showroom,9552614450

**BHUBANESWAR:**-REETA-9938677424, Crockery Plaza-9938399889,BNM Enterprises-7008480152, Lingaraj Store-7978209549,Sulochana Enterprises-9338067682,Spectra Vision, Ph.-9937722277, Pratap Sewing Machine-9937138544, Utkal Light house-9937019272, Tammana Trading-7004248554 -Utkal Sales-9853150619, Triveni Agency-9937612806, Ghar Sansar Mart-7205377126,Bharat Electronics-9556760383, Balaji Electonics-9938469841, Sai Traders-7008298692-Bhubaneswar, S B Enterprises-9437310480, B S Enterprises, Ph 9861155551, ,Sai Associate-9937065641,Pursty Home appliances-8249694212,Sreeji Enterprises-9040533801, **Jatni**-D B enterprises-9078919100,**Khordha**-Maharana enterprises-7978018288,Kitchen Plaza-9337756820,**Balipatna**- Tarini Aluminum Stores-9438568797, **CUTTACK**- Patra Electonics-7008312282,Union Sales Emporium-9338461472,Nigam store-8249064237, Janata General Store-9937966355, Arbinda Plastic- 8763923528, Arbinda home Appliances-9438480346,Puspak Agency-7205016581, Balaji Distributor-8763153928 ,**Chowdar**-Prince Electronics-986110122, **Salepur**- Sanjaya electronics-9777777529, **Rahama** -Maa Padmavati Bastralaya-8908194534,**PARADEEP**:- Krishna Enterprise, **Kujanga**- Satapathy Enterprises-9437088525,**ROURKELA**:- Prestige-7064584070.Kitchen Accessories-7008058146 , **Sundergarh**-Laxmi Steel-8895443777 , **Sambalpur**-Samuka Steel Center-9437331074, **Bhadrak**-Sako Sales-9777988814,Radhika Furniture-9437991876, **Baripada**-Aerovision-9861828643, ,**Angul**-Saralia Trading-9439471222,**Nayagarh**-Ganapati Home Appliances-9583281930,**Balasore**-United Sales Agency-9583519516, **Pattamundei**-Nalini & Sons-9938175761

PRASA-2025

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ